ପୃଷ୍ଠା-୮+୮

DHARITRI

ସମ୍ବଲପୁର, ବୁଧବାର, ମାର୍ଚ୍ଚ ୧୬/୨୦୨୨ (୮+୮=୧୬ ପୃଷ୍ଠା) | Sambalpur, Wednesday, March 16/2022 | Page 16 | ₹ 7.00 | ★★

୧୮ଶ ଭାଗ ୯୦ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




# ପେଡ଼ି ଖୋଲିଲା

**ତଥାଗତ ସତପଥୀ**

କର୍ନାଟକ ହାଇକୋର୍ଟ ୧୫ ମାର୍ଚ୍ଚରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇ କହିଛନ୍ତି ଯେ, ହିଜାବ ଇସ୍‌ଲାମ ଧର୍ମର ପ୍ରମୁଖ ଅଂଶ ନୁହେଁ। ଏଥିସହିତ କଲେଜରେ ହିଜାବ ପିନ୍ଧିବା ଉପରେ କରାଯାଇଥିବା ପ୍ରତିବନ୍ଧକ ବିରୋଧରେ ଉଚ୍ଚ ଅଦାଲତରେ ମୁସଲମାନ ଛାତ୍ରୀମାନେ କରିଥିବା ଆବେଦନକୁ ଖାରଜ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ ଯେ, ଫେବୃୟାରୀ ୫ରେ ଶିକ୍ଷାନୁଷ୍ଠାନରେ ହିଜାବ ପିନ୍ଧିବାକୁ କର୍ନାଟକ ସରକାର ବାରଣ କରିଥିଲେ। ଉକ୍ତ ନିର୍ଦ୍ଦେଶନାମାରେ କୁହାଯାଇଥିଲା ଯେ, ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ୟୁନିଫର୍ମକୁ ମାନିବାକୁ ସବୁ ଛାତ୍ରୀଛାତ୍ର ବାଧ୍ୟ। ତେବେ ରାୟ ପ୍ରକାଶ ପାଇବା ପରେ ଉଡୁପି ଗଭର୍ନମେଣ୍ଟ କଲେଜର ମୁସଲମାନ ଛାତ୍ରୀମାନେ କହିଛନ୍ତି ଯେ, ବିନା ହିଜାବରେ ସେମାନେ ଶିକ୍ଷାନୁଷ୍ଠାନକୁ ଯିବେ ନାହିଁ। କାରଣ ତାହା ସେମାନଙ୍କ ଧର୍ମର ଅତ୍ୟାବଶ୍ୟକ ଅଂଶ। ସେହିପରି ବେଙ୍ଗାଲୁରୁର କେମ୍‌ବାଭି ସରକାରୀ ପିୟୁ କଲେଜର ଛାତ୍ରୀମାନେ ରାୟ ପ୍ରକାଶ ପରେ ପରୀକ୍ଷା କେନ୍ଦ୍ରରୁ ଉଠି ପଳାଇଯାଇଥିବା ଦେଖିବାକୁ ମିଳିଛି। ଏଭଳି ଅଜବ ଜିଦି ପଛରେ କୌଣସି ଉପଯୁକ୍ତ ଯୁକ୍ତି ଥିବାଭଳି ମନେ ହେଉନାହିଁ। କାରଣ ପରୀକ୍ଷାରୁ ଉଠିଗଲେ ସେହି ଛାତ୍ରୀମାନଙ୍କ ବ୍ୟକ୍ତିଗତ କ୍ଷତି ଘଟିବ। ସେମାନଙ୍କ ଭବିଷ୍ୟତ ଧୂଳିସାତ୍ ହୋଇଯିବାର ସମ୍ଭାବନା ରହିଛି। ଇତିମଧ୍ୟରେ ଆବେଦନକାରୀ ମୁସଲମାନ ଛାତ୍ରୀମାନେ କର୍ନାଟକ ହାଇକୋର୍ଟଙ୍କ ରାୟ ବିରୋଧରେ ସୁପ୍ରିମକୋର୍ଟରେ ପହଞ୍ଚିଗଲେଣି।

ଆମେ କର୍ନାଟକର ପୂର୍ବ ପରିସ୍ଥିତିକୁ ଯେତିକି ଦେଖିବା ସେଥିରୁ ବୁଝାପଡୁଛି ଯେ ଛାତ୍ରୀମାନେ ହିଜାବ ସବୁବେଳେ ପିନ୍ଧିକରି ଆସି ନ ଥିଲେ। ସେମାନଙ୍କର ଏହି ଅଧିକାରକୁ ସାବ୍ୟସ୍ତ କରିବାର ଚେଷ୍ଟା ନିକଟ ଅତୀତରୁ ଆରମ୍ଭ ହୋଇଛି। ହୁଏତ ଏହା ହିନ୍ଦୁତ୍ୱବାଦୀଙ୍କର ଜାଗରଣର ପ୍ରତିକ୍ରିୟା ହୋଇଥାଇପାରେ। ପୂର୍ବରୁ ଏହି ସ୍ତମ୍ଭରେ ଫେବୃୟାରୀ ୭ରେ 'ହିଜାବ ପ୍ରସଙ୍ଗ' ଶୀର୍ଷକରେ ଲେଖିଥିଲୁ ଯେ ଶିକ୍ଷାନୁଷ୍ଠାନରେ ପୋଷାକ ସହିତ ଧର୍ମକୁ ମିଶାଯିବା ଉଚିତ ନୁହେଁ। ଏହା ମଧ୍ୟ ଉଲ୍ଲେଖ କରିଥିଲୁ ଯେ ଅପରପକ୍ଷରେ ହିନ୍ଦୁ ମହିଳା ନିଜ ମୁଣ୍ଡକୁ ଶାଢ଼ିର ଓଢ଼ଣିରେ ଘୋଡ଼ାଇ ଥାଆନ୍ତି। ତେବେ ରାଜସ୍ଥାନ ଭଳି ଅଞ୍ଚଳରେ ସେହି ଓଢ଼ଣି ରୂପ ବଦଳାଇ ଘୁଂଘଟ ହୋଇଯାଏ, ଯାହାକି କାନ୍ଧ ତଳକୁ ପଡ଼ିଥାଏ। ବାସ୍ତବରେ ସେଭଳି ଲୁଗା ବ୍ୟକ୍ତିଗତ ଇଚ୍ଛାରେ ପିନ୍ଧାଯାଇପାରେ। କିନ୍ତୁ ଆନୁଷ୍ଠାନିକ ପୋଷାକରେ ତା'ର ପ୍ରତିଫଳନ ହେବା ଉଚିତ ନୁହେଁ। ଆଜି କର୍ନାଟକ ହାଇକୋର୍ଟଙ୍କ ରାୟକୁ ସମର୍ଥନ କରାଯିବା ଉଚିତ। କେରଳ ରାଜ୍ୟପାଳ ଅରିଫ୍ ମହମ୍ମଦ ଖାନ୍ ଏହି ରାୟକୁ ସମର୍ଥନ କରିବା ପଛରେ ତାଙ୍କର ବ୍ୟକ୍ତିଗତ ଓ ରାଜନୈତିକ ସ୍ୱାର୍ଥ ଥାଇପାରେ। କାରଣ ତାଙ୍କୁ ରାଜ୍ୟପାଳ ହୋଇ ରହିବାର ଅଛି। ଅନ୍ୟପଟେ ଏବେ ହିଜାବ ରାୟ କେବଳ ଗୋଟିଏ ସମସ୍ୟାକୁ ନେଇ ଚାଲୁନାହିଁ। କର୍ନାଟକ ହାଇକୋର୍ଟଙ୍କ ହିଜାବ ସମ୍ବନ୍ଧୀୟ ରାୟ ଯେଉଁ ପେଡ଼ି ଖୋଲିଦେଇଛି ସେଥିରୁ ଆହୁରି ଅନେକ ସାପ, ବିଛା ଏବଂ ବିଷାକ୍ତ ପୋକ ଏବେ ବାହାରିବାକୁ ପ୍ରସ୍ତୁତ ହେଲେଣି। ଉଦାହରଣ ସ୍ୱରୂପ ଶିକ୍ଷାନୁଷ୍ଠାନରୁ ଯଦି ସବୁ ପ୍ରକାରର ଧାର୍ମିକ ପୋଷାକ ଦୂରେଇ ଦିଆଯିବ ତେବେ ସେହିସବୁ ଅନୁଷ୍ଠାନରେ ଧାର୍ମିକ କାର୍ଯ୍ୟ ହୋଇପାରିବ କି ନାହିଁ। କର୍ନାଟକ ସମେତ ଭାରତବ୍ୟାପୀ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା ଓ ଗଣେଶ ପୂଜା ସହିତ ଅନେକ ଶିକ୍ଷାନୁଷ୍ଠାନରେ ଖ୍ରୀଷ୍ଟମାସ ମଧ୍ୟ ପାଳନ କରାଯାଏ। ସେହିଭଳି ଗୁରୁନାନକଙ୍କ ଜୟନ୍ତୀ, ଇଦ୍, ମହାବୀର ଜୟନ୍ତୀ ଭଳି ଦିନରେ ଛୁଟି ଦିଆଯାଉଛି। ଯଦି ଶିକ୍ଷାନୁଷ୍ଠାନରୁ ଧର୍ମକୁ ଦୂରେଇ ଦିଆଯିବ ତେବେ ଏହିସବୁ ଛୁଟି ବିଷୟରେ ମଧ୍ୟ ପୁନର୍ବିଚାର କରାଯିବା ଦରକାର।

ଅନୁରୂପ ଭାବେ ସ୍କୁଲ କଲେଜକୁ ଆସୁଥିବା ଶିଖ୍ ଧର୍ମାବଲମ୍ବୀ ଛାତ୍ରଙ୍କ ପଗଡ଼ି ପିନ୍ଧାକୁ ଏହି ରାୟ ଆଧାରରେ ଦେଖାଗଲେ, ସେ ସମ୍ପର୍କରେ ମଧ୍ୟ ବିଚାରବିମର୍ଶ କରାଯିବା ଦରକାର। ଶିକ୍ଷାନୁଷ୍ଠାନ ପରେ ଆସିପାରେ ସେନାରେ ସମସ୍ୟା। ଭାରତୀୟ ସେନାରେ ଅନେକ ଶିଖ୍ ସୈନ୍ୟ ଓ ଅଫିସର ଥିବାବେଳେ ମୁସଲମାନ ଯବାନ ମଧ୍ୟ ଅଛନ୍ତି। ୧୯୬୫ ଭାରତ-ପାକିସ୍ତାନ ଯୁଦ୍ଧରେ ଅବଦୁଲ ହମିଦଙ୍କ ଐତିହାସିକ ବୀରତ୍ୱ ସମ୍ପର୍କରେ ଜାଣିଥିବା ଲୋକ ଜାଣିଥିବେ। ସେନାରେ ଯଦି ପୋଷାକ ସମ୍ପର୍କରେ ଆଲୋଚନା ଆରମ୍ଭ ହୁଏ ତେବେ ପଗଡ଼ି ପିନ୍ଧାକୁ ସ୍ୱୀକାର କରୁଥିବା ବ୍ୟବସ୍ଥା ଅଡୁଆରେ ପଡ଼ିଯାଇପାରେ। କାରଣ ମୁସଲମାନ ସୈନ୍ୟମାନେ ଲୁହା ହେଲ୍‌ମେଟ୍ ପରିବର୍ତ୍ତେ ସେମାନଙ୍କ ଧାର୍ମିକ 'ସ୍କଲ୍ କ୍ୟାପ୍' ବା ଟୋପି ପିନ୍ଧିବାକୁ ଜିଦ୍ ଧରିବାର ସମ୍ଭାବନା ରହିଛି।

**କର୍ନାଟକ ହାଇକୋର୍ଟଙ୍କ ହିଜାବ ସମ୍ବନ୍ଧୀୟ ରାୟ ଯେଉଁ ପେଡ଼ି ଖୋଲିଦେଇଛି ସେଥିରୁ ଆହୁରି ଅନେକ ସାପ, ବିଛା ଏବଂ ବିଷାକ୍ତ ପୋକ ଏବେ ବାହାରିବାକୁ ପ୍ରସ୍ତୁତ ହେଲେଣି।**

ଏକବିଂଶ ଶତାବ୍ଦୀରେ ବିଜ୍ଞାନ ଓ ବୈଷୟିକ ଜ୍ଞାନ ଦ୍ୱାରା ପୃଥିବୀର ପ୍ରତ୍ୟେକ ମଣିଷ ପରିଚାଳିତ ହେଲେଣି। ରୁଷିଆ ଭଳି ଏକଚ୍ଛତ୍ରବାଦୀ ଓ ଯୁଦ୍ଧଖୋର ଦେଶରେ ମହିଳାମାନେ ସରକାରଙ୍କ ବିରୋଧରେ ମତ ଦେବାକୁ ଯାଇ ଲୋକପ୍ରିୟ ଟେଲିଭିଜନ ଚ୍ୟାନେଲରେ ୟୁକ୍ରେନ୍ ଆକ୍ରମଣକୁ ନିନ୍ଦା କରିବାର ଅର୍ଥ ହେଲା ବୈଷୟିକ ଜ୍ଞାନକୁ ବ୍ୟବହାର କରି ନିଜର ମତ ସାବ୍ୟସ୍ତ କରିବା। ମସ୍କୋରୁ ଆରମ୍ଭ କରି ଭାରତର ନିପଟ ମଫସଲରେ ମହିଳାମାନେ ମୋବାଇଲ ବ୍ୟବହାର କରି ଦୂର ସମ୍ପର୍କୀୟଙ୍କ ସହିତ ସମ୍ପର୍କ ସ୍ଥାପନ କରୁଛନ୍ତି ଏବଂ ୟୁଟ୍ୟୁବ୍‌ରେ ଗୀତ ଶୁଣି ଉଲ୍ଲାସ ଅନୁଭବ କରୁଛନ୍ତି। ଏହି ପ୍ରଚ୍ଛଦପଟରେ ଧର୍ମକୁ ସର୍ବ ଉପରେ ରଖିଲେ ଅସରନ୍ତି ସାମାଜିକ ସମସ୍ୟା ମାଡ଼ିବସିବ। ଧର୍ମ ବ୍ୟକ୍ତିବିଶେଷର ବ୍ୟକ୍ତିଗତ ସମ୍ପତ୍ତି ହେବା କଥା। ଧର୍ମ ବାହୁବଳୀଙ୍କ ଖେଳପଡ଼ିଆ ହେବା ଉଚିତ ନୁହେଁ। ଯେତେବେଳେ ଅଧିକସଂଖ୍ୟକ ଭିଡ଼ କରି ନିଜର ମତ ସାବ୍ୟସ୍ତ କରିବେ ସେତେବେଳେ ବିଭିନ୍ନ ବିବାଦ ସୃଷ୍ଟି ହେବା ସ୍ୱାଭାବିକ। ସେହି ବିବାଦରୁ କୌଣସି ଗୋଷ୍ଠୀ ରାଜନୈତିକ ଲାଭ ହାସଲ କରିପାରେ। କିନ୍ତୁ ଦୀର୍ଘମିଆଦୀ କ୍ଷତି ଘଟିବ କେବଳ ଦେଶର। କାରଣ ଆଜିର ଯୁଗରେ ବିଭାଜିତ ଦେଶ କେବେହେଲେ ଶକ୍ତିଶାଳୀ କିମ୍ବା ଆଗୁଆ ହୋଇପାରିବ ନାହିଁ।

# ହିଜାବ କଟକଣା ବଳବତ୍ତର





## ଇସ୍‌ଲାମରେ ହିଜାବ ପିନ୍ଧିବା ଅନିବାର୍ଯ୍ୟ ନୁହେଁ: କର୍ନାଟକ ହାଇକୋର୍ଟ

### ସୁପ୍ରିମକୋର୍ଟ ଗଲେ ଆବେଦନକାରୀ ମୁସଲମାନ ଛାତ୍ରୀ

**ବେଙ୍ଗାଲୁରୁ, ୧୫ା୩**

ଇସ୍‌ଲାମରେ ହିଜାବ ପିନ୍ଧିବା ଅନିବାର୍ଯ୍ୟ ନୁହେଁ। ସ୍କୁଲ, କଲେଜ ପାଇଁ ନିର୍ଦ୍ଧାରିତ ୟୁନିଫର୍ମ ହେଉଛି ସାମ୍ବିଧାନିକ ରୂପେ ଅନୁମତିଯୋଗ୍ୟ ଏକ ଯଥାର୍ଥ କଟକଣା, ଯାହାକୁ ପିନ୍ଧିବା ନେଇ ଛାତ୍ରୀମାନେ ଆପତ୍ତି ଉଠାଇପାରିବେ ନାହିଁ ବୋଲି କର୍ନାଟକ ହାଇକୋର୍ଟ ମଙ୍ଗଳବାର ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହ ଫେବୃୟାରୀ ୫ରେ ରାଜ୍ୟ ସରକାର ସମ୍ବିଧାନର ଅନୁଚ୍ଛେଦ ୨୫ ଅନୁସାରେ ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜାରି କରିଥିବା ଡ୍ରେସ୍ କୋଡ୍‌କୁ ତିନିଜଣିଆ ଖଣ୍ଡପୀଠ ବଳବତ୍ତର ରଖିଛନ୍ତି। ହିଜାବ ପିନ୍ଧି ଶ୍ରେଣୀଗୃହରେ ପାଠ ପଢ଼ିବା ପାଇଁ ଅନୁମତି ଲୋଡ଼ି ସରକାରୀ ଉଡୁପି ପ୍ରି-ୟୁନିଭର୍ସିଟି ଛାତ୍ରୀମାନେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। ହାଇକୋର୍ଟ ସେମାନଙ୍କ ଆବେଦନଗୁଡ଼ିକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷେ ହାଇକୋର୍ଟଙ୍କ ଏହି ରାୟ ସେମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରିଥିବା ଦର୍ଶାଇ ଏହାକୁ ଛାତ୍ରୀମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏଥିସହ ହିଜାବ ପରିଧାନ ପାଇଁ ଅନୁମତି ନ ମିଳିବା ଯାଏ କଲେଜ ଯିବେ ନାହିଁ ବୋଲି ଆବେଦନକାରୀମାନେ କହିଛନ୍ତି।

୨୦୨୨ ଜାନୁୟାରୀ ୧ରେ କର୍ନାଟକ ଉଡୁପିସ୍ଥିତ ଏକ ସରକାରୀ କଲେଜର ୬ ଜଣ ଛାତ୍ରୀ କ୍ୟାମ୍ପସ ଫ୍ରଣ୍ଟ ଅଫ୍ ଇଣ୍ଡିଆ (ସିଏଫ୍‌ଆଇ) ବ୍ୟାନରରେ ଏକ ଖବରଦାତା ସମ୍ମିଳନୀ କରିଥିଲେ। ଛାତ୍ରୀମାନେ ହିଜାବ ପିନ୍ଧି କଲେଜକୁ ଯାଇଥିବାବେଳେ କର୍ତ୍ତୃପକ୍ଷ ପ୍ରବେଶ ଅନୁମତି ଦେଇ ନ ଥିବା ସେମାନେ ଅଭିଯୋଗ ଆଣିଥିଲେ। ଅନ୍ୟପକ୍ଷେ କଲେଜର ୩୫ ବର୍ଷ ଇତିହାସରେ ହିଜାବ ପିନ୍ଧି ପାଠ ପଢ଼ିବା ନିୟମ ନାହିଁ ବୋଲି ପ୍ରିନ୍ସିପାଲ ରୁଦ୍ରେ ଗୌଡ଼େ ସ୍ପଷ୍ଟ କରିଥିଲେ। ଏହାକୁ ନେଇ ବିବାଦ ଘନେଇବାରୁ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକରେ ହିଜାବ ପରିଧାନ ଉପରେ କଟକଣା ଜାରି କରିଥିଲେ। ଛାତ୍ରୀମାନେ ସରକାରଙ୍କ ନିର୍ଦ୍ଦେଶନାମାକୁ କର୍ନାଟକ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ମୁଖ୍ୟ ବିଚାରପତି ରିତୁରାଜ ଅୱସ୍ଥିଙ୍କ ଅଧ୍ୟକ୍ଷତାରେ ତଥା ଜଷ୍ଟିସ୍ କ୍ରିଷ୍ଣା ଏସ୍. ଦୀକ୍ଷିତ ଏବଂ ଜେ.ଏମ୍. ଖାଜିଙ୍କୁ ନେଇ ଗଠିତ ଖଣ୍ଡପୀଠ ମଙ୍ଗଳବାର ମୁସଲମାନ ଛାତ୍ରୀମାନଙ୍କ ଆବେଦନଗୁଡ଼ିକୁ ଖାରଜ କରିଛନ୍ତି। ଖଣ୍ଡପୀଠ ନିଜ ରାୟରେ କହିଛନ୍ତି, ମୁସଲମାନ ମହିଳାମାନେ ଧର୍ମୀୟ ପ୍ରଥା ଅନୁସାରେ ହିଜାବ ପିନ୍ଧିବା ଅନିବାର୍ଯ୍ୟ ବୋଲି ଆମେ ବିଚାର କରୁନାହୁଁ। ଫେବୃୟାରୀ ୫ରେ ଜାରି କରିଥିବା ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବା କ୍ଷମତା ରାଜ୍ୟ ସରକାରଙ୍କ ରହିଛି। ଏହାକୁ ଅବୈଧ ଘୋଷଣା କରିବା ଅନାବଶ୍ୟକ। କାରଣ ସ୍କୁଲ, କଲେଜଗୁଡ଼ିକରେ ସମାନତା, ଅଖଣ୍ଡତା ଓ ଶୃଙ୍ଖଳା ଭଙ୍ଗ କରୁଥିବା ପୋଷାକ ପରିଧାନ ଉପରେ ସରକାର ନିଜ ଅର୍ଡରରେ କଟକଣା ଲଗାଇଛନ୍ତି। ଏଥିସହ ଏକ କଲେଜ, ଏହାର ପ୍ରିନ୍ସିପାଲ ଓ ଜଣେ ଶିକ୍ଷକଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାଏର ଏକ ଆବେଦନକୁ ମଧ୍ୟ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଉପରୋକ୍ତ ପାରିପାର୍ଶ୍ୱିକ ସ୍ଥିତିରେ ଦାଏର ☞ପୃଷ୍ଠା-୪

# ୬ ମିଟର ବଢ଼ିଲା ଇଫେଲ୍ ଟାୱାର ଉଚ୍ଚତା

**ପ୍ୟାରିସ୍**

ଫ୍ରାନ୍ସର ରାଜଧାନୀ ପ୍ୟାରିସ୍‌ରେ ଥିବା ଇଫେଲ ଟାୱାର ଉଚ୍ଚତା ୬ ମିଟର ବୃଦ୍ଧି ପାଇଛି। ବର୍ତ୍ତମାନ ଏହାର ଉଚ୍ଚତା ୩୩୦ ମିଟର ରହିଛି। ମଙ୍ଗଳବାର ଡିଜିଟାଲ ରେଡିଓ ଆଣ୍ଟିନା ଲଗାଯିବା ପରେ ଟାୱାର ଉଚ୍ଚତା ବୃଦ୍ଧି ପାଇଛି। ହେଲିକପ୍ଟର ସହାୟତାରେ ଏହି ଆଣ୍ଟିନାକୁ ଇଫେଲ୍ ଟାୱାରରେ ଖଞ୍ଜାଯାଇଥିବା ଭିଡିଓ ସ୍ଥାନୀୟ ଗଣମାଧ୍ୟମ ପକ୍ଷରୁ ଶେୟାର କରାଯାଇଛି। ଆଣ୍ଟିନା ଖଞ୍ଜିବାକୁ ୧୦ ମିନିଟ ସମୟ ଲାଗିଥିବା କୁହାଯାଉଛି। ୧୦୦ ବର୍ଷରୁ ଅଧିକ ଦିନ ଧରି ଟାୱାରକୁ ବ୍ରଡ୍‌କାଷ୍ଟ ଟ୍ରାନ୍ସମିଶନ କାର୍ଯ୍ୟରେ ବ୍ୟବହାର କରାଯାଇଆସୁଛି। ତେବେ ଆବଶ୍ୟକ ପଡ଼ିଲେ ନୂଆ ଆଣ୍ଟିନା ଇଫେଲ୍ ଟାୱାରରେ ଖଞ୍ଜାଯାଉଥିବାବେଳେ ସେହିଅନୁସାରେ ଏହାର ଉଚ୍ଚତାରେ ବୃଦ୍ଧି ଘଟିଥାଏ। ପ୍ୟାରିସ ସହରର ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ହେଉଛି ଇଫେଲ୍ ଟାୱାର। ପ୍ରତିବର୍ଷ ବିଶ୍ୱର ଅନେକ ସ୍ଥାନରୁ ଲୋକେ ଏହାକୁ ଦେଖିବାକୁ ଆସିଥାନ୍ତି। ମଣିଷକୃତ ଟାୱାରଗୁଡ଼ିକ ମଧ୍ୟରୁ ଇଫେଲ୍ ଟାୱାର ସର୍ବୋଚ୍ଚ ବୋଲି କୁହାଯାଏ। ୧୮୮୭ ଜାନୁୟାରୀ ୨୮ରେ ଟାୱାର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲାବେଳେ ୧୮୮୯ ମାର୍ଚ୍ଚ ୧୫ ତାରିଖରେ କାମ ଶେଷ ହୋଇଥିଲା। ରଫ୍ ଆଇରନ୍‌ରେ ତିଆରି ହୋଇଥିବା ଉକ୍ତ ଟାୱାର ୧୮୮୯ ମାର୍ଚ୍ଚ ୩୧ରେ ଅର୍ଥାତ୍ ୧୩୩ ବର୍ଷ ପୂର୍ବେ ଉଦ୍‌ଘାଟନ ହୋଇଥିଲା।



# ୨୨ରେ ବାତ୍ୟା ସମ୍ଭାବନା, ଓଡ଼ିଶାକୁ ବିପଦ ନାହିଁ

**ଭୁବନେଶ୍ୱର, ୧୫ା୩(ବ୍ୟୁରୋ)**

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ମଙ୍ଗଳବାର ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ଅଧିକ ଘନୀଭୂତ ହୋଇ ଆସନ୍ତା ୨୨ ତାରିଖ ବେଳକୁ ଆଣ୍ଡାମାନ ଉପକୂଳରେ ବାତ୍ୟାରେ ପରିଣତ ହୋଇପାରେ। ଓଡ଼ିଶାର ପୂର୍ବ ଦିଗ ୨୦୦ କିଲୋମିଟର ଦୂରରେ ବାତ୍ୟା କେନ୍ଦ୍ରୀଭୂତ ହେବା ଅନୁମାନ କରାଯାଉଛି। ଏହା ଉତ୍ତର ପୂର୍ବ ଦିଗ ଦେଇ ବାଂଲାଦେଶ ଆଡକୁ ମୁହାଁଇପାରେ। ପ୍ରାଥମିକ ଆକଳନ ଅନୁଯାୟୀ ଓଡ଼ିଶା ଉପରେ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ। ଆସନ୍ତା ୨/୩ ଦିନ ପରେ ବାତ୍ୟାର ରୂପରେଖ ସ୍ପଷ୍ଟ ବୋଲି ଭୁବନେଶ୍ୱର ସ୍ଥିତ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି। ମାର୍ଚ୍ଚ ୧୦ରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲା। ୧୩ ତାରିଖ ପର୍ଯ୍ୟନ୍ତ ବାୟୁମଣ୍ଡଳରେ ଏହା ସ୍ଥିର ଥିବାବେଳେ ଏହାର ପ୍ରଭାବରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ମାର୍ଚ୍ଚରେ ସାଧାରଣତଃ ବାତ୍ୟା ଓଡ଼ିଶାମୁହାଁ ହୋଇ ନ ଥାଏ। ତେବେ ଏହି ବାତ୍ୟା ଯୋଗୁ ଉପକୂଳ ଓଡ଼ିଶାରେ ପାଗ ମେଘୁଆ ରହିବା ସହ ହାଲୁକା ବର୍ଷା ହୋଇପାରେ।

ଅନ୍ୟପକ୍ଷରେ ରାଜ୍ୟରେ ତାପମାତ୍ରା ବୃଦ୍ଧି ହେଉଛି। ୧୨ ସହରରେ ସର୍ବୋଚ୍ଚ ତାପମାତ୍ରା ୩୯ ଡିଗ୍ରୀ ଟପିଯାଇଛି। ମଙ୍ଗଳବାର ଅନୁଗୋଳ ରାଜ୍ୟର ଉତ୍ତପ୍ତ ସହର ପାଲଟିଛି। ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୯.୭ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ସୋନପୁର ୩୯.୫, ବାରିପଦା ୩୯.୨, ଟିଟିଲାଗଡ଼ ୩୯, ବୌଦ୍ଧ ୩୯, ଭୁବନେଶ୍ୱର ୩୮.୧, କଟକ ୩୮, ସମ୍ବଲପୁର ୩୮.୬, ତାଳଚେର ୩୮, ନୟାଗଡ଼ ୩୮, ଭଦ୍ରକ ୩୮.୨ ଏବଂ ଯାଜପୁରରେ ସର୍ବାଧିକ ୩୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ଆସନ୍ତା ୩ ଦିନ ସମଗ୍ର ରାଜ୍ୟ ପ୍ରଚଣ୍ଡ ତାତିରେ ଆଉଟପାଉଟ ହେବ। ୧୬ ତାରିଖରେ ସୋନପୁର, ବଲାଙ୍ଗୀର, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ବାଲେଶ୍ୱର ଏବଂ ମୟୂରଭଞ୍ଜ ଜିଲାରେ ଗ୍ରୀଷ୍ମ ପ୍ରବାହ ହେବ। ୧୭ ତାରିଖରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୋଳ, ନୟାଗଡ଼, ଖୋର୍ଦ୍ଧା, ବାଲେଶ୍ୱର, ମୟୂରଭଞ୍ଜ, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ପ୍ରବଳ ଗରମ ଅନୁଭୂତ ହେବ। ୧୮ ତାରିଖରେ ସୋନପୁର, ବୌଦ୍ଧ, ବଲାଙ୍ଗୀର, ଅନୁଗୋଳ, ସମ୍ବଲପୁର ଏବଂ ଝାରସୁଗୁଡ଼ାରେ ପ୍ରବଳ ଗ୍ରୀଷ୍ମ ପ୍ରବାହ ହେବ। ଏ ନେଇ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ତରଫରୁ ସମସ୍ତ ପ୍ରତିକାରମୂଳକ ପଦକ୍ଷେପ ନେବାକୁ ସବୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



**୪ମାସରେ ପେଟିଏମ୍‌ର ୭୦% ଶେୟାର ହ୍ରାସ**

ନୂଆଦିଲ୍ଲୀ: ଗତ ୨ଦିନ ମଧ୍ୟରେ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରୁଥିବା ପେଟିଏମ୍ ପ୍ରାୟ ୨୪% ଶେୟାର ବା ୫୯୨ କୋଟି କ୍ଷତି ସହିଲାଣି। ସୂଚନାଯୋଗ୍ୟ, ଗତ ବର୍ଷ ନଭେମ୍ବରରେ କମ୍ପାନୀ ଆଇପିଓ ଆଣିବା ପରଠାରୁ ଷ୍ଟକ୍ ବଜାରରେ ଏହାର ଶେୟାର ମୂଲ୍ୟ ଦ୍ରୁତ ଗତିରେ ହ୍ରାସ ଘଟୁଛି। ଏହାର କାରଣ ହେଉଛି କମ୍ପାନୀ ଗୋଟିକ ପରେ ଗୋଟିଏ ନୂଆ ବିବାଦରେ ଛନ୍ଦି ହୋଇଚାଲିଛି। ଫଳରେ ମାତ୍ର ୪ ମାସରେ କମ୍ପାନୀର ଶେୟାର ମୂଲ୍ୟ ପ୍ରାୟ ୭୦% ହ୍ରାସ ହୋଇଛି। ଏପରିକି ଏହି ସମୟ ମଧ୍ୟରେ କମ୍ପାନୀର ବଜାର ପୁଞ୍ଜି ପ୍ରାୟ ୮୯ ହଜାର କୋଟି ହ୍ରାସ ଘଟିଛି।

## ସଂକ୍ଷେପରେ

### ୱାର୍ଡ ୱିଜାର୍ଡର ସମ୍ପ୍ରସାରଣ କାର୍ଯ୍ୟକ୍ରମ

**ନୂଆଦିଲ୍ଲୀ,୧୫।୩ :** ଇ-ବାଇକ୍ ନାମରେ ଇଲେକ୍ଟ୍ରିକ୍ ଯାନ (ଇଭି) ନିର୍ମାଣ କରୁଥିବା ୱାର୍ଡ ୱିଜାର୍ଡ ପକ୍ଷରୁ ୨୦୨୨-୨୩ ଆର୍ଥିକ ବର୍ଷର ସମ୍ପ୍ରସାରଣ କାର୍ଯ୍ୟକ୍ରମ ସମ୍ପର୍କରେ ଘୋଷଣା କରାଯାଇଛି। ୱାର୍ଡ ୱିଜାର୍ଡ ପାଇଁ ନିଯୁକ୍ତି ସୃଷ୍ଟି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଗୁଜରାଟର ଭଦୋଦରାଠାରେ ଇଭି ଆନୁଷଙ୍ଗିକ ପୁଞ୍ଜିର ବିକାଶ କରି ୬,୦୦୦ରୁ ଅଧିକ ନିଯୁକ୍ତି ସୃଷ୍ଟି କରିବ। ଏହା ପରିସରରେ ଇଭି ଉପକରଣ ନିର୍ମାଣ ଲାଗି ଷ୍ଟେଟ୍ ଅଫ୍ ଆର୍ଟ ମାନୁଫାକ୍ଚରିଂ ବ୍ୟବସ୍ଥା ରହିବ। ସାରା ଭାରତର ବଜାରରେ ଉଲ୍ଲେଖନୀୟ ଉପସ୍ଥିତି ଜାହିର କରିବା ଲାଗି କମ୍ପାନୀ ୧,୫୦୦ରୁ ଅଧିକ ଜୟ ଇ-ବାଇକ୍ ଡିଲରଶିପ୍ ସ୍ଥାପନ କରିବା ଯୋଜନା ରଖିଛି। ଏ ସମ୍ପର୍କରେ ୱାର୍ଡ ୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍‌ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଜତିନ୍ ଗୁପ୍ତେ କହିଛନ୍ତି, କେତେକ ହାତଗଣତି ନିର୍ମାତାଙ୍କ ମଧ୍ୟରୁ ଆମେ ଅନ୍ୟତମ, ଯେଉଁମାନେ ପରବର୍ତ୍ତୀ ପିଢ଼ିର ଗମନାଗମନ ସମାଧାନ ଉପରେ ଗୁରୁତ୍ୱ ଦେଇଛନ୍ତି।

### ଆଇପିଓ ପାଇଁ ଡିଆର୍‌ଏଚ୍‌ପି ଦାଖଲ

**ନୂଆଦିଲ୍ଲୀ,୧୫।୩ :** ସଚିନ ବଂଶଲଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ ସଂସ୍ଥା ନାଭି ଟେକ୍ନୋଲୋଜିସ୍ ଲିମିଟେଡ୍ ପକ୍ଷରୁ ଷ୍ଟକ୍ ବଜାରର ନିୟାମକ ସଂସ୍ଥା ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍‌ପେକ୍ଟସ୍ (ଡିଆର୍‌ଏଚ୍‌ପି) ଦାଖଲ କରାଯାଇଛି। କମ୍ପାନୀ ଇନିସିଆଲ ପବ୍ଲିକ୍ ଅଫର (ଆଇପିଓ) ଜରିଆରେ ୩,୩୫୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିବାକୁ ଯୋଜନା ରଖିଛି। କମ୍ପାନୀ ନାଭି ଫିନ୍‌ସର୍ଭ ପ୍ରାଇଭେଟ୍ ଲିମିଟେଡ୍‌ରେ ୨,୩୭୦ କୋଟି ଟଙ୍କା ନିବେଶ କରିବାକୁ ଯୋଜନା ରଖିଛି। ଯାହା ଆର୍‌ବିଆଇ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ପୁଞ୍ଜି ସ୍ୱଚ୍ଛଳତା ହାର ନିୟମକୁ ପାଳନ କରିବ ଏବଂ ଭବିଷ୍ୟତର ପୁଞ୍ଜି ଆବଶ୍ୟକତା ପୂରଣ କରିବ।

# ବ୍ୟାଙ୍କ ଅସୁଲି ୭.୩୪ଲକ୍ଷ କୋଟି

**ନୂଆଦିଲ୍ଲୀ,୧୫।୩**




**ଗତ ୬ ଆର୍ଥିକବର୍ଷରେ ୫୫,୮୯୫ କୋଟି ଆଦାୟ**

**୨୦୧୫-୧୬ ବର୍ଷ ପାଇଁ ୬୮,୯୬୨**

**୨୦୨୧-୨୨ବର୍ଷ ପାଇଁ ୬୪୮ କୋଟି**

ଗତ ୬ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ ମାସରେ ବ୍ୟାଙ୍କଗୁଡ଼ିକ ୭.୩୪ଲକ୍ଷ କୋଟିରୁ ଅଧିକ ଅସୁଲି କରିଥିବା ସରକାରଙ୍କ ପକ୍ଷରୁ ମଙ୍ଗଳବାର ପାର୍ଲାମେଣ୍ଟରେ ସୂଚନା ଦିଆଯାଇଛି। ବିଗତ ୬ଟି ଆର୍ଥିକ ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ପ୍ରଥମ ୬ମାସ ମଧ୍ୟରେ ବ୍ୟାଙ୍କଗୁଡ଼ିକ ଅଦରକାରୀ ସମ୍ପତ୍ତି, ଜାଲିଆତି ରିପୋର୍ଟ ହୋଇଥିବା ଆକାଉଣ୍ଟ ସହ ବନ୍ଦ ହୋଇଯାଇଥିବା ଲୋନ୍ ଆକାଉଣ୍ଟଗୁଡ଼ିକରୁ ସମୁଦାୟ ୭,୩୪,୫୪୨କୋଟି ଟଙ୍କା ସଂଗ୍ରହ କରିଥିବା ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭାଗବତ କରଦ ରାଜ୍ୟ ସଭାକୁ ଏକ ଲିଖିତ ଉତ୍ତର ମାଧ୍ୟମରେ ଜଣାଇଛନ୍ତି। ଏହାଛଡ଼ା ଗତ ୬ ବର୍ଷ ଏବଂ ଚଳିତ ଆର୍ଥିକ ବର୍ଷର ଡିସେମ୍ବର ଶେଷ ସୁଦ୍ଧା ୫୫,୮୯୫ କୋଟି ଟଙ୍କାର ଜାଲିଆତି ଅର୍ଥ ସଂଗ୍ରହ ହୋଇଥିବା ସେ କହିଛନ୍ତି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ ୨୦୧୬ରେ ବ୍ୟାଙ୍କଗୁଡ଼ିକରେ ଠକେଇ ସମ୍ପର୍କିତ ଯାଞ୍ଚ ପାଇଁ ମାଷ୍ଟର ଡାଇରେକ୍ସନ ଇସ୍ୟୁ କରିଥିଲେ ଏବଂ ସରକାରଙ୍କ ପକ୍ଷରୁ ଜାଲିଆତି ତଦନ୍ତ କରିବାକୁ ଏକ ବ୍ୟାପକ ଗଠନମୂଳକ ତଥା ପ୍ରକ୍ରିୟାଗତ ସଂସ୍କାର ଅଣାଯାଇଥିଲା। ଏହି ବ୍ୟବସ୍ଥିତ ତଦନ୍ତ ବ୍ୟବସ୍ଥା ଅବ୍ୟବହୃତ ସମ୍ପତ୍ତି ଏବଂ ଜାଲିଆତି ସମ୍ପର୍କିତ ତଦନ୍ତକୁ ଠିକ୍ ଭାବରେ ପରିଚାଳିତ କରିପାରିଥିଲା। ଏହି ପଦକ୍ଷେପ ଦ୍ୱାରା ୨୦୧୫-୧୬ ଆର୍ଥିକ ବର୍ଷରେ ୬୮,୯୬୨ କୋଟି ଟଙ୍କାଠାରୁ ୨୦୨୦-୨୧ ଆର୍ଥିକ ବର୍ଷରେ ୧୧,୫୮୩ କୋଟି ଟଙ୍କା ପର୍ଯ୍ୟନ୍ତ ଅର୍ଥ ସଂଗ୍ରହ ହୋଇପାରିଥିଲା। ଏଥିସହ ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୬୪୮କୋଟି ଟଙ୍କା ଆଦାୟ ହୋଇଥିବା ମନ୍ତ୍ରୀ କରଦ ସୂଚନା ଦେଇଛନ୍ତି।

# ବ୍ୟାଙ୍କ୍ ଉପରେ ଜରିମାନା ଲଗାଇଲା ଆର୍‌ବିଆଇ

**ନୂଆଦିଲ୍ଲୀ,୧୫।୩**




ଭାରତୀୟ ରିଜର୍ଭ ବ୍ୟାଙ୍କ୍ (ଆର୍‌ବିଆଇ) ପୁଣିଥରେ ବିଭିନ୍ନ ବ୍ୟାଙ୍କ୍ ଉପରେ ମୋଟା ଅଙ୍କର ଜରିମାନା ଲଗାଇଛି। ବିଭିନ୍ନ ବ୍ୟାଙ୍କ୍‌ଗୁଡ଼ିକ ସଠିକ୍ ଭାବରେ ନିୟମର ଅନୁପାଳନ କରୁନଥିବାରୁ ଆର୍‌ବିଆଇ ସେମାନଙ୍କ ଉପରେ ଜରିମାନା ଲଗାଇଛି। ପୂର୍ବରୁ ଆର୍‌ବିଆଇ ପକ୍ଷରୁ ତିନୋଟି ବ୍ୟାଙ୍କ୍‌କୁ ଆର୍ଥିକ ଦଣ୍ଡ ଦିଆଯାଇଥିବା ବେଳେ ବର୍ତ୍ତମାନ ବିଭିନ୍ନ ରାଜ୍ୟର ୮ଟି କୋ-ଅପ୍‌ରେଟିଭ୍ ବ୍ୟାଙ୍କ୍ ଉପରେ ଜରିମାନା ଲଗାଯାଇଛି। ପଶ୍ଚିମବଙ୍ଗର ନବାପଲ୍ଲୀ କୋ-ଅପ୍‌ରେଟିଭ୍ ବ୍ୟାଙ୍କ୍ ଉପରେ ସର୍ବାଧିକ ୪ଲକ୍ଷ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଥିବା ବେଳେ ହିମାଚଳପ୍ରଦେଶର ବଘାଟ ସହରୀ କୋ-ଅପ୍‌ରେଟିଭ୍ ବ୍ୟାଙ୍କକୁ ୩ଲକ୍ଷ ଟଙ୍କାର ଆର୍ଥିକ ଦଣ୍ଡ ଦିଆଯାଇଛି। ଏହାଛଡ଼ା ମଣିପୁରର ମହିଳା କୋ-ଅପ୍‌ରେଟିଭ୍ ବ୍ୟାଙ୍କ୍ ଲିମିଟେଡ୍, ଉତ୍ତରପ୍ରଦେଶର ୟୁନାଇଟେଡ୍ ଇଣ୍ଡିଆ କୋ-ଅପ୍‌ରେଟିଭ୍ ବ୍ୟାଙ୍କ୍ ଲିମିଟେଡ୍, ନରସିଂହପୁର ଜିଲା କୋ-ଅପ୍‌ରେଟିଭ୍ ବ୍ୟାଙ୍କ୍ (ମଧ୍ୟପ୍ରଦେଶ), ଅମରାବତୀ ମର୍ଚାଣ୍ଟ କୋ-ଅପ୍‌ରେଟିଭ୍ ବ୍ୟାଙ୍କ୍ ଲିମିଟେଡ୍ ଏବଂ ଅହମ୍ମଦାବାଦର ଫେଜ୍ ମର୍କେଣ୍ଟାଇଲ୍ କୋ-ଅପ୍‌ରେଟିଭ୍ ବ୍ୟାଙ୍କ୍ ଲିମିଟେଡ୍‌କୁ ଆର୍‌ବିଆଇ କ୍ଷରୁ ଜରିମାନା ଦଣ୍ଡ ଦିଆଯାଇଛି।

# ଆର୍‌ଇ ସ୍କ୍ରାମ୍ ୪୧୧ ଏଡିଭି କ୍ରସ୍‌ଓଭର୍‌ର ଶୁଭାରମ୍ଭ

**ନୂଆଦିଲ୍ଲୀ,୧୫।୩**



ମିଡ୍-ସାଇଜ ମୋଟରସାଇକ୍ଲ୍ ସେଗ୍‌ମେଣ୍ଟରେ ଗ୍ଲୋବାଲ ଲିଡର ରୟାଲ ଏନ୍‌ଫିଲ୍ଡ ବ୍ରାଣ୍ଡର ପ୍ରଥମ ଏଡିଭି କ୍ରସ୍‌ଓଭର-ସ୍କ୍ରାମ୍ ୪୧୧ର ଶୁଭାରମ୍ଭ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ହୋଇଯାଇଛି। ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ ନୂଆ ସ୍କ୍ରାମ୍ ୪୧୧ ମଙ୍ଗଳବାରଠାରୁ ଭାରତରେ ଟେଷ୍ଟ ରାଇଡ୍ ଓ ବୁକିଂ ପାଇଁ ଉପଲବ୍ଧ ହେବ। ଏହି ମୋଟରସାଇକେଲ ଚଳିତ ବର୍ଷ ମଧ୍ୟଭାଗରେ ୟୁରୋପ ଓ ଏସିଆ ପାସିଫିକ୍ ରିଜିଅନର ଦେଶଗୁଡ଼ିକରେ ମଧ୍ୟ ଉପଲବ୍ଧ ହେବ ଏବଂ ଏହା ପରେ ଏହାକୁ ଉତ୍ତର ଆମେରିକା ଓ ଲାଟିନ୍ ଆମେରିକାରେ ଶୁଭାରମ୍ଭ କରାଯିବ। ୨୦୧୬ରେ ଶୁଭାରମ୍ଭ ହୋଇଥିବା ହିମାଳୟାନ୍ ଏହାର ଶୁଦ୍ଧ ଓ ସ୍ୱତନ୍ତ୍ର ଡିଜାଇନ୍ ଏବଂ ସାମଗ୍ରିକ କ୍ଷମତା ପାଇଁ ବିଶ୍ୱସ୍ତରରେ ସ୍ୱୀକୃତି ହାସଲ କରିଛି। ଏ ସମ୍ପର୍କରେ ରୟାଲ ଏନ୍‌ଫିଲ୍ଡର କାର୍ଯ୍ୟକାରୀ ନିର୍ଦ୍ଦେଶକ ବି.ଗୋବିନ୍ଦ ରାଜନ୍ କହିଛନ୍ତି, ଦ ହିମାଳୟାନ୍‌ର ବିଶ୍ୱବ୍ୟାପୀ ପ୍ରଶଂସିତ ବିବିଧତା ଓ ପାରଦର୍ଶିତା ଆମକୁ ପ୍ରେରିତ କରିଥିଲା। ସ୍କ୍ରାମ୍ ୪୧୧ ହେଉଛି ସହରାଞ୍ଚଳ ଯୁବପିଢ଼ିଙ୍କ ପାଇଁ ଏକ ଉପଯୁକ୍ତ କ୍ରସ୍‌ଓଭର ଏବଂ ଏହାର ଦୃଢ଼ କ୍ଷମତାକୁ ବଜାୟ ରଖି ଆମେ ଆମର ଉପଭୋକ୍ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ସବ୍‌କାଟେଗୋରି ଆଣିଛୁ। ସ୍କ୍ରାମ୍ ୪୧୧ ବିଶ୍ୱବ୍ୟାପୀ ପ୍ରଶଂସିତ ୪୧୧ସିସି, ଫୁଲ୍ ଇଞ୍ଜେକ୍ଟେଡ୍, ୪-ଷ୍ଟ୍ରୋକ୍, ଏସ୍‌ଓଏଚ୍‌ସି, ଏୟାରକୁଲ୍‌ଡ ସିଙ୍ଗଲ ସିଲିଣ୍ଡର ଇଞ୍ଜିନ ଦ୍ୱାରା ପରିଚାଳିତ। ଏହି ଇଞ୍ଜିନରେ ୬୫୦୦ ଆର୍‌ପିଏମ୍‌ରେ ୨୪.୩ ବିଏଚ୍‌ପିର ଏକ ସର୍ବାଧିକ ପାୱାର ଏବଂ ୪୦୦୦-୪୫୦୦ ଆର୍‌ପିଏମ୍‌ରେ ୩୨ଏନ୍‌ଏମ୍‌ର ଏକ ସର୍ବାଧିକ ଟର୍କ ରହିଛି ଯାହା ସୁଗମ ପାୱାର ଡେଲିଭରି ଓ ମଜଭୁତ ବଟମ୍ ଏଣ୍ଡ ଟର୍କ ସୁନିଶ୍ଚିତ କରୁଛି । ଏହା ସାମଗ୍ରିକ ପ୍ରଦର୍ଶନକୁ ବୃଦ୍ଧି କରୁଛି। ସ୍କେଟିଂ ଭଳି ହିପ୍‌ହପ୍ କଲ୍‌ଚର ଏବଂ ଟୋକିଓ ଓ ନୂଆଦିଲ୍ଲୀ ଭଳି ସହରଗୁଡ଼ିକରେ ରାତିର ରାସ୍ତାରୁ ଅନୁପ୍ରାଣିତ ହୋଇଥିବା କଲର ସହିତ ନୂଆ ସ୍କ୍ରାମ୍ ୪୧୧ ୪ଟି ରଙ୍ଗରେ ୩ଟି ଭାରିଆଣ୍ଟରେ ଉପଲବ୍ଧ ହେଉଛି। ଭାରତରେ ଡିଲରଶିପ୍‌ଗୁଡ଼ିକରେ ବୁକିଂ ଓ ଟେଷ୍ଟ ରାଇଡ୍ ଗ୍ରାଫାଇଟ ବ୍ଲୁ, ୟୋଲୋ ଏବଂ ବ୍ଲୁ ପାଇଁ ୨,୦୩,୦୮୫ ଟଙ୍କା ସ୍କାଏ ଲାଇନ ବ୍ଲୁ ଏବଂ ବ୍ଲେଜିଂ ବ୍ଲାକ୍ ପାଇଁ ୨,୦୪,୯୨୧ ଟଙ୍କା ଏବଂ ସ୍କ୍ରାମ୍ ୪୧୧ ସିଲ୍‌ଭର ସ୍ପିରିଟ ଏବଂ ହ୍ୱାଇଟ ଫ୍ଲେମ୍ ପାଇଁ ୨,୦୮,୫୯୩ ଟଙ୍କା ରହିଛି। ଏକ ସୀମିତ ଅବଧିର ପ୍ରାରମ୍ଭିକ ମୂଲ୍ୟରେ ମଙ୍ଗଳବାରଠାରୁ ଏହାର ବୁକିଂ ଆରମ୍ଭ ହୋଇଯାଇଛି ।

# ସେନ୍‌ସେକ୍ସ ୭୦୦ ପଏଣ୍ଟ ହ୍ରାସ

**ନୂଆଦିଲ୍ଲୀ,୧୫।୩**

ସପ୍ତାହର ଦ୍ୱିତୀୟ କାରବାର ଦିବସ ଅର୍ଥାତ୍ ମଙ୍ଗଳବାର ବିପୁଳ ହ୍ରାସ ସହ ବନ୍ଦ ହୋଇଛି ଶେୟାର ବଜାର। ଦିନଟି ଶେୟାର ବଜାର ନିବେଶକଙ୍କୁ ବିଭିନ୍ନ ଆଶା ଓ ଆଶଙ୍କା ମଧ୍ୟରେ ରଖିଥିବା ବେଳେ ଶେଷରେ ରେଡ୍ ସିଗ୍‌ନାଲ ସହ ବନ୍ଦ ହୋଇଛି। ମଙ୍ଗଳବାର ସେନ୍‌ସେକ୍ସରେ ୭୦୯.୧୭ ଅଙ୍କ ଅର୍ଥାତ୍ ୧.୨୬% ହ୍ରାସ ଘଟି ୫୫,୭୭୬.୮୫ରେ ବନ୍ଦ ହୋଇଥିବା ବେଳେ ନିଫ୍ଟିରେ ୨୦୮.୩୦ ଅଙ୍କ ଅର୍ଥାତ୍ ୧.୨୩% ହ୍ରାସ ଘଟି ୧୬,୬୬୩ ସ୍ତରରେ ବନ୍ଦ ହୋଇଛି। ନିଫ୍ଟିର ଟପ୍ ଲୁଜର୍ସଙ୍କ ତାଲିକାରେ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ୍, ଓଏନ୍‌ଜିସି, ଟାଟଷ୍ଟିଲ୍, କୋଲ୍ ଇଣ୍ଡିଆ ଏବଂ ଜେଏସ୍‌ଡବ୍ଲ୍ୟୁ ଷ୍ଟିଲ୍ ରହିଛି। ଅନ୍ୟପଟେ ଟପ୍ ଗେନର୍ସ ତାଲିକାରେ ଟାଟା କଞ୍ଜୁମର ପ୍ରଡକ୍ଟସ୍, ଏମ୍ ଆଣ୍ଡ ଏମ୍, ସିପ୍‌ଲା, ଶ୍ରୀ ସିମେଣ୍ଟସ୍, ମାରୁତି ସୁଜୁକି ରହିଛନ୍ତି।

# ନିୟନ୍ତ୍ରଣରେ ରହିବ ତୈଳ ଦର

**ନୂଆଦିଲ୍ଲୀ,୧୫।୩**



ସାଧାରଣ ଲୋକଙ୍କ ହିତକୁ ନଜରରେ ରଖି ଇନ୍ଧନ ଦର ନିୟନ୍ତ୍ରଣ ରଖିବା ଉଦ୍ଦେଶ୍ୟରେ ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମଙ୍ଗଳବାର ସରକାରଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ରାଷ୍ଟ୍ର ଅର୍ଥ ମନ୍ତ୍ରୀ ପଙ୍କଜ ଚୌଧୁରୀ କହିଛନ୍ତି ଯେ, ହୋଲ୍‌ସେଲ୍ ପ୍ରାଇସ୍ ଇନ୍‌ଡେକ୍ସ (ଡବ୍ଲ୍ୟୁପିଆଇ)ରେ ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍, ଇନ୍ଧନ ଏବଂ ପାୱାର ସବ୍‌ଗ୍ରୁପ୍ ସିଧାସଳଖ ଭାବେ କଞ୍ଚା ତୈଳ ଦର ହ୍ରାସ-ବୃଦ୍ଧି ସହିତ ଜଡ଼ିତ। 'ସରକାର ୟୁକ୍ରେନ୍ ସଙ୍କଟ କାରଣରୁ ଇନ୍ଧନ ଦର ବୃଦ୍ଧି ବଜାୟ ରଖିବା ପାଇଁ ଉତ୍ପାଦ ଶୁଳ୍କରେ ହ୍ରାସ କରିବେ କି' ବୋଲି ରାଜ୍ୟସଭାରେ ପଚରାଯାଇଥିବା ପ୍ରଶ୍ନର ଉତ୍ତର ରଖି ମନ୍ତ୍ରୀ ଚୌଧୁରୀ କହିଛନ୍ତି ଯେ, ସାର୍ବଜନିକ ସେକ୍ଟରରେ ଅଏଲ୍ ମାର୍କେଟିଂ କମ୍ପାନୀ(ଓଏମ୍‌ସି)ମାନେ ଅନ୍ତର୍ଜାତୀୟ ଉତ୍ପାଦ ଦର , ଏକ୍ସଚେଞ୍ଜ୍ ରେଟ୍, କର ସଂରଚନା, ଅନ୍ତର୍ଦ୍ଦେଶୀୟ ଭଡ଼ା ଏବଂ ଅନ୍ୟ ଦରଗୁଡ଼ିକ ସମ୍ପର୍କରେ ବିଚାର କରି ପେଟ୍ରୋଲ୍ ଏବଂ ଡିଜେଲ୍ ଦର ଉପରେ ଉଚିତ୍ ନିର୍ଣ୍ଣୟ ନିଅନ୍ତି। ଭାରତ ନିଜ ଆବଶ୍ୟକୀୟ ଇନ୍ଧନ ପରିମାଣର ୮୫% ପାଇଁ ଅନ୍ୟ ଦେଶ ଉପରେ ନିର୍ଭର କରିଥାଏ। ତେଣୁ ଏ ଦିଗରେ ସାଧାରଣ ଲୋକଙ୍କ ସ୍ୱାର୍ଥ ରକ୍ଷା ଲାଗି ସରକାର ଆବଶ୍ୟକୀୟ ପଦକ୍ଷେପ ନେବେ ବୋଲି ଚୌଧୁରୀ କହିଛନ୍ତି।

## ଫୁର୍‌ସତ୍

# ପ୍ରତିଷେଧକ ହିଁ ପ୍ରକୃତ ନିଦାନ



### ଜାତୀୟ ଟିକାକରଣ ଦିବସ

ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା କ୍ଷେତ୍ରରେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ହିଁ ରୋଗମୁକ୍ତ ହେବାଠାରୁ ଶ୍ରେୟସ୍କର। ତେଣୁ ପ୍ରତିଷେଧକକୁ ପ୍ରକୃତ ନିଦାନ ମଧ୍ୟ କୁହାଯାଇପାରେ। ଭାରତରେ ପ୍ରତିବର୍ଷ ମାର୍ଚ୍ଚ ୧୬ରେ ଜାତୀୟ ଟିକାକରଣ ଦିବସ ପାଳନ କରାଯାଇଥାଏ। ୧୯୯୫ ମାର୍ଚ୍ଚ ୧୬ରେ, ଓରାଲ ପୋଲିଓ ଟିକାର ପ୍ରଥମ ମାତ୍ରା ଭାରତରେ ଦିଆଯିବା ଆରମ୍ଭ ହୋଇଥିଲା। ସଂକ୍ରାମକ ରୋଗକୁ ରୋକିବା ପାଇଁ ଟିକାକରଣ ହେଉଛି ସବୁଠାରୁ ପ୍ରଭାବଶାଳୀ ପଦ୍ଧତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ପ୍ରତିଷେଧକ ବ୍ୟବସ୍ଥା ବିପଜ୍ଜନକ ସଂକ୍ରାମକ ରୋଗକୁ ନିୟନ୍ତ୍ରଣ ଏବଂ ଦୂର କରିବା ପାଇଁ ଏକ ପ୍ରମାଣିତ ଉପକରଣ ସାବ୍ୟସ୍ତ ହେବା ସହିତ ଜୀବନକୁ ସୁରକ୍ଷିତ କରିଥାଏ।

ଟିକାକରଣର ପ୍ରଭାବ ସ୍ୱାସ୍ଥ୍ୟର ଉନ୍ନତିରେ ସୀମିତ ନୁହେଁ। ସମାଜ ତଥା ଜାତୀୟସ୍ତରରେ ଏହାର ସାମାଜିକ ତଥା ଅର୍ଥନୈତିକ ପ୍ରଭାବ ମଧ୍ୟ ରହିଥାଏ। ତେଣୁ ଟିକାକରଣ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ଏହି ଦିନ ସରକାରୀ ତଥା ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ସୁସ୍ଥ ସମାଜଠାରୁ ସଂକ୍ରାମକ ରୋଗକୁ ଦୂରେଇ ରଖିବା କ୍ଷେତ୍ରରେ ଟିକାକରଣର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଏହି ଅବସରରେ ଲୋକଙ୍କୁ ଅବଗତ କରାଯାଇଥାଏ।




# ପ୍ରତିଭାକୁ ଅଣଦେଖା

**ମୁମ୍ବାଇ:** ଭାଇଜାନ୍ ସଲମାନ ଖାନ୍‌ଙ୍କ ସହ 'ବୀର' ଜରିଆରେ ବଲିଉଡ୍‌ରେ ଏଣ୍ଟ୍ରି କରିଥିବା ଜରିନ୍ ଖାନ୍ ଏବେ ବି ସଫଳତା ଅପେକ୍ଷାରେ ଅଛନ୍ତି। ଇଣ୍ଡଷ୍ଟ୍ରିରେ ଜରିନ୍‌ଙ୍କୁ କାମ କରିବାର ୧୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ହୋଇଥିଲେ ମଧ୍ୟ ତାଙ୍କୁ ଆଶାନୁରୂପ ରୋଲ୍ କିମ୍ବା ସିନେମା ଜଗତରେ ସ୍ୱତନ୍ତ୍ର ପରିଚୟ ମିଳିପାରିନାହିଁ। ମନ୍ଥର ଗତିରେ ଚାଲିଥିବା ଜରିନ୍‌ଙ୍କ କ୍ୟାରିୟର ପାଇଁ ସେ ଚିନ୍ତିତ ଥିବାବେଳେ ଏବେବି ସେ ହିଟ୍ ଫିଲ୍ମ ଅପେକ୍ଷାରେ ରହିଛନ୍ତି । ତାଙ୍କ ଅଭିନୟର ପ୍ରତିଭା ଏପର୍ଯ୍ୟନ୍ତ ଚଳଚ୍ଚିତ୍ର ନିର୍ମାତାମାନେ ଠିକ୍ ଭାବେ ବୁଝିପାରି ନ ଥିବାବେଳେ ଇଣ୍ଡଷ୍ଟ୍ରିରେ ରିୟଲ୍ ଟ୍ୟାଲେଣ୍ଟକୁ ଅଣଦେଖା କରାଯାଉଥିବା ସେ ଏକ ସାକ୍ଷାତକାରରେ କହିଛନ୍ତି; ଯାହାପାଇଁ ବର୍ତ୍ତମାନ ସୁଦ୍ଧା ତାଙ୍କୁ ଉପଯୁକ୍ତ ସୁଯୋଗ ମିଳିନ ଥିବା ସେ ଅଭିଯୋଗ ଆଣିଛନ୍ତି। ଖାଲି ଜରିନ୍ ନୁହଁନ୍ତି ତାଙ୍କ ପରି ଅନେକ କଳାକାର ଅଣଦେଖା ହେଉଥିବାବେଳେ ଇଣ୍ଡଷ୍ଟ୍ରିରେ ପରିବାରବାଦ ବଢ଼ିଚାଲିଥିବା ସେ କହିଛନ୍ତି।

# ଗାଡ଼ି ବଦଳରେ ଘୋଡ଼ା ଚଢୁଛନ୍ତି ୟୁସୁଫ



**ମୁମ୍ବାଇ:** ମହାରାଷ୍ଟ୍ରରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ୨ ବର୍ଷ ଧରି ଦେଶରେ ପେଟ୍ରୋଲ ଦର ବୃଦ୍ଧି ପାଇଚାଲିଛି। ଦର ବୃଦ୍ଧି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ମହାରାଷ୍ଟ୍ରର ୟୁସୁଫ ଆପଣାଇଛନ୍ତି ଏକ ଭିନ୍ନ ପନ୍ଥା। ଗାଡ଼ି ବଦଳରେ ସେ ଚଢୁଛନ୍ତି ଘୋଡ଼ା। ଗତବର୍ଷ ଲକ୍‌ଡାଉନ୍ ସମୟରେ ୟୁସୁଫ ୪୦ ହଜାର ଟଙ୍କାରେ ଘୋଡ଼ାଟିକୁ କିଣିଥିଲେ। ୟୁସୁଫ ମହାରାଷ୍ଟ୍ରର ଏକ କଲେଜରେ ଲାବ୍ ଆସିଷ୍ଟାଣ୍ଟ ଭାବେ ଚାକିରି କରନ୍ତି। ପ୍ରତିଦିନ କଲେଜ ଘୋଡ଼ାରେ ହିଁ ଯାଉଛନ୍ତି। ସ୍ନେହରେ ସେ ତାଙ୍କ ଏହି ଘୋଡ଼ାର ନାଁ 'ଜିଗର' ରଖିଛନ୍ତି।



**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୪୬,୦୮,୪୪,୦୭୬ | ୬୦,୬୯,୪୩୦ | ୩୯,୪୦,୩୭,୭୩୭ |
| ଭାରତ | ୪,୨୯,୯୭,୦୭୨ | ୫,୧୬,୦୦୫ | ୪,୨୪,୪୬,୧୯୧ |
| ଓଡ଼ିଶା | ୧୨,୮୬,୭୭୨ | ୯୧୧୫(+୫୩) | ୧୨,୭୬,୯୩୪ |

ମଙ୍ଗଳବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ପୂର୍ତ୍ତ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଗିରଫ

## ଆୟର ୨୯୩% ସମ୍ପତ୍ତି ଠାବ

### ସ୍ତ୍ରୀଙ୍କ ନାମରେ ମାମଲା ରୁଜୁ କଲା ଭିଜିଲାନ୍ସ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ପୂର୍ତ୍ତ ବିଭାଗ ଭୁବନେଶ୍ୱର ଡିଭିଜନ୍-୪ର ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଅଜୟ ମିଶ୍ରଙ୍କୁ ମଙ୍ଗଳବାର ଭିଜିଲାନ୍ସ ଗିରଫ କରିଛି। ଏଥିସହ ତାଙ୍କ ସ୍ତ୍ରୀ ଶୁଭଶ୍ରୀ ମିଶ୍ରଙ୍କ ନାମରେ ମଧ୍ୟ ମାମଲା ରୁଜୁ କରାଯାଇଛି। ଗିରଫ ପରେ ଅଜୟଙ୍କୁ ଢେଙ୍କାନାଳ ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ଆସନ୍ତା ୨୮ତାରିଖ ପର୍ଯ୍ୟନ୍ତ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। ଠାବ ହୋଇଥିବା ସମ୍ପତ୍ତି ଅଜୟଙ୍କ ଆୟର ୨୯୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ଏହି ମାମଲାର ଅଧିକ ତଦନ୍ତ କରାଯାଉଥିବା ଭିଜିଲାନ୍ସ ଏକ ପ୍ରେସ ବିଜ୍ଞପ୍ତିରେ ସୂଚନା ଦେଇଛି।


ଅଜୟ ମିଶ୍ର

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଅଜୟଙ୍କ ସ୍ତ୍ରୀ ଓ ପୁଅଙ୍କ ନାମରେ ୩ଟି କୋଠା ସମେତ ୭ ପ୍ଲଟ୍ ରହିଛି। ସେହିପରି ସୁନାରୁପା ଅଳଙ୍କାର, ବ୍ୟାଙ୍କ ଓ ଇନ୍ସ୍ୟୁରାନ୍ସ ଜମା, ୮ ଲକ୍ଷ ଟଙ୍କାର ଗୋଟିଏ କାର୍, ୩ ଦାମୀ ବାଇକ, ୭୦ ହଜାର ଟଙ୍କାର ଗୋଟିଏ ସ୍କୁଟି, ଗୋଟିଏ ସ୍କୁଟର ସମେତ ଘରୋଇ ଉପକରଣ ଠାବ ହୋଇଛି। ଏହାର ଆନୁମାନିକ ମୂଲ୍ୟ ୪୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ। ଠାବ ହୋଇଥିବା ଏହି ବିପୁଳ ପରିମାଣର ସମ୍ପତ୍ତି ସମ୍ପର୍କରେ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଅଜୟଙ୍କ ନାମରେ କଟକ ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୫/୨୨) ରୁଜୁ କରାଯାଇଛି।

# ଚୈତନ୍ୟଙ୍କ ମୂର୍ତ୍ତି ଅନାବରଣ କଲେ ରାଜ୍ୟପାଳ

ପୁରୀ ଅଫିସ,୧୫।୩

ସ୍ଥାନୀୟ ମାତାମଠସ୍ଥିତ ଶ୍ରୀଚୈତନ୍ୟଙ୍କ ୩୫ ଫୁଟ ମୂର୍ତ୍ତି ଅନାବରଣ କରିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଶ୍ରୀଗୌରବିହାର ଚାରିଟେବୁଲ୍ ଟ୍ରଷ୍ଟ ପକ୍ଷରୁ ମାତାମଠ ପରିସରରେ ଶ୍ରୀଚୈତନ୍ୟଙ୍କର ମୂର୍ତ୍ତି ନିର୍ମାଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ରାଜ୍ୟପାଳ ପୂର୍ବାହ୍ନ ୧୧ଟା ୩୫ରେ ମାତାମଠରେ ପହଞ୍ଚିଥିଲେ। ପ୍ରତିମୂର୍ତ୍ତି ଅନାବରଣ ଶେଷ କରିବା ପରେ ଭାଗବତ ମଣ୍ଡପଠାରେ ଆୟୋଜିତ ଭାଗବତ କଥାମୃତରେ ସେ ଯୋଗଦେଇଥିଲେ। ଏହି ଅବସରରେ ପ୍ରଦୀପ ପ୍ରଜ୍ୱଳନ, ଫଳକ ଉନ୍ମୋଚନ କରାଯାଇଥିଲା। ରାଜ୍ୟପାଳ ନିଜ ଅଭିଭାଷଣରେ କହିଛନ୍ତି, ଶ୍ରୀଜଗନ୍ନାଥଙ୍କ ମାଟିରେ ଜନ୍ମିତ ସମସ୍ତ ମଣିଷ ଜଣେ ଜଣେ ଈଶ୍ୱର। ଉତ୍କଳୀୟ ସଂସ୍କୃତି ଓ ଓଡ଼ିଆଙ୍କ ମିଠାକଥାର ଶ୍ରେୟ ଶ୍ରୀଚୈତନ୍ୟଙ୍କୁ ଯାଇଥାଏ। ଜଗନ୍ନାଥ ଦାସଙ୍କ ଓଡ଼ିଆ ଭାଗବତକୁ ସମଗ୍ର ଭାରତବର୍ଷରେ ପ୍ରଚାର ପ୍ରସାର କରିଥିବା ଶ୍ରୀଚୈତନ୍ୟ ରାଧାକୃଷ୍ଣ ଅପ୍ରାକୃତ ପ୍ରେମ ଓ ଅଚିନ୍ତ୍ୟ ଭେଦ-ଅଭେଦକୁ ସାର୍ବଜନୀନ କରିବାରେ ତାଙ୍କ ଅବଦାନ ଅତୁଳନୀୟ ହୋଇ ରହିବ। ସେହିଭଳି ସଂସାରରେ ପ୍ରେମର ଭୂମିକାକୁ ଅଦ୍ୱିତୀୟ ବୋଲି ବର୍ଣ୍ଣନା କରିବା ସହ ରୁଷ-ୟୁକ୍ରେନ୍ ଯୁଦ୍ଧକୁ ବିନାଶକାରୀ ବୋଲି କହିଥିଲେ ରାଜ୍ୟପାଳ ଲାଲ। ଆହୁରି ସେ କହିଛନ୍ତି, ଭାରତର ଆଧ୍ୟାତ୍ମିକ ଏକାତ୍ମତା ଆଗାମୀ ସମ୍ଭାବ୍ୟ ବିଶ୍ୱଯୁଦ୍ଧ ବିରୋଧରେ ଦୃଢ଼ ଭାବେ ଠିଆ ହେବ। ବିଶ୍ୱକୁ ଭାରତ ଯେଉଁ ଭାଇଚାରା ଓ ଆତ୍ମୀୟତାର ଶିକ୍ଷା ଦେଇଛି ତାହା ଅନ୍ୟ କେଉଁଠାରେ ହେବା ସମ୍ଭବପର ହୋଇପାରି ନାହିଁ। ଏହି ଅବସରରେ ଭାଗବତ ମଣ୍ଡପରେ ରାଜ୍ୟପାଳଙ୍କ ସମେତ ସୁବଳ ଦାସ ମହାରାଜ ସ୍ୱାଗତ ଭାଷଣ ଦେଇଥିବା ବେଳେ ପରମହଂସ ପ୍ରଜ୍ଞାନାନନ୍ଦ ଓ ଡ.ରାମଚରଣ ଦାଶ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ରାଜ୍ୟପାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି କଳା ସ୍ଥାପତ୍ୟ ପାଇଁ ପ୍ରଫୁଲ୍ଲ ବେହେରା ଓ ବସନ୍ତ ବେହେରା, ଧର୍ମର ପ୍ରଚାର ପ୍ରସାର ପାଇଁ ମହନ୍ତ ଶ୍ରୀନିବାସ ଦାଶ, ସଙ୍ଗୀତ ପାଇଁ ବଦ୍ରି ମିଶ୍ର, ନୃତ୍ୟ ପାଇଁ ଲିନା ମହାନ୍ତି, ସମାଜସେବା ପାଇଁ ଦୁର୍ଗାପ୍ରସାଦ ବିଶୋଇ, ହରିହର ଦୋରା ଓ ଦିଲୀପ ପଟ୍ଟନାୟକଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଶ୍ରୀଚୈତନ୍ୟ ସମ୍ମାନ ପ୍ରଦାନ କରିଥିଲେ।


ପୁରୀ ଶ୍ରୀଗୌର ବିହାର ଆଶ୍ରମରେ ନିର୍ମିତ ୩୫ଫୁଟ ଶ୍ରୀଚୈତନ୍ୟଙ୍କ ମୂର୍ତ୍ତି ଉନ୍ମୋଚନ ଅବସରରେ ଯୋଗଦେଇଥିବା ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓ ଅନ୍ୟମାନେ।

# ଭିଜିଲାନ୍ସରେ ଜିଲା ମୁଖ୍ୟ କୃଷି ଅଧିକାରୀ

ମାଲକାନଗିରି/ନବରଙ୍ଗପୁର, ୧୫।୩ (ଡି.ଏନ୍.ଏ./ବି.ପ୍ର.)

- ୬ ସ୍ଥାନରେ ହୋଇଛି ଏକକାଳୀନ ଚଢାଉ
- ନବରଙ୍ଗପୁରରେ ୨ଟି କୋଠା, ବ୍ୟାଙ୍କରୁ ୧୦ ଲକ୍ଷ ଟଙ୍କା ଠାବ
- ଏସ୍‌ପିଙ୍କ କାର୍ଯ୍ୟାଳୟ ପାଖରେ ୬ ପ୍ଲଟ୍


ଜିଲା ମୁଖ୍ୟ କୃଷି ଅଧିକାରୀ ଏମ୍. ଆନନ୍ଦ ରାଓ

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ମାଲକାନଗିରି ଜିଲା ମୁଖ୍ୟ କୃଷି ଅଧିକାରୀ ଏମ୍. ଆନନ୍ଦ ରାଓଙ୍କ ସଦର ମହକୁମାସ୍ଥିତ କାର୍ଯ୍ୟାଳୟ ଓ ବାସଭବନରେ ଭିଜିଲାନ୍ସ ପକ୍ଷରୁ ଚଢାଉ କରାଯାଇଥିଲା। ଏଥିସହ ରାଓଙ୍କ ନବରଙ୍ଗପୁରସ୍ଥିତ ଦୁଇଟି ବାସଭବନରେ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣାରେ ଥିବା ଏକ ଘରେ ଏକକାଳୀନ ଚଢାଉ କରାଯାଇଥିଲା। ମୋଟ ୬ଟି ସ୍ଥାନରେ ଏପରି ଚଢାଉ କରାଯାଇଥିବା ଜଣାପଡିଛି।

ମାଲକାନଗିରିଠାରେ ସକାଳ ୯ଟାରେ ତାଙ୍କ ବାସଭବନରେ ଚଢାଉ କରାଯାଇ ପରେ ତାଙ୍କ କାର୍ଯ୍ୟାଳୟରୁ ଅନେକ ନଥିପତ୍ର ଏବଂ କମ୍ପ୍ୟୁଟରରୁ କେତେକ ତଥ୍ୟ ସଂଗ୍ରହ କରି ଭିଜିଲାନ୍ସ ରାଓଙ୍କୁ ନବରଙ୍ଗପୁର ନେଇଛି। ନବରଙ୍ଗପୁର ସାଇନଗର ଦ୍ୱିତୀୟ ଓ ତୃତୀୟ ଲାଇନ୍ ଲାଇନରେ ତାଙ୍କର ୨ଟି ଦୁଇମହଲା କୋଠା ରହିଛି। ପ୍ରଥମ ମହଲା ଭଡାରେ ଲାଗିଛି। ଗୋଟିଏ କୋଠାର ମୂଲ୍ୟ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହୋଇଥିବା ବେଳେ ଅନ୍ୟ ଏକ କୋଠାର ମୂଲ୍ୟ ପ୍ରାୟ ୭୦ ଲକ୍ଷ ଟଙ୍କା ବୋଲି ପ୍ରାରମ୍ଭିକ ତଦନ୍ତରୁ ଜଣାପଡିଛି। ନବରଙ୍ଗପୁର ଚାଇନା ମାର୍କେଟ ନିକଟରେ ରାଓ ଏକ ଦୁଇମହଲା ଘର ବନ୍ଧକ ରଖିଛନ୍ତି। ଏହି ସହରର ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ତାଙ୍କର ୬ଟି ପ୍ଲଟ୍ ରହିଛି। ରାଓଙ୍କ ନାମରେ ୨୦ ଲକ୍ଷ ଟଙ୍କାର ଏକ ପ୍ଲଟ୍, ନବରଙ୍ଗପୁରର ଏକ ବ୍ୟାଙ୍କରେ ତାଙ୍କ ନାମରେ ୧୦ ଲକ୍ଷ ଟଙ୍କା ଏବଂ ୧୧ ଲକ୍ଷ ୭୩ ହଜାର ଟଙ୍କାର ସୁନା ଓ ରୁପା ଅଳଙ୍କାର ଭିଜିଲାନ୍ସ ଠାବ କରିଛି। ଏଥିସହ ମାଲକାନଗିରିରୁ ୫୩ ହଜାର ଟଙ୍କା ଓ ନବରଙ୍ଗପୁରରୁ ୧ ଲକ୍ଷ ୭୫ ହଜାର ଟଙ୍କା ଜବତ ହୋଇଛି। ଗୋଟିଏ ୪ ଚକିଆ ଓ ଗୋଟିଏ ଦୁଇଚକିଆ ଗାଡ଼ି ଜବତ ହୋଇଛି। ବୁଧବାର ରାଓଙ୍କ ଆୟ ବହିର୍ଭୂତ ସମ୍ପତ୍ତିର ପରିମାଣ ଜଣାପଡିବ। ଏନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଭିଜିଲାନ୍ସ ଡିଏସ୍‌ପି ସୁଶାନ୍ତ କୁମାର ବିଶ୍ୱାଳ କହିଛନ୍ତି। ଏହି ଚଢାଉରେ ନବରଙ୍ଗପୁର ଭାରପ୍ରାପ୍ତ ଡିଏସ୍‌ପି କଳାବତୀ ବାଘ, ଭବାନୀପାଟଣା ଡିଏସ୍‌ପି ସଦାନନ୍ଦ ପାଣି, ଇନ୍ସପେକ୍ଟର ପ୍ରମିଳା ସୁନା, ମାଲକାନଗିରି ଇନ୍ସପେକ୍ଟର ଆର. ବିଜୟ କୁମାର, କୋରାପୁଟରୁ ଇନ୍ସପେକ୍ଟର ଏସ୍.ଏନ୍. ପ୍ରଧାନଙ୍କ ସମେତ ୭ଜଣ ଇନ୍ସପେକ୍ଟର ସାମିଲ ହୋଇଥିଲେ।

# ଡମ୍ପର ଚଢ଼ାଇ ବଡ଼ଭାଇଙ୍କୁ ହତ୍ୟା

## ଜମିବାଡ଼ି ବିବାଦର କରୁଣ ପରିଣତି

ଜେନାପୁର/ଚଢ଼େଇଧରା, ୧୫।୩ (ଡି.ଏନ୍.ଏ.)

ଜମିବାଡ଼ି ବିବାଦକୁ କେନ୍ଦ୍ର କରି ଯାଜପୁର ଜିଲା ଜେନାପୁର ଥାନା ଅଧୀନ ବାଲିସାହି ଦଳିତ ସାହିରେ ଏକ ଅଭାବନୀୟ ଘଟଣା ଘଟିଛି। ସୋମବାର ରାତିରେ ବଡ଼ବାପାଙ୍କ ପୁଅଙ୍କୁ ତାଙ୍କ ଦାଦାପୁଅ ଭାଇ ଡମ୍ପର ଚଢ଼ାଇ ହତ୍ୟା କରିଛନ୍ତି। ମୃତକ ହେଲେ ସେହି ଗ୍ରାମର ଅକ୍ଷୟ ମଲିକ(୩୬)। ଏହି ଘଟଣାରେ ପୋଲିସ ସାନଭାଇ ତଥା ହତ୍ୟା ଅଭିଯୁକ୍ତ କୁହାଯାଉଥିବା ଅଜୟ ମଲିକ(୩୦)ଙ୍କୁ ଗିରଫ କରିଛି। ପୋଲିସ ଏକ ମାମଲା(ନଂ.୬୬/୨୨)ରୁଜୁ କରି ତନାଘନା ଚଳାଇଛି।


ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛନ୍ତି।

ସୂଚନା ଅନୁଯାୟୀ, ଗତ ୩ ଦିନ ତଳେ ଅକ୍ଷୟଙ୍କ ପରିବାରରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ଜମିବାଡ଼ି ବିବାଦ କିମ୍ବା ଘରୋଇ କଳିକୁ ନେଇ ଏମିତି ଘଟିଥିବା ସ୍ଥାନୀୟ ଲୋକେ କହିଥିଲେ। ହେଲେ ସୋମବାର ବିଳମ୍ବିତ ରାତିରେ ଅଜୟ ଡମ୍ପର ନେଇ ଘର ପାଖକୁ ଆସି ଅକ୍ଷୟଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଅକ୍ଷୟ ଏହାର ପ୍ରତିବାଦ କରିବାରୁ ୨ ଭାଇଙ୍କ ମଧ୍ୟରେ ବଚସା ଆରମ୍ଭ ହୋଇଯାଇଥିଲା। ହେଲେ ପରିସ୍ଥିତି ଏପରି ହୋଇଥିଲା ଯେ କେହି ଶାନ୍ତ ହେବା ଅବସ୍ଥାରେ ନ ଥିଲେ। ଶେଷରେ ଅଜୟ ମାନସିକ ଭାରସାମ୍ୟ ହରାଇ ଡମ୍ପର ଚଳାଇ ଅକ୍ଷୟଙ୍କୁ ଧକ୍କା ଦେଇଥିଲେ। ଅକ୍ଷୟ କିଛି ଦୂରରେ ଛିଟିକି ପଡିଥିଲେ। ଏହାପରେ ଅଜୟ ତାଙ୍କ ଉପରେ ଡମ୍ପର ଚଢ଼ାଇ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଅକ୍ଷୟଙ୍କୁ ଗ୍ରାମବାସୀ ୧୦୮ ଆମ୍ବୁଲାନ୍ସରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଜେନାପୁର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ହତ୍ୟାରେ ବ୍ୟବହାର କରାଯାଇଥିବା ଡମ୍ପର(ନଂ.ଆର୦୯ଏଚ୍ ୮୩୬୦)କୁ ପୋଲିସ ଜବତ କରିବା ସହ ଅଜୟଙ୍କୁ ଗିରଫ କରିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ ପହଞ୍ଚି ତଦନ୍ତ ଚଳାଇଛନ୍ତି। ବୁଧବାର ଅଜୟଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି।

# ପୁଣି ପାଚେରି ଭାଙ୍ଗି ପଶିଲେ ୨ ଜଙ୍ଗଲୀ ହାତୀ

ବାରଙ୍ଗ,୧୫।୩(ଡି.ଏନ.ଏ.)

ପୁଣି ନନ୍ଦନକାନନରେ ପଶିଲେ ଜଙ୍ଗଲୀ ହାତୀ। ପାଚେରି ଭାଙ୍ଗି ଭିତରେ ପଶିଥିବାବେଳେ ପୁଣି ଅନ୍ୟ ଗାଁକୁ ଯାଇ ଫେରି ଆସି ଗତ ୨ଦିନ ହେବ ଆତଙ୍କ ଚଳାଇଛନ୍ତି। ନନ୍ଦନକାନନ ଚନ୍ଦକା ବନ ବିଭାଗ ଶତଚେଷ୍ଟା ପରେ ମଧ୍ୟ ହାତୀ ଦୁଇଟିକୁ ଜଙ୍ଗଲ ମୁହାଁ କରାଇବାରେ ସକ୍ଷମ ହୋଇପାରି ନାହାନ୍ତି। ସୋମବାର ବିଳମ୍ବିତ ରାତିରେ ଚନ୍ଦକା ଜଙ୍ଗଲରୁ ଦୁଇ ହାତୀ ନନ୍ଦନକାନନ ପଛପଟ (ବଡବାଙ୍କ) ସୁରକ୍ଷା ପାଚେରି ଭାଙ୍ଗି ଭିତରେ ପଶିଛନ୍ତି। ପ୍ରାଣୀ ଉଦ୍ୟାନ ଭିତରେ ଏଣେତେଣେ ବୁଲାବୁଲି କରି ସିଂହ ସଫାରି ବାଟଦେଇ ହମିରାଟାଙ୍ଗି ଜଙ୍ଗଲ ଭିତରେ ରହିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ନନ୍ଦନକାନନ ବନ କର୍ମଚାରୀ ହାତୀ ଦୁଇଟିକୁ ଘଉଡାଇବାକୁ ଉଦ୍ୟମ ଜାରିରଖିଛନ୍ତି। ଏହା ପୂର୍ବରୁ ଗତ ୯ତାରିଖ ବିଳମ୍ବିତ ରାତିରେ ଚନ୍ଦକା-ଡମପଡ଼ା ଅଭୟାରଣ୍ୟରୁ ଦୁଇ ଜଙ୍ଗଲୀ ହାତୀ ପଛପଟ(ବଡବାଙ୍କ) ସୁରକ୍ଷା ପାଚେରି ଭାଙ୍ଗି ଭିତରକୁ ପଶି ଦୁଇଦିନ ରହିବାରୁ କର୍ତ୍ତୃପକ୍ଷ ପର୍ଯ୍ୟଟକଙ୍କ ସୁରକ୍ଷା ଦୃଷ୍ଟିରୁ ୧୦ତାରିଖ ଗୋଟିଏଦିନ ପାଇଁ ନନ୍ଦନକାନନ ବନ୍ଦ ରଖିଥିଲେ। ସେହିଦିନ ରାତିରେ ବନ କର୍ମଚାରୀଙ୍କ ନିଆଁହୁଳା ଓ ବାଣ ଫୁଟାଇ ଘଉଡାଇବାରୁ ପାଚେରି ଭାଙ୍ଗି ବାହାରି ଯାଇଥିଲେ।

# ବିସ୍ଫୋରଣ ପୂର୍ବରୁ ବୋମା ନିଷ୍କ୍ରିୟ କଲେ ଯବାନ

**ମାଲକାନଗିରି, ୧୫।୩ (ଡି.ଏନ୍.ଏ.):** ମାଲକାନଗିରି ଜିଲା ସୀମନ୍ତ ଛତିଶଗଡ ସୁକ୍‌ମା ଜିଲାରେ ମଙ୍ଗଳବାର ଏକ ଲ୍ୟାଣ୍ଡ ମାଇନ ବିସ୍ଫୋରଣ ପୂର୍ବରୁ ଯବାନମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଖବରରୁ ଜଣାପଡିଛି ସୁକ୍‌ମା ଜିଲାର କରିଗୁଡେମ ଗ୍ରାମ ନିକଟରେ ଚାଲିଥିବା ରାସ୍ତା କାମକୁ ସୁରକ୍ଷା ଯୋଗାଇଦେବାକୁ ଯବାନମାନେ ଯାଇଥାନ୍ତି। ମଙ୍ଗଳବାର ସିଆର୍‌ପିଏଫ୍ ୧୫୦ ବାଟାଲିୟନର ଯବାନମାନେ ସୁରକ୍ଷା ଯୋଗାଇଦେବାକୁ ଯାଉଥିବା ବେଳେ ସେମାନଙ୍କୁ ଟାର୍ଗେଟ୍ କରି ମାଓବାଦୀମାନେ ରାସ୍ତାରେ ଲ୍ୟାଣ୍ଡମାଇନ ବିଛାଇଥିଲେ। ତେବେ ଏହାକୁ ଅତିକ୍ରମ କରିବା ପୂର୍ବରୁ ଯବାନମାନେ ୧୦ କିଲୋ ଓଜନର ଉକ୍ତ ଲ୍ୟାଣ୍ଡମାଇନକୁ ଠାବ କରିଥିଲେ। ବୋମା ନିଷ୍କ୍ରିୟକାରୀ ଟିମ୍ ପହଞ୍ଚି ଏହାକୁ ସତର୍କତାର ନିଷ୍କ୍ରିୟ କରିଥିଲେ।


ଲ୍ୟାଣ୍ଡମାଇନକୁ ନିଷ୍କ୍ରିୟକାରୀ ଟିମ୍ ନିଷ୍କ୍ରିୟ କରିଛନ୍ତି।

# ବୁଦ୍ଧଖୋଲରେ ବିରଳ ଗୋଡ଼ବିହୀନ ଚମ୍ପେଇନେଉଳ ଠାବ

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଗଞ୍ଜାମ ଜିଲା ବୁଗୁଡ଼ାରେ ଥିବା ବୁଦ୍ଧଖୋଲ ପାହାଡ଼ରୁ ଅତିବିରଳ ବରକୁଦିଆ ଇନ୍‌ସୁଲାରିସ ଲିମ୍ବ୍‌ଲେସ୍ ସ୍କିଙ୍କ ଠାବ ହୋଇଛି। ଏହା ଏମିତି ଏକ ଚମ୍ପେଇନେଉଳ ପ୍ରଜାତି ଯାହାର ଗୋଡ଼ ନ ଥାଏ। ସାଧାରଣରେ ଦେଖା ଯାଉଥିବା ଅନ୍ୟ ଚମ୍ପେଇନେଉଳ ପ୍ରଜାତିର ଗୋଡ଼ ବା ଲିମ୍ବ୍‌ସ ଥାଏ। କିନ୍ତୁ ବରକୁଦିଆର ଗୋଡ଼ ନ ଥାଏ। ତେଣୁ ପ୍ରଥମ ଦେଖାରେ ଅନେକ ଏହାକୁ ଛୋଟିଆ ସାପ ବୋଲି ଭ୍ରମରେ ପଡ଼ିଥାନ୍ତି। ତେବେ ସାପ ଆଖିରେ ଆଖିପତା ନ ଥାଏ, ବାହ୍ୟ କର୍ଣ୍ଣ ଗହ୍ୱର ନ ଥାଏ। କିନ୍ତୁ ବରକୁଦିଆର ଆଖିପତା ଥାଏ, ବାହ୍ୟ କର୍ଣ୍ଣ ଗହ୍ୱର ଦୁଇପାଖରେ ସ୍ପଷ୍ଟ ଦେଖାଯାଇଥାଏ। ସାପର ଦୁଇ ଫାଳିଆ ଜିଭ ଥିବା ବେଳେ ବରକୁଦିଆର ତାହା ନ ଥାଏ। ଏହି ବରକୁଦିଆ ଲେଗ୍‌ଲେସ ଲିଜାର୍ଡକୁ ୧୯୧୭ରେ ଜୁଲୋଜିକାଲ୍ ସର୍ଭେ ଅଫ ଇଣ୍ଡିଆର ପ୍ରତିଷ୍ଠାତା ନିର୍ଦ୍ଦେଶକ ଥମାସ ନେଲ୍‌ସନ୍ ଆନନ୍ଦଲେ ଚିଲିକା ହ୍ରଦରେ ଥିବା ବରକୁଦ ଦ୍ୱୀପରୁ ଆବିଷ୍କାର କରିଥିଲେ। ଦ୍ୱୀପର ନାମ ଅନୁସାରେ ସେ ତାଙ୍କ ଆବିଷ୍କୃତ ନୂଆ ଜେନ୍‌ସର ନାମ ବରକୁଦିଆ ଦେଇଥିଲେ। କେବଳ ଭାରତରେ ଏହି ବରକୁଦିଆ ଜେନସରେ ମାତ୍ର ଦୁଇଟି ପ୍ରଜାତି ଦେଖାଯାନ୍ତି। ଓଡ଼ିଶାରେ କେବଳ ବରକୁଦିଆ ଇନ୍‌ସୁଲାରିସ ହିଁ ଦେଖାଯାଆନ୍ତି। ୧୯୭୯ରେ ନନ୍ଦନକାନନ ନିକଟରେ ଏହାକୁ ରେକର୍ଡ କରାଯାଇଥିଲା। ୨୦୦୩ରେ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ପୁଣି ସେହି ବରକୁଦ ଦ୍ୱୀପରୁ ଏହାକୁ ପାଇଥିଲେ। ଏହାପରେ କେହି ଓଡ଼ିଶାରେ ଏହାକୁ ଦେଖିବା ସୁଯୋଗ ପାଇ ନ ଥିଲେ।



# ଏମ୍‌ଏଲ୍‌ୟୁରେ ୨୧ରୁ ସେମିଷ୍ଟର ପରୀକ୍ଷା

**କଟକ ଅଫିସ,୧୫।୩:** ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟ(ଏମ୍‌ଏଲ୍‌ୟୁ)ରେ ବିଭିନ୍ନ ସେମିଷ୍ଟର ପରୀକ୍ଷା ଆସନ୍ତା ୨୧ରେ ଆରମ୍ଭ ହେବ। ଏ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଙ୍ଗଳବାର ପରୀକ୍ଷା ସୂଚୀ ପ୍ରକାଶ ପାଇଛି। ସମସ୍ତ ପରୀକ୍ଷା ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ୫ ବର୍ଷିଆ ଇଣ୍ଟିଗ୍ରେଟେଡ ବିଏଏଲ୍‌ଏଲ୍‌ବି ପାଠ୍ୟକ୍ରମର ପ୍ରଥମ ସେମିଷ୍ଟର ପରୀକ୍ଷା ୨୧ରୁ ଆରମ୍ଭ ହୋଇ ଏପ୍ରିଲ ୬ ତାରିଖରେ ସରିବ। ପରୀକ୍ଷାର ପ୍ରଥମ ଦିନରେ ଇଂଲିଶ, ୨୬ରେ ରାଜନୀତି ବିଜ୍ଞାନ, ୨୯ରେ ଇତିହାସ, ୩୧ରେ ସମାଜଶାସ୍ତ୍ର, ଏପ୍ରିଲ ୪ରେ ଲ ଅଫ କଣ୍ଟ୍ରାକ୍ଟସ୍-୧ ଏବଂ ୬ରେ ଫ୍ୟାମିଲି ଲ ବିଷୟରେ ଛାତ୍ରୀଛାତ୍ରମାନେ ପରୀକ୍ଷା ଦେବେ। ଅନ୍ୟପକ୍ଷରେ ୩ ବର୍ଷିଆ ଏଲଏଲବି ପାଠ୍ୟକ୍ରମର ପ୍ରଥମ ସେମିଷ୍ଟର ପରୀକ୍ଷା ଆସନ୍ତା ୨୫ରୁ ଆରମ୍ଭ ହୋଇ ଏପ୍ରିଲ ୫ ତାରିଖରେ ଶେଷ ହେବ।

# ପୁରୀ ମେନ କେନାଲରେ ବୁଲୁଛି କୁମ୍ଭୀର

**ବାରଙ୍ଗ, ୧୫।୩(ଡିଏନଏ):** ବାରଙ୍ଗ ପୁରୀମେନ କେନାଲରେ ବୁଲୁଛି କୁମ୍ଭୀର। ମଙ୍ଗଳବାର ଅପରାହ୍ନରେ କେତେଜଣ ଯୁବକ ବାରଙ୍ଗ ଥାନା ନିକଟ କଣ୍ଟାପାଟଣା ଗାଁମୁଣ୍ଡ ପୁରୀମେନ କେନାଲକୁ ଶୌଚ ହେବାକୁ ଯାଇଥିବାବେଳେ ପାଣିରେ ଏକ କୁମ୍ଭୀର ପାଣିରେ ପହଁରୁଥିବା ଦେଖି ଭୟରେ ଉପରକୁ ପଳାଇଆସିଥିଲେ। ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳରେ ଦେଖଣାହାରୀଙ୍କ ଭିଡ ଜମିଥିଲା। ଏହି ଘଟଣାକୁ ନେଇ ପୁରୀ ମେନ କେନାଲ କୂଳରେ ରହିଥିବା ବାରଙ୍ଗ, ଶ୍ରୀବନ୍ତପୁର, କଣ୍ଟାପାଟଣା, ପଞ୍ଚୁପାଳ, କାନପୁର, ନୟାପାଟଣା ଆଦି କେନାଲ ପାର୍ଶ୍ୱବର୍ତ୍ତୀ ଗ୍ରାମବାସୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି।

# ଯୁବତୀଙ୍କୁ ପ୍ରେମ ପ୍ରତାରଣା: ଡାକ୍ତର ଗିରଫ


ଗିରଫ ଡାକ୍ତର ବଳରାମ ଟୁଡୁ

**ବିଶୋଇ, ୧୫।୩(ଡି.ଏନ.ଏ.):** ଫେସବୁକ୍‌ରୁ ଆରମ୍ଭ ହେଲା ପ୍ରେମ। ପ୍ରେମ ସମ୍ପର୍କ ଏତେ ନିବିଡ଼ ହେବାକୁ ଲାଗିଲା ଯେ, ଶେଷରେ ବିବାହ ପ୍ରତିଶ୍ରୁତି ଦେଇ ଉଭୟ ମଧ୍ୟରେ ଗଢ଼ିଉଠିଲା ଶାରୀରିକ ସମ୍ପର୍କ। ପରେ ଉକ୍ତ ଯୁବତୀଙ୍କୁ ପ୍ରତାରଣା କରି ଅନ୍ୟତ୍ର ବାହା ହେବା ନିଷ୍ପତ୍ତି ନେବା ଜଣେ ଡାକ୍ତରଙ୍କ ପାଇଁ ମହଙ୍ଗା ସାବ୍ୟସ୍ତ ହୋଇଛି। ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଏଭଳି ଘଟଣା ଘଟିଛି ମୟୂରଭଞ୍ଜ ଜିଲା ବିଶୋଇ ଥାନା ଅଞ୍ଚଳରେ।

ସୂଚନା ଅନୁଯାୟୀ, ସୁଲେଇପାଟ ପ୍ରାଥମିକ ଚିକିତ୍ସାଳୟର ଡାକ୍ତର ବଳରାମ ଟୁଡୁ (୩୧)ଙ୍କର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ଏମ୍‌ଟେକ୍ ପଢୁଥିବା ଜଣେ ଯୁବତୀଙ୍କ ସହ ୨୦୨୦ରେ ପ୍ରଥମେ ଫେସବୁକ୍‌ରେ ବନ୍ଧୁତା ସ୍ଥାପନ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ଦେଖା ସାକ୍ଷାତ ହେବା ସହ ଧୀରେ ଧୀରେ ସମ୍ପର୍କ ନିବିଡ଼ ହୋଇଥିଲା। ପରେ ଡାକ୍ତର ଜଣଙ୍କ ଉକ୍ତ ଯୁବତୀଙ୍କୁ ବିବାହର ପ୍ରଲୋଭନ ଦେଖାଇ ବାରମ୍ବାର ଶାରୀରିକ ସମ୍ପର୍କ ସ୍ଥାପନ କରିଥିଲେ। ଯୁବତୀ ଜଣକ ଗର୍ଭବତୀ ହେବା ନେଇ ଡାକ୍ତରଙ୍କୁ ଜଣାଇଥିଲେ। ମାତ୍ର ଡାକ୍ତର ଜଣକ ତାଙ୍କୁ ଭୁଲାଇ ଗର୍ଭନଷ୍ଟ କରାଇବା ସହ ଦୂରେଇ ଦେଇଥିଲେ। ଯୁବତୀ ଜଣଙ୍କ ବିବାହ କରିବାକୁ ଜିଦ୍ ଧରିବାରୁ ଡାକ୍ତର ଜଣଙ୍କ ତାଙ୍କୁ ପୁରୀ ଅଞ୍ଚଳକୁ ଡାକି ସେଠାରେ ଏକ ଲଜ୍‌ରେ ରହିବା ସହିତ ଅନିଚ୍ଛା ସତ୍ତ୍ୱେ ପୁଣି ଥରେ ଶାରୀରିକ ସମ୍ପର୍କ ରଖିଥିଲେ। ଇତି ମଧ୍ୟରେ ସମ୍ପୃକ୍ତ ଡାକ୍ତରଙ୍କ ଅନ୍ୟତ୍ର ବିବାହ ସ୍ଥିର ହୋଇଯାଇଥିଲା। ଯୁବତୀ ଜଣଙ୍କ ଡାକ୍ତରଙ୍କ ପରିବାର ଲୋକଙ୍କୁ ଭେଟି ଘଟଣା ସମ୍ପର୍କରେ ଜଣାଇଥିଲେ। ମାତ୍ର ଡାକ୍ତରଙ୍କ ପରିବାର ଲୋକେ ତାଙ୍କୁ ଓଲଟା ଧମକ ଦେଇଥିଲେ। ଏନେଇ ଗତ ଫେବୃଆରୀ ୨୧ରେ ଡାକ୍ତରଙ୍କ ବିରୋଧରେ ଯୁବତୀ ଜଣକ ବିଶୋଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ.୨୭/୨୨) ରୁଜୁ କରିଥିଲା। ଥାନା ଅଧିକାରୀ ଫଣିନ୍ଦ୍ର ଭୂଷଣ ନାଏକଙ୍କ ତତ୍ତ୍ୱାବଧାନରେ ଏସ୍‌ଆଇ କୁମୁଦ ବାଗ ଘଟଣାର ତଦନ୍ତ କରି ଅଭିଯୁକ୍ତ ଡାକ୍ତରଙ୍କୁ ଗିରଫ କରି ଗତ ୧୩ ତାରିଖରେ କୋର୍ଟଚାଲାଣ କରିଥିବା ଜଣାପଡିଛି।




## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ବରଫରେ ଯବାନଙ୍କ କବାଡ଼ି ଖେଳ

**ଲଦାଖ,୧୫।୩:** ଅନେକ ସମୟରେ ଯବାନଙ୍କ ବିଭିନ୍ନ ଧରଣର ଭିଡିଓ ସାମ୍ନାକୁ ଆସିଥାଏ। ନିକଟରେ ଆଇଟିବିପି ଯବାନଙ୍କ ଏକ ଭିଡିଓ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହୋବରେ ଲାଗିଛି। ହିମାଞ୍ଚଳ ପ୍ରଦେଶର ବରଫାବୃତ ଅଞ୍ଚଳରେ ଯବାନ କବାଡି ଖେଳୁଥିବାର ଏହି ଭିଡିଓରେ ଦେଖିବାକୁ ମିଳିଛି। ଏହି ଭିଡିଓକୁ ଆଇଟିବିପିର ଅଫିସିଆଲ ଟୁଇଟର୍ ପେଜ୍‌ରେ ଶେୟାର କରାଯାଇଥିଲା। ଭିଡିଓକୁ ଲୋକେ ପସନ୍ଦ କରିବା ସହ ଏହାକୁ ବର୍ତ୍ତମାନ ସୁଦ୍ଧା ୧୨୭ ହଜାର ଲାଇକ୍ ମିଳିସାରିଛି।

**ପ୍ରଥମ ପୃଷ୍ଠାରୁ...**

## ହିଜାବ କଟକଣା...

ହୋଇଥିବା ସମସ୍ତ ରିଟ୍ ପିଟିଶନ ଶୁଣାଣିଯୋଗ୍ୟ ନୁହେଁ। ହିଜାବ ପରିଧାନ ନ କରୁ ନ ଥିବା ମହିଳାମାନଙ୍କୁ ପାପୀ ବୋଲି ଧରାଯିବ ନାହିଁ। ଏହାକୁ ନ ପିନ୍ଧିଲେ ଇସ୍‌ଲାମ ନିଜ ମହିମା କିମ୍ବା ଧର୍ମର ମର୍ଯ୍ୟାଦା ହରାଇବ ନାହିଁ। ଆବେଦନକାରୀମାନେ ହିଜାବକୁ ଇସ୍‌ଲାମର ଏକ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ପ୍ରମାଣିତ କରିବା ଲାଗି କୌଣସି ରେକର୍ଡ ଉପସ୍ଥାପନ କରିପାରି ନାହାନ୍ତି। ହିଜାବକୁ ଅନୁମତି ଦିଆଗଲେ ସ୍କୁଲ ୟୁନିଫର୍ମ ଆଉ ଗଣବେଶ ହୋଇ ରହିବ ନାହିଁ। ସାମଗ୍ରିକ ଭାବେ ଶିକ୍ଷୟିତ୍ରୀ–ଶିକ୍ଷକ, ଶିକ୍ଷା ଓ ୟୁନିଫର୍ମ ନ ରହିଲେ ବିଦ୍ୟାଳୟ ବ୍ୟବସ୍ଥା ଅସମ୍ପୂର୍ଣ୍ଣ ହୋଇଯିବ। ସାମାଜିକ ବିଶୃଙ୍ଖଳା ଓ ଉତ୍ତେଜନା ସୃଷ୍ଟି ଉଦ୍ଦେଶ୍ୟରେ ଏଭଳି ବିବାଦ ସୃଷ୍ଟି କରାଯାଇଥାଇପାରେ ଏବଂ ଏହା ପଛରେ କୌଣସି ଅଦୃଶ୍ୟ ହାତ ଥାଇପାରେ ବୋଲି ହାଇକୋର୍ଟ ଆଶଙ୍କା ବ୍ୟକ୍ତ କରିଛନ୍ତି। ଶୁଣାଣି ବେଳେ କେତେଜଣ ଆଇନଜୀବୀ କ୍ୟାମ୍ପସ୍ ଫ୍ରଣ୍ଟ ଅଫ୍ ଇଣ୍ଡିଆ ଓ ଅନ୍ୟ ସଙ୍ଗଠନଗୁଡ଼ିକ ମୁସଲମାନ ଛାତ୍ରୀଛାତ୍ରଙ୍କୁ ଉସୁକାଉଥିବା ନେଇ ଖଣ୍ଡପୀଠଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହା ଉପରେ ହାଇକୋର୍ଟ ଜାଣିବାକୁ ଚାହିଁବାରୁ ରାଜ୍ୟ ସରକାରଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଡ୍‌ଭୋକେଟ ଜେନେରାଲ ପ୍ରଭୁଲିଙ୍ଗ ନଭାଡ୍‌ଗି ଖଣ୍ଡପୀଠଙ୍କୁ ଏକ ବନ୍ଦ ଲଫାଫା ଦେଇଥିଲେ। ରାଜ୍ୟରେ ୨୦୦୪ରୁ ପ୍ରଚଳିତ ଡ୍ରେସ୍ କୋଡ୍‌କୁ ମାନି ଚଳିବାକୁ ପଡ଼ିବ ବୋଲି ୩ ଜଣ ବିଚାରପତି ସ୍ପଷ୍ଟ କରିଥିଲେ। ଏକ ଖବରଦାତା ସମ୍ମିଳନୀରେ ଛାତ୍ରୀମାନେ କହିଛନ୍ତି, କର୍ଣ୍ଣାଟକ ହାଇକୋର୍ଟଙ୍କ ରାୟ ସହ ସେମାନେ ସହମତ ନୁହନ୍ତି। କାରଣ ହିଜାବ ସେମାନଙ୍କ ଧର୍ମର ଏକ ଜରୁରୀ ଅଂଶ। ଏହି ରାୟ ସେମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରିଥିବାରୁ ସେମାନେ ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଆଲୋ ଗେଲ୍ହେଇ**
**କେତେ ହେଉଥାଉ ନୋଥ ହଲେଇ ।**

ସାଧାରଣତଃ ଅଳଙ୍କାର ପ୍ରତି ମହିଳାମାନଙ୍କ ମନରେ ଅନେକ ଦୁର୍ବଳତା ଭାବ ରହିଥାଏ। ସୁନ୍ଦର ଗହଣାଗାଣ୍ଠି ପିନ୍ଧି ନିଜକୁ ସଜ୍ଜିତ କରାଇ ଅନ୍ୟ ଆଗରେ ନିଜ ରୂପଲାବଣ୍ୟକୁ ନେଇ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରିସ୍ଥଳେ ନୋଥ ଭଳି ସାମାନ୍ୟ ଅଳଙ୍କାର ପିନ୍ଧିଥିବା ମହିଳା ଅନ୍ୟ ଆଗରେ ନିଜର ଛଇଛଟକି ଭାବ ଦେଖେଇ ହେବା ଅର୍ଥରେ ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଆମ୍ବୁଲ ମାଠିଆ ଯେଉଁଠି,**
**ବୁଢ଼ୀ ଗଡ଼ି ଗଡ଼ି ଯାଇ ସେଇଠି ।**

ସାଧାରଣତଃ ଝିଅମାନେ ଖଟା ବା ଆଚାରପ୍ରିୟ ହୋଇଥାନ୍ତି। ଏଭଳି ସ୍ଥିତିରେ ବୟସ୍କା ମହିଳା ଜଣକ ଖଟା ଖାଇବା ନେଇ ନିଜ ଲୋଭକୁ ସମ୍ବରଣ କରିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଶନି ନକ୍ଷତ୍ରସ୍ଥ ବୁଧ ହେତୁ ବନ୍ଧୁଙ୍କ ନିକଟରୁ ଭୁଲ୍ ଖବର ପାଇ ସାମୟିକ ବିବ୍ରତ ହୋଇପାରନ୍ତି। ପାରିବାରିକ ସମର୍ଥନ କର୍ମକ୍ଷେତ୍ରକୁ ତ୍ୱରାନ୍ୱିତ କରିବ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ୍ ରୋଗରେ କଷ୍ଟ ପାଇବେ। ପଡ଼ୋଶୀ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେଇ ଶେଷ ସମୟରେ ନାସ୍ତିବାଣୀ ଶୁଣାଇପାରନ୍ତି।

**ବୃଷ** ଶୁକ୍ର ଓ ଚନ୍ଦ୍ର ଷଡ଼ାଷ୍ଟକ ସ୍ଥିତିରେ ରହିଥିବାରୁ ସବୁ ସୁବିଧା ଥିଲେ ମଧ୍ୟ ସୁଖଦ ଅନୁଭୂତିକୁ ଉପଭୋଗ କରିପାରିବେ ନାହିଁ। ଆପଣଙ୍କ ଅନୁରୋଧ ରକ୍ଷା କରି ବନ୍ଧୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ କାମ କରିବେ। ଆଲୋଚନା କାଳରେ ବାକ୍ ଅସଂଯମତା ହେତୁ କଳହର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ବୁଧ ଓ ଚନ୍ଦ୍ରଙ୍କ ପ୍ରତ୍ୟକ୍ଷ ବିଷମଦୃଷ୍ଟି ହେତୁ ମନୋବଳ ହ୍ରାସ ପାଇବ। ପାରସ୍ପରିକ ମତଭେଦଜନିତ ପାରିବାରିକ ଜୀବନରେ ଅନାଦର ପାଇପାରନ୍ତି। ବାରମ୍ବାର ପ୍ରତିବନ୍ଧକ ଲାଗି ରହିବା କାରଣରୁ ବ୍ୟବସାୟକୁ ସଙ୍କୁଚିତ କରିନେଇପାରନ୍ତି। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**କର୍କଟ** ଷଡ଼ାଷ୍ଟକ ସ୍ଥିତିରେ ରାଶିଠାରୁ ଚାରୋଟିଗ୍ରହ ରହିଥିବାରୁ ବ୍ୟତିକ୍ରମ ମଧ୍ୟରେ ସମୟ କଟାଇବେ। ସାହାଯ୍ୟ, ସହଯୋଗର ଆଶା ଦେଖାଇ ବନ୍ଧୁ ପ୍ରତିଶ୍ରୁତିକୁ ପାଳନ କରିବେ ନାହିଁ। କଠିନ ଶ୍ରମ କିମ୍ବା ମାତ୍ରାଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଅନୁଭବ କରିବେ। କୌଣସି ମୂଲ୍ୟବାନ୍ ଜିନିଷ କିଣିବା ସକାଶେ ମୋଟାଅଙ୍କର ଅର୍ଥ ଆବଶ୍ୟକ ହୋଇପାରେ।

**ସିଂହ** ରବି ଅଷ୍ଟମସ୍ଥ ହେତୁ କୌଣସି ପଦସ୍ଥବ୍ୟକ୍ତିଙ୍କ ସହ କଳହ ଲାଗିପାରେ। କାର୍ଯ୍ୟହାନି କାରଣରୁ ମାନସିକ ଅବସାଦଜନିତ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଆଲୋଚନା ସମୟରେ ନିଜ ପକ୍ଷ ରଖିବା ସକାଶେ ମିଠା କଥା କହି ବନ୍ଧୁଙ୍କୁ ଆପଣାର କରିବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**କନ୍ୟା** ଉଚ୍ଚସ୍ଥ ମଙ୍ଗଳକୋଣଭାବସ୍ଥ ଯୋଗୁ ପଡ଼ୋଶୀମାନେ ସହଯୋଗର ହାତ ବଢ଼ାଇବେ। ଗତକାଲି ଯେଉଁଥିପାଇଁ ଚିନ୍ତା କରୁଥିଲେ ଆଜି ତାହା ଟିକିଏ ବିଳମ୍ବରେ ପାଇବେ। ପିତାଙ୍କ ସ୍ୱାସ୍ଥ୍ୟହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। ବ୍ୟବସାୟ ଓ ଶିଳ୍ପ,ବାଣିଜ୍ୟ କ୍ଷେତ୍ରରେ ମାନସିକ ଦ୍ୱନ୍ଦ୍ୱର ଅବସାନ ଘଟିବ।

**ତୁଳା** ଚତୁର୍ଥକେନ୍ଦ୍ରରେ ଏକତ୍ର ଶୁକ୍ର ଓ ଶନିଙ୍କ ଯୋଗୁଁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କାଟିବେ। ଆବଶ୍ୟକତା ପୂରଣ କରିବା ସକାଶେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ସହକର୍ମୀ କାମଟି କରିବା ସକାଶେ ଅମଙ୍ଗ ରହିଲେ ମଧ୍ୟ କାମଟି କରିଦେବେ। ଦୈହିକ ଦୁର୍ବଳତା କର୍ମକ୍ଷେତ୍ରକୁ ମନ୍ଥର କରିପାରେ ।

**ବିଛା** ମଙ୍ଗଳଙ୍କ ପ୍ରଭାବରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବ। ପ୍ରତ୍ୟେକ କ୍ଷେତ୍ରରେ ସତର୍କତାର ସହ ଚଳିବା ଭଲ, ଅନ୍ୟଥା ସମସ୍ୟା ଆସିପାରେ। କଥା କହୁ ନ ଥିବା ଓ ପରୋକ୍ଷ ଭାବେ ଶତ୍ରୁତା କରୁଥିବା ପଡ଼ୋଶୀ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ। ବନ୍ଧୁଙ୍କ ନିମନ୍ତ୍ରଣ ପାଇ ହଠାତ୍ ଦୂରଯାତ୍ରା କରିବାକୁ ପଡ଼ିପାରେ।

**ଧନୁ** ବୁଧ ଏବଂ ବୃହସ୍ପତିଙ୍କ ସଂଯୋଗ ହେତୁ ସାମାଜିକ ସ୍ତରରେ ପାରିପାର୍ଶ୍ୱିକ ପରିସ୍ଥିତି କେତେକାଂଶରେ ଭଲ ରହିବ। ଶତ୍ରୁମାନେ ମିତ୍ରତା ଛଳରେ ପାଖେଇ ଆସିବେ ସିନା କୌଣସି କ୍ଷତି କରିପାରିବେ ନାହିଁ। ଆଲୋଚନା ସମୟରେ ମନ ଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବନ୍ଧୁଙ୍କ ସହାୟତାରେ ଧାତବଜନିତ ଦ୍ରବ୍ୟ ଲାଭର ଯୋଗ ରହିଛି।

**ମକର** ତିନୋଟିଗ୍ରହ ରାଶିରେ ଅବସ୍ଥାନ କରିଥିବା କାରଣରୁ ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବ। ଫଳରେ ପ୍ରତ୍ୟେକ କ୍ଷେତ୍ରରେ ନୀରବଦ୍ରଷ୍ଟା ଭଳି କାମ କରିବାକୁ ବାଧ୍ୟ ହେବେ। ଘରେ ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକ୍ରାନ୍ତ ରହିପାରେ। କୌଣସି ବନ୍ଧୁଙ୍କ ସମ୍ପର୍କରେ ପଡ଼ୋଶୀଙ୍କଠାରୁ ଶୁଭଖବର ପାଇ ଖୁସି ହୋଇପାରନ୍ତି।

**କୁମ୍ଭ** ବ୍ୟୟଭାବସ୍ଥ ବୃହସ୍ପତିଙ୍କ ଯୋଗୁଁ କୌଣସି କାମ ସକାଶେ ବିଶେଷ ବ୍ୟୟ କରିବାକୁ ପଡିବ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବର ପାଇ ଖୁସି ହେବେ। ପରକଥାରେ ପଡ଼ି ଭୁଲ୍ ମାର୍ଗର ଅନୁସରଣ କରିପାରନ୍ତି। ଦିନର ଅଧିକାଂଶ ସମୟ ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ।

**ମୀନ** ତୃତୀୟସ୍ଥ ରାହୁ ସମସ୍ତ ପ୍ରତିବନ୍ଧକକୁ ହଟାଇ କାର୍ଯ୍ୟ ହାସଲ କରାଇବେ। କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହେବାର ସମ୍ଭାବନା ମାତ୍ର ନିଜର ଉଦାରତା ଗୁଣରୁ ପ୍ରଶଂସା ପାଇବେ। ସାମାଜିକ ସ୍ତରରେ ନିଃସହାୟ ଲୋକଙ୍କୁ ସାହାଯ୍ୟ କରି ଆତ୍ମସନ୍ତୋଷ ଲାଭ କରିବେ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିବ।

## ଯୁଦ୍ଧ ପ୍ରଭାବ: ୨୩ ହଜାରରେ ବିକ୍ରି ହେଉଛି ବର୍ଗର

**ମସ୍କୋ:** ରୁଷିଆ–ୟୁକ୍ରେନ୍‌ର ଯୁଦ୍ଧର ପରିଣତି ଉଭୟ ଦେଶର ନାଗରିକଙ୍କୁ ଭୋଗିବାକୁ ପଡୁଛି। ୟୁକ୍ରେନ୍ ଉପରକୁ ରୁଷିଆର ଆକ୍ରମଣ ନେଇ ବହୁ ରାଷ୍ଟ୍ର ଏବଂ ବହୁ ସଂସ୍ଥା ରୁଷିଆଠାରୁ ନିଜ ସମ୍ପର୍କ ଛିନ୍ନ କରିବାରେ ଲାଗିଛନ୍ତି। ଗ୍ଲୋବାଲ୍ ଫାଷ୍ଟଫୁଡ୍ ଚେନ୍‌ର ନିର୍ଦ୍ଦେଶ ଅନୁସାରେ ରୁଷିଆରେ ଥିବା ମିକ୍‌ଡୋନାଲ୍ଡର ୮୪୭ଟି ଷ୍ଟୋର ବନ୍ଦ କରାଯିବ। ତେବେ ଏହି ନିର୍ଦ୍ଦେଶ ପରେ ସ୍ଥାନୀୟ ମାର୍କେଟରେ ମିକ୍‌ଡୋନାଲ୍ଡ ଖାଦ୍ୟ ନେବାପାଇଁ ଭିଡ଼ ଦେଖିବାକୁ ମିଳିଛି। ମିକ୍‌ଡୋନାଲ୍ଡର ବର୍ଗର, କୋକ୍, ନଗେଟ୍ସ,ଫ୍ରାଇଜ୍ ସବୁ ଉଚ୍ଚା ଦରରେ ବିକ୍ରିହେବାରେ ଲାଗିଛି। ମିକ୍‌ଡୋନାଲ୍ଡର ବର୍ଗର ମୂଲ୍ୟ ରହିଛି ୪୦ ରୁବେଲସ୍ ଭାରତୀୟ ମୁଦ୍ରା ଅନୁସାରେ ୨୩ ହଜାର ଟଙ୍କା। ସେହିପରି ମିଲ୍ ବ୍ୟାଗ୍‌ର ମୂଲ୍ୟ ୫୦ ରୁବେଲ ଯାହା ପାଖାପାଖି ୨୮,୬୪୧ ଟଙ୍କାରେ ବିକ୍ରି ହେଉଛି। ୧୯୯୦ରେ ପ୍ରଥମ କରି କେନ୍ଦ୍ରୀୟ ମସ୍କୋରେ ମିକ୍‌ଡୋନାଲ୍ଡର ଶପ୍ ଖୋଲାଯାଇଥିଲା।



# classifieds

**Everyday 0674-2580101, 2549302**



MATRIMONIAL

**BRIDE WANTED**

**Groom Odiya Telugu debanga weaver OBC 38/5'5", Self Employed wants matching bride, caste no bar, Bhubaneswar. Contact- 8456916505, 9437031397.** D-70783

**GROOM WANTED**

Age-34 widow Govt. Lecturer ଥିବା Marwadi ଜାତିର ଝିଅଙ୍କୁ ଯେ କୌଣସି ଜାତିର married/ unmarried ଘରଜ୍ୱାଇଁ ଆବଶ୍ୟକ। 9583000251. D- 23392



**SALE**

**Fully loaded 2015 Excellent running condition Swift Dzire Petrol, 5,20,000/-. Contact Owner- 9853926464 (BABU BHAI).** D-23307



**SALE**

Plot for Sale at Chhatabar per sqft. @99/-. 9937816565, 9583295832 D-23401

Plot No-209 for immediately sale at Bhola, P.S.- Chandaka. Contact: 9338572999. D-23424

**60ft. ପିଚୁ ରୋଡ୍‌କୁ ଲାଗି commercial/ residential ଘରବାରି, ପଟ୍ଟା, ପାଚେରି, ଇଲେକ୍ଟ୍ରିସିଟି ସୁବିଧା ଥାଇ ଭୁବନେଶ୍ୱର GIFT College ପାଖରେ @25,00,000/- ବିକ୍ରିହେବ। Owner- 9437033320.** D-73213

Private plot for sale Patrapada & Khandagiri near DN Regalia Mall 999/- Price. 9437335686, 7008487006. D-23418

**Gharabari Plot for Sale near Pahala, Bhingarpur, Kesura (Bankual, Contact: 8144128238, 6371268258.** D-71957

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.-300/- ଏବଂ ତ୍ରିନାଥବଜାର ନିକଟରେ sqft.-240/- (outright). 9776974912. D-23286

**5000sqft. (50ft. X100ft.) fully commercial developed 100% litigation free Gharabari, Yellowzone, Single Patta Owner plot for sale with 25ft. wide road at Dhauli Square just 3rd plot from Dhauli-Uttara NH. Price- Rs. 1,50,00,000/-. Contact: direct Owner- 9040026465 (BABU BABU).** D-23306

Rangabazar, satyabhamapur 1750 sqft, 40 feet road, electricity, borewell Rs 1850 per sqft. Genuine buyers contact- 8658386267. D-23414

ଭୁବନେଶ୍ୱର ରବିଟକିଜ୍ ସାଇ ମନ୍ଦିର ପୂର୍ବରୁ ରାସ୍ତା ପାଚେରି ଥାଇ ପ୍ଲଟ୍ ବିକ୍ରିହେବ। 9827119799. D-71955

**Plot for sale gharabari 30ft. road 4km. from NH Retang road near Polytechnic College. 9777345831.** D-71020

ମହାରାଜା କଲେଜ ପାଖରେ (Gangapada Bhubaneswar) 30ft. ରାସ୍ତା ଥାଇ 60 plot ବିକ୍ରିହେବ। loan available. 9938016295. D-73212

**ସୁନ୍ଦରପଦା ଏବଂ ବାଲିଅନ୍ତାରେ developed, demarcated, gharabari, electricity plot କିଣନ୍ତୁ। 7008492511.** D-23375

Agriculture land for sale at near Bhanjanagar (Ganjam District) 124 acres (single patch) state highway touch, Single Owner. Contact: 8200382419, 7990065093. D-71958

**ଭୁବନେଶ୍ୱର ବାରଙ୍ଗ ଥାନାରୁ 1Km. ଦୂରରେ କୁଞ୍ଜବିହାରୀ କଲେଜ ପାଖରେ ୧୦୦ ଫୁଟ ପିଚୁରୋଡ୍‌କୁ ଲାଗି yellow zone plot sqft. 970/-. 6371801630, 9556907765.** D–73209

**Puri, Book your own luxurious flat @2.2lakh with all modern accessories and stay immediately. 9437158062.** D-23422

Sum Hospital ଘଘଂପାଟନାରେ ସ୍ଥିତିବାନ ପ୍ଲଟ୍ ୩୦ଫୁଟ୍ ରୋଡ୍, ଇଲେକ୍ଟ୍ରି ସହ ମିଳୁଛି। 7653997595. D-73208



Ground floor 5rooms 2Kitchens, 2Bathrooms for Godown-Cum-Office-Cum residence area 1500sqft. for rent- 30,000 at Gautam Nagar, Bhubaneswar. Contact: 9437033691. D-70266



Ashirvaad Saloon and SPA get good massage for your health tha best therapy. 7077181074. D-71874

Newly opening SPA positively health benefits with expert therapist. 8917332216. D-71959

All types body massage with hiprofile smart lady room service available. 9142145769. D-71337

Refreshing your mind and body with the best therapy, 7873794731. D-23292

Ayurvedic full body massage by experienced male/ female therapist. 7381172169. D-71480

Newly open full body massage ladies and gents. 8327740003. D-71875

**Relax, Refresh your body, Mind at Saikrupa Spa with best therapies. 8984068077.** D-23343

Newly open SPA positively health benifit with expert. Contact: 7749976301. D-71960

All types body massage with hiprofile smart lady room service available. 8917243035. D-71341



**LOST**

ହଜିଛି:– ଆମ୍ଭେ ରାମଚନ୍ଦ୍ର ସାହୁ ଓ ବ୍ରହ୍ମାନନ୍ଦ ସାହୁ, ପି– ଅଖିଳ ସାହୁ, ଆମର ସଂଯୁକ୍ତ ଦଲିଲ ନଂ.– ୧୦୫୦୨୦୦୧୬୪୨, ତା୨୬।୦୬।୨୦୨୦ ଥିବା ଦଲିଲଟି ହଜିଯାଇଛି। କୌଣସି ବ୍ୟକ୍ତି ଏହାର ସନ୍ଧାନ ପାଇଲେ ମୋବାଇଲ– 7077308750ରେ ଜଣାଇବାକୁ ଅନୁରୋଧ କରୁଛୁ। ଧ–୭୦୩୮୭

**AFFIDAVIT**

Affidavit before Executive Magistrate, Dhenkanal, I have changed my name from Ranjulata Rout to Sasmita Sahoo, W/o. Basant Kumar Sahoo, At/PO-Kandabindha, PS- Sadar, Dist.- Dhenkanal for LIC policy-584444454 & 589999303 and all purposes. D-70386

By virtue of an affidavit before Notary Public, Salipur. I, Tanshree Ram aged about 34 years, W/o- Harekrushna Ram, At/P.o.- Babujang, P.S.- Kishannagar, Dist.- Cuttack, Pin-754134 do hereby solemnly afirm and state that prior to my marriage my name was Tanushree Das, D/o- Gourang Das and accordingly my HSC Certificate has been issued in my favour. After marriage my surname has changed to 'Ram' as per my husband's surname Tanushree Ram and Tanushree Das is one and same person. Henceforth I became known as Tanushree Ram for all purpose. D-23423

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ସଭ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, କଟକ ମହୋଦୟଙ୍କ ଭୁବନେଶ୍ୱର ସ୍ଥିତ କ୍ୟାମ୍ପ କୋର୍ଟ, ଓଏସ୍ଏସ୍ କେଶ୍ ନଂ.– ୪୩୧/୨୦୨୦ (ଓଡ଼ିଶା ଭୂବନ୍ଦୋବସ୍ତ ଆଇନ ୧୯୫୮ର ଧାରା ୧୫ (ବି) ଅନୁଯାୟୀ)

ଚିତ୍ତରଞ୍ଜନ ବେହେରା
.....ବାଦୀ
ବନାମ
ମାନସ କୁମାର ବେହେରା ଓ ଓଗେର
.....ପ୍ରତିବାଦୀମାନେ

ନୋଟିସ୍ ଅର୍ଡର ନଂ.–୫ ରୁଲ–୨୦, ସି.ପି.ସି ମୁତାବକ

ପ୍ରାପ୍ତେଷୁ,

ପ୍ରତିବାଦୀ ନଂ.–(୨) ବିଜୟ କୁମାର ବେହେରା, ପିତା– ୰ଛବିନ୍ଦ୍ର ବେହେରା, କଳାରାହାଙ୍ଗ, ଭୁବନେଶ୍ୱର, ଖୋର୍ଦ୍ଧା, (୧୮) ନିହାର ରଞ୍ଜନ ମିଶ୍ର, ପିତା– ଜୟରାମ ମିଶ୍ର, ପୁରୁଷୋତ୍ତମପୁର, ଯାଜପୁର ଟାଉନ୍, ଯାଜପୁର, (୧୯) ନେତ୍ରାନନ୍ଦ ଦାସ, ପି– ଶଶିଭୂଷଣ ଦାସ, ଶ୍ୟାମସୁନ୍ଦରପୁର, ଖଲ୍ଲିକୋଟ, ଗଞ୍ଜାମ, (୨୦) ନବକିଶୋର ମାଝି, ପି– ଲକ୍ଷ୍ମଣ ମାଝି, ଦେଓରାଇ ଜିହି, ତିରିଙ୍ଗ, ମୟୂରଭଞ୍ଜ, (୨୧) ଯଯାତି କିଶୋର ମାଝି, ପି– ଲକ୍ଷ୍ମଣ ମାଝି, ଦେଓରାଇ ଜିହି, ତିରିଙ୍ଗ, ମୟୂରଭଞ୍ଜ, (୨୨) ରାଜକିଶୋର ମାଝି, ପି– ଲକ୍ଷ୍ମଣ ମାଝି, ଦେଓରାଇ ଜିହି, ତିରିଙ୍ଗ, ମୟୂରଭଞ୍ଜ, (୨୩) କମଳା ମାଝି, ସ୍ୱା– ଲକ୍ଷ୍ମଣ ମାଝି, ଦେଓରାଇ ଜିହି, ତିରିଙ୍ଗ, ମୟୂରଭଞ୍ଜ, (୨୫) କୁଞ୍ଜ ବିହାରୀ ପାଣ୍ଡବ, ପି– ରବୀନ୍ଦ୍ର ନାଥ ପାଣ୍ଡବ, ବଡିପଡ଼ା, ଆଳି, କେନ୍ଦ୍ରାପଡ଼ା, (୨୬) କାଳନ୍ଦି ଚରଣ ବସନ୍ତିଆ, ପି– ବଂଶୀଧର ବସନ୍ତିଆ, ଫତେପୁର, ଧାମନଗର, ଭଦ୍ରକ, (୨୮) ଡଃ. ଏଲ. ଅରୁଣା, ପି– ଡି. ବାଇ ଭି. ଏସ୍ ପ୍ରଭାକର, ଏଚ୍ଆଇଜି–୬୧୭, ବିଡିଏ ହାଉସିଂ ବୋର୍ଡ କମ୍ପ୍ଲେକ୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଖୋର୍ଦ୍ଧା, (୨୯) ଗାନ୍ଧୀ ଶେଖର ରେଡି. ପି– ବି. ଗୋପାଲ ରେଡି, ଇଚ୍ଛାପୁରମ୍, ସିକାକୁଲମ, ଆନ୍ଧ୍ରପ୍ରଦେଶ, (୩୦) ଗୀତା ଜେନା, ସ୍ୱା– ଦେବ ପ୍ରସାଦ ଜେନା, କୋରକରା, ଯାଜପୁର, ଭଦ୍ରକ, (୩୪) ଗୋପାଳ ଚରଣ ଦାସ, ପି– ଅନ୍ତର୍ଯ୍ୟାମୀ ଦାସ, ଡଙ୍ଗାକୁଲା, ସମ୍ବଲପୁର, (୩୫) ପାର୍ବତୀ କୁମାରୀ ନାୟକ, ପି– ପ୍ରାଣବନ୍ଧୁ ନାୟକ, ଗନ୍ଧର୍ବ ପୋଖରୀ, ସଂଦଡ଼ୋଳା, ତିହିଡ଼ି, ଭଦ୍ରକ, (୩୬) ୰ହରେକୃଷ୍ଣ ଦଳେଇ, ପି– ମାଣି ଚରଣ ଦଳେଇ, ଆନନ୍ଦପୁର, କେଉଁଝରଙ୍କର ଯଦି କେହି ଉତ୍ତରାଧିକାରୀ ଥାଆନ୍ତି ତେବେ ନିମ୍ନୋକ୍ତ ଦିବସରେ ସଦସ୍ୟ, ରାଜସ୍ୱ ପର୍ଷଦ, ଭୁବନେଶ୍ୱର କାର୍ଯ୍ୟାଳୟରେ ଉପସ୍ଥିତ ରହିବା ହେବେ, (୩୮) ହେମନ୍ତ କୁମାର ଦାସ, ପି– ଅଚ୍ୟୁତାନନ୍ଦ ଦାସ, ରେନାପଡ଼ା, ଚାନ୍ଦୋଳ, କେନ୍ଦ୍ରାପଡ଼ା, (୪୫) ମଞ୍ଜୁଲତା ଦଳେଇ, ସ୍ୱା– ଅନାର ନାଥ ମହାଲିକା, ଆନନ୍ଦପୁର, କେନ୍ଦୁଝର, (୪୬) ରବି ନାରାୟଣ ମଲିକ, ପି– ଗଣେଶ୍ୱର ମଲିକ, ତରଡ଼ା, ଢେଙ୍କାନାଳ, (୪୭) ମନ୍ଦିରା ସେନାପତି, ସ୍ୱା– ପୂର୍ଣ୍ଣଚନ୍ଦ୍ର ସେନାପତି, ପ୍ଲଟ୍ ନଂ.–୧୦୭, ଆଚାର୍ଯ୍ୟ ବିହାର ଭୁବନେଶ୍ୱର, ଖୋର୍ଦ୍ଧା, (୪୯) ଏସ୍. ଲକ୍ଷ୍ମୀ, ସ୍ୱା– ଭି. ଅଶୋକ ଭଟ୍ଟ, ପ୍ଲଟ୍ ନଂ.– ଏଲ୍‌୩/୧୪୧, ଆଚାର୍ଯ୍ୟ ବିହାର, ଭୁବନେଶ୍ୱର ଖୋର୍ଦ୍ଧା, (୫୧) ସବିତା ମହାପାତ୍ର, ସ୍ୱା– ପ୍ରସନ୍ନ କୁମାର ମହାପାତ୍ର, ରାୟନରସିଂହପୁର, କାମାକ୍ଷାନଗର, ଢେଙ୍କାନାଳ, (୫୫) ଶରତ ଚନ୍ଦ୍ର ଦାଲେ, ପି– ରାମକୃଷ୍ଣ ଦାଲେ, କଣ୍ଟାବାଞ୍ଜି, ବଲାଙ୍ଗୀର, (୫୬) ସୁପ୍ରଭା ଦାସ, ସ୍ୱା– କମଳା ରଞ୍ଜନ ଦାସ, ଦଳିବାଲି, ବାଲିକୁଦ, ଜଗତ୍‌ସିଂହପୁର, (୬୦) ଶ୍ୱେତା ପାଣିଗ୍ରାହୀ, ସ୍ୱା– ଶୁଭ୍ରାଂଶୁ ଶେଖର ନନ୍ଦ, ଅମଳାପଡ଼ା, ଅନଗୁଳ, (୬୩) ଦେବ ପ୍ରସାଦ ଜେନା, ପି– ସନ୍ୟାସୀ ଚରଣ ଜେନା, କେରକରା, ଯାଜପୁର, ଭଦ୍ରକ, (୬୫) ରୁକ୍ମଣି ପ୍ରଧାନ, ସ୍ୱା– ପ୍ରଶାନ୍ତ କୁମାର ପ୍ରଧାନ, ଶ୍ରୀ ବିହାର କଲୋନୀ, ବିଡ଼ାନାସୀ, କଟକ, (୬୭) କୁମାରୀ ଶୀର୍ଷା, ମାତା– ଜି. କୁମାରୀ ରାଓ, ପ୍ଲଟ୍ ନଂ.–୬୯୨, ଗୋପୀନାଥ ପ୍ରସାଦ କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଖୋର୍ଦ୍ଧା, (୬୮) କୁମାରୀ ହର୍ଷ, ମାତା– ଜି. କୁମାରୀ ହର୍ଷ, ପ୍ଲଟ୍ ନଂ.– ୬୯୨, ଗୋପୀନାଥ ପ୍ରସାଦ କଲୋନୀ, ରସୁଲଗଡ଼, ଭୁବନେଶ୍ୱର, ଖୋର୍ଦ୍ଧା, (୬୯) ମାଧବ ନାୟକ, ପି– ଧନୁ ନାୟକ, ସାମନ୍ତରାପୁର, ପୋଲିସ୍ କଲୋନୀ, କେଉଁଝର, (୭୧) ଲଲାଟେନ୍ଦୁ ସାମଲ, ପି– ଗଣେଶ୍ୱର ସାମଲ, ହରିପୁର, ବଡ଼ଚଣା, ଯାଜପୁର।

ଏତଦ୍ଦ୍ୱାରା ଉପରୋକ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରଲିଖିତ ଓଏସ୍ଏସ୍ କେଶ୍‌ର ଶୁଣାଣି ମାନ୍ୟବର ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୦୨।୦୬।୨୦୨୨ରିଖ ଦିବା ଘ୧୧.୩୦ ମି. ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜି– ଖୋର୍ଦ୍ଧା, ତହସିଲ– ଭୁବନେଶ୍ୱର, ଥାନା– ଚନ୍ଦକା, ମୌଜା– ପଥରଗାଡ଼ିଆ, ସାବକ ଖାତା ନଂ.– ୨୬୨, ସାବକ ପ୍ଲଟ୍ ନଂ.– ୬୪୪, ହାଲ୍ ଖାତା ନଂ.– ୧୩୩୫, ହାଲ୍ ପ୍ଲଟ୍ ନଂ.– ୩୦୯୦ କ୍ରୟ ବୃତ୍ତି ଏ୦.୦୫୩ଡି, ସ୍ଥିତିବାନ୍, କିସମ– ବଗାୟତ–୨

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀମାନେ ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମକଦ୍ଦମା ଫଏସଲା କରାଯିବ।

ସଦସ୍ୟ, ରାଜସ୍ୱ ପର୍ଷଦ, ଓଡ଼ିଶା, ଭୁବନେଶ୍ୱରଙ୍କ ଆଦେଶ ଅନୁଯାୟୀ
Under Secretary, Board of Revenue, Odisha, Cuttack. D-71878

ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍‌ଭୂତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡା ପୁତ୍ତଳିକା ହେବା ଉଚିତ ନୁହେଁ। –ଶ୍ରୀମା



# ଜାତୀୟ ସୁରକ୍ଷା ଆଳ ନ ହେଉ



ଅଭୟ ଦ୍ୱିବେଦୀ

ଚଳିତବର୍ଷ ଫେବୃୟାରୀ ୮ରେ କେରଳ ହାଇକୋର୍ଟ, କେନ୍ଦ୍ର ସରକାରଙ୍କ ମାଲାୟାଲମ ମିଡିଆ ୱାନ୍ ଟିଭି ଚ୍ୟାନେଲ ନିଷେଧାଜ୍ଞା ଉପରେ ନ୍ୟାୟିକ ସ୍ୱୀକୃତି ପ୍ରଦାନ କରିଥିଲେ। ଅତୀତରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଅନେକ ଟିଭି ଚାନେଲ ଯଥା ଏନ୍‌ଡିଟିଭି, ଏସିଆନେଟ୍ ନ୍ୟୁଜ୍ ଏବଂ ମିଡିଆ ୱାନ୍ ଟିଭି ଚ୍ୟାନେଲର ପ୍ରସାରଣ ଉପରେ ଅସ୍ଥାୟୀ ପ୍ରତିବନ୍ଧ ଲଗାଯାଇଥିଲା। କିନ୍ତୁ ବିରଳ ଦୃଷ୍ଟାନ୍ତ ସ୍ୱରୂପ ମିଡିଆ ୱାନ୍ ଟିଭି ଚ୍ୟାନେଲର ଲାଇସେନ୍ସ ରଦ୍ଦ କରାଯାଇଛି ଏବଂ ବିରଳତମ ଦୃଷ୍ଟାନ୍ତ ଭାବେ କେନ୍ଦ୍ର ସରକାର ଓ ଅଦାଲତଙ୍କ ବ୍ୟତୀତ ଏହାର ଯଥାର୍ଥ କାରଣ କାହାରିକୁ ଜଣାନାହିଁ। ସମ୍ପୂର୍ଣ୍ଣ ମାମଲାଟି ଏହିଭଳି– ମିଡିଆ ୱାନ୍ ଟିଭି ଚ୍ୟାନେଲ ୨୦୧୧ ମସିହା ସେପ୍ଟେମ୍ବର ମାସରେ ଅନୁମତି ପାଇବା ପରେ ୨୦୧୩ ଫେବୃୟାରୀରୁ ପ୍ରସାରଣ ଆରମ୍ଭ କରିଥିଲା। ୨୦୨୧ ମସିହା ସେପ୍ଟେମ୍ବରରେ ଲାଇସେନ୍ସ ଅବଧି ସମାପ୍ତ ହେଉଥିବାରୁ ସେହି ବର୍ଷ ମଇ ମାସରେ ଟିଭି ଚ୍ୟାନେଲ ତରଫରୁ ଲାଇସେନ୍ସ ନବୀକରଣ ନିମନ୍ତେ ଆବେଦନ କରାଯାଇଥିଲା। ୨୦୨୨ ଜାନୁୟାରୀ ୫ ତାରିଖରେ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ତରଫରୁ ଟିଭି ଚ୍ୟାନେଲକୁ ଏକ କାରଣ ଦର୍ଶାଅ ନୋଟିସ ପଠାଗଲା, ଯେଉଁଥିରେ ଉଲ୍ଲେଖ ଥିଲା, 'ଜାତୀୟ ସୁରକ୍ଷା ଓ ସାମାଜିକ ଶୃଙ୍ଖଳା ଦୃଷ୍ଟିରୁ ସରକାର ଟିଭି ଚ୍ୟାନେଲର ଲାଇସେନ୍ସ/ଅନୁମତି ରଦ୍ଦ କରିବାକୁ ଚାହୁଁଛନ୍ତି ।' ଜାନୁୟାରୀ ୧୮ ତାରିଖ ପତ୍ରରେ ମିଡିଆ ୱାନ୍ ଟିଭି ଚ୍ୟାନେଲ ଏ ସମ୍ପର୍କରେ ବିସ୍ତୃତ ତଥ୍ୟ ଜାଣିବାକୁ ଚାହିଁଥିଲେ ମଧ୍ୟ ଜାନୁୟାରୀ ୩୧ ତାରିଖରେ କେନ୍ଦ୍ର ସରକାର ଟିଭି ଚ୍ୟାନେଲର ଲାଇସେନ୍ସ ରଦ୍ଦ କରିବା ସହିତ ପ୍ରସାରଣ ଅନୁମତି ପ୍ରତ୍ୟାହାର କରିନେଲେ। ସରକାରଙ୍କ ଏହି ଆଦେଶନାମା ବିରୋଧରେ ଟିଭି ଚ୍ୟାନେଲ, କର୍ମଚାରୀ ସଂଘ ଏବଂ କେରଳ ୟୁନିୟନ ଅଫ୍ ୱାର୍କିଂ ଜର୍ନାଲିଷ୍ଟ ସ୍ୱତନ୍ତ୍ର ଭାବେ କେରଳ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କଲେ। ପ୍ରାଥମିକ ପର୍ଯ୍ୟାୟରେ ରହିତାଦେଶ ଦେଇଥିଲେ ମଧ୍ୟ ଅନ୍ତିମ ଶୁଣାଣିରେ ହାଇକୋର୍ଟର ଖଣ୍ଡପୀଠ ଜାତୀୟ ସୁରକ୍ଷା ପ୍ରସଙ୍ଗରେ ସରକାରଙ୍କ ତରଫରୁ ଜଉମୁଦ ଲଫାପାରେ ପାଇଥିବା ତଥ୍ୟ ଆଧାରରେ ରଦ୍ଦ ନିର୍ଦ୍ଦେଶନାମାକୁ ବଳବତ୍ତର ରଖିଥିଲେ। ଗୃହ ମନ୍ତ୍ରଣାଳୟର ସୁରକ୍ଷା ଯାଞ୍ଚ ରିପୋର୍ଟ ଆଧାରରେ ସୂଚନା ଓ ପ୍ରସାରଣ ବିଭାଗ ଟିଭି ଚ୍ୟାନେଲର ଲାଇସେନ୍ସ ନବୀକରଣ କରିଥାଆନ୍ତି। ମିଡିଆ ୱାନ୍ ଟିଭି ଚାନେଲ କ୍ଷେତ୍ରରେ ଗୃହ ବିଭାଗ ତରଫରୁ ପ୍ରତିକୂଳ ମନ୍ତବ୍ୟ ପ୍ରଦାନ କରାଯାଇଥିବାରୁ ହାଇକୋର୍ଟ ୧୮ ପୃଷ୍ଠା ସମ୍ବଳିତ ରାୟରେ ସରକାରଙ୍କ ନିର୍ଦ୍ଦେଶନାମାକୁ ସମର୍ଥନ କରିଛନ୍ତି। ମିଡିଆ ୱାନ୍ ଟିଭି ଚ୍ୟାନେଲର ଅସଲ ମାଲିକ ହେଉଛି ଜମାତ୍–ଏ–ଇସ୍‌ଲାମୀ, କେରଳ ଶାଖା। ୨୦୧୯ ଫେବୃୟାରୀ ୧୪ ତାରିଖରେ ପୁଲ୍‌ୱାମା ଆକ୍ରମଣରେ ଏହି ସଂସ୍ଥାର ସମ୍ପୃକ୍ତି ଥିବାରୁ କେନ୍ଦ୍ର ସରକାର ସେହି ମାସ ୨୮ ତାରିଖରେ ଏହାକୁ ପାଞ୍ଚ ବର୍ଷ ପାଇଁ 'ବେଆଇନ' ଘୋଷଣା କରିବା ସହିତ ବ୍ୟାଙ୍କ ଆକାଉଣ୍ଟ ଜବତ କରିଥିଲେ ଏବଂ ସଂସ୍ଥାର ଅନେକ ବ୍ୟକ୍ତିଙ୍କୁ ଆରେଷ୍ଟ କରାଯାଇଥିଲା।

ଜାତୀୟ ସୁରକ୍ଷା ଏକ ସମ୍ବେଦନଶୀଳ ପ୍ରସଙ୍ଗ ଏବଂ ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ କେନ୍ଦ୍ର ସରକାରଙ୍କ ଉପରେ ନ୍ୟସ୍ତ। ଏହି କ୍ରମରେ ବିଶ୍ୱର ସର୍ବଶକ୍ତିଶାଳୀ ଗଣତନ୍ତ୍ର ଆମେରିକାର ଏକ ପ୍ରସଙ୍ଗ ଅନୁଶୀଳନ କରିବା। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ଭାବେ ଶପଥ ନେବାର ମାତ୍ର ଗୋଟିଏ ସପ୍ତାହ ପରେ, ୨୦୧୭ ଜାନୁୟାରୀ ୨୭ ତାରିଖରେ ସାତଟି ଦେଶର ନାଗରିକଙ୍କ ଆମେରିକା ପ୍ରବେଶ ଉପରେ ୯୦ ଦିନ ପାଇଁ ଏବଂ ସିରିଆ ଶରଣାର୍ଥୀଙ୍କ ଉପରେ ୧୨୦ ଦିନ ନିମନ୍ତେ ନିଷେଧାଦେଶ ଜାରି କରିଥିଲେ। ସେପ୍ଟେମ୍ବର ୨୪ ତାରିଖରେ ଜାରି କରାଯାଇଥିବା ତୃତୀୟ ତଥା ଅନ୍ତିମ ଘୋଷଣାନାମାରେ ସାତଟି ରାଷ୍ଟ୍ର ହେଲା– ଇରାନ୍, ଲିବ୍ୟା, ଉତ୍ତର କୋରିଆ, ସିରିଆ, ଭେନେଜୁଏଲା, ୟେମେନ ଓ ସୋମାଲିଆ।ଜାତୀୟ ସୁରକ୍ଷା ଦୃଷ୍ଟିରୁ ଏହା ଅନିବାର୍ଯ୍ୟ ବୋଲି ସରକାରଙ୍କ ତରଫରୁ ସ୍ପଷ୍ଟୀକରଣରେ ଉଲ୍ଲେଖ କରାଗଲା ଏବଂ କୁହାଗଲା– 'ଆମେରିକା ପରିପ୍ରେକ୍ଷୀରେ ବିଶ୍ୱର ୨୦୦ଟି ରାଷ୍ଟ୍ରର ତଥ୍ୟ ତିନୋଟି ମାନଦଣ୍ଡ ଆଧାରରେ ଯାଞ୍ଚ କରାଯାଇଥିଲା– କୂଟନୈତିକ ସମ୍ପର୍କ, ତଥ୍ୟ ସହଭାଗିତା ଏବଂ ଆତଙ୍କବାଦୀ କାର୍ଯ୍ୟଧାରା। ଏଥିମଧ୍ୟରୁ ୪୭ଟି ରାଷ୍ଟ୍ରର ମୂଲ୍ୟାଙ୍କନ ନିମ୍ନମାନର ଥିବାବେଳେ ତାଲିକାଭୁକ୍ତ ରାଷ୍ଟ୍ର ବିପଦ ସଙ୍କେତ ଟପି ଯାଇଥିବାରୁ ନିଷେଧାଦେଶ ଜାରି କରାଗଲା ।'

ଜାନୁୟାରୀ ମାସରେ ପ୍ରଥମ ନିର୍ଦ୍ଦେଶନାମା ପ୍ରକାଶ ପାଇବା ପରେ ସାରା ଦେଶରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ 'ମୁସଲମାନ ବିରୋଧୀ' ଆଖ୍ୟା ଦିଆଯାଇ ଆନ୍ଦୋଳନ ଆରମ୍ଭ ହୋଇଗଲା। ଜାନୁୟାରୀ ୨୮ରୁ ୩୧ ତାରିଖ ମଧ୍ୟରେ ରାଷ୍ଟ୍ରପତିଙ୍କ ନିର୍ଦ୍ଦେଶ ବିରୋଧରେ ବିଭିନ୍ନ ରାଜ୍ୟର ଅଦାଲତରେ ସମୁଦାୟ ୫୦ଟି ମାମଲା ଦାଏର କରାଗଲା। ଅଦାଲତ ଏ ସଂକ୍ରାନ୍ତରେ ଅସ୍ଥାୟୀ ଉପଶମ ପ୍ରଦାନ କଲେ। ମୁଖ୍ୟତଃ ୱାଶିଂଟନ୍ ରାଜ୍ୟ ଅଦାଲତଙ୍କ ଫେବୃୟାରୀ ୩ ତାରିଖ 'ଅସ୍ଥାୟୀ ଆଦେଶ' ବଳରେ ସରକାରଙ୍କ ନିର୍ଦ୍ଦେଶନାମା ସାମୟିକ ଗୁରୁତ୍ୱ ହରାଇଲା। ତେଣୁ ରାଷ୍ଟ୍ରପତି ଟ୍ରମ୍ପ ପ୍ରଥମ ଆଦେଶକୁ ବାତିଲ କରି ମାର୍ଚ୍ଚ ୧୬ ତାରିଖରେ ଦ୍ୱିତୀୟ ନିର୍ଦ୍ଦେଶନାମା ଜାରି କଲେ। ସେଥିରେ ମଧ୍ୟ କିଛି ରାଜ୍ୟ ଅଦାଲତ ଅଙ୍କୁଶ ଲଗାଇଲେ। ତେଣୁ ଆଇନଗତ ସମସ୍ୟାରେ ସୁଧାର ଆଣି ସେପ୍ଟେମ୍ବର ୨୪ ତାରିଖରେ 'ରାଷ୍ଟ୍ରପତି ଘୋଷଣାନାମା' ଜାରି ହେଲା। ତୃତୀୟ ଘୋଷଣାନାମା ଜାରି ହେବା ପୂର୍ବରୁ ଜୁନ୍ ମାସରେ ମାମଲା ସୁପ୍ରିମ କୋର୍ଟକୁ ଆସିଯାଇଥିଲା। ଅକ୍ଟୋବର ୧୭ ତାରିଖରେ ହାୱାଇ ରାଜ୍ୟ ଅଦାଲତ ଏହା ଉପରେ ଅଙ୍କୁଶ ଲଗାଇବା ପରେ ଚୂଡ଼ାନ୍ତ ଶୁଣାଣି ପର୍ଯ୍ୟନ୍ତ ରାଷ୍ଟ୍ରପତିଙ୍କ ଘୋଷଣାନାମା କାର୍ଯ୍ୟକ୍ଷମ ରହିବ ବୋଲି ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୪ ଜଣ ବିଚାରପତି ଏହି ରାୟକୁ ବିରୋଧ କରି ତାଙ୍କ ମତାମତ ରଖିଥିଲେ।

ଏବେ ଆମେ ମିଡିଆ ୱାନ୍ ଟିଭି ଚ୍ୟାନେଲ ପ୍ରସଙ୍ଗକୁ ଆସିବା। ଜାତୀୟ ସୁରକ୍ଷାର ଗମ୍ଭୀରତା ଦୃଷ୍ଟିରୁ ଜମାତ୍–ଏ–ଇସଲାମୀ ଅନୁଷ୍ଠାନକୁ ବେଆଇନ ଘୋଷଣା କରିବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ଯେଉଁ ମର୍ମରେ ମିଡିଆ ୱାନ୍ ଟିଭି ଚ୍ୟାନେଲର ଲାଇସେନ୍ସ ରଦ୍ଦ କରାଗଲା ତାହା ସ୍ପଷ୍ଟ ନୁହେଁ। ୨୦୨୦ ମସିହା ଦିଲ୍ଲୀ ଦଙ୍ଗା ସମୟରେ ଅନୁଚିତ ଓ ଅନୁପଯୁକ୍ତ ଖବର ପରିବେଷଣ ନିମନ୍ତେ ମିଡିଆ ୱାନ୍ ସହିତ ଅନ୍ୟ ଦୁଇଟି ଟିଭି ଚ୍ୟାନେଲର ପ୍ରସାରଣ ୪୮ ଘଣ୍ଟା ପାଇଁ ବାତିଲ କରାଯାଇଥିଲା। ସେ ସମୟରେ ସରକାରଙ୍କ ପକ୍ଷେ ତାହା ହିଁ ଥିଲା ଉପଯୁକ୍ତ ପଦକ୍ଷେପ। କୌଣସି ଟିଭି ଚ୍ୟାନେଲ ଏବଂ ଖବରକାଗଜକୁ ଦେଶ ବିରୋଧୀ କାର୍ଯ୍ୟରୁ ନିବୃତ୍ତ କରିବା ନିମନ୍ତେ ସରକାରଙ୍କ ପାଖରେ ପର୍ଯ୍ୟାପ୍ତ କ୍ଷମତା ରହିଛି। କିନ୍ତୁ ଲାଇସେନ୍ସ ରଦ୍ଦ କରିବା ସେହି କ୍ଷମତାର ଅଂଶବିଶେଷ ନୁହେଁ। ଆମ ସମ୍ବିଧାନ ଏବଂ ସେହି ମର୍ମରେ ଆମ ଗଣତନ୍ତ୍ର ଯେଉଁ କେତୋଟି ମୌଳିକ ଆଦର୍ଶ ଏବଂ ସିଦ୍ଧାନ୍ତ ଉପରେ ପ୍ରତିଷ୍ଠିତ, ତହିଁ ମଧ୍ୟରୁ ମତ ବ୍ୟକ୍ତ କରିବାର ସ୍ୱାଧୀନତା ଅବା ଗଣମାଧ୍ୟମର ସ୍ୱାଧୀନତା ଅନ୍ୟତମ। କୌଣସି ସରକାର କୌଣସି ଆଳରେ ଏହା ଛିନ୍ନ କରିପାରିବେ ନାହିଁ। ସରକାର ଓ ଅଦାଲତଙ୍କ ମଧ୍ୟରେ ଗୁପ୍ତ ବାର୍ତ୍ତାଳାପ, ଗଣତାନ୍ତ୍ରିକ ବ୍ୟବସ୍ଥାର ସୁସ୍ଥ ପରମ୍ପରା ନୁହେଁ। ଜାତୀୟ ସୁରକ୍ଷା ପ୍ରସଙ୍ଗରେ କେହି ସରକାରଙ୍କୁ ପ୍ରଶ୍ନ କରିବା ସମୀଚୀନ ନୁହେଁ। କିନ୍ତୁ ଜାତୀୟ ସୁରକ୍ଷା ଆଳରେ ସରକାର ଆମ ମତ ବ୍ୟକ୍ତ କରିବାର ମୌଳିକ ଅଧିକାର ଛଡ଼ାଇ ନେଇପାରିବେ ନାହିଁ। ମମଲା ସୁପ୍ରିମକୋର୍ଟକୁ ଆସିବାରୁ ୧୫ ମାର୍ଚ୍ଚରେ ଆଗାମୀ ଶୁଣାଣି ପର୍ଯ୍ୟନ୍ତ ଉଚ୍ଚତମ ନ୍ୟାୟାଳୟ ଟିଭି ଚ୍ୟାନେଲର ପ୍ରସାରଣ ନିମନ୍ତେ ଅନୁମତି ଦେଇଛନ୍ତି।

**ମୋ:୯୪୩୭୧୯୧୩୫୦**

## ଭୂତଳ ଜଳ ସଂକ୍ରମିତ



ଶେଖ୍ ଫରିଦ୍‌ଉଦ୍ଦିନ

ଖରାଦିନ ଆସିଲାଣି। ଜଳ ସଙ୍କଟ ଅନେକ ଜାଗାରେ ଦେଖାଯାଏ। ଭୂତଳ ଜଳ ହେଉଛି ଆମ ସମସ୍ତଙ୍କ ପାଇଁ ମୁଖ୍ୟ ପାନୀୟର ବଡ଼ ଅବଲମ୍ବନ। ତେବେ ଏସବୁ ସମୟରେ ଏକ ବିଶ୍ୱସ୍ତରୀୟ ରିପୋର୍ଟ ବଡ଼ ସଙ୍କଟଜନକ ଖବର ଦେଇଛି। ଗାଙ୍ଗେୟ ଉପତ୍ୟକାରେ ଭୂତଳ ଜଳ ମାରାତ୍ମକ ସ୍ଥିତିରେ ପହଞ୍ଚିଛି। ଇଣ୍ଟରନ୍ୟାଶନାଲ ୱାଟର ପ୍ରୋଜେକ୍ଟ ନାମକ ଏକ ଆନ୍ତର୍ଜାତିକ ବୈଜ୍ଞାନିକ ଗୋଷ୍ଠୀ କରିଥିବା ଅନୁଧ୍ୟାନ ଅନୁସାରେ ଏହି ଅଞ୍ଚଳର ୬୦ ପ୍ରତିଶତ ଭୂତଳ ଜଳ ପିଇବା ପାଇଁ ଅଥବା ଜଳସେଚନ ଲାଗି ଉପଯୋଗୀ ନୁହେଁ। କାରଣ ହେଲା ଏଥିରେ ଲବଣାଂଶ ସ୍ତର ଅତ୍ୟଧିକ ଓ ଏହି ପାଣିରେ ଆର୍ସେନିକ ମାତ୍ରା ମଧ୍ୟ ଖୁବ୍ ବେଶି। ଯେହେତୁ ଉତ୍ତର ଭାରତର ଗାଙ୍ଗେୟ ଉପତ୍ୟକାରେ ୭୫ କୋଟି ଲୋକ ରହନ୍ତି ଓ ସେମାନେ ବିଷାକ୍ତ ଜଳ ବ୍ୟବହାର କରୁଛନ୍ତି ବୋଲି ଏହି ରିପୋର୍ଟରୁ ବୁଝାପଡୁଛି, ଏଥିରୁ ସହଜରେ କୁହାଯାଇପାରେ ଯେ ସମସ୍ୟାଟି ଅତି ଉଦ୍‌ବେଗଜନକ। ଏହି ରିପୋର୍ଟ ଚଳିତ ମାସ ଅର୍ଥାତ୍ ୨୦୨୨ ମସିହାର ସର୍ବଶେଷ ତଥ୍ୟ।

ଦେଶର ଭୂତଳ ଜଳ ସମ୍ପର୍କରେ ବିଭିନ୍ନ ସମୟରେ ଚିନ୍ତାଜନକ ରିପୋର୍ଟ ସବୁ ପ୍ରକାଶ ପାଇ ଆସିଛି। ଏ ବର୍ଷ ଆରମ୍ଭରେ କେନ୍ଦ୍ର ଭୂତଳ ଜଳ ବୋର୍ଡ଼ ସମଗ୍ର ଦେଶ ସମ୍ପର୍କରେ ନିକଟରେ ଫେବୃୟାରୀ ୧୭, ୨୦୨୨ରେ ପ୍ରକାଶ କରିଥିବା ରିପୋର୍ଟରେ କୁହାଯାଇଥିଲା ଯେ ଭାରତର ଅଧା ଅଞ୍ଚଳର ଭୂତଳ ଜଳ ସଂକ୍ରମିତ। ଦେଶରେ ୨୭୬ଟି ଜିଲାରେ ଏହି ଜଳସ୍ତରରେ ଫ୍ଲୋରାଇଡ ମାତ୍ରା ଅଧିକ ଥିବାବେଳେ ୩୮୭ଟି ଜିଲାରେ ନାଇଟ୍ରେଟ୍ ସ୍ତର ନିରାପଦ ମାତ୍ରାଠାରୁ ଅଧିକ। ୪୬ଟି ଜିଲାର ଭୂତଳ ଜଳ ଅତ୍ୟଧିକ ଆର୍ସେନିକରେ ଆକ୍ରାନ୍ତ। ଗାଙ୍ଗେୟ ଉପତ୍ୟକାରେ ଭୂତଳ ଜଳସ୍ତର ହ୍ରାସ ପାଉଥିବା ଆଗରୁ ଉଦ୍‌ବେଗର ବିଷୟ ଥିଲା। ଯେହେତୁ ସେ ଅଞ୍ଚଳର ଲୋକସଂଖ୍ୟା ଅଧିକ ଓ କୃଷି ପାଇଁ ଜଳସେଚନ ତଥା ଅନ୍ୟାନ୍ୟ ଆବଶ୍ୟକତା ସକାଶେ ଭୂତଳ ଜଳ ଉପରେ ଚାପ ବଢ଼ି ଚାଲିଛି ସେହି କାରଣରୁ ଏହି ଜଳସ୍ତର ହ୍ରାସ ପାଉଛି। କିନ୍ତୁ ଜଳସ୍ତର ଖସି ଚାଲିଲେ ଭବିଷ୍ୟତରେ ସାଧାରଣ ଲୋକ ଓ ଗୃହପାଳିତ ପଶୁ ଜଳାଭାବର ସମ୍ମୁଖୀନ ହେବେ। ଏହା ଚିନ୍ତାର ବିଷୟ ଥିଲା। ଏବେ ଜଣାପଡ଼ିଛି ଯେ ଗାଙ୍ଗେୟ ଉପତ୍ୟକାରେ ୭୦ ପ୍ରତିଶତ ଇଲାକାରେ ଜଳସ୍ତରରେ ଉନ୍ନତି ଘଟିଛି। ଏଣୁ ଜଳସ୍ତର ହ୍ରାସ ସମସ୍ୟା ନେଇ କିଛିଟା ଆଶ୍ୱସ୍ତି ମିଳିଛି। କିନ୍ତୁ ଭୂତଳ ଜଳରେ ଲବଣାଂଶ ବୃଦ୍ଧି ଓ ଏହା ସଂକ୍ରମିତ ହେବା ଉଦ୍‌ବେଗର ବିଷୟ। ଗାଙ୍ଗେୟ ଉପତ୍ୟକା ସମ୍ପର୍କରେ ହୋଇଥିବା ଅନୁଧ୍ୟାନରେ ଅନେକ ପ୍ରତିଷ୍ଠିତ ଭାରତୀୟ ଅନୁଷ୍ଠାନର ବୈଜ୍ଞାନିକମାନେ ମଧ୍ୟ ସାମିଲ ଥିଲେ। ଭୂତଳ ଜଳରେ ଲବଣାଂଶ ଓ ଆର୍ସେନିକ ଥାଏ କିନ୍ତୁ ତାହାର ମାତ୍ରା ବଢ଼ିଗଲେ ଜଳ ବ୍ୟବହାର ଯୋଗ୍ୟ ହୁଏନାହିଁ। ଏହି ସମସ୍ୟା ପ୍ରାୟତଃ ମଣିଷକୃତ। ଜଳ ନିଷ୍କାସନ ଠିକ୍ ଭାବେ ନ ହେଲେ, ଜଳସେଚିତ ଇଲାକାରେ ଜଳବଣ୍ଟନ ବ୍ୟବସ୍ଥା, ଦୁର୍ବଳ ରହିଲେ ସାର ବ୍ୟବହାର ବଢ଼ିଲେ ଏପରିକି ଖଣି ଖନନ ବୃଦ୍ଧି ପାଇଲେ ଏହି ସମସ୍ୟା ଉପୁଜେ। ଭୂତଳ ଜଳ ସଂକ୍ରମିତ ହେଲେ ମଣିଷର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହୁଏ। ସଂକ୍ରମିତ ଜଳ ବ୍ୟବହାର କରି ଲୋକେ ଅସୁସ୍ଥ ହୁଅନ୍ତି। ଫ୍ଲୋରାଇଡ୍ ବଢ଼ିଲେ ଫ୍ଲୋରସିସ୍ ହୁଏ। ଆର୍ସେନିକ ମାତ୍ରା ଅଧିକ ହେଲେ ଚର୍ମ ସମସ୍ୟା ଦେଖାଦିଏ, ଲୋକେ ଶୀଘ୍ର ବୁଢ଼ା ହୋଇଯାଆନ୍ତି, କର୍କଟରୋଗ ସୃଷ୍ଟି ହୁଏ ଓ ତାହା ମଧ୍ୟ ମୃତ୍ୟୁର କାରଣ ହୁଏ। ଭାରତର ୮୫ ପ୍ରତିଶତ ଗ୍ରାମାଞ୍ଚଳ ଲୋକେ ଭୂତଳ ଜଳ ବ୍ୟବହାର କରନ୍ତି। ପିଇବା ପାଇଁ, ଘରୋଇ ବ୍ୟବହାର ଲାଗି ତଥା କୃଷି ସକାଶେ ସେମାନେ ଏହି ଜଳ ଉପରେ ନିର୍ଭର କରନ୍ତି। ଅବଶ୍ୟ ଭୂତଳ ଜଳର ଏହି ସମସ୍ୟାକୁ ବଦଳାଇବାକୁ ହେବ। ଏଥିପାଇଁ ପଦକ୍ଷେପ ନେବାକୁ ପଡ଼ିବ, ଯଦ୍ଦ୍ୱାରା ଜଳରେ ବିଶୁଦ୍ଧତା ବଢ଼ିବ। ଜଳକୁ ପରିଷ୍କାର କରିବା ପାଇଁ କୌଶଳ, ଭୂତଳ ଜଳସ୍ତରର ଶୁଦ୍ଧୀକରଣ ପାଇଁ ପ୍ରତିକାର ଦ୍ୱାରା ସମସ୍ୟାର ମୁକାବିଲା କରାଯାଇପାରିବ। ଏଥିପାଇଁ ବୈଷୟିକ ପରାମର୍ଶ ଅନୁସାରେ କାମ କରିବାକୁ ହେବ। ଏବେ ସଂକ୍ରମିତ ଜଳକୁ ଶୁଦ୍ଧ କରାଯାଇ ବ୍ୟବହାର କରାଯାଇପାରିବ। ଏଥିପାଇଁ ରୀତିମତ ଭୂତଳ ଜଳର ପରୀକ୍ଷା ଓ ତଦାରଖ ବ୍ୟବସ୍ଥା ଲୋଡ଼ା। କେନ୍ଦ୍ର ଓ ରାଜ୍ୟଗୁଡ଼ିକ ସମସ୍ୟାକୁ ହାଲୁକା ଭାବେ ନ ନେଇ ଏହି ସମସ୍ୟାରୁ ପ୍ରତିକାର ପାଇଁ ପଦକ୍ଷେପ ନେବା ଉଚିତ। ଯେଉଁ ଶିଳ୍ପଗୁଡ଼ିକ ପ୍ରଦୂଷଣ କରୁଛନ୍ତି ସେଗୁଡ଼ିକ ଯେପରି ପ୍ରଦୂଷିତ ଜଳ ମାଟିକୁ ନ ଛାଡ଼ନ୍ତି ସେଥିଲାଗି ଆଇନ ରହିଛି। ତାହା କଡ଼ାକଡ଼ି କାର୍ଯ୍ୟକାରୀ ହେବା ଦରକାର। ବଡ଼ କଥା ହେଲା ଜନସାଧାରଣଙ୍କୁ ଉପରୋକ୍ତ ସମସ୍ୟା ସମ୍ପର୍କରେ ସଚେତନ କରାଯିବା ଦରକାର। ଭୂତଳ ଜଳର ସମସ୍ୟା କେବଳ ଭାରତରେ ନୁହେଁ ଦକ୍ଷିଣ ଏସିଆରେ ସଂକଟଜନକ ରୂପ ନେଉଛି। ଏ ଦୃଷ୍ଟିରୁ ସମସ୍ୟାର ସମାଧାନ ପାଇଁ ସମସ୍ତଙ୍କ ମଧ୍ୟରେ ସହଯୋଗ ଲୋଡ଼ା।

**ମଧୁପୁର, ମାହାଙ୍ଗା, କଟକ**
**ମୋ: ୯୪୩୭୦୦୪୮୮୮**

## ଏଇ ଭାରତରେ

ଦିବ୍ୟାଙ୍ଗ ପିଲାଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରି ବର୍ତ୍ତମାନ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ପୁଡୁଚେରୀର ଡ. ଭୁବନା ବାସୁଦେବନ୍। ମାତାପିତା ଏପରିକି ଶିକ୍ଷକମାନେ ଅଣଦେଖା କରୁଥିବା ମାନସିକ ଅନଗ୍ରସର ପିଲାମାନଙ୍କୁ ଖୋଜି ସେମାନଙ୍କୁ ଶିକ୍ଷା ଦେଉଛନ୍ତି ଡ. ଭୁବନା । ତାଙ୍କ ଉଦ୍ୟମରେ ଏବେ ହଜାର ହଜାର ପିଲା ସାମାଜିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ସେମାନଙ୍କ ସାମର୍ଥ୍ୟ ପ୍ରତିପାଦିତ କରିପାରିଛନ୍ତି। ସେ କେନ୍ଦ୍ରୀୟ ବିଦ୍ୟାଳୟରେ ସ୍ୱତନ୍ତ୍ର ପ୍ରଶିକ୍ଷକ ଏବଂ ଥେରାପିଷ୍ଟ ଭାବେ କାର୍ଯ୍ୟ କରୁଥିବା ସମୟରେ ଘରେ ବିଭିନ୍ନ ଶାରୀରିକ ଓ ମାନସିକ ସମସ୍ୟାରେ ଜଡ଼ିତ ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ଏଥିରେ ସେମାନଙ୍କର ମାନସିକ ଓ ବୌଦ୍ଧିକ ବିକାଶ ହେବା ଲକ୍ଷ୍ୟ କରି ଅଭିଭାବକମାନେ ଏକ ସ୍କୁଲ ଖୋଲିବା ପାଇଁ ତାଙ୍କୁ କହିଥିଲେ। ୧୯୯୮ରେ ସେ ଥାନ୍‌ଥାଇ ପେରିୟାର ନଗରରେ 'ବ୍ରିଜେସ ଲର୍ଣ୍ଣିଂ ବିଦ୍ୟାଳୟ' ଖୋଲି ଡାଇଲେକ୍ସିଆ, ଏଡିଏଚ୍‌ଡି (ଆଟେନ୍‌ଶନ ଡେଫିସିଟି ହାଇପରଆକ୍ଟିଭ ଡିଜ୍‌ଅର୍ଡର), ଅଟିଜମ୍ ଏବଂ ଅନ୍ୟ ଶାରୀରିକ ତଥା ମାନସିକ ସମସ୍ୟାରେ ଥିବା ପିଲାମାନଙ୍କୁ ପଢ଼ାଇବା ଆରମ୍ଭ କରିଥିଲେ। ବିଭିନ୍ନ ଅଞ୍ଚଳରୁ ଏଭଳି ବହୁ ପିଲା ସ୍କୁଲରେ ଯୋଗଦେବାରେ ଲାଗିଲେ। ପୋଲିସ ମଧ୍ୟ ବହୁ ପିଲାଙ୍କ ସମ୍ପର୍କରେ ସୂଚନା ଦେଇ ତାଙ୍କୁ ସାହାଯ୍ୟ କରୁଛି। ଏବେ ପ୍ରଥମରୁ ଦ୍ୱାଦଶଯାଏ ପିଲା ପଢୁଛନ୍ତି। ଏଯାବତ୍ ୬୦୦୦ରୁ ଊର୍ଦ୍ଧ୍ୱ ପିଲା ଏଥିରେ ଉପକୃତ ହୋଇସାରିଲେଣି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ମାର୍ଚ୍ଚ ୧୯୯୭**

- ପାକିସ୍ତାନର ପଞ୍ଜାବ ପ୍ରଦେଶରେ ଗୋଷ୍ଠୀ ସଂଘର୍ଷ ଘଟି ମୌଳବାଦୀ ମୁସଲିମ ଉଗ୍ରପନ୍ଥୀ ଗୋଷ୍ଠୀର ନେତା ଇଜାଜ ଇମାମ ରିଜ୍‌ଭି ନିହତ।
- ଜାଇରେର ଉଗ୍ରପନ୍ଥୀମାନେ କିଶାନ୍‌ଗାନି ସହର ଉପରେ ଆକ୍ରମଣ କରି ଦୁଇଟି ବିମାନ ଘାଟି ନିଜ ଅକ୍ତିଆରକୁ ନେଇଛନ୍ତି।
- ଏଆଇଡିଏମ୍‌କେ ସାଧାରଣ ସମ୍ପାଦିକା ଜୟ ଲଳିଥା ତାଙ୍କ ଅନୁଗତଙ୍କ ଦ୍ୱାରା ପରିଚାଳିତ 'ଜୟଲଳିଥା ପେରାଭାଇ'କୁ ରାଜ୍ୟରେ ନିଷିଦ୍ଧ ଘୋଷଣା କରିଛନ୍ତି।

## su|do|ku
Puzzles by Srikant Ghosh

## ସୁ–ଡୋ–କୁ

| | | | | | | | | |
|---|---|---|---|---|---|---|---|---|
| 6 | | | | 1 | | | | 9 |
| 5 | | 9 | | | | 8 | | |
| | | | 2 | | | | 5 | |
| 9 | 7 | | 1 | | | | | |
| | | 8 | | | | | 3 | |
| 4 | | 1 | | | | | 8 | |
| | | | | | | | | |
| | 5 | | | 8 | | | | 2 |
| | 2 | | | 4 | | 6 | 1 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 4 | 2 | 5 | 7 | 3 | 6 | 8 |
| 8 | 7 | 6 | 9 | 1 | 3 | 4 | 2 | 5 |
| 3 | 2 | 5 | 4 | 6 | 8 | 1 | 7 | 9 |
| 1 | 3 | 9 | 7 | 2 | 4 | 8 | 5 | 6 |
| 4 | 6 | 8 | 5 | 3 | 9 | 7 | 1 | 2 |
| 2 | 5 | 7 | 6 | 8 | 1 | 9 | 3 | 4 |
| 6 | 9 | 3 | 8 | 7 | 5 | 2 | 4 | 1 |
| 7 | 8 | 2 | 1 | 4 | 6 | 5 | 9 | 3 |
| 5 | 4 | 1 | 3 | 9 | 2 | 6 | 8 | 7 |

ଗତକାଲିର ଉତ୍ତର

# 'ଅନାମ କାବ୍ୟ ଆନ୍ଦୋଳନ'ର ପ୍ରାସଙ୍ଗିକତା



ମନୁ ଦାଶ

'ଅନାମ କାବ୍ୟ ଆନ୍ଦୋଳନ' ସଂକଳନ ପ୍ରକାଶନ ପରିପ୍ରେକ୍ଷୀରେ ଅନେକ ପାଠକ ଓ ସାହିତ୍ୟିକ ମତେ ପ୍ରଶ୍ନ କରିଛନ୍ତି ଯେ, ବିଗତ ଶତାବ୍ଦୀରେ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନର ସାମ୍ପ୍ରତିକ ସମୟରେ ପ୍ରାସଙ୍ଗିକତା କ'ଣ ଅଛି ? ଏଭଳି ଏକ ପ୍ରଶ୍ନ ସାହିତ୍ୟିକ ଓ ପାଠକଙ୍କ ମନରେ ଉଠିବା ସ୍ୱାଭାବିକ।

ଅନାମ କାବ୍ୟ ଆନ୍ଦୋଳନର ଶ୍ରୀଗଣେଶ ହୋଇଥିଲା ୧୯୬୯ ମସିହାରେ ବସନ୍ତ ପଞ୍ଚମୀ ଦିନ (ବୁଧବାର, ୨୨ ଜାନୁୟାରୀ ୧୯୬୯)। ପୁରୀ ସହରର ସ୍ୱର୍ଗଦ୍ୱାରରେ କୁମାର ମହାନ୍ତି ଓ ଅନ୍ୟ ଚାରି ଜଣ ବନ୍ଧୁ ଅନାମ ଗୋଷ୍ଠୀ ଗଠନର ଶୁଭାରମ୍ଭ କରିଥିଲେ। ନିଜ ଭିତରେ ଥିବା ଅହଂକାରର ଶବକୁ ସେମାନେ ସ୍ୱର୍ଗଦ୍ୱାରରେ ଦାହ କରିବାର ସଙ୍କଳ୍ପ ନେବା ସହ 'ମୈତ୍ରୀ' ପରମ୍ପରାକୁ ଓଡ଼ିଆ ମାଟିରେ ପୁନରୁତ୍ଥାନ କରିବାର ସଙ୍କଳ୍ପ ନେଇଥିଲେ। ଏତଦ୍‌ବ୍ୟତୀତ ଓଡ଼ିଆ କବିତାକୁ ଉଦ୍ଭଟତା, ଅବୋଧତା ଓ ପାଶ୍ଚାତ୍ୟ ସାହିତ୍ୟର ହନୁକରଣରୁ ମୁକ୍ତ କରିବାକୁ ସେମାନେ ପ୍ରତିଜ୍ଞା କରିଥିଲେ। ଯା' ଭିତରେ ୫୩ ବର୍ଷ ବିତିଗଲାଣି। ଏହି ଆନ୍ଦୋଳନର ଜନ୍ମ ଦୁଇ ମାସ ପରେ ସେମାନେ 'ଅନାମ' ନାମରେ ଏକ କ୍ଷୁଦ୍ର ଷୋହଳ ପୃଷ୍ଠାର ସାମୟିକ ପତ୍ରିକା ମଧ୍ୟ ପ୍ରକାଶନ କଲେ। ଏହି ପତ୍ରିକାରେ ଯେଉଁମାନଙ୍କ କବିତା ପ୍ରକାଶିତ ହେଲା, ସେମାନେ ହେଲେ ସର୍ବଶ୍ରୀ କୁମାର ମହାନ୍ତି, ନାରାୟଣ ପ୍ରସାଦ ସିଂ, ଚିତ୍ତରଞ୍ଜନ ମିଶ୍ର, ଉଦୟ ଦାସ, ନୀଳମାଧବ ମିଶ୍ର ଓ ଅପୂର୍ବ ମହାନ୍ତି । କୁମାର ମହାନ୍ତି ଆନ୍ଦୋଳନ ଓ ପତ୍ରିକା ପ୍ରକାଶନର ନେତୃତ୍ୱ ନେଲାବେଳେ ତାଙ୍କର ବୟସ ଥିଲା ୨୮ ବର୍ଷ। ତାଙ୍କ ସହଯୋଗୀ ବନ୍ଧୁମାନଙ୍କ ମଧ୍ୟରେ ଏବେ ଜୀବିତ ଅଛନ୍ତି ନାରାୟଣ ପ୍ରସାଦ ସିଂ ଓ ଚିତ୍ତରଞ୍ଜନ ମିଶ୍ର। ୧୯୯୫ ଡିସେମ୍ବର ୧୯ରେ କୁମାର ମହାନ୍ତିଙ୍କ ୫୪ ବର୍ଷ ବୟସରେ ଅକାଳ ବିୟୋଗ ଘଟିଥିଲା ଏବଂ ତା' ସହିତ ଅନାମ ଆନ୍ଦୋଳନର ଆୟୁଷ ମଧ୍ୟ ଶେଷ ହୋଇଯାଇଥିଲା କହିଲେ ଅତ୍ୟୁକ୍ତି ହେବ ନାହିଁ।

୧୯୬୯ରୁ ୧୯୯୫ ମଧ୍ୟରେ (୨୬ ବର୍ଷ) 'ଅନାମ' ସାମୟିକର ୧୯ଟି ସଂଖ୍ୟା ଓ ଏହାପରେ 'ଅନାମଙ୍କ ପତ୍ର' ସାତଟି ସଂଖ୍ୟା ବାହାରିଥିଲା। ପ୍ରତିଟି ସଂଖ୍ୟା ବାହାରିବା ପୂର୍ବରୁ ଅନାମ ଗୋଷ୍ଠୀର କବିମାନେ ଆତ୍ମମନ୍ଥନରେ ନିମଗ୍ନ ରହିବା ସହିତ କୌଣସି ଏକ ନିଷ୍କର୍ଷରେ ପହଞ୍ଚିବାକୁ ଚେଷ୍ଟା କରୁଥିଲେ। ପ୍ରଥମ ସଂଖ୍ୟାରେ ଏହାକୁ 'କ୍ରାନ୍ତିକାରୀ ଲେଖନୀର ସାମୟିକ ଲଘୁପତ୍ର' କହିବାର ଦୁଇ ମାସ ପରେ ଦ୍ୱିତୀୟ ସଂଖ୍ୟାକୁ 'ମୁକ୍ତିକାମୀ ସାହିତ୍ୟିକ ଚେତନାର ସାମୟିକ ସଂକଳନ' ନାମରେ ଅଭିହିତ କରିଥିଲେ। କବିତାରେ ନାମ ନ ଦେଇ କେବଳ ବିନ୍ଦୁଟିଏ ଦେବା ଫଳରେ ଅନାମମାନଙ୍କୁ ନିଜ ଭିତରେ ଓ ନିଜ ବାହାରେ ଥିବା ସାହିତ୍ୟିକମାନଙ୍କ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା।

'ଅନାମ'ର ସବୁଠାରୁ ଅନୁକୂଳ ପରିସ୍ଥିତି ଥିଲା, ଏହି କବିମାନେ ସର୍ବଦା କୌଣସି ବିଷୟରେ ମାନସ ମନ୍ଥନରେ ବ୍ୟସ୍ତ ରହୁଥିଲେ ଓ ଏହି ମନ୍ଥନରୁ ସେମାନେ ଅମୃତ ଏବଂ ବିଷ ଉଭୟ ସୃଷ୍ଟି କରୁଥିଲେ। ତେଣୁ 'ଅନାମ'ଙ୍କ କବିତାର ଯେତିକି ପ୍ରଶଂସକ ଥିଲେ, ତା'ଠାରୁ ଅନେକ ଗୁଣରେ ଅଧିକ ସମାଲୋଚକ ଓ ନିନ୍ଦୁକ ମଧ୍ୟ ଥିଲେ ; ମାତ୍ର 'ଅନାମ'କୁ ଉପେକ୍ଷା କରିବା ସମ୍ଭବ ନ ଥିଲା। 'ମୁଁ' ହିଁ ସବୁ ସମସ୍ୟାର କାରଣ। ନିଜର 'ମୁଁ' ପଣକୁ ତ୍ୟାଗ କରିବା ସବୁ ସାହିତ୍ୟିକଙ୍କ ଦ୍ୱାରା ଆଦୌ ସମ୍ଭବ ନ ଥିଲା। ଅନାମ କବିମାନେ କେତୋଟି 'ଅନାମ' ସାମୟିକ ପତ୍ରିକାରେ ନିଜର ନାମ ନ ଲେଖି କବିତା ଆଦି ପ୍ରକାଶ କଲେ। ଅବଶ୍ୟ କେତୋଟି ସଂଖ୍ୟାକୁ ଛାଡ଼ିଦେଲେ ଅନାମରେ ମଧ୍ୟ କବିମାନଙ୍କ ନାମ ସେମାନଙ୍କ କବିତାରେ ଉଲ୍ଲେଖ ରହିଲା।

୧୯୭୫ ମସିହା ପାଖାପାଖି ଜରୁରିକାଳୀନ ପରିସ୍ଥିତି ସମୟରେ କୁମାର ମହାନ୍ତିଙ୍କ ଗୋଟିଏ କବିତା ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ସେଇ କବିତାର ପ୍ରଥମ ପଙ୍‌କ୍ତି ହେଉଛି – 'କହନା କଥା/କହନା କଥା/କହିଲେ ଫିଟିବ ଅଦୁଆ ସୂତା/ଫିଟିଲେ ଗୁମର ସବୁ ତ ପିତା/ଭାଙ୍ଗିବ ତାଲା/ବାନ୍ଧି ନେଇଯିବ ପୁଲିସବାଲାରେ ପୁଲିସବାଲା।' ଏଠାରେ କହିବା ଜରୁରୀ ଯେ, ଓଡ଼ିଶା ପୋଲିସ୍ ବିଭାଗରେ ଉଚ୍ଚପଦସ୍ଥ ଅଧିକାରୀ ଭାବେ କାମ କରୁଥିବା କୁମାର ମହାନ୍ତି ଚାକିରିରୁ ନିଲମ୍ବିତ ହୋଇ ମଧ୍ୟ ସରକାରୀ କଳ ଓ ଶାସନ ବିରୋଧରେ ଏପ୍ରକାର ଅଗ୍ନିବର୍ଷଣ କବିତା ଲେଖିଥିଲେ ଓ ଏ ପ୍ରକାର ସାହସିକତା ଆଜି ବିରଳ । ଯା' ଭିତରେ ଜରୁରିକାଳୀନ ପରିସ୍ଥିତି ଘୋଷଣା ହେବାର ପ୍ରାୟ ୪୭ ବର୍ଷ ବିତିଗଲାଣି। ହେଲେ ଶାସନରେ ହେଉଥିବା ଅବ୍ୟବସ୍ଥା ପ୍ରତି ସେ ଯେଉଁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ, ତାହା ଏବେ କେବଳ ଦୃଷ୍ଟାନ୍ତ ହୋଇ ରହିଛି। ଏହି ପଚାଶ ବର୍ଷରେ ଭ୍ରଷ୍ଟାଚାର ଓ ଦୁର୍ନୀତି ଆମ ଜୀବନରେ କର୍କଟ ଜୀବାଣୁ ଭଳି ସଞ୍ଚରି ଯାଇଛି। ଆଶ୍ଚର୍ଯ୍ୟର କଥା, ସାହିତ୍ୟିକମାନେ ଏହି ବିସଙ୍ଗତି ପ୍ରତି ଦୃଷ୍ଟି ଦେବା ଭଳି ମନେହୁଏନାହିଁ। କୁମାର ମହାନ୍ତିଙ୍କ ଭିତରେ ଥିବା ସାହସ ଆଜିର ଓଡ଼ିଆ କବିମାନଙ୍କ ଭିତରେ ବିରଳ। ନିଜକୁ ଓ ଏ ସମାଜକୁ ସୁଧାରିବାକୁ ହେଲେ ନିଜକୁ ବିପନ୍ନ ଓ ବିପଦର ସାମ୍ନା କରିବାକୁ ପଡ଼ିବ ହିଁ ପଡ଼ିବ ଏବଂ କବିକୁ ମାନସିକ ସ୍ତରରେ ପ୍ରସ୍ତୁତ ରହିବାକୁ ହେବ ବୋଲି ସେ କହୁଥିଲେ।

'ଅନାମ' ଗୋଷ୍ଠୀର କବିମାନେ କୁମାର ମହାନ୍ତିଙ୍କ ନେତୃତ୍ୱରେ ପାଚେରିକୁ ଭାଙ୍ଗିବାପାଇଁ ଆହ୍ୱାନ ଦେବା ସହ ମୁକ୍ତ ଛନ୍ଦର ସାହାରାରେ ଯେଉଁ କବିତାମାନ ରଚନା କଲେ, ତାହା ପାଠକମାନଙ୍କ ଦ୍ୱାରା ଆଦୃତ ହେଲା, କିଛି ସମାଲୋଚକଙ୍କୁ ମଧ୍ୟ ପ୍ରଭାବିତ କରିଥିଲା। ଆଜି ଯେଉଁସବୁ କବିତା ବୋଧଗମ୍ୟ ଓ ସରଳ ଭାଷାରେ ଲେଖାଯାଉଛି, ତା' ପଛରେ 'ଅନାମ କାବ୍ୟ ଆନ୍ଦୋଳନ'ର ପ୍ରଚ୍ଛନ୍ନ ଭୂମିକା ରହିଛି। ଏକଥା ବିଜ୍ଞ ସମାଲୋଚକମାନେ ସ୍ୱୀକାର କରିବେ ଯେ, ପଚାଶ ବର୍ଷ ତଳେ ଓଡ଼ିଆ କବିତାରେ ଉଦ୍ଭଟତାର ଯେଉଁ ବନ୍ୟା ଆସିଥିଲା, ତା'ର ଗତିରୋଧ କରିବାରେ 'ଅନାମ'ମାନଙ୍କ ଆନ୍ଦୋଳନ ଏକ ବୃହତ୍ ଆନିକଟ ଭାବେ ଠିଆ ହୋଇଥିଲା। ପଞ୍ଚସଖାଙ୍କଠାରୁ ଆରମ୍ଭ କରି ଭୀମଭୋଇଙ୍କ ସାହିତ୍ୟ ପ୍ରତି ଥିବା ଅନୁରକ୍ତି, ପରବର୍ତ୍ତୀ କାଳରେ ଜନମାନସରେ ରହିଲା ନାହିଁ କାହିଁକି ? ବିଜ୍ଞାନର କ୍ରମବିକାଶ ପରେ ଆଜି କବିତା ତ ଅନେକ ପାଠକଙ୍କ ନିକଟରେ ଅନାୟାସରେ ପହଞ୍ଚି ପାରୁଛି, ହେଲେ ସେମାନଙ୍କ ହୃଦୟରେ ବସାବାନ୍ଧି ରହିପାରୁନି।

ସାମ୍ପ୍ରତିକ ପୁରସ୍କାର ସମ୍ପର୍କରେ ଆଲୋଚନା କଲାବେଳେ 'ଅନାମ ଆନ୍ଦୋଳନ' କଥା ମନେ ପଡ଼େ। ପଚାଶ ବର୍ଷ ତଳେ ସେମାନେ କୌଣସି ପୁରସ୍କାର ନେବେ ନାହିଁ ଓ ଅନ୍ୟମାନେ ଏହା ବର୍ଜନ କରିବାକୁ ଆହ୍ୱାନ ଦେଇଥିଲେ। ଆଜି ଯେତେବେଳେ କୌଣସି ସାହିତ୍ୟିକଙ୍କୁ ପୁରସ୍କାର ଦେବାବେଳେ ତାଙ୍କ ସାତପୁରୁଷ ଉଦ୍ଧାର କରାଯାଉଛି ଓ ପୁରସ୍କାରର ସାଧୁତା ସମ୍ପର୍କରେ ଅଙ୍ଗୁଳି ନିର୍ଦ୍ଦେଶ କରାଯାଉଛି, ସେତେବେଳେ 'ଅନାମ'ର ଏହି ଉଦ୍‌ଘୋଷଣା ମନେପଡ଼ିବ ହିଁ ପଡ଼ିବ। ସମୟ ବଦଳିଛି ; ମାତ୍ର ପରିସ୍ଥିତି ଆହୁରି ଜଘନ୍ୟ ହୋଇଛି । ଯେତେଦିନ ପର୍ଯ୍ୟନ୍ତ ଓଡ଼ିଆ ସାହିତ୍ୟ, ସଂସ୍କୃତି, ସମାଜ ଓ ଶାସନ ବ୍ୟବସ୍ଥାରେ ଦୁର୍ନୀତିର ଜୀବାଣୁ ରହିଥିବ, ସେପର୍ଯ୍ୟନ୍ତ 'ଅନାମ କାବ୍ୟ ଆନ୍ଦୋଳନ'ର ପ୍ରାସଙ୍ଗିକତା ହିଁ ରହିବ, ଏଥିରେ କୌଣସି ସନ୍ଦେହ ନାହିଁ।

manudash@gmail.com

## ପାଠକ ଶ୍ରେଷ୍ଠ ବିଚାରକ

### ଭାରତ ପଛରେ ନ ରହୁ

ମହାଶୟ,

ସମ୍ପ୍ରତି ୟୁକ୍ରେନ୍‌ରେ ରୁଷିଆ ଆକ୍ରମଣ ଉଗ୍ରରୂପ ଧାରଣ କରିଥିବା ବେଳେ ପଡ଼ୋଶୀ ଦେଶଗୁଡ଼ିକରେ ଲକ୍ଷ ଲକ୍ଷ ୟୁକ୍ରେନବାସୀ ଶରଣାର୍ଥୀ ଭାବେ ପାଦ ଦେଉଛନ୍ତି। ପଶ୍ଚିମ ଦେଶଗୁଡ଼ିକ ରାଷ୍ଟ୍ରପତି ଜେଲେନ୍‌ସ୍କିକୁ ଗଛ ଚଢ଼ାଇଦେଇ ଓହ୍ଲେଇଲା ବେଳକୁ କେହି ନାହିଁ। ନାଟୋ ଓ ୟୁରୋପୀୟ ସଂଘର ଦେଶ ସମୂହ ରୁଷିଆ ବିରୋଧରେ ଆର୍ଥିକ କଟକଣା ଓ ୟୁକ୍ରେନ ସୀମାବର୍ତ୍ତୀ ଦେଶଗୁଡ଼ିକରେ ସୈନ୍ୟ ଆଉ ଗୁଳିଗୋଳା ଜମା କରିଥିବା ବେଳେ ସିଧା ସିଧା ଲଢ଼େଇ ପାଇଁ ୟୁକ୍ରେନ୍ ମଧ୍ୟକୁ ପ୍ରବେଶ କରିବା ଲାଗି କେହି ରାଜି ନୁହନ୍ତି। ଏଭଳି ପରିସ୍ଥିତିରେ ଭାରତ ନିରପେକ୍ଷ ନୀତି ଆପଣେଇଛି। ଭାରତ ପାଇଁ ୟୁକ୍ରେନ୍ ଡାକ୍ତର ତିଆରି କାରଖାନା ହୋଇଥିବା ବେଳେ ରୁଷିଆ ଯୁଗ ଯୁଗର ବନ୍ଧୁରାଷ୍ଟ୍ର। ସମ୍ପର୍କ ସମୁଦ୍ରଠାରୁ ଅଧିକ ଗଭୀର। ରୁଷିଆ ନିକଟରେ ଭାରତକୁ ପ୍ରଦାନ କରିଥିବା ଏସ୍ –୪୦୦ ଆଣ୍ଟିମିସାଇଲ ସିଷ୍ଟମ ଭାରତ ପାଇଁ ରକ୍ଷା କବଚ। ଆର୍ମେନିଆ ଓ ଆଜରବୈଜାନ୍ ମଧ୍ୟରେ ଘଟିଥିବା ଲଢ଼େଇ ଓ ଆଫଗାନିସ୍ତାନ ସଙ୍କଟ ସମୟରେ ଫଡ଼ଫଡ଼ ହୋଇଥିବା ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ଭଲେଇ ଦେଖାଇବା ପାଇଁ ଅଚାନକ ରୁଷିଆ ଗସ୍ତ କରି ଅନେକ ନିନ୍ଦା ମୁଣ୍ଡେଇଛନ୍ତି। ସମ୍ପ୍ରତି ଚାଇନା ତାଇୱାନ ଦଖଲ ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ଭାରତ ପଛେଇ ନ ଯାଇ ପାକ୍ ଅଧିକୃତ କଶ୍ମୀର ଦଖଲ ପାଇଁ ଉଦ୍ୟମ ଆରମ୍ଭ କରିବା ଦରକାର।

**–ମନୋରଞ୍ଜନ ପାତ୍ର, ସୁନହାଟ, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ପ୍ରୀଡ଼ିତ ମରମେ ମମ
ଅତିହିଁ ନିଠୁରତମ
ଏ ସଂସାର ମାରିଯାଏ ବିକଳ ଆଘାତ,
ଚିରିଯାଏ କ୍ଷତଗାର
ବହଇ ରକତ ଧାର
ଛୁଇଁଯାଉ ତହିଁ ତବ ସୁଶୀତଳ ହାତ।
–(ଆଶ୍ଳେଷ ସ୍ୱର୍ଗ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

# କୋଭିଡ୍ କଟକଣାରେ ଚାଲିବ ବଜେଟ ଅଧିବେଶନ

## ବିଧାନସଭା ପାଇଁ ସର୍ବଦଳୀୟ ବୈଠକ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ରାଜ୍ୟରେ କରୋନା ପ୍ରକୋପ ହ୍ରାସ ପାଇଛି। ତେବେ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ବିଧାନସଭାର ବଜେଟ ଅଧିବେଶନ ସମ୍ପୂର୍ଣ୍ଣ କୋଭିଡ୍ କଟକଣାରେ ଚାଲିବ। ବିଧାନସଭା ସଦସ୍ୟ, ବିଧାନସଭା କର୍ମଚାରୀ, ସୁରକ୍ଷା କର୍ମୀ, ଗଣମାଧ୍ୟମ ପ୍ରତିନିଧିମାନଙ୍କର କୋଭିଡ୍ ଟେଷ୍ଟ କରାଯିବ। ଅର୍ଥାତ୍ ପୂର୍ବରୁ ଯେଉଁ ବ୍ୟବସ୍ଥା ରହିଥିଲା, ଯେଉଁ ନିୟମ ଲାଗୁ ହେଉଥିଲା, ଏବେ ବି ସେହି ବ୍ୟବସ୍ଥା ରହିବ। ଅଧିବେଶନ ପୂର୍ବରୁ ସମସ୍ତଙ୍କର କୋଭିଡ୍ ଟେଷ୍ଟ ହେବ। ମଙ୍ଗଳବାର ବିଧାନସଭା ପରିସରରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଥିବା ସରକାରୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏ ନେଇ ସୂଚନା ଦେଇଛନ୍ତି।

କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ବୈଠକରେ ଭିଡିଓ କନ୍‌ଫରେନ୍ସରେ ଯୋଗ ଦେଇଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି, ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଶାସକ ଦଳର ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ। ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ବଜେଟ ଅଧିବେଶନକୁ ସୁରୁଖୁରୁରେ ଚଳାଇବା ପାଇଁ ବାଚସ୍ପତି ସବୁ ଦଳର ସହଯୋଗ ଲୋଡ଼ିଛନ୍ତି।

ଆସନ୍ତା ଅଧିବେଶନ ୬ ଦିନ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ ପ୍ରଥମ ଦିନ ରାଜ୍ୟପାଳ ଅଭିଭାଷଣ ରଖିବେ। ମାର୍ଚ୍ଚ ୩୦ ତାରିଖରେ ୨୦୨୨-୨୩ ଆର୍ଥିକ ବର୍ଷ ପାଇଁ ଲେଖା ଅନୁଦାନ ଆଗତ ହେବ। ଆଗକୁ ପୌର ନିର୍ବାଚନ ଥିବାରୁ ଏଥର ୪ ମାସିଆ ବଜେଟ ଆସିବ। ଏହାପରେ ଜୁନ୍, ଜୁଲାଇରେ ପୂର୍ଣ୍ଣାଙ୍ଗ ବଜେଟ ଆସିବ। ବଜେଟରେ ସ୍ୱାସ୍ଥ୍ୟ, ଶିକ୍ଷା, ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯିବ। ୩୦ ତାରିଖରେ ୨୦୨୨-୨୩ ଆର୍ଥିକବର୍ଷ ଲାଗି ବଜେଟ ଆଗତ ହେବ। ଏହି ଅଧିବେଶନ ସ୍ୱଳ୍ପକାଳୀନ ହେବ। ଅଧିବେଶନର ପ୍ରଥମ ଦିବସରେ ରାଜ୍ୟପାଳ ଅଭିଭାଷଣ ଦେବେ ଓ ଧନ୍ୟବାଦ ପ୍ରସ୍ତାବ ଆଗତ ହେବ। ୨୬ରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଆଲୋଚନା ହେବ। ୨୭ ତାରିଖରେ ରବିବାର ପଡୁଥିବାରୁ ଗୃହକାର୍ଯ୍ୟ ବନ୍ଦ ରହିବ। ୨୮ରେ ରାଜ୍ୟପାଳଙ୍କ ଧନ୍ୟବାଦ ପ୍ରସ୍ତାବ ଉପରେ ଆଲୋଚନା ହେବ। ୨୯ରେ ସରକାରୀ କାର୍ଯ୍ୟ ଦିବସ ରଖାଯାଇଥିବା ବେଳେ ୩୦ରେ ଅର୍ଥମନ୍ତ୍ରୀ ବଜେଟ ଆଗତ କରିବେ। ସେହିଦିନ ଭୋଟ ଅନ୍ ଆକାଉଣ୍ଟ ବା ଲେଖାନୁଦାନ ପ୍ରସ୍ତାବ ଆଗତ ହେବ ଏବଂ ଏହା ଉପରେ ଆଲୋଚନା ଆରମ୍ଭ ହେବ। ୩୧ ତାରିଖରେ ବ୍ୟୟମଞ୍ଜୁରୀ ବିଲ୍ ପାରିତ ହେବ। ସେହିଦିନ ବଜେଟ ଅଧିବେଶନ ଶେଷ ହେବ।



ବିଧାନସଭା ପରିସରରେ ମଙ୍ଗଳବାର ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ।

# ଏବିଡିଓଙ୍କୁ ବଦଳି କର, ତାଙ୍କ ସ୍ତ୍ରୀ ଚେୟାରମ୍ୟାନ ପ୍ରାର୍ଥୀ: ଭାଜପା

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

## ନିର୍ବାଚନ କମିଶନଙ୍କୁ ଭେଟି ଦାବିପତ୍ର ପ୍ରଦାନ

ସରକାରୀ କଳ ଏବଂ ନିର୍ବାଚନ ପରିଚାଳନା ଦାୟିତ୍ୱରେ ଥିବା ଅଧିକାରୀଙ୍କ ସହାୟତାରେ ଶାସକ ବିଜେଡି ନିର୍ବାଚନ ଲଢୁଛି। ଏହାର ଏକ ଜ୍ୱଳନ୍ତ ଉଦାହରଣ ବରଗଡ଼ ଜିଲା ପଦ୍ମପୁର ଏନ୍‌ଏସି ନିର୍ବାଚନରେ ଦେଖିବାକୁ ମିଳିଛି ବୋଲି ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ପ୍ରଦୀପ ପୁରୋହିତ ଅଭିଯୋଗ କରିଛନ୍ତି। ବରଗଡ଼ ଜିଲା ପଦ୍ମପୁର ଏନ୍‌ଏସିରେ ବିଜେଡି ତରଫରୁ ସାବିତ୍ରୀ ବାଗ୍ ଚେୟାରମ୍ୟାନ୍ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଛନ୍ତି। ତାଙ୍କ ସ୍ୱାମୀ ସୋନୁ ବାଗ୍ ମଧ୍ୟ ସେହି ପଦ୍ମପୁର ବ୍ଲକରେ ଗତ ୩ ବର୍ଷ ହେଲାଣି ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ଏବିଡିଓ) ଭାବେ କାର୍ଯ୍ୟ କରୁଛନ୍ତି। ବାଗ୍ ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ଅବସ୍ଥାପିତ ଅଛନ୍ତି। ବାଗ୍ ଜଣେ ସରକାରୀ ଅଧିକାରୀ ହେବା ସହ ନିର୍ବାଚନ ପରିଚାଳନା ଦାୟିତ୍ୱରେ ରହିଛନ୍ତି। ତାଙ୍କ ସ୍ତ୍ରୀ ସାବିତ୍ରୀ ବାଗ୍ ଶାସକ ବିଜେଡି ତରଫରୁ ପଦ୍ମପୁର ଏନ୍‌ଏସି ଚେୟାରମ୍ୟାନ ପ୍ରାର୍ଥୀ ହୋଇଥିବାରୁ ନିର୍ବାଚନ ପ୍ରଭାବିତ ହେବା ଆଶଙ୍କା ରହିଛି। ଅବାଧ, ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିପ୍ରେକ୍ଷୀରେ ବାଗ୍‌ଙ୍କୁ ତୁରନ୍ତ ସେଠାରୁ ବଦଳି କରିବା ଆବଶ୍ୟକ ଦାବିରେ ମଙ୍ଗଳବାର ପୁରୋହିତଙ୍କ ନେତୃତ୍ୱରେ ଭାଜପାର ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟିଛନ୍ତି। ରାଜ୍ୟ ନିର୍ବାଚନ ଆୟୋଗ ତୁରନ୍ତ ଏହା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ପୁରୋହିତ କହିଛନ୍ତି।

# କେନ୍ଦୁଝର ଜିଲା ବିଜେଡି ଉପସଭାପତି ନିଲମ୍ବିତ

ଭୁବନେଶ୍ୱର/ ଯୋଡ଼ା, ୧୫।୩(ବ୍ୟୁରୋ/ ଡି.ଏନ.ଏ.)

କେନ୍ଦୁଝର ଜିଲା ବିଜେଡି ଉପସଭାପତି ରବୀନ୍ଦ୍ର କୁମାର ଦାସଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ଦଳ ବିରୋଧୀ କାର୍ଯ୍ୟ ପାଇଁ ସେ ବିଜେଡିରୁ ନିଲମ୍ବିତ ହୋଇଛନ୍ତି। ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶାନୁକ୍ରମେ ତାଙ୍କୁ ଦଳରୁ ନିଲମ୍ବିତ କରାଯାଇଥିବା ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ ମଙ୍ଗଳବାର ପ୍ରେସ୍ ବିଜ୍ଞପ୍ତି ଜରିଆରେ ଜଣାଇଛନ୍ତି।

ପ୍ରକାଶ ଯେ, ଚଳିତ ପୌର ନିର୍ବାଚନରେ ବିଜେଡି ପକ୍ଷରୁ ଡା ଜଗଦୀଶ ଚନ୍ଦ୍ର ସାହୁଙ୍କୁ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ପଦ ପାଇଁ ପ୍ରାର୍ଥୀ ଚୟନ କରାଯାଇଛି। ମାତ୍ର ପୂର୍ବରୁ ଏହି ପଦ ପାଇଁ ଆଶାୟୀ ଥିବା ରବୀନ୍ଦ୍ର ଅସନ୍ତୋଷ ବ୍ୟକ୍ତ କରି ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିଥିଲେ। ଯାହାକି ଦଳ ବିରୋଧୀ କାର୍ଯ୍ୟ ହୋଇଥିବା ଦର୍ଶାଇ ତାଙ୍କର ବିଶୃଙ୍ଖଳିତ ଆଚରଣ ପାଇଁ ବିଜେଡିରୁ ନିଲମ୍ବନ କରାଯାଇଛି। ରବୀନ୍ଦ୍ର ଜିଲା ବିଜେଡି ଉପସଭାପତି ଦାୟିତ୍ୱରେ ଥିଲେ। ଅତୀତରେ ସେ ଯୋଡ଼ା ନଗରପାଳ ମଧ୍ୟ ଥିଲେ। ଅପରପକ୍ଷେ ରବୀନ୍ଦ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଜିଲା ଉପସଭାପତି ଓ ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଉଛନ୍ତି ବୋଲି ଚିଠି ଦ୍ୱାରା ଅବଗତ କରାଇଛନ୍ତି। ସେ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଦୀର୍ଘ ୨୪ ବର୍ଷ ଧରି ବିଜେଡି ଦଳରେ ରହି କାର୍ଯ୍ୟ କରି ଆସୁଛନ୍ତି। ମାତ୍ର ଚଳିତ ପୌର ନିର୍ବାଚନରେ ଅଧ୍ୟକ୍ଷ ପଦ ପାଇଁ ଦଳ ପକ୍ଷରୁ ଚୟନ କରାଯାଇଥିବା ପ୍ରାର୍ଥୀ ଦଳର ସକ୍ରିୟ ସଦସ୍ୟ ମଧ୍ୟ ନୁହନ୍ତି ବୋଲି ସେ କହିଛନ୍ତି।

# ବିଜୁ ଛାତ୍ର ଜନତା ଦଳରୁ ନିଲମ୍ବିତ ହେଲେ ସାଗର ବଳବନ୍ତରାୟ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ସାଗର ବଳବନ୍ତରାୟଙ୍କୁ ଦଳରୁ ନିଲମ୍ବିତ କରାଯାଇଛି। ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ମଙ୍ଗଳବାର ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଏହା ଜଣାଇଛନ୍ତି। ଆଗାମୀ ଦିନରେ ଦଳ ପ୍ରତି ଯେଉଁ କର୍ମକର୍ତ୍ତା ଅବହେଳିତ ମନୋଭାବ ପୋଷଣ କରିବେ କିମ୍ବା ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗ ଆସିବ ସେହି ପରିପ୍ରେକ୍ଷୀରେ ମଧ୍ୟ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେବୀ ରଞ୍ଜନ କହିଛନ୍ତି।

# ବିଧାୟକଙ୍କ ଗାଡ଼ିକୁ ଅଣ୍ଡାମାଡ଼

ପଟ୍ଟାମୁଣ୍ଡାଇ, ୧୫।୩ (ସ୍ୱ.ପ୍ର.)

- ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡି କନ୍ଦଳ ପଦାରେ ପଡ଼ିଲା
- ଅଧ୍ୟକ୍ଷ, ବିଧାୟକଙ୍କ ଉପରେ ଆକ୍ରମଣ ଅଭିଯୋଗ
- ଦୁଇପୁଅଙ୍କୁ ଅପହରଣ ଅଭିଯୋଗ ଆଣିଲେ ଅନ୍ନପୂର୍ଣ୍ଣା

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଭାବ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ବିଜେଡିରେ ଝଡ ସୃଷ୍ଟି କରିଛି। ବିଜେଡିର ଦୁଇଗୋଷ୍ଠୀ ଏହି ବ୍ଲକ ଓ ଚଉଦକୁଲାଟ ଫାଣ୍ଡି ଅନ୍ତର୍ଗତ ଦାଣ୍ଡିସାହିଠାରେ ମଙ୍ଗଳବାର ମୁହାଁମୁହିଁ ହୋଇଛନ୍ତି। କଳାପତାକା ପ୍ରଦର୍ଶନ, ଗାଳିଗୁଲଜ ସହ ଅଣ୍ଡାମାଡ ହୋଇଛି।

ନବନିର୍ବାଚିତ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ କୁମାର ସାମନ୍ତରାୟ ଚଉଦକୁଲାଟ ଫାଣ୍ଡିରେ ଗତ ୧୨ ତାରିଖରେ ଅଧ୍ୟକ୍ଷ ପଦ ପ୍ରାର୍ଥୀ ଅନ୍ନପୂର୍ଣ୍ଣା ମଲ୍ଲିକଙ୍କ ଦୁଇପୁଅ ନାମରେ ବିଭିନ୍ନ ଆପରାଧିକ କାର୍ଯ୍ୟ କରିଥିବା ଦର୍ଶାଇ ଅଭିଯୋଗ କରିଥିଲେ। ଅପରପକ୍ଷରେ ଅମୃତମଣୋହି ପଞ୍ଚାୟତର ନବନିର୍ବାଚିତ ସଦସ୍ୟ ତଥା ଅଧ୍ୟକ୍ଷ ପଦର ପ୍ରାର୍ଥୀ ମଲ୍ଲିକ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ କରିଛନ୍ତି, ଅଧ୍ୟକ୍ଷ ସାମନ୍ତରାୟ ଓ ତାଙ୍କ ସମର୍ଥକମାନେ ଦୁଇପୁଅଙ୍କୁ ଅପହରଣ କରି ନେଇଛନ୍ତି। ଅପରପକ୍ଷେ ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ଅଧ୍ୟକ୍ଷ ସାମନ୍ତରାୟ ନ୍ୟାୟ ଦାବିରେ ଚଉଦକୁଲାଟ ଫାଣ୍ଡି ସମ୍ମୁଖରେ ସମର୍ଥକଙ୍କ ସହ ଗଣଧାରଣାରେ ବସିଛନ୍ତି। ଉତ୍ତେଜନାକୁ ଭିତ୍ତିକରି ପଟ୍ଟାମୁଣ୍ଡାଇ ପୋଲିସ ବିଭିନ୍ନ ସ୍ଥାନରେ ମୁତୟନ ହୋଇଛନ୍ତି। ଏ ସମ୍ପର୍କରେ ଅଧ୍ୟକ୍ଷ ସାମନ୍ତରାୟଙ୍କୁ ପଚାରିବାରେ, ଗତ ୧୨ ତାରିଖରେ ପଟ୍ଟାମୁଣ୍ଡାଇ ବ୍ଲକର ଅଧ୍ୟକ୍ଷ ପଦ ପାଇଁ ନିର୍ବାଚନ ହୋଇଥିଲା। ଏଥିରେ ଅନ୍ନପୂର୍ଣ୍ଣା ପ୍ରତିଦ୍ୱନ୍ଦ୍ୱୀ ଥିଲେ। ଅନ୍ନପୂର୍ଣ୍ଣାଙ୍କୁ ୧୨ ଖଣ୍ଡ ଭୋଟ ମିଳିଥିବା ବେଳେ ୧୯ ଜଣ ସମିତିସଭ୍ୟଙ୍କ ଭୋଟ ମୋ ସପକ୍ଷରେ ଯାଇଥିଲା। ନିର୍ବାଚନରେ ବିଜୟୀ ପରେ ବ୍ଲକ ଅଞ୍ଚଳରେ ଥିବା ଅଳପୁଆ ପଞ୍ଚାୟତର ବିଲ୍ୱମଙ୍ଗଳ ପୀଠକୁ ପୂଜା ପାଇଁ ଯାଇଥିଲି। ସେଠାରୁ ଫେରିବା ବେଳେ ଅନ୍ନପୂର୍ଣ୍ଣାଙ୍କ ଦୁଇପୁଅ ଦାଣ୍ଡିସାହି ବଜାରରେ ଗାଡି ଅଟକାଇବା ସହ ପ୍ରଥମେ କଳାପତାକା ଦେଖାଇବା ପରେ ଗାଳିଗୁଲଜ କରିଥିଲେ। ସାଙ୍ଗରେ ଥିବା ବିଧାୟକ ଧ୍ରୁବ ସାହୁଙ୍କୁ ମଧ୍ୟ ଗାଳିଗୁଲଜରୁ ବାଦ ପଡିନାହାନ୍ତି। ବିଧାୟକ ସାହୁ ଯିବା ପରେ ତାଙ୍କ ଗାଡିକୁ ଅଣ୍ଡାମାଡ କରିଥିଲେ। ଏଥିସହ ଅନ୍ନପୂର୍ଣ୍ଣାଙ୍କ ଦୁଇପୁଅ ପ୍ରଦ୍ୟୁମ୍ନଙ୍କୁ ମାରିବା ସହ ବନ୍ଧୁକ ମୁଣ୍ଡରେ ଲଗାଇ ମାରି ଦେବାକୁ ଚେଷ୍ଟା କରିଥିଲେ। ଏଥିସହ ବେକରେ ଥିବା ସୁନାଚେନକୁ ଛିଡାଇ ନେଇଯାଇଥିଲେ। ଅପରପକ୍ଷରେ ଅନ୍ନପୂର୍ଣ୍ଣାଙ୍କ କହିବା ଅନୁଯାୟୀ, ଅଧ୍ୟକ୍ଷ ସାମନ୍ତରାୟ ଏଠାରେ ବିଜୟ ଶୋଭାଯାତ୍ରା କରିଥିଲେ। ଶୋଭାଯାତ୍ରାରେ ସାମିଲ ହେବା ପାଇଁ ଦାଣ୍ଡିସାହି ଛକରେ ଥିବା ଦୁଇପୁଅଙ୍କୁ ଡାକିଥିଲେ। ସେମାନେ ମନା କରିବାରୁ ସମର୍ଥକମାନେ ଦୁଇପୁଅଙ୍କୁ ଅପହରଣ କରିନେଇଛନ୍ତି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆଙ୍କୁ ପଚାରିବାରେ ଘଟଣାର ଅନୁଧ୍ୟାନ ଚାଲିଛି। ସେହିପରି ଏହି ଘଟଣା ସମ୍ପର୍କରେ ମତ ରଖିବାକୁ ବିଧାୟକ ସାହୁଙ୍କୁ ମୋବାଇଲ ଫୋନ ନଂ.୯୪୩୭୧୭୨୯୫୨ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଉଠାଇ ନ ଥିଲେ।



ଫାଣ୍ଡି ସମ୍ମୁଖରେ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ସମର୍ଥକଙ୍କ ସହ ଧାରଣାରେ ବସିଛନ୍ତି।





ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନ ଅବସରରେ ମଙ୍ଗଳବାର ପାର୍ଲାମେଣ୍ଟ ପରିସରରେ ଭାଜପା ଏମ୍‌ପି ରମା ଦେବୀଙ୍କ ସହ କଂଗ୍ରେସ ଏମ୍‌ପି ଶଶୀ ଥରୁର୍ ଆଲୋଚନା କରୁଛନ୍ତି।

# ଲକ୍ଷ୍ମୀସାଗର ନିର୍ବାଚନୀ ହିଂସା ଘଟଣା: ଜେଲ ଗଲେ ଶିଖର, ରାକେଶ

ଭୁବନେଶ୍ୱର,୧୫।୩(ବ୍ୟୁରୋ)

## ଥାନା ଆଗରେ ଧାରଣା ଦେଲେ ସମର୍ଥକ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୩୩ ନମ୍ବର ୱାର୍ଡ ଅଧୀନ ଲକ୍ଷ୍ମୀସାଗର ନିର୍ବାଚନୀ ହିଂସା ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଆଉ ୨ଜଣଙ୍କୁ ମଙ୍ଗଳବାର ଲକ୍ଷ୍ମୀସାଗର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ୩୨ନମ୍ବର ୱାର୍ଡର ପୂର୍ବତନ କର୍ପୋରେଟର ଶ୍ରୀଧର ଜେନାଙ୍କ ଭାଇ ଶିଖର ଜେନା ଓ ଭାଜପା ପ୍ରାର୍ଥିନୀ ଧରିତ୍ରୀ ଜେନାଙ୍କ ଦିଅର ରାକେଶ ଜେନା। ଶିଖରଙ୍କ ନାଁରେ ଆର୍ମସ ଆକ୍ଟ ଓ ୩୦୭ ଦଫାରେ ମାମଲା ରୁଜୁ କରାଯିବା ସହ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତେବେ ଉଭୟଙ୍କ ଜାମିନ ଆବେଦନ ଅଗ୍ରାହ୍ୟ ହୋଇଯିବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହାକୁ ମିଶାଇ ଏହି ଘଟଣାରେ ମୋଟ ୧୪ଜଣଙ୍କୁ ଗିରଫ କରାଗଲାଣି।

ଶିଖରଙ୍କ ଗିରଫ ପ୍ରତିବାଦରେ ତାଙ୍କର ସମର୍ଥକମାନେ ଲକ୍ଷ୍ମୀସାଗର ଥାନା ଆଗରେ ଧାରଣା ଦେଇଥିଲେ। ଶିଖରଙ୍କୁ ଛଡାଯାଉ ନଚେତ ଆମ ସମସ୍ତଙ୍କୁ ଗିରଫ କରାଯାଉ ବୋଲି ତାଙ୍କ ସମର୍ଥକମାନେ ଜିଦ୍ ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସୂଚନାନୁଯାୟୀ, ବିଏମ୍‌ସିର ୩୩ ନମ୍ବର ୱାର୍ଡରେ ପୋଷ୍ଟର ଚିରାକୁ ନେଇ ଶୁକ୍ରବାର ରାତିରେ ବିଜେଡି ଓ ଭାଜପା ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଏଥିରେ ଉଭୟ ଦଳର ୮ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଥାନାରେ ଉଭୟ ପକ୍ଷରୁ ଅଭିଯୋଗ କରାଯାଇଥିଲା। ପୋଲିସ ଦୁଇଟି ମାମଲା ରୁଜୁ କରି ରବିବାର ୧୧ ଜଣଙ୍କୁ ଗିରଫ କରିଥିଲା। ଅନ୍ୟପକ୍ଷରେ ଏହି ଘଟଣାରେ ଜଣେ ଏଏସ୍‌ଆଇଙ୍କୁ ନିଲମ୍ବନ କରାଯାଇଛି।

# ୬ଖଣ୍ଡ ଭୋଟ ଦେଲେ ନିର୍ବାଚନ ଅଧିକାରୀ

## ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନକୁ ନେଇ ବିବାଦ

ବରୀ,୧୫।୩(ଡି.ଏନ.ଏ.)

ଯାଜପୁର ଜିଲା ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷ ନିର୍ବାଚନକୁ ନେଇ ବିବାଦ ଆରମ୍ଭ ହୋଇଛି। ନିର୍ବାଚନ ଦାୟିତ୍ୱରେ ଥିବା ରସୁଲପୁର ବିଡିଓ ତଥା ନିର୍ବାଚନ ଅଧିକାରୀ ନିର୍ବାଚିତ ପ୍ରାର୍ଥୀଙ୍କ ସପକ୍ଷରେ ସର୍ବସମ୍ମୁଖରେ ୬ ସଭ୍ୟାସଭ୍ୟଙ୍କ ପାଇଁ ନିଜେ ଭୋଟ ଦେଇଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଚର୍ଚ୍ଚା ଜୋର ଧରିଛି।

ଅଭିଯୋଗ ଅନୁଯାୟୀ, ଗତ ୧୨ତାରିଖରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନ ହେବାର ଥିଲା। ଅଲିପୁର ପଞ୍ଚାୟତରୁ ଅଶୋକ କୁମାର ଗେଡ଼ି ଓ ରମ୍ଭା ପଞ୍ଚାୟତରୁ ଜ୍ୟୋତିର୍ମୟୀ ବେହେରା ଅଧ୍ୟକ୍ଷ ପଦବୀ ନିମନ୍ତେ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ୨୯ ସମିତି ସଭ୍ୟା/ସଭ୍ୟ ସମ୍ପୂର୍ଣ୍ଣ ସୁସ୍ଥ ଅବସ୍ଥାରେ ଦୁଇ ଭାଗରେ ବିଭାଜିତ ହୋଇ ସମିତି ସମ୍ମିଳନୀ କକ୍ଷରେ ପ୍ରବେଶ କରିଥିଲେ। ନିର୍ବାଚନ ଦାୟିତ୍ୱରେ ଥିବା ରସୁଲପୁର ବିଡିଓ ଉମାକାନ୍ତ ପରିଡ଼ା ଔପଚାରିକ ଭାବେ ସମ୍ମିଳନୀ କକ୍ଷରେ ଉପସ୍ଥିତ ଥିବା ସମସ୍ତ ସମିତି ସଭ୍ୟା/ସଭ୍ୟଙ୍କ ଦସ୍ତଖତ ରେଜିଷ୍ଟରରେ କରାଇଥିଲେ। ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ନିର୍ବାଚନ ଅଧିକାରୀ ଦୁଇଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି ବୋଲି ଘୋଷଣା କରିଥିଲେ। ଏହାପରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବ୍ଲକ୍‌ର ୨୯ ଜଣ ସଭ୍ୟା/ସଭ୍ୟଙ୍କ ମଧ୍ୟରୁ ୨୩ ଜଣ ନିଜର ମତଦାନ କରିଥିଲେ। ପରେ ୬ ଜଣ ମତଦାନ ନ କରି ନିର୍ଦ୍ଧାରିତ ସମୟ ପୂର୍ବରୁ ସେମାନେ ମତଦାନ କରିବାକୁ ଅକ୍ଷମ ବୋଲି ନିର୍ବାଚନ ଅଧିକାରୀଙ୍କୁ ଲିଖିତ ଭାବେ କୁଆଡ଼େ ଜଣାଇଥିଲେ। ଏହା ସହ ସେମାନଙ୍କ ପାଇଁ ବାହାର ଲୋକ ଭୋଟ୍ ଦେବାକୁ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରିଥିଲେ। ଏଭଳି ଘଟଣାକୁ ପ୍ରାର୍ଥିନୀ ଜ୍ୟୋତିର୍ମୟୀ ବେହେରା ବିରୋଧ କରିଥିଲେ। ହେଲେ ନିର୍ବାଚନ ଅଧିକାରୀ ପରିଡ଼ା ଭୋଟଦାନ କରିବାକୁ ଅକ୍ଷମ ଥିବା ସମ୍ପୃକ୍ତ ୬ ସଭ୍ୟାସଭ୍ୟଙ୍କ ଲିଖିତ ଅଭିଯୋଗକୁ ଗ୍ରହଣ କରିଥିଲେ। ଏହାପରେ ଅନ୍ୟତମ ପ୍ରାର୍ଥୀ ଅଶୋକ କୁମାର ଗେଡ଼ିଙ୍କ ସପକ୍ଷରେ ସର୍ବସମ୍ମୁଖରେ ନିଜେ ୬ ସଭ୍ୟାସଭ୍ୟଙ୍କ ପାଇଁ ଭୋଟ୍ ଦେଇଥିଲେ। ଏପରି ଭୋଟଦାନକୁ ନାକଚ କରିବାକୁ ଜ୍ୟୋତିମୟୀଙ୍କ ସମେତ ତାଙ୍କ ସପକ୍ଷରେ ଥିବା ୧୨ ସମିତି ସଭ୍ୟା/ସଭ୍ୟ ବାରମ୍ବାର ଦାବି କରିଥିଲେ ମଧ୍ୟ ନିର୍ବାଚନ ଅଧିକାରୀ ପରିଡ଼ା ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ ଭୋଟ୍ ପ୍ରକ୍ରିୟା ଶେଷ କରିଥିଲେ ବୋଲି ପରାଜିତ ପ୍ରାର୍ଥୀ ଜ୍ୟୋତିର୍ମୟୀ ବେହେରା ଅଭିଯୋଗ କରିଛନ୍ତି।

ମଙ୍ଗଳବାର ସ୍ଥାନୀୟ ରମ୍ଭା ପଞ୍ଚାୟତ କାର୍ଯ୍ୟାଳୟଠାରେ ଜ୍ୟୋତିର୍ମୟୀଙ୍କ ସମେତ ତାଙ୍କ ସମର୍ଥୀତ ୧୨ ସମିତି ସଭ୍ୟା/ସଭ୍ୟ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ନିର୍ବାଚନ ଅଧିକାରୀ ପରିଡ଼ାଙ୍କ ଏପରି କାର୍ଯ୍ୟ ସମ୍ପୂର୍ଣ୍ଣ ବେଆଇନ। ଏ ସଂକ୍ରାନ୍ତରେ ଭୋଟ ଗ୍ରହଣ କେନ୍ଦ୍ରରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରିବାକୁ ଜ୍ୟୋତିର୍ମୟୀ ଦାବି କରିଛନ୍ତି। ନିର୍ବାଚନ ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଓ ସେ ନିଜେ ଦେଇଥିବା ୬ଟି ଭୋଟ୍‌କୁ ବାତିଲ କରି ଫଳାଫଳ ଘୋଷଣା କରିବାକୁ ସେ ରାଜ୍ୟ ନିର୍ବାଚନ ଅଧିକାରୀ, ଯାଜପୁର ଜିଲାପାଳଙ୍କୁ ଅବଗତ କରିଛନ୍ତି। ଏହାର ନକଲ ଗଣମାଧ୍ୟମ ପ୍ରତିନିଧିଙ୍କୁ ପ୍ରଦାନ କରିଛନ୍ତି। ନିର୍ବାଚନ ଅଧିକାରୀ ପରିଡ଼ାଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ଫୋନ୍ ନଂ.୯୮୬୧୪୧୩୦୧୦କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ କି କଲ୍‌ବ୍ୟାକ୍ କରି ନାହାନ୍ତି।



ଖବରଦାତା ସମ୍ମିଳନୀରେ ପରାଜିତ ପ୍ରାର୍ଥିନୀ ଜ୍ୟୋତିର୍ମୟୀ ବେହେରା ଓ ଅନ୍ୟମାନେ।

# ୨୨ରୁ ୨୬ ମଦ ବିକ୍ରି ବନ୍ଦ

**ଭୁବନେଶ୍ୱର,୧୫।୩(ବ୍ୟୁରୋ):** ରାଜ୍ୟରେ ପୌର ନିର୍ବାଚନ ପାଇଁ ମାର୍ଚ୍ଚ ୨୪ରେ ଭୋଟ ଗ୍ରହଣ ହେବ। ପୌର ନିର୍ବାଚନକୁ ଦୃଷ୍ଟିରେ ରଖି ୫ ଦିନ ମଦ ବିକ୍ରି ବନ୍ଦ ରଖିବାକୁ ମଙ୍ଗଳବାର ଅବକାରୀ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ରାଜ୍ୟର ସମସ୍ତ ପୌରାଞ୍ଚଳ ଓ ମହାନଗର ନିଗମ ଅଞ୍ଚଳରେ ମଦ ବିକ୍ରି ବନ୍ଦ ରହିବ। ମାର୍ଚ୍ଚ ୨୨ରୁ ୨୬ ତାରିଖ ଯାଏ 'ଡ୍ରାଏ ଡେ' ଘୋଷଣା କରାଯାଇଛି। ଏହି ସମୟରେ ସମସ୍ତ ଦୋକାନ, ବାର୍, ହୋଟେଲ ଓ ରେଷ୍ଟୁରାଣ୍ଟରେ ମଦ ବିକ୍ରି ବନ୍ଦ ରହିବ। ଏ ନେଇ ସମସ୍ତ ଜିଲାପାଳମାନଙ୍କୁ ଅବକାରୀ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ପୌର ନିର୍ବାଚନ ପାଇଁ ପ୍ରଚାର ଚାଲିଥିବା ବେଳେ ବେଆଇନ ମଦ କାରବାର ବୃଦ୍ଧି ପାଇଛି। ଗତ ମାର୍ଚ୍ଚ ୩ ତାରିଖରୁ ୧୩ ତାରିଖ ମଧ୍ୟରେ ୧୩୬୦୫.୨ ବଲ୍କ ଲିଟର ଜବତ ହୋଇଥିବା ବେଳେ ୫ଟି ବେଆଇନ ଅସ୍ତ୍ରଶସ୍ତ୍ର ଜବତ କରାଯାଇଛି। ସେହିପରି ୧୯୯୪ ଗ୍ରାମ ଡ୍ରଗ୍ସ ଜବତ ହୋଇଥିବା ବେଳେ ୨୩,୧୨୬ ଜଣଙ୍କ ବିରୋଧରେ ୱାରେଣ୍ଟ ଜାରି କରାଯାଇଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
TARIFF

| For Single Day 6x4 | For Single Day 12x4 | For 7 Days 6x4 | For 7 Days 12x4 | For 15 Days 6x4 | For 15 Days 12x4 | For 30 days 6x4 | For 30 days 12x4 |
|---|---|---|---|---|---|---|---|
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

GST 5%
for Booking Contact: 0674-2580385, 8637280816, 7894447167, 9338226625

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା
ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ,
ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mudra Finance
Mob. 8987604637
9471160476
Whatsapp: 8902923601

ALL EDITION - B/W
(Everyday)
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ମାର୍ଚ୍ଚ ୧୬/୨୦୨୨ Sambalpur, Wednesday, March 16/ 2022

# ଢାକା ପ୍ରିମିୟର ଲିଗ୍‌ରେ ୭ ଭାରତୀୟ

**କୋଲକାତା, ୧୫।୩ (ପି.ଟି.)**

ଢାକା ପ୍ରିମିୟର ଲିଗ୍ ଦିନିକିଆ ଟୁର୍ନାମେଣ୍ଟରେ ଟେଷ୍ଟ ସ୍ପେଶାଲିଷ୍ଟ ହନୁମା ବିହାରୀ ଓ ବେଙ୍ଗଲ ଅଧିନାୟକ ଅଭିମନ୍ୟୁ ଈଶ୍ୱରନଙ୍କ ସମେତ ୭ ଭାରତୀୟ କ୍ରିକେଟର ଭାଗ ନେବେ। ମାର୍ଚ୍ଚ ୨୬ରେ ଆରମ୍ଭ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ରେ ଯେଉଁ ଘରୋଇ ଖେଳାଳିମାନେ ଅଲୋଡା ହୋଇପଡ଼ିଛନ୍ତି ସେମାନଙ୍କୁ ଏହି ଟୁର୍ନାମେଣ୍ଟରେ ଖେଳିବା ଲାଗି ଅନୁମତି ରହିଛି। ଶ୍ରୀଲଙ୍କା ବିପକ୍ଷରେ ୨-୦ ସିରିଜ ବିଜୟରେ ଭାରତ ତରଫରୁ ଖେଳିଥିବା ହନୁମା ଆବାହନୀ ଲିମିଟେଡ୍ ତରଫରୁ ଖେଳିବେ। ହାଇଦ୍ରାବାଦରେ କିଛି ସମୟ ବିତାଇବା ପରେ ସେ ଦଳରେ ଯୋଗ ଦେବେ ବୋଲି ଆଶା କରାଯାଉଛି। ବେଙ୍ଗଲ ଅଧିନାୟକ




ଅଭିମନ୍ୟୁ ୨୦୧୭ ଓ ୨୦୧୯ ପରେ ତାଙ୍କ ତୃତୀୟ ସିଜନ ଖେଳିବା ଲାଗି ପ୍ରାଇମ୍ ବ୍ୟାଙ୍କ୍ କ୍ରିକେଟ କ୍ଲବକୁ ଫେରିଛନ୍ତି। ଏହା ଏକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ। ଏହା ଦେଢମାସ ଧରି ଖେଳାଯିବ। ଢାକା ଯିବା ପାଇଁ ଅଭିମନ୍ୟୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ଠାରୁ ସୋମବାର ଅନୁମତି ପତ୍ର ପାଇଥିଲେ। ମଙ୍ଗଳବାର ସାଭାରଠାରେ ସିଟି କ୍ଲବ ବିପକ୍ଷରେ ସେମାନଙ୍କ ଦଳର ୫୦ରନରେ ବିଜୟ ମ୍ୟାଚରେ ଅଭିମନ୍ୟୁ ୩୦ରନ କରିଛନ୍ତି। ଏହି ଟୁର୍ନାମେଣ୍ଟରେ ଭାଗ ନେବା ଦ୍ୱାରା ସେ ବିଭିନ୍ନ ପ୍ରକାର କ୍ୱାଲିଟି ବୋଲିଂକୁ ସାମ୍ନା କରିବାର ସୁଯୋଗ ପାଉଛନ୍ତି। ୧୧ଟି ଦଳ ନେଇ ହେଉଥିବା ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରୁଥିବା ଅନ୍ୟ ଭାରତୀୟ କ୍ରିକେଟରମାନେ ହେଲେ ପରଭେଜ ରସୁଲ ( ଶେଖ୍ ଜମାଲ ଧାନମୋଣ୍ଡି), ବାବା ଅପରାଜିତ (ରୂପଗଞ୍ଜ ଟାଇଗର୍ସ), ଅଶୋକ ମିନାରିଆ (ଖେଲାଘର), ଚିରାଗ ଜାନୀ( ଲିଜେଣ୍ଡ ଅଫ୍ ରୂପ ଗଞ୍ଜ) ଓ ଗୁରୁନ୍ଦର ସିଂ (ଗାଜି ଗ୍ରୁପ୍ ଅଫ୍ କ୍ରିକେଟର୍ସ)। ସୂଚନାଯୋଗ୍ୟ, ବିହାରୀ, ଅପରାଜିତ, ମିନାରିଆ ଓ ରସୁଲ ପୂର୍ବରୁ ଏହି ଟୁର୍ନାମେଣ୍ଟ ଖେଳିଛନ୍ତି।

## ର୍‍ୟାଙ୍କିଙ୍ଗ ତାଲିକାରେ ଲକ୍ଷ୍ୟ ସେନ୍‌ଙ୍କ ଉନ୍ନତି

**ନୂଆଦିଲ୍ଲୀ, ୧୫।୩ (ପି.ଟି.):** ମଙ୍ଗଳବାର ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ର୍‍ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଛି। ଏଥିରେ ସେ ଗୋଟିଏ ସ୍ଥାନ ପଦୋନ୍ନତି ପାଇ ଏକାଦଶ ସ୍ଥାନକୁ ଉଠିଛନ୍ତି। ମହିଳା ବିଭାଗରେ ଡବଲ ଅଲିମ୍ପିକ ପଦକ ବିଜୟିନୀ ପି. ଭି. ସିନ୍ଧୁ ପୂର୍ବଭଳି ୭ମ ସ୍ଥାନରେ ଅଛନ୍ତି। ବିଶ୍ୱ ସ୍ତରରେ ଗତ କିଛି ମାସ ହେଲା ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବାରୁ ପୁରୁଷ ସିଙ୍ଗଲ୍ସରେ ସେନ୍‌ଙ୍କ ର୍‍ୟାଙ୍କିଙ୍ଗ ପଏଣ୍ଟ ୭୦,୦୮୯ରେ ପହଞ୍ଚିଛି। ଅଲିମ୍ପିକ ଚାମ୍ପିୟନ ଡେନମାର୍କର ଭିକ୍ଟର ଏକ୍ସେଲସେନ୍ ତାଲିକାର ପ୍ରଥମ ସ୍ଥାନରେ ଥିବା ବେଳେ ତାଙ୍କ ପଛକୁ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ଜାପାନର କେଣ୍ଟା ମୋମାତା ଓ ଅନ୍ୟଜଣେ ଡେନ୍‌ମାର୍କର ଡେନ୍ ଆଣ୍ଡର୍ସ ଆଣ୍ଟନସେନ ରହିଛନ୍ତି। ଭାରତର କିଡାମ୍ବି ଶ୍ରୀକାନ୍ତ ୬୯,୧୫୮ ପଏଣ୍ଟ ତାଲିକାରେ ଗୋଟିଏ ସ୍ଥାନ ତଳକୁ ଖସି ଦ୍ୱାଦଶ ସ୍ଥାନରେ ଅଛନ୍ତି।

# ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ



ଅତିଥିଙ୍କ ସହ ଖେଳାଳିମାନେ।

**ଭୁବନେଶ୍ୱର, ୧୫।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସ୍ଥାନୀୟ ନହରକଣ୍ଟାସ୍ଥିତ ଜୟଦେବ କଲେଜ ଖେଳପଡ଼ିଆରେ ଚାଲିଥିବା ଟ୍ୱିନ୍ ସିଟି ୨୩ବର୍ଷରୁ କମ୍ କ୍ରିକେଟ ଟୁର୍ନାମେଣ୍ଟରେ ମଙ୍ଗଳବାର ଜାଗୃତି କ୍ରିକେଟ ଏକାଡେମୀକୁ ୧୬୨ ରନରେ ପରାସ୍ତ କରି ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପ୍ରଗତି ସ୍ପୋର୍ଟିଂ ନିର୍ଦ୍ଧାରିତ ୩୦ ଓଭରରେ ୭ ଉଇକେଟ ବିନିମୟରେ ୨୪୮ରନ କରିଥିଲା। ଦଳପକ୍ଷରୁ ପୁରୁଷୋତ୍ତମ ପ୍ରଧାନ ୮୭ ଓ ଅମିତ କୁମାର ସାହୁ ୭୨ ରନ କରିଥିଲେ। ବିପକ୍ଷ ଦଳର ସଫଳ ବୋଲର ପ୍ରିୟରଞ୍ଜନ ସ୍ୱାଇଁ ୪ ଉଇକେଟ ଅକ୍ତିଆର କରିଥିଲେ। ଜାଗୃତି ଦଳ ବ୍ୟାଟିଂ କରିବାକୁ ଯାଇ ୧୯.୧ ଓଭରରେ ମାତ୍ର ୮୬ ରନ କରି ଅଲଆଉଟ ହୋଇଯାଇଥିଲା। ପ୍ରଗତି ସ୍ପୋର୍ଟିଂର ଲିପୁ ନାୟକ ୩ ଉଇକେଟ ନେଇଥିଲେ। ମଙ୍ଗଳବାର ମ୍ୟାଚରେ ଅତିଥି ଭାବେ ଭୁବନେଶ୍ୱର ଆଥଲେଟିକ ଆସୋସିଏଶନ ସାଧାରଣ ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଜାତୀୟ ଫୁଟ୍‌ବଲ ରେଫରି ଜିତେନ୍ଦ୍ର କୁମାର ସାମନ୍ତସିଂହାର, ଜୟଦେବ କଲେଜ କ୍ରୀଡ଼ା ଅଧିକାରୀ ଦକ୍ଷବ୍ରହ୍ମା ରାଉତରାୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଟୁର୍ନାମେଣ୍ଟର ଉଦ୍‌ଘାଟନ କରିଥିଲେ। ସୁଶୀଲ ପରିଡ଼ା ଓ ସନ୍ତୋଷ ପଟ୍ଟନାୟକ ମ୍ୟାଚ ପରିଚାଳନା କରିଥିଲେ। ପୂର୍ବତନ ଖେଳାଳି ଜ୍ୟୋତିର୍ବର୍ଦ୍ଧନ ମହାନ୍ତି ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରୁଷୋତ୍ତମ ପ୍ରଧାନ (ପ୍ରଗତି ସ୍ପୋର୍ଟିଂ)ଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

# କିଟ୍, ଓଡ଼ିଶା ପୋଲିସ ବିଜୟୀ




ଅତିଥି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରୁଛନ୍ତି।

**ଭୁବନେଶ୍ୱର, ୧୫।୩ (ସ୍ପୋର୍ଟ୍ସ ବ୍ୟୁରୋ)**

ସିଟି କ୍ଲବ ଓ କିଟ୍‌ର ମିଳିତ ଆନୁକୂଲ୍ୟରେ ପ୍ରଥମ ନନ୍ଦକିଶୋର ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ କିଟ୍ ୟୁନିଭର୍ସିଟି ଓ ଦେବଗଡ଼ର ମନୋରମା କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ କିଟ୍ ୨-୧ ଗୋଲରେ ବିଜୟ ଲାଭ କରିଛି। ବିଜୟୀ ଦଳ ପକ୍ଷରୁ ଜାନକୀ ମୁର୍ମୁ ଖେଳର ୬ଷ୍ଠ ମିନିଟ୍‌ରେ ଓ କୁନ୍ତି ଭୂୟାଁ ୨୩ତମ ମିନିଟ୍‌ରେ ଗୋଲ ସ୍କୋର କରିଥିଲେ। ମନୋରମା କ୍ଲବ ତରଫରୁ ସୁବାସିନୀ ଓରାମ ୨୪ତମ ମିନିଟ୍‌ରେ ଏକମାତ୍ର ଗୋଲ ସ୍କୋର କରିଥିଲେ। ମ୍ୟାଚ ଶେଷରେ ରୁଚି ମସଲା ପକ୍ଷରୁ ପ୍ଲେୟର ଅଫ୍ ଦି ମ୍ୟାଚ କିଟ୍‌ର ଜାନକୀ ମୁର୍ମୁଙ୍କୁ ୨,୦୦୦ ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଥିଲା। ଅପରାହ୍ନରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ଓଡ଼ିଶା ପୋଲିସ ୪-୦ ଗୋଲ୍‌ରେ ୟୁନିଟ-୬ ଆଥଲେଟିକ୍ସ ଆସୋସିଏଶନକୁ ପରାସ୍ତ କରିଥିଲା। ଦଳ ପକ୍ଷରୁ ଜାତୀୟ ଖେଳାଳି ଯଶୋଦା ମୁଣ୍ଡା (୨ୟ ମିନିଟ୍), ଯବାମଣି ଟୁଡୁ(୧୨ତମ), ସତ୍ୟବାଦୀ ଖାଡ଼ିଆ (୩୧ତମ) ଓ ଜସ୍ମଣି ସମଦ (୩୭ତମ) ପ୍ରମୁଖ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଏହି ମ୍ୟାଚରେ ଅତିଥି ଭାବେ ଡକ୍ଟର ଗଗନେନ୍ଦୁ ଦାଶ, ସୌର୍ଯ୍ୟରଞ୍ଜନ ପରିଜା, ସୁଲାଦା ଦେଓ, ସହଦେବ ସାହୁ, ଅଶୋକ ମହାନ୍ତି ଏବଂ ପୂର୍ବତନ ଭାରତୀୟ ଦଳର ଅଧିନାୟିକା ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ପ୍ରମୁଖ ଯୋଗ ଦେଇଥିଲେ। ସିଟି କ୍ଲବର ସମ୍ପାଦକ ପ୍ରଦୀପ ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ରେଫରି ଭାବେ ମ୍ୟାଚ କମିଶନର ସୁଜିତ କୁମାର ପାତ୍ର, ସେଖାଓ୍ୱତ ଖାଁ, ଚନ୍ଦ୍ରକାନ୍ତ ବାରିକ, ସୁଶାନ୍ତ ମିଶ୍ର, ପ୍ରଶାନ୍ତ ପାଲ୍ ଓ ଆଲୋକ ଦେଉରୀ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

# ପାକିସ୍ତାନକୁ ଆହୁରି ୩୧୪ ଆବଶ୍ୟକ



ଶତକୀୟ ଭାଗୀଦାରି ଅବସରରେ ବାବର ଆଜାମ ଓ ଅବଦୁଲ୍ଲା ଶାଫିକ।

**କରାଚୀ, ୧୫।୩ (ଏପି)**

ସ୍ଥାନୀୟ ନ୍ୟାଶନାଲ ଷ୍ଟାଡିୟମରେ ଚାଲିଥିବା ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ପାକିସ୍ତାନ ପାଇଁ ଅଷ୍ଟ୍ରେଲିଆ କଷ୍ଟସାଧ ୫୦୬ରନ ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିବା ବେଳେ ମଙ୍ଗଳବାର ଚତୁର୍ଥ ଦିନ ଖେଳ ଶେଷ ସୁଦ୍ଧା ଘରୋଇ ଦଳ ୨ ଉଇକେଟରେ ୧୯୨ ରନ କରିଛି। ଦୁଇ ବର୍ଷରେ ପ୍ରଥମ ଟେଷ୍ଟ ଶତକ ହାସଲ କରିଥିବା ଅଧିନାୟକ ବାବର ଆଜାମ ୧୯୮ ବଲ୍‌ର ସାମ୍ନା କରି ୧୦୨ରନ ଏବଂ ଅବ୍‌ଦୁଲ୍ଲା ଶାଫିକ ୭୧ ରନ କରି ଅପରାଜିତ ରହିଛନ୍ତି। ମ୍ୟାଚ ଜିତିବା ଲାଗି ବୁଧବାର ୫ମ ତଥା ଅନ୍ତିମ ଦିବସରେ ପାକିସ୍ତାନ ଆହୁରି ୩୧୪ ରନ ଆବଶ୍ୟକ କରୁଛି। ଆଉ ୯୦ ଓଭର ଖେଳ ବାକି ରହିଛି। ଘରୋଇ ଦଳ ଯଦି ବିଜୟ ଲକ୍ଷ୍ୟ ହାସଲ କରିବାରେ ସଫଳ ହୁଏ ତେବେ ତାହା ବିଶ୍ୱ ରେକର୍ଡ ହେବ। ଦୁଇ ଦଳ ମଧ୍ୟରେ ଚାଲିଥିବା ୩ ମ୍ୟାଚ ବିଶିଷ୍ଟ ସିରିଜରେ ଅଷ୍ଟ୍ରେଲିଆ ୧-୦ରେ ଅଗ୍ରଣୀ ରହିଛି। ବାବର ଓ ଶାଫିକ୍ ଯୋଡ଼ି ୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧରି କ୍ରିଜ୍‌ରେ ଉପସ୍ଥିତ ରହି ଅଷ୍ଟ୍ରେଲିଆର ରିଭର୍ସ ସୁଇଂ ଓ ନାଥାନ ଲିଅନଙ୍କ ସ୍ପିନର ଦୃଢ ମୁକାବିଲା କରିଥିଲେ। ଉଭୟେ ପାଖାପାଖି ଦୁଇ ସେସନ ଧରି କ୍ରିଜ୍‌ରେ ମହଜୁଦ ରହିଥିଲେ। ଦୁହେଁ ପାର୍ଟନରଶିପ୍‌ରେ ୧୭୧ ରନ ଯୋଗ କରିସାରିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଅଷ୍ଟ୍ରେଲିଆ ପ୍ରଥମ ଇନିଂସ: ୫୫୬/୯, ଘୋଷଣା। ପାକିସ୍ତାନ ପ୍ରଥମ ଇନିଂସ: ୧୪୮ ଅଲଆଉଟ ଅଷ୍ଟ୍ରେଲିଆ ଦ୍ୱିତୀୟ ଇନିଂସ: ୯୭/୨ ଘୋଷଣା। ପାକିସ୍ତାନ ଦ୍ୱିତୀୟ ଇନିଂସ: ୧୯୨/୨ (ବାବର ଆଜାମ-୧୦୨*, ଅବଦୁଲ୍ଲା ଶାଫିକ୍-୭୧ ; କାମେରନ ଗ୍ରୀନ୍-୧/୧୫)।

# ଅଷ୍ଟ୍ରେଲିଆର କ୍ରମାଗତ ଚତୁର୍ଥ ବିଜୟ

**ୱେଲିଂଟନ୍, ୧୫।୩ (ପି.ଟି.)**

ଚଳିତ ଆଇସିସି ମହିଳା ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆ କ୍ରମାଗତ ଚତୁର୍ଥ ବିଜୟ ସହ ଅପରାଜେୟ ରହିଛି। ମଙ୍ଗଳବାର ଅନୁଷ୍ଠିତ ଲିଗ୍ ପର୍ଯ୍ୟାୟ ମ୍ୟାଚରେ ଦଳ ୭ ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଇଭେଣ୍ଟର ଇତିହାସରେ ଅଷ୍ଟ୍ରେଲିଆ ହେଉଛି ସବୁଠାରୁ ସଫଳ ଦଳ। ଏଥର ଟୁର୍ନାମେଣ୍ଟରେ ଭାଗ ନେଇଥିବା ଅନ୍ୟ ସାତୋଟି ଦଳ ତୁଳନାରେ ଅଷ୍ଟ୍ରେଲିଆ ଶକ୍ତିଶାଳୀ ଜଣାପଡୁଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ୱେଷ୍ଟଇଣ୍ଡିଜ ୪୫.୫ ଓଭରରେ ୧୩୧ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ତଥା ଅଧିନାୟିକା ଷ୍ଟିଫାନି ଟେଲର ୯୧ ବଲ୍‌ରେ ୫୦ ରନ କରିଥିଲେ। କ୍ରିଜର ଗୋଟିଏ ପାର୍ଶ୍ୱରେ ଟେଲର ଜମି ରହିଥିବା ବେଳେ ଅପରପାର୍ଶ୍ୱରେ ନିୟମିତ ବ୍ୟବଧାନରେ ଉଇକେଟମାନ ପତନ ଘଟିଥିଲା। ଦଳର ଶ୍ରେଷ୍ଠ ପାର୍ଟନରଶିପ୍ ୩୬ରନ ଚତୁର୍ଥ ଉଇକେଟରେ ଟେଲର ଓ ଉଇକେଟକିପର ବ୍ୟାଟର ଶିମେନି କ୍ୟାମ୍ପବେଲ୍ (୨୦ରନ)ଙ୍କ ମଧ୍ୟରେ ହୋଇଥିଲା। ମ୍ୟାଚରେ ୱେଷ୍ଟଇଣ୍ଡିଜକୁ କିପରି ସଂଘର୍ଷ କରିବାକୁ ପଡ଼ିଥିଲା ଏଥିରୁ ସ୍ପଷ୍ଟ ଅନୁମେୟ। ଅଷ୍ଟ୍ରେଲିଆ ତରଫରୁ ଏଲିସି ପେରି (୩/୨୨) ଓ ଆଶ୍ଲେ ଗାର୍ଡନର (୩/୨୫) ସେମାନଙ୍କ ମଧ୍ୟରେ ୬ ଉଇକେଟ ବାଣ୍ଟି ନେଇଥିଲେ। ଜେସ୍ ଜୋନାସେନ ମାତ୍ର ୧୮ରନ ବିନିମୟରେ ଦୁଇଟି ଉଇକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆ ସହଜରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଦଳ କିନ୍ତୁ ଆରମ୍ଭରୁ ଶୀଘ୍ର ଦୁଇଟି ଉଇକେଟ ହରାଇଥିଲା। ଆଲିସା ହିଲି (୩ ରନ) ଓ ମେଗ୍ ଲାନିଙ୍ଗ୍ (୦) ଶୀଘ୍ର ପ୍ୟାଭିଲିୟନ ଫେରିଥିଲେ। ୫୮ ସ୍କୋର ବେଳକୁ ଦଳ ତୃତୀୟ ଉଇକେଟ ହରାଇ ସାରିଥିଲା। ସେତେବେଳେ ଏଲିସି ପେରୀ ୧୦ରନ କରି ଆଉଟ ହୋଇଯାଇଥିଲେ। ମାତ୍ର ଓପନର ରାଚେଲ ହେନ୍ସ ୯ ଚୌକା ସହ ୯୫ ବଲ୍‌ରୁ ଆକର୍ଷଣୀୟ ୮୩ରନ କରି ଅପରାଜିତ ରହିଥିଲେ। ହେନ୍ସ ଓ ବେଥ୍ ମୁନି (୨୮ ନଟ୍ ଆଉଟ) ୩୦.୨ ଓଭରରେ ଦଳକୁ ବିଜୟ ଲକ୍ଷ୍ୟ ପାର କରାଇଥିଲେ। ୱେଷ୍ଟଇଣ୍ଡିଜ ତରଫରୁ ଚିନେଲି ହେନ୍‌ରୀ (୧/୨୦), ହିଲି ମାଥ୍ୟୁସ (୧/୩୧) ଓ ଶମିଲା କୋନେଲ (୧/୩୨) ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ଅଷ୍ଟ୍ରେଲିଆ ଟୁର୍ନାମେଣ୍ଟରେ ଅପରାଜେୟ ରହିଥିବା ବେଳେ ଦ୍ୱିତୀୟ ପରାଜୟ ସହ ୱେଷ୍ଟଇଣ୍ଡିଜ ୪ ପଏଣ୍ଟ ସହ ପଏଣ୍ଟ ଟେବୁଲରେ ୫ମ ସ୍ଥାନରେ ରହିଛି।




ଶଟ୍ ଖେଳୁଛନ୍ତି ଅପରାଜିତ ଅର୍ଦ୍ଧଶତକ ହାସଲ କରିଥିବା ରାଚେଲ ହେନ୍ସ।

**ସଂକ୍ଷିପ୍ତ ସ୍କୋର**

ୱେଷ୍ଟଇଣ୍ଡିଜ: ୪୫.୫ ଓଭରରେ ୧୩୧/ଅଲଆଉଟ ( ଷ୍ଟିଫାନି ଟେଲର-୫୦ ; ଏଲିସି ପେରୀ-୩/୨୨, ଆଶଲେ ଗାର୍ଡନର-୩/୨୫)। ଅଷ୍ଟ୍ରେଲିଆ: ୩୦.୨ରେ ୧୩୨/୩ (ରାଚେଲ ହେନ୍ସ-୮୩*, ବେଥ୍ ମୁନି-୨୮*, ଚିନେଲି ହେନ୍‌ରୀ-୧/୨୦)।

# ମୁମ୍ବାଇ ଇଣ୍ଡିଆନ୍ସର ପ୍ରସ୍ତୁତି ଆରମ୍ଭ

**ମୁମ୍ବାଇ, ୧୫।୩ (ପି.ଟି.):** ରେକର୍ଡ ୫ଥର ଆଇପିଏଲ୍ ଚାମ୍ପିୟନ ମୁମ୍ବାଇ ଇଣ୍ଡିଆନ୍ସ ୨୦୨୨ ସଂସ୍କରଣ ପାଇଁ ମଙ୍ଗଳବାରଠାରୁ ପ୍ରସ୍ତୁତି ଆରମ୍ଭ କରିଛି। ନଭି ମୁମ୍ବାଇସ୍ଥିତ ରିଲାଏନ୍ସ ଜିଓ ଷ୍ଟାଡିୟମରେ ଦଳର ୧୨ଦିନିଆ ଷ୍ଟ୍ରେନ୍ଥ୍ ଓ କଣ୍ଡିଶନିଂ ପ୍ରି ସିଜନ କ୍ୟାମ୍ପ ଆରମ୍ଭ ହୋଇଛ, ଯେଉଁଠାରେ କି ଇନ୍‌ହାଉସ୍ ଟ୍ରେନିଂ ସୁବିଧା ରହିଛି। କ୍ୟାମ୍ପର ଦ୍ୱିତୀୟ ସପ୍ତାହ ବେଳକୁ ମୁମ୍ବାଇ ଇଣ୍ଡିଆନ୍ସ କେତୋଟି ଇଣ୍ଟର-ସ୍କ୍ୱାଡ୍ ପ୍ରାକ୍ଟିସ ମ୍ୟାଚ ଖେଳିବ। ପ୍ରଥମ ଦିବସ ଟ୍ରେନିଂ ସେସନରେ ଡାଇରେକ୍ଟର ଅଫ୍ କ୍ରିକେଟର ଜାହିର ଖାଁ ଓ କୋଚ୍ ମାହେଲା ଜୟବର୍ଦ୍ଧନେଙ୍କ ନେତୃତ୍ୱରେ କୋଚିଂ ଷ୍ଟାଫ୍‌ମାନଙ୍କ ଦ୍ୱାରା ପ୍ଲେୟର ଆସେସମେଣ୍ଟ ଆନାଲିସିସ୍ ହୋଇଥିଲା।

# ୱାଟସନ ଦିଲ୍ଲୀ କ୍ୟାପିଟାଲ୍ସ ସହକାରୀ କୋଚ୍

**ମୁମ୍ବାଇ, ୧୫।୩ (ପି.ଟି.)**

ଆଇପିଏଲ ଫ୍ରାଞ୍ଚାଇଜ୍ ଦିଲ୍ଲୀ କ୍ୟାପିଟାଲ୍ସ ମଙ୍ଗଳବାର ଆସନ୍ତା ସିଜନ ପାଇଁ ଅଷ୍ଟ୍ରେଲିଆର ପୂର୍ବତନ ଅଲରାଉଣ୍ଡର ଶେନ୍ ୱାଟସନଙ୍କୁ ଦଳର ସହକାରୀ କୋଚ୍ ଭାବେ ନିଯୁକ୍ତି



ଶେନ୍ ୱାଟସନ

ଦେଇଛି। ଫଳରେ ଦିଲ୍ଲୀ କ୍ୟାପିଟାଲ୍ସର ରହିଥିବା ଅନ୍ୟ କୋଚିଂ ଷ୍ଟାଫଙ୍କ ସହ ଯୋଗ ଦେଇଛନ୍ତି। ସେମାନେ ହେଲେ ରିକି ପଣ୍ଟିଂ (ମୁଖ୍ୟ କୋଚ୍), ପ୍ରବୀଣ ଆମ୍ରେ (ସହକାରୀ କୋଚ୍), ଅଜିତ ଅଗରକର (ସହକାରୀ କୋଚ୍) ଓ ଜେମ୍ସ ହୋପ୍ସ (ବୋଲିଂ କୋଚ୍)। ୱାଟସନ କହିଛନ୍ତି, ଆଇପିଏଲ ହେଉଛି ବିଶ୍ୱର ଶ୍ରେଷ୍ଠ ଟି୨୦ ଟୁର୍ନାମେଣ୍ଟ। ଏହି ଇଭେଣ୍ଟରେ ସେ ପ୍ରଥମେ ରାଜସ୍ଥାନ ରୟାଲ୍ସ ଦଳ ତରଫରୁ ଖେଳିଥିଲେ। ସ୍ୱର୍ଗତ ସ୍ପିନ କିମ୍ବଦନ୍ତୀ ଶେନ୍ ୱର୍ନଙ୍କ ନେତୃତ୍ୱରେ ୨୦୦୮ରେ ଏହି ଦଳ ଟୁର୍ନାମେଣ୍ଟର ଉଦ୍‌ଘାଟନୀ ସଂସ୍କରଣ ଚାମ୍ପିୟନ ହୋଇଥିଲା। ପରେ ସେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ଓ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଦଳରୁ ମଧ୍ୟ ଖେଳିଛନ୍ତି। ହ୍ୱାଇଟ ବଲ୍ କ୍ରିକେଟରେ ୱାଟସନଙ୍କୁ ଅନ୍ୟତମ ଶ୍ରେଷ୍ଠ ଅଲରାଉଣ୍ଡର ବିବେଚନା କରାଯାଇଥାଏ। ୫୦ ଓଭର ଫର୍ମାଟରେ ସେ ଅଷ୍ଟ୍ରେଲିଆର ଦୁଇଟି ବିଶ୍ୱକପ୍ (୨୦୦୭ ଓ ୨୦୧୫) ଅଭିଯାନରେ ସାମିଲ ରହିଥିଲେ। ଟି୨୦ ବିଶ୍ୱକପ୍ ୨୦୧୨ରେ ସେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ବିବେଚିତ ହୋଇଥିଲେ। ସୀମିତ ଓଭର କ୍ରିକେଟର ୱାଟସନ ୭୦୦୦ ରନ ସଂଗ୍ରହ କରିବା ସହ ୨୦୦ରୁ ଅଧିକ ଉଇକେଟ ନେଇଛନ୍ତି। ସେ ଅଷ୍ଟ୍ରେଲିଆ ତରଫରୁ ୧୯୦ ଅନ୍ତର୍ଜାତୀୟ ଦିନିକିଆ ଓ ୫୮ ଅନ୍ତର୍ଜାତୀୟ ଟି୨୦ ଖେଳିଛନ୍ତି।




Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ମାର୍ଚ୍ଚ ୧୬/୨୦୨୨ (୮+୮=୧୬ ପୃଷ୍ଠା) Sambalpur, Wednesday, March 16/2022 Page 16 ₹ 7.00 ପୃଷ୍ଠା-୧



## ୫ ପିସିସି ସଭାପତିଙ୍କୁ ବରଖାସ୍ତ କଲେ ସୋନିଆ

ଅଧକ୍ଷା ସୋନିଆ ଗାନ୍ଧୀ ବିଧାନସଭା ନିର୍ବାଚନରେ ପରାଜୟ ପାଇଁ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆ ପିସିସି ସଭାପତିଙ୍କୁ ବରଖାସ୍ତ କରିଛନ୍ତି।

୦୫ ୦୨

## ଭୁଲ୍ କରିଛନ୍ତି ପାଶ୍ଚାତ୍ୟ ଦେଶ: ବୋରିସ୍

ତୈଳ ଓ ଗ୍ୟାସ୍ ପାଇଁ ରୁଷିଆ ଉପରେ ୟୁରୋପୀୟ ଦେଶଗୁଡ଼ିକ ନିର୍ଭର କରି ବଡ଼ ଭୁଲ୍ କରିଛନ୍ତି ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ କହିଛନ୍ତି।



## ଗ୍ରୀଷ୍ମତାପ କମ୍ ହେବା ପାଇଁ ଶୀତଳ ପୂଜା




# କେନ୍ଦ୍ର ଲାଗି ଲୋକପାଳ ଦୁର୍ବଳ

**ନୂଆଦିଲ୍ଲୀ, ୧୫।୩**

ଭାରତର ଦୁର୍ନୀତି ବିରୋଧୀ ଅମ୍ବୁଡ୍ସମ୍ୟାନ୍ ଲୋକପାଳ ୨୦୨୧ ଏପ୍ରିଲରୁ ୨୦୨୨ ଜାନୁୟାରୀ ୩୧ ମଧ୍ୟରେ ୪,୨୪୪ଟି ଅଭିଯୋଗ ପାଇଛନ୍ତି, ଯାହାକି ୨୦୨୦-୨୧ ତୁଳନାରେ ୮୦% ଅଧିକ। ଅଭିଯୋଗ ସଂଖ୍ୟା ବଢୁଥିଲେ ହେଁ କେନ୍ଦ୍ର ସରକାର ତ୍ୱରିତ ଫଇସଲା ଦିଗରେ ବିଶେଷ ପଦକ୍ଷେପ ନେଉ ନ ଥିବା ଦେଖିବାକୁ ମିଳିଛି। ୨୦୨୨-୨୩ ଆର୍ଥିକ ବର୍ଷ ବଜେଟରେ ଲୋକପାଳଙ୍କ ପାଇଁ ୩୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ୨୦୨୧-୨୨ରେ ଏହି ବାବଦରେ ୩୯.୬୭ କୋଟି ଟଙ୍କା ଆବଣ୍ଟନ କରାଯାଇଥିବାବେଳେ ପରେ ତାକୁ ୨୬ କୋଟିକୁ ହ୍ରାସ କରାଯାଇଥିଲା। ଅର୍ଥାତ୍ ଆସନ୍ତା ଆର୍ଥିକ ବର୍ଷ ପାଇଁ ଆବଣ୍ଟିତ ଅର୍ଥକୁ ମଧ୍ୟ କେନ୍ଦ୍ର ସରକାର କମାଇପାରନ୍ତି। ରାଜ୍ୟ ସ୍ତରରେ ମଧ୍ୟ ସରକାରମାନେ ଲୋକାୟୁକ୍ତଙ୍କୁ ନେଇ ଗମ୍ଭୀର ଥିବା ମନେହେଉନାହିଁ। ଏଥିଯୋଗୁ କ୍ଷମତାର ଶୀର୍ଷରେ ଥିବା ନେତା ଓ ଅମଲାତନ୍ତ୍ରୀଙ୍କ ଦୁର୍ନୀତି ରୋକିବା ପାଇଁ ଗଢ଼ାଯାଇଥିବା ଏହି ସାମ୍ବିଧାନିକ ସଂସ୍ଥା କ୍ରମଶଃ ଦୁର୍ବଳ ହେବାରେ ଲାଗିଛି। ମୋଟାମୋଟି ଭାବେ ଅମ୍ବୁଡ୍ସମ୍ୟାନ୍ ସିଷ୍ଟମ୍ ଏକ 'ଦନ୍ତହୀନ ବାଘ' ପାଲଟିଛି।

ପ୍ରଧାନମନ୍ତ୍ରୀ, କ୍ୟାବିନେଟ ମନ୍ତ୍ରୀ, ପାର୍ଲାମେଣ୍ଟ ସଦସ୍ୟ ଏବଂ ଗ୍ରୁପ୍ 'ଏ' ଅଧିକାରୀଙ୍କ ଦୁର୍ନୀତିର ତଦନ୍ତ ଲାଗି ଏକ ଶକ୍ତ ଲୋକପାଳ ବ୍ୟବସ୍ଥା ଗଠନ ନିମନ୍ତେ ୧ ଦଶନ୍ଧି ତଳେ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ସାମାଜିକ କର୍ମୀ ଆନ୍ନା ହାଜାରେଙ୍କ ନେତୃତ୍ୱରେ ଏହି ଆନ୍ଦୋଳନକୁ ଦେଶରେ ଅଭୂତପୂର୍ବ ସମର୍ଥନ ମିଳିଥିଲା। ଏହା ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ଉପରେ ଲୋକପାଳ ଆଇନ ପ୍ରଣୟନ ନେଇ ପ୍ରବଳ ଚାପ ସୃଷ୍ଟି କରିଥିଲା। ଫଳରେ ୨୦୧୩ରେ ଉପା ସରକାର ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ବିଲ୍ ଆଣିବାକୁ ବାଧ୍ୟ ହୋଇଥିଲେ। ତାହା ପ୍ରସ୍ତାବିତ ଆଇନଠାରୁ ଦୁର୍ବଳ ବୋଲି ବାଦବିବାଦ ସୃଷ୍ଟି ହୋଇଥିଲା। ବିତର୍କ ପରେ ଡିସେମ୍ବର ୧୭ରେ ରାଜ୍ୟ ସଭା ଏବଂ ୧୮ରେ ଲୋକ ସଭାରେ ଲୋକପାଳ ଓ ଲୋକାୟୁକ୍ତ ଆଇନ, ୨୦୧୩ ପାରିତ ହୋଇଥିଲା। ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀ ୨୦୧୪ ଜାନୁୟାରୀ ୧ରେ ଏହା ଉପରେ ମୋହର ଲଗାଇବା ପରେ ସେହି ମାସ ୧୬ ତାରିଖରୁ ଦେଶରେ ଉକ୍ତ ଆଇନ ପ୍ରଚଳିତ ହେଲା। ଆଇନ ଅନୁସାରେ ଲୋକପାଳଙ୍କ ସହ ଅନ୍ୟ ୮ ଜଣ ସଦସ୍ୟ ରହିବା କଥା। ସେମାନଙ୍କ ମଧ୍ୟରୁ ୪ ଜଣ ଲେଖାଏ ଜୁଡିସିଆଲ ମେମ୍ବର (ବିଭିନ୍ନ ହାଇକୋର୍ଟର ଅବସରପ୍ରାପ୍ତ ମୁଖ୍ୟ ବିଚାରପତି) ଓ ☞ପୃଷ୍ଠା-୪

## ଓଡ଼ିଶା ଲୋକାୟୁକ୍ତଙ୍କୁ ଭିତ୍ତିଭୂମି ବାଧକ

- ୬୩ ପଦବୀ ଖାଲି ପଡ଼ିଛି
- ବିଚାର ଅପେକ୍ଷାରେ ୮୪୫ ମାମଲା

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ପ୍ରଶାସନିକ କ୍ଷେତ୍ରକୁ ଦୁର୍ନୀତି ମୁକ୍ତ କରିବା ପାଇଁ ରାଜ୍ୟ ସରକାର ଓଡ଼ିଶା ଲୋକାୟୁକ୍ତ ଆଇନ-୨୦୧୪ ଆଣିଛନ୍ତି। ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ, କର୍ମଚାରୀ, ଜନପ୍ରତିନିଧିଙ୍କ ବିରୋଧରେ ଆସୁଥିବା ଅଭିଯୋଗର ଶୁଣାଣି କରି ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ସକାଶେ ରାଜ୍ୟ ସରକାର ୨୦୧୯ ଫେବୃୟାରୀ ୨୮ରେ ଓଡ଼ିଶା ଲୋକାୟୁକ୍ତ ଗଠନ କରିଛନ୍ତି। ତେବେ ଏହି ସଂସ୍ଥା ବିଭିନ୍ନ କାରଣରୁ ଦୁର୍ନୀତି ବିରୋଧରେ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରିବାରେ ସେତେଟା ସଫଳ ହୋଇ ପାରି ନାହିଁ। ଆବଶ୍ୟକ ଭିତ୍ତିଭୂମି, କର୍ମଚାରୀ ଅଭାବ, ସ୍ୱାଧୀନ ତଦନ୍ତକାରୀ ସଂସ୍ଥା ଅଭାବରୁ ଲୋକାୟୁକ୍ତ ମାମଲା ଶୁଣାଣି ଓ ତଦନ୍ତରେ ବିଳମ୍ବ ହେଉଛି।

ଜଣେ ଅଧ୍ୟକ୍ଷଙ୍କ ସମେତ ୫ ଜଣ ସଦସ୍ୟଙ୍କୁ ନେଇ ଏହି ନ୍ୟାୟ ବ୍ୟବସ୍ଥା କାର୍ଯ୍ୟକ୍ଷମ ହୋଇଛି। ୨୦୧୯ ମାର୍ଚ୍ଚ ୨୯ରେ ଜଷ୍ଟିସ ଅଜିତ ସିଂଙ୍କୁ ପ୍ରଥମ ଲୋକାୟୁକ୍ତ ଅଧକ୍ଷ ଭାବେ ନିଯୁକ୍ତି ଦିଆଯାଇଛି। ଏଥିସହିତ ୩୦ ଜିଲାର ମାମଲା ଶୁଣାଣି ପାଇଁ ୧୫ ଜିଲା ହିସାବରେ ୨ଟି ବେଞ୍ଚ୍ ସ୍ଥାପନ କରାଯାଇଛି। ତେବେ ଲୋକାୟୁକ୍ତରେ ଅନେକ ମାମଲା ଗଡ଼ିଚାଲିଛି। ମିଳିଥିବା ସୂଚନା ଅନୁଯାୟୀ ଲୋକାୟୁକ୍ତ ପାଇଁ ରାଜ୍ୟ ସରକାର ୧୫୮ ପଦବୀ ମଞ୍ଜୁର କରିଛନ୍ତି। ସେଥିରୁ ୯୫ଟି ପଦବୀ ପୂରଣ ହୋଇଥିବା ବେଳେ ଆହୁରି ୬୩ ପଦବୀ ଖାଲି ପଡ଼ିଛି। ସେଥିରୁ ସଚିବ(ନ୍ୟାୟିକ)ପଦବୀ ଖାଲିଥିବା ବେଳେ ପବ୍ଲିକ ପ୍ରସିକ୍ୟୁଟର ୫, ପୋଲିସ ଇନ୍ସପେକ୍ଟର ୧, ବ୍ୟକ୍ତିଗତ ସହାୟକ ୫, ଏସ୍‌ଏସ୍‌ଓ ୧୦, ସିନିୟର ଷ୍ଟେନୋ ୮, ଡ୍ରାଇଭର ୪, ଡାଟାଏଣ୍ଟ୍ରିଅପରେଟର ୯, ଜମାଦାର ୧୦, ରିସେପସନିଷ୍ଟ ୧ ଏବଂ ୯ଟି ପିଅନ ପଦବୀ ଖାଲି ରହିଛି। ଦିନକୁ ଦିନ ମାମଲା ସଂଖ୍ୟା ବଢ଼ିଚାଲିଥିବା ବେଳେ କର୍ମଚାରୀ ଅଭାବ ଯୋଗୁ ସେଗୁଡ଼ିକୁ ଫଇସଲା ☞ପୃଷ୍ଠା-୪

## ୨୪ ଘଣ୍ଟାରେ ତ୍ରୁଟି ସୁଧାରିଲା ସିବିଏସ୍‌ଇ

# ପିଲାଙ୍କୁ ଫୁଲ୍ ମାର୍କ

**ଦଶମ ଓଡ଼ିଆ ପ୍ରଶ୍ନପତ୍ର ତ୍ରୁଟି ପ୍ରସଙ୍ଗ**

### ୨୮,୩୧୦ ଛାତ୍ରୀଛାତ୍ର ଉପକୃତ ହେଲେ

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ)ର ଦଶମ ଶ୍ରେଣୀ ଟର୍ମ-୧ ଓଡ଼ିଆ ପରୀକ୍ଷା ମୂଲ୍ୟାୟନ ତ୍ରୁଟି ଅଭିଯୋଗ ଘଟଣାରେ ୨୪ ଘଣ୍ଟା ଭିତରେ ପଦକ୍ଷେପ ନେଇଛି ବୋର୍ଡ। ତ୍ରୁଟି ରହିଥିବା ପ୍ରଶ୍ନ ପାଇଁ ପିଲାଙ୍କୁ ଫୁଲ୍ ମାର୍କ ଦିଆଯାଇଛି। ଏହି ଘଟଣାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ତୁରନ୍ତ ହସ୍ତକ୍ଷେପ ପରେ ସିବିଏସ୍‌ଇ ପକ୍ଷରୁ ଏହାକୁ ଗୁରୁତ୍ୱର ସହ ନେଇ ସମାଧାନ କରାଯାଇଛି। ଫଳରେ ୨୮ ହଜାର ୩୧୦ ଜଣ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି ବୋଲି ମଙ୍ଗଳବାର ସିବିଏସ୍‌ଇ ପକ୍ଷରୁ ପ୍ରେସ୍‌ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ସୂଚନାନୁସାରେ, ଗତ ୧୧ତାରିଖରେ ସିବିଏସ୍‌ଇ ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷାର ଓଡ଼ିଆ ବିଷୟରେ ଛାତ୍ରୀଛାତ୍ରଙ୍କୁ କମ୍ ମାର୍କ ମିଳିବା ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା। ଓଡ଼ିଆ ପରୀକ୍ଷାରେ ପ୍ରଶ୍ନ ଓ ଉତ୍ତରରେ ସାମଞ୍ଜସ୍ୟ ନ ଥିବା ଅଭିଯୋଗ ହୋଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ୨୪ଘଣ୍ଟା ମଧ୍ୟରେ ଛାତ୍ରୀଛାତ୍ରଙ୍କ ଅଭିଯୋଗର ତୁରନ୍ତ ସମାଧାନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ନିର୍ଦ୍ଦେଶକ୍ରମେ ସିବିଏସ୍‌ଇ ବାସ୍ତବ ସ୍ଥିତି ଅନୁଧ୍ୟାନ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ କରିଥିଲା। ଏହି କମିଟି ପରୀକ୍ଷାର ତ୍ରୁଟିକୁ ଅନୁଧ୍ୟାନ କରିବା ପରେ ସୋମବାର ସନ୍ଧ୍ୟା ୬ଟାରେ ରିପୋର୍ଟପ୍ରଦାନ କରିଥିଲା। କମିଟି ରିପୋର୍ଟ ଆଧାରରେ ସିବିଏସ୍‌ଇ ଦଶମ ଶ୍ରେଣୀ ଓଡ଼ିଆ ବିଷୟର ଓଏମ୍‌ଆରଗୁଡ଼ିକୁ ବିଶେଷଜ୍ଞ କମିଟି ଦ୍ୱାରା ଅନୁମୋଦିତ ହୋଇଥିବା ଠିକ୍ ଉତ୍ତର ସହ ମୂଲ୍ୟାଙ୍କନ କରିଥିଲା। ଏହାପରେ ଛାତ୍ରୀଛାତ୍ରଙ୍କ ସଂଶୋଧିତ ମୂଲ୍ୟାଙ୍କନ ମାର୍କକୁ ସମ୍ପୃକ୍ତ ବିଦ୍ୟାଳୟକୁ ପଠାଇ ଦିଆଯାଇଛି। ଏହା ଦ୍ୱାରା ୨୮ ହଜାର ୩୧୦ ଛାତ୍ରୀଛାତ୍ର ଉପକୃତ ହୋଇଛନ୍ତି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଦଶମ ଶ୍ରେଣୀ ଟର୍ମ-୧ ପରୀକ୍ଷା ଫଳ ପ୍ରଦାନରେ ଗୁରୁତର ତ୍ରୁଟି ଯୋଗୁ ଓଡ଼ିଆ ବିଷୟରେ ଛାତ୍ରୀଛାତ୍ରଙ୍କୁ କମ୍ ମାର୍କ ମିଳିଥିବା ଅଭିଯୋଗ ହୋଇଥିଲା। ଓଡ଼ିଆ ବିଷୟରେ ୧୭ ମାର୍କର ତ୍ରୁଟି ରହିଥିଲା। ଓଏମ୍‌ଆର୍‌ରେ ପ୍ରଶ୍ନ ଓ ଉତ୍ତର ସହିତ କୌଣସି ସାମଞ୍ଜସ୍ୟ ନ ଥିଲା। ଫଳରେ ପିଲାମାନେ ଅଭିଯୋଗ ଆଣିବା ସହ ପୂର୍ଣ୍ଣ ମାର୍କ ଦେବା ପାଇଁ ଦାବି କରିଥିଲେ। ଏପରିକି ଓଡ଼ିଶା ଅଭିଭାବକ ମହାସଂଘ କର୍ମକର୍ତ୍ତା ଭୁବନେଶ୍ୱରସ୍ଥିତ ସିବିଏସ୍‌ଇ ଆଞ୍ଚଳିକ କାର୍ଯ୍ୟାଳୟରେ ଆଞ୍ଚଳିକ ଅଧିକାରୀ ଆର୍. ଶ୍ରୀନିବାସନଙ୍କୁ ଭେଟି ତ୍ରୁଟି ସମାଧାନ ପାଇଁ ଦାବିପତ୍ର ଦେଇଥିଲେ। କିନ୍ତୁ ବୋର୍ଡ ଏ ଦିଗରେ କୌଣସି ପଦକ୍ଷେପ ନେଇ ନ ଥିଲା। ଗତ ୧୧ ତାରିଖରେ ରେଜଲ୍ଟ ବାହାରିଲା ପରେ ପିଲାମାନେ ଚିନ୍ତାରେ ପଡ଼ିଯାଇଥିଲେ। କାରଣ ସେହି ୧୭ମାର୍କ କଟିଯାଇଥିଲା। ଏହାକୁ ନେଇ ସାରା ଓଡ଼ିଶାର ଛାତ୍ରୀଛାତ୍ର, ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଅଭିଯୋଗ ଆଣିଥିଲେ। ଏହାକୁ ନେଇ ଅଭିଭାବକ ମହାସଂଘ ସୋମବାର ଆଞ୍ଚଳିକ ଅଧିକାରୀଙ୍କୁ ଭେଟି ତ୍ରୁଟି ସମାଧାନ ପାଇଁ ଦାବି କରିବା ସହ ୭ଦିନ ସମୟ ଦେଇଥିଲେ। ମହାସଂଘ ଏ ନେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରିଥିଲା। ଏହାପରେ ବୋର୍ଡ ଏହାକୁ ଗୁରୁତ୍ୱର ସହ ନେଇ ୨୪ ଘଣ୍ଟାରେ ସମାଧାନ ହୋଇଯିବ ବୋଲି ଟୁଇଟ୍ କରି ସୂଚନା ଦେଇଥିଲା। ତାହା ହିଁ ହେଲା। ୨୪ ଘଣ୍ଟା ନ ପୂରୁଣୁ ସମସ୍ୟାର ସମାଧାନ କରିଥିଲା ବୋର୍ଡ। ଓଡ଼ିଆ ପିଲାଙ୍କ ଏହି ଗୁରୁତ୍ୱପୂର୍ଣ୍ଣ ଅଭିଯୋଗର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଏବଂ ସିବିଏସ୍‌ଇ ଆଞ୍ଚଳିକ ଅଧିକାରୀଙ୍କୁ ଅଭିଭାବକ ମହାସଂଘ ଧନ୍ୟବାଦ ଜଣାଇଛି।

# ଅନ୍‌ଲାଇନ ଗେମ୍ ଲାଗି ଯୁବ ଇଞ୍ଜିନିୟରଙ୍କ ଜୀବନ ଗଲା

- ଫେକ୍ ଆକାଉଣ୍ଟ ଖୋଲି ଲକ୍ଷ ଲକ୍ଷ ଟଙ୍କା ଠକେଇ
- ଏକମାତ୍ର ପୁଅକୁ ହରାଇ ମା'ବାପା ବେସାହାରା
- ମୃତଦେହ ଅଟକାଇ ଟଙ୍କା ଦାବି କଲେ ଲୋକେ

**ଜଳେଶ୍ୱର, ୧୫।୩(ଡି.ଏନ.ଏ.)**

ଅନଲାଇନରେ ଗେମ୍ ଖେଳି ସେଥିରୁ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାର ଲାଳସା ଯୁବପିଢ଼ିଙ୍କୁ କବଳିତ କରିଛି। ହେଲେ ଅନେକ ସମୟରେ ତାଙ୍କ ଅଜାଣତରେ ସେମାନେ ଲକ୍ଷ ଲକ୍ଷ ଟଙ୍କା ଠକାମିର ଶୀକାର ହେଉଛନ୍ତି। ଶେଷରେ ଅନ୍ୟ ଉପାୟ ନ ପାଇ ଆତ୍ମହତ୍ୟା ପନ୍ଥାକୁ ବାଛି ନେଉଛନ୍ତି। ଏଭଳି ଏକ ଦୁଃଖଦ ଘଟଣା ଘଟିଛି ଜଳେଶ୍ୱର ଥାନା ଆମ୍ବଲିଅଠା ଗାଁରେ। ପୂର୍ବତନ ୱାର୍ଡ଼ ସଦସ୍ୟ ସ୍ୱରୂପ ନନ୍ଦୀ ଓ ଅଙ୍ଗନୱାଡ଼ି କର୍ମୀ କଳ୍ପନାଙ୍କର ଏକମାତ୍ର ପୁଅ ସୌମିତ୍ର ନନ୍ଦୀ(୨୭) ଏଭଳି ଅନଲାଇନ ଗେମ୍‌ର ବଶବର୍ତ୍ତୀ ହୋଇ ଲକ୍ଷାଧିକ ଟଙ୍କା ହରାଇବା ପରେ ଆତ୍ମହତ୍ୟା କରିଛନ୍ତି।


ଯୁବ ଇଞ୍ଜିନିୟର ସୌମିତ୍ର ନନ୍ଦୀ

ସୌମିତ୍ର ଇଞ୍ଜିନିୟରିଂ ପାସ୍ କରି ବାଙ୍ଗାଲୋରରେ ଆଇଟି କ୍ଷେତ୍ରରେ ନିଯୁକ୍ତି ପାଇଥିଲେ। କିନ୍ତୁ ଲକ୍‌ଡାଉନ୍ ପରେ ଗାଁକୁ ଆସି ଅନ୍‌ଲାଇନ୍‌ରେ କମ୍ପାନୀ କାର୍ଯ୍ୟ କରବା ସହ ବଳକା ସମୟରେ ଟ୍ରେଡ଼ିଂ ଆଣ୍ଡ ଗେମିଂରେ ଅଭ୍ୟସ୍ତ ହୋଇଥିଲେ। କେତେକ ଅପରାଧୀ ତାଙ୍କ ନାମରେ ଫେକ୍ ଏକାଉଣ୍ଟ ଖୋଲି ଅର୍ଥ ରୋଜଗାର କରିଆସୁଥିଲେ। ଇତି ମଧ୍ୟରେ ସେ ଲକ୍ଷ ଲକ୍ଷ ଟଙ୍କା ହରାଇ ଚାଲିଥିଲେ। କିଛିଦିନ ତଳେ ଜଳେଶ୍ୱର ଥାନାରେ ମାମଲା ରୁଜୁ ହେବାରୁ ପୋଲିସ୍ ତାଙ୍କ ଲାପ୍‌ଟପ୍ ଓ ମୋବାଇଲ ଜବତ କରିଥିଲା। ପରେ ତାଙ୍କ ବାପା ସ୍ୱରୂପ ନନ୍ଦୀ ଜମି ବିକ୍ରି କରି ୧୨ଲକ୍ଷ ଟଙ୍କା ପରିଶୋଧ କରିଥିଲେ। ଅପରାଧୀମାନେ ତାଙ୍କୁ ବାରମ୍ବାର ଅର୍ଥ ମାଗୁଥିବାରୁ ସେ ବହୁ ସମୟରେ ବିଚଳିତ ଅବସ୍ଥାରେ ରହୁଥିଲେ। ଶେଷରେ ପରିସ୍ଥିତି ଜଟିଳ ହେବାରୁ ସୌମିତ୍ର ମାନସିକ ଭାରସାମ୍ୟ ହରାଇ ଏକ ସୁଇସାଇଡ୍ ନୋଟ ଲେଖି ଘାସମରା ବିଷ ପିଇ ଦେଇଥିଲେ। ପରିବାର ଲୋକେ ଏହା ଜାଣିବା ପରେ ପ୍ରଥମେ ଜିକେଭଙ୍ଗର ହସ୍‌ପିଟାଲ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରିଥିଲେ। ମଙ୍ଗଳବାର ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ☞ପୃଷ୍ଠା-୪

## ପୂର୍ବତନ ବିଧାୟକ ଅନାମ ନାଏକଙ୍କ ୧.୫ କୋଟି ଟଙ୍କାର ସମ୍ପତ୍ତି ଜବତ

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ପୂର୍ବତନ ବିଧାୟକ ଅନାମ ନାଏକଙ୍କ ୧.୫ କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତିକୁ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ମଙ୍ଗଳବାର ଜବତ କରିଛି। ମନି ଲଣ୍ଡରିଂ ନିରୋଧୀ ଆଇନ ଅନୁଯାୟୀ ଉକ୍ତ ସମ୍ପତ୍ତି ଜବତ କରାଯାଇଥିବା ଇଡି ପକ୍ଷରୁ କୁହାଯାଇଛି। ଅନାମ ନାଏକ ବିଧାୟକ ହେବା ପୂର୍ବରୁ ରାଜସ୍ୱ ବିଭାଗ ଅଧୀନରେ ଜଣେ କନିଷ୍ଠ କିରାଣି ଭାବେ କାମ କରୁଥିଲେ। ତାଙ୍କ ନାମରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗର ତଦନ୍ତ ପରେ ତାଙ୍କ ନାମରେ ଓ ତାଙ୍କ ପରିବାର ନାମରେ ଥିବା ବ୍ୟାଙ୍କ ଡିପୋଜିଟ ଏବଂ ଆୟ ବହିର୍ଭୂତ ସମ୍ପତ୍ତିର ତଦନ୍ତ କରାଯାଇଥିଲା। ମନି ଲଣ୍ଡରିଂ ଆଇନ ନିରୋଧୀ ବଳରେ ୨୦୨୦ ଜାନୁୟାରୀରେ ଅନାମଙ୍କ ବିରୋଧରେ କୋରାପୁଟ ଭିଜିଲାନ୍ସ କୋର୍ଟରେ ଇଡି ପକ୍ଷରୁ ମାମଲା ରୁଜୁ କରାଯାଇଥିଲା। ତଦନ୍ତ ପରେ ଉକ୍ତ ବେଆଇନ ସମ୍ପତ୍ତି ଜବତ କରାଯାଇଥିବା ଇଡି ପକ୍ଷରୁ କୁହାଯାଇଛି।

### ଓଏଫ୍‌ଏସ୍, ଓଏଏସ୍ ଦମ୍ପତିଙ୍କ ୩.୯୪ କୋଟି ସମ୍ପତ୍ତି ଜବତ କଲା ଇଡି

ଭୁବନେଶ୍ୱର, ୧୫।୩(ବ୍ୟୁରୋ)-ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଏବଂ ମନି ଲଣ୍ଡରିଂ ମାମଲାରେ ଓଡ଼ିଶା ଅର୍ଥନୈତିକ ସେବା (ଓଏଫ୍‌ଏସ୍) ଅଧିକାରୀ ନଳିନୀ ପୃଷ୍ଟି ଓ ତାଙ୍କ ସ୍ୱାମୀ ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ଅଧିକାରୀ ବିଜୟ କେତନ ସାହୁଙ୍କର ୩.୯୪ କୋଟି ଟଙ୍କାର ସମ୍ପତ୍ତିକୁ ମଙ୍ଗଳବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ଜବତ କରିଛି। ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨) ଓ ୧୩(୧)( ବି) ଅନୁଯାୟୀ ଇଡି ପକ୍ଷରୁ କଟକସ୍ଥିତ ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଥିଲା। ଉଭୟେ ୫.୦୫ କୋଟି ଟଙ୍କାର ବେଆଇନ ସମ୍ପତ୍ତି ଠୁଳ କରିଥିବା ଇଡି ପକ୍ଷରୁ ଦର୍ଶାଯାଇଛି। ଉକ୍ତ ଦମ୍ପତି ଆୟଠାରୁ ବହୁ ଅଧିକ ବ୍ୟାଙ୍କ ଡିପୋଜିଟ ଏବଂ ସମ୍ପତ୍ତି ଠୁଳ କରିଥିବା ଇଡି ପକ୍ଷରୁ କୁହାଯାଇଛି। ☞ପୃଷ୍ଠା-୪

# ରାମ୍‌କୋ ସିମେଣ୍ଟ ପାଇଁ ନିୟମ ଭିନ୍ନ

- ଜନଶୁଣାଣି ନ ହୋଇ ମିଳିଛି ପରିବେଶଗତ ଅନୁମତି
- ସଡ଼କ ପଥରେ ଚାଲିଛି ପରିବହନ
- ୨ ସରପଞ୍ଚଙ୍କ ଦସ୍ତଖତ ଜାଲିଆତି ଅଭିଯୋଗ ଚପିଗଲା

**ହର୍ଷବର୍ଦ୍ଧନ ବେହେରା**
**ଯାଜପୁର ଅଫିସ, ୧୫।୩**


ରାମ୍‌କୋ ସିମେଣ୍ଟ କାରଖାନାକୁ ସଡ଼କ ପଥରେ ହେଉଥିବା କଞ୍ଚାମାଲ ପରିବହନ।

ପ୍ରଭାବିତ ଓ କ୍ଷତିଗ୍ରସ୍ତ ଲୋକଙ୍କ ସହିତ ଜନଶୁଣାଣି ନ କରି ସିମେଣ୍ଟ ପ୍ରସ୍ତୁତକାରୀ କମ୍ପାନୀ ରାମ୍‌କୋକୁ ରାଜ୍ୟ ସରକାର ସମସ୍ତ ପ୍ରକାର ଅନୁମତି ପ୍ରଦାନ କରିଛନ୍ତି। କଞ୍ଚାମାଲ ଓ ଉତ୍ପାଦିତ ସାମଗ୍ରୀର ପରିବହନ ରେଳପଥରେ କରାଯିବ ବୋଲି ଦର୍ଶାଇ ରାମ୍‌କୋ ଜନଶୁଣାଣିକୁ ବାଦ୍ ଦେଇ ପରିବେଶଗତ ଅନୁମତି ହାତେଇଥିବା ପୂର୍ବରୁ ଅଭିଯୋଗ ହୋଇଛି। ଏବେ ଉତ୍ପାଦିତ ସାମଗ୍ରୀ ଓ କଞ୍ଚାମାଲ ସଡ଼କ ପଥରେ ପରିବହନ ହେଉଛି। ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ହରିଦାସପୁରଠାରେ କାରଖାନା ପ୍ରତିଷ୍ଠା ପାଇଁ ଚଞ୍ଚକତା ସହିତ ପ୍ରାୟ ୨ ଏକର ଗୋଚର ଜମିକୁ ଅଣଗୋଚର ଜମି ଭାବେ ପରିବର୍ତ୍ତନ କରିବା ପାଇଁ ତତ୍କାଳୀନ ଥାନୁଆଳ ସରପଞ୍ଚ ଅମୂଲ୍ୟଧନ ଜେନା ଓ ଆରୁହା ସରପଞ୍ଚ ହରିହର ରାଉତଙ୍କ ଦସ୍ତଖତ ଜାଲିଆତି କରାଯାଇଛି। ଏନେଇ ଉଭୟ ସରପଞ୍ଚ ୨୦୧୯ ଫେବୃୟାରୀରେ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ହେଲେ ଅର୍ଥ ବଳରେ ଅଭିଯୋଗଗୁଡ଼ିକ ଚପାଇ ଦିଆଯାଇଥିବା ଜଣାପଡ଼ିଛି।

ରାମ୍‌କୋ ସିମେଣ୍ଟ ଲିଃ ୨୫।୬।୨୦୧୮ରେ 'ଗୋ ସ୍ୱିଫ୍ଟ' ପୋର୍ଟାଲ ଜରିଆରେ ପିପିଏସ୍‌ସି ପାଇଁ ଆବେଦନ କରିଥିଲା। ଏହାପୂର୍ବରୁ କମ୍ପାନୀ ୧୦।୫।୨୦୧୭ରେ ଫେରୋ ଆଲଏଜ କର୍ପୋରେଶନଠାରୁ ଜମି କିଣିଥିଲା। ୨୦୧୮ ନଭେମ୍ବର ୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସ ଜରିଆରେ ରାମ୍‌କୋ ସିମେଣ୍ଟ କାରଖାନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। କମ୍ପାନୀ ବାର୍ଷିକ ୦.୯ ମିଲିୟନ ଟନ ପୋର୍ଟଲାଣ୍ଡ ସ୍ଲାଗ୍ ସିମେଣ୍ଟ, ପୋର୍ଟଲାଣ୍ଡ ପୋଜୋଲାନା ସିମେଣ୍ଟ ଓ ଅର୍ଡିନାରି ପୋର୍ଟଲାଣ୍ଡ ସିମେଣ୍ଟ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖିଥିଲା। ଏହି କାରଖାନାରେ ସିଧାସଳଖ ୬୩ ଓ ପରୋକ୍ଷ ଭାବେ ୩୦୦ ଜଣ ନିଯୁକ୍ତି ପାଇବେ ବୋଲି କମ୍ପାନୀ ରିପୋର୍ଟରେ ଦର୍ଶାଯାଇଥିଲା। ଏଥିପାଇଁ ୫୧୫ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଥିଲା। ଏଥିରେ ଜମି ଓ ଜମି ଉନ୍ନତୀକରଣ ପାଇଁ ୬୦ କୋଟି, ବିଲ୍ଡିଂ ଓ ସିଭିଲ କାର୍ଯ୍ୟ ଲାଗି ୫୬.୫ କୋଟି ଟଙ୍କା, ବିଦ୍ୟୁତ୍‌କରଣ ନିମନ୍ତେ ୫୦ କୋଟି ଟଙ୍କା, ଯନ୍ତ୍ରପାତି ପାଇଁ ୩୧୬ କୋଟି ଓ ଭିତ୍ତିଭୂମି ☞ପୃଷ୍ଠା-୪

## ନୂଆ କଟକଣା ଲଗାଇଲା ଇୟୁ

ବ୍ରସେଲ୍ସ, ୧୫।୩: ୟୁକ୍ରେନ ଆକ୍ରମଣ ପାଇଁ ରୁଷିଆ ଉପରେ ୟୁରୋପୀୟ ସଂଘ (ଇୟୁ) ମଙ୍ଗଳବାର ନୂଆ କଟକଣା ଲଗାଇଛି। ରୁଷିଆର ଶକ୍ତି କ୍ଷେତ୍ରରେ ନିବେଶ ବନ୍ଦ ସହ ସେଠାକୁ ଲକ୍‌ଜରି ସାମଗ୍ରୀ ରପ୍ତାନି ଏବଂ ଷ୍ଟିଲ୍ ଉତ୍ପାଦର ଆମଦାନୀକୁ ବ୍ୟାନ୍ କରାଯାଇଛି। ଏଥିସହ ଚେଲ୍‌ସା ଫୁଟ୍‌ବଲ କ୍ଲବର ମାଲିକ ରୋମାନ ଆବ୍ରାମୋଭିଚ୍‌ଙ୍କ ସମେତ ରୁଷିଆର ଅନ୍ୟ ବ୍ୟବସାୟୀଙ୍କ ଉପରେ ମଧ ଇୟୁ କଟକଣା ଲଗାଇଛି। ଏହି କଟକଣା ଦ୍ୱାରା ରୁଷିଆର ପ୍ରମୁଖ ପେଟ୍ରୋଲିୟମ କମ୍ପାନୀ ରୋଜ୍‌ନେଫ୍ଟ, ଟ୍ରାନ୍ସନେଫ୍ଟ, ଗାଜ୍‌ପ୍ରୋମ୍ ନେଫ୍ଟ ପ୍ରଭାବିତ ହେବେ। ଏହା ସତ୍ତ୍ୱେ ୟୁରୋପୀୟ ଦେଶଗୁଡ଼ିକ ସେମାନଙ୍କଠାରୁ ତୈଳ ଓ ଗ୍ୟାସ୍ କିଣିପାରିବେ ବୋଲି ଇୟୁ ପକ୍ଷରୁ କୁହାଯାଇଛି। ଏତଦ୍‌ବ୍ୟତୀତ କ୍ରେମ୍‌ଲିନ୍ ମିଲିଟାରି-ଇଣ୍ଡଷ୍ଟ୍ରିଆଲ କମ୍ପ୍ଲେକ୍ସ ସହ ସଂଯୁକ୍ତ କେତେକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ସହିତ କାରବାର ଉପରେ ମଧ ନିଷେଧାଦେଶ ଜାରି ହୋଇଛି। ଏହି ବ୍ୟାନ୍ ଫଳରେ ରୁଷିଆର ୩.୬ ବିଲିୟନ ଡଲାର ମୂଲ୍ୟର ଷ୍ଟିଲ ଉତ୍ପାଦ କାରବାର ପ୍ରଭାବିତ ହେବ ବୋଲି ଇୟୁ ପକ୍ଷରୁ କୁହାଯାଇଛି। ସେହିପରି ୟୁନାଇଟେଡ୍ କିଙ୍ଗଡମ୍ ମଧ ରୁଷିଆ ଉପରେ ମଧ ନୂଆ କଟକଣା ଲଗାଇଛି।

## କ୍ୱିଭ୍ ଗସ୍ତରେ ୩ ୟୁରୋପୀୟ ପ୍ରଧାନମନ୍ତ୍ରୀ

କ୍ୱିଭ୍, ୧୫।୩: ୟୁକ୍ରେନ୍ ଉପରେ ରୁଷିଆର ଆକ୍ରମଣ ଜାରି ଥିବାବେଳେ ପୋଲାଣ୍ଡ, ଚେକ୍ ରିପବ୍ଲିକ୍ ଏବଂ ସ୍ଲୋଭେନିଆର ପ୍ରଧାନମନ୍ତ୍ରୀ ମଙ୍ଗଳବାର କ୍ୱିଭ୍ ଗସ୍ତ କରିଛନ୍ତି। ରୁଷିଆ ଆକ୍ରମଣ ପରଠାରୁ କ୍ୱିଭ୍‌କୁ କୌଣସି ବିଦେଶ ନେତା ଯିବାରେ ଏହା ପ୍ରଥମ। ପୋଲାଣ୍ଡ ପ୍ରଧାନମନ୍ତ୍ରୀ ମାଟେୟୁସ୍‌ଜ ମୋରାୱିକି, ଚେକ୍ ରିପବ୍ଲିକ ପ୍ରତିପକ୍ଷ ପିଟର ଫିଆଲା ଏବଂ ସ୍ଲୋଭେନିଆ ପ୍ରଧାନମନ୍ତ୍ରୀ ଜାନେଜ୍ ଜାନ୍‌ସା ଟ୍ରେନ୍ ଯୋଗେ କ୍ୱିଭ୍‌ରେ ପହଞ୍ଚିଛନ୍ତି। ସେମାନେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସହ ଆଲୋଚନା କରିଛନ୍ତି। ୟୁକ୍ରେନ୍ ଓ ଏହାର ସ୍ୱାଧୀନତାକୁ ୟୁରୋପୀୟ ସଂଘର ସମର୍ଥନ ରହିଥିବା ଜଣାଇବା ଏହି ଗସ୍ତର ଉଦ୍ଦେଶ୍ୟ ବୋଲି ଚେକ୍ ରିପବ୍ଲିକ ପ୍ରଧାନମନ୍ତ୍ରୀ ଜାନେଜ୍ ଟୁଇଟ୍ କରିଛନ୍ତି। ଆମ ପିଲାମାନଙ୍କୁ ସ୍ୱାଧୀନ ଭାବେ ବଞ୍ଚିବା ନିମନ୍ତେ ଏକ ମୁକ୍ତ ବିଶ୍ୱ ଯୋଗାଇଦେବା ପ୍ରମୁଖ କର୍ତ୍ତବ୍ୟ ବୋଲି ମାଟେୟୁସ୍‌ଜ କହିଛନ୍ତି।


ରୁଷିଆ ଆକ୍ରମଣରେ କ୍ୱିଭ୍‌ସ୍ଥିତ ଏକ ବିଲ୍ଡିଂ ଜଳୁଛି।

# ରୁଷିଆ କବ୍‌ଜାରେ ଖେରସନ୍

**■କ୍ୱିଭ୍‌ରେ ଘନଘନ ମିଶାଇଲ ମାଡ଼**
**■ନିରାଶ କରିଛି ନାଟୋ:ଜେଲେନ୍‌ସ୍କି**

କ୍ୱିଭ୍, ୧୫।୩

ୟୁକ୍ରେନ୍ ଉପରେ ରୁଷିଆ ଆକ୍ରମଣକୁ ମଙ୍ଗଳବାର ୨୦ ଦିନ ପୂରିଥିବାବେଳେ ଏହି ପୂର୍ବ ୟୁରୋପୀୟ ଦେଶର ବିଭିନ୍ନ ସହରରେ ମସ୍କୋ ପକ୍ଷରୁ ତୁହାକୁ ତୁହା କ୍ଷେପଣାସ୍ତ୍ର ମାଡ଼ କରାଯାଉଛି। ରାଜଧାନୀ କ୍ୱିଭ୍‌କୁ ଅକ୍ତିଆର କରିବାକୁ ରୁଷିଆ ସୈନ୍ୟ ଜୋର୍‌ଦାର ଉଦ୍ୟମ କରି ସବୁ ପ୍ରକାର ପ୍ରତିଷ୍ଠାନ ତଥା ରେସିଡେନ୍ସିଆଲ ବିଲ୍ଡିଂକୁ ଟାର୍ଗେଟ କରୁଛନ୍ତି। ସେଠାରେ ୩୫ ଘଣ୍ଟା ପାଇଁ କର୍ଫ୍ୟୁ ଜାରି କରାଯାଇଛି। ତେବେ କ୍ୱିଭ୍ ପୂର୍ବରୁ ୟୁକ୍ରେନ୍‌ର ଖେରସନ ସହରକୁ ସମ୍ପୂର୍ଣ୍ଣ ଭାବେ କବ୍‌ଜା କରି ନେଇଥିବା ରୁଷିଆ ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ମେଜର ଜେନେରାଲ ଆଇଗର କୋନାଶେଙ୍କଭୋ ସୂଚନା ଦେଇଛନ୍ତି। ଗତ ୨୪ ଘଣ୍ଟାରେ ରୁଷିଆ ଏୟାର ଡିଫେନ୍ସ ସିଷ୍ଟମ ୟୁକ୍ରେନ୍‌ର ୧୬ ଯୁଦ୍ଧବିମାନ ସହ ୧୩ ଡ୍ରୋନ୍‌କୁ ନଷ୍ଟ କରିଛି। ସେଥିମଧ୍ୟରେ ସୁଖୋଇ ବିମାନ ଏସ୍‌ୟୁ-୨୪, ଏସ୍‌ୟୁ-୨୫ ଏବଂ ଏମ୍‌ଆଇ-୮ ହେଲିକପ୍ଟର ରହିଛି।


ବ୍ରିଟେନ୍‌ର ୱେଲ୍ସସ୍ଥିତ କାର୍ଡିଫ୍‌ରେ ଜଣେ କଳାକାର ଏକ ପ୍ରାଚୀର ଚିତ୍ର ଆଙ୍କିଛନ୍ତି। ଏଥିରେ ୟୁକ୍ରେନ୍ ଜାତୀୟ ପତାକାରେ 'କାନ୍ଦୁଥିବା ଆଖି'ର ଫଟୋ ଉଠାଉଛନ୍ତି ଜଣେ ମହିଳା।

କ୍ରାମାଟୋର୍‌ସ୍କ ନିକଟରେ ଥିବା ୟୁକ୍ରେନ୍ ଏୟାରବେସ୍‌କୁ ମଧ ନଷ୍ଟ କରାଯାଇଥିବା କୋନୋଶେଙ୍କୋଭ୍ କହିଛନ୍ତି।

ରୁଷିଆ ଆକ୍ରମଣକୁ ବନ୍ଦ କରିବା ପାଇଁ ୟୁକ୍ରେନ୍‌ରେ ନାଟୋ ପକ୍ଷରୁ ନୋ-ଫ୍ଲାଏ ଜୋନ୍ ଲାଗୁ କରାଯାଉ ନ ଥିବାରୁ ନିରାଶ ହୋଇଛନ୍ତି ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି। ବ୍ରିଟେନ, ଡେନ୍‌ମାର୍କ, ଏଷ୍ଟୋନିଆ, ଫିନ୍‌ଲାଣ୍ଡ ସମେତ ୟୁରୋପିଆନ୍ ଲିଡରଙ୍କ ସହ ଜଏଣ୍ଟ ଏକ୍ସପେଡିସନାରି ଫୋର୍ସ ଲଣ୍ଡନ-୨୦୨୨ ବୈଠକରେ ଭିଡିଓ କନ୍‌ଫରେନ୍ସ ଜରିଆରେ ଯୋଗଦେଇ ଜେଲେନ୍‌ସ୍କି କହିଛନ୍ତି, ବିଶ୍ୱର ସବୁଠାରୁ ସାମରିକ ମେଣ୍ଟ ହେବା ସତ୍ତ୍ୱେ ୟୁକ୍ରେନ୍‌କୁ ରୁଷିଆ ଆକ୍ରମଣରୁ ରକ୍ଷା କରିବା ନିମନ୍ତେ ଏ ପର୍ଯ୍ୟନ୍ତ ସେଠାରେ ନୋ-ଫ୍ଲା ଜୋନ୍ ଲାଗୁ କରୁନାହିଁ। ନାଟୋର କେତେ ସଦସ୍ୟ ରାଷ୍ଟ୍ର ରୁଷିଆର ଆକ୍ରମଣାତ୍ମକ କାର୍ଯ୍ୟରେ ଭୟଭୀତ ହୋଇଛନ୍ତି। ନାଟୋ ୟୁକ୍ରେନ୍‌ରେ ନୋ-ଫ୍ଲାଏ ଜୋନ୍ ଘୋଷଣା କଲେ ତୃତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେବ ବୋଲି ଅନେକେ କହୁଥିବାର ଶୁଣିବାକୁ ମିଳୁଛି। ଏହା ରୁଷିଆକୁ ସାହସ ଦେଉଛି ଏବଂ ମସ୍କୋର ସୈନ୍ୟ ଶାନ୍ତିପୂର୍ଣ୍ଣ ସହର, ହସ୍ପିଟାଲ, ସ୍କୁଲ, ଲୋକଙ୍କ ଘରକୁ ଟାର୍ଗେଟ କରୁଛନ୍ତି। ଦିନକରେ କ୍ୱିଭ୍‌ରେ ୪ ବହୁତଳ ପ୍ରାସାଦ ବିଶିଷ୍ଟ ବାସଯୋଗ୍ୟ କୋଠାକୁ ଧ୍ୱଂସ କରାଯାଇଛି। ଏଥିରେ ୧୦ରୁ ଊର୍ଦ୍ଧ୍ୱ ସାଧାରଣ ନାଗରିକଙ୍କ ମୃତ୍ୟୁ ଘଟିଛି। ଏ ସବୁକୁ ଦେଖି ପାଶ୍ଚାତ୍ୟ ଦେଶଗୁଡ଼ିକ କାହିଁକି ପଦକ୍ଷେପ ନେଉନାହାନ୍ତି ବୋଲି ଜେଲେନ୍‌ସ୍କି ପ୍ରଶ୍ନ କରିଛନ୍ତି।

## ରୁଷୀୟ ନ୍ୟୁଜ ଚ୍ୟାନେଲ୍‌ରେ ଯୁଦ୍ଧ ବିରୋଧୀ ପୋଷ୍ଟର ଦେଖାଇଲେ




ମସ୍କୋ, ୧୫।୩

ୟୁକ୍ରେନ୍ ଉପରେ ଆକ୍ରମଣକୁ ବିରୋଧ କରି ଲାଇଭ୍ ଟିଭିରେ ଯୁଦ୍ଧ ବିରୋଧୀ ପୋଷ୍ଟର ଦେଖାଇ ଚର୍ଚ୍ଚାକୁ ଆସିଛନ୍ତି ରୁଷୀୟ ଟିଭି ଚ୍ୟାନେଲ ସମ୍ପାଦିକା ମାରିନା ଓଭ୍‌ସିୟାନିକୋଭା। ଘଟଣା ପରେ ତାଙ୍କୁ ରୁଷିଆ ପୋଲିସ ଗିରଫ କରି ମସ୍କୋର ଏକ କୋର୍ଟରେ ହାଜର କରାଇଛି। ଗଣମାଧ୍ୟମ ଉପରେ ମସ୍କୋର ସମ୍ପୂର୍ଣ୍ଣ ନିୟନ୍ତ୍ରଣ ସତ୍ତ୍ୱେ ମାରିନାଙ୍କ ଏହି ସାହସିକତାକୁ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ପ୍ରଶଂସା କରିଛନ୍ତି।

ରବିବାର ସନ୍ଧ୍ୟାରେ ଉକ୍ତ ଚ୍ୟାନେଲରେ ମାରିନା ବୁଲେଟିନ୍ ପ୍ରସାରଣ ବେଳେ ଏକ ପୋଷ୍ଟର ଧରି ଛିଡ଼ାହୋଇଥିବା ଦେଖିବାକୁ ମିଳିଥିଲା। 'ଯୁଦ୍ଧ ଚାହୁଁନାହୁଁ। ଯୁଦ୍ଧକୁ ରୋକାଯାଉ। ମିଛ ପ୍ରୋପାଗଣ୍ଡା ଉପରେ ବିଶ୍ୱାସ କରନାହିଁ। ରୁଷୀୟ ନାଗରିକ ଯୁଦ୍ଧ ବିରୋଧୀ' ବୋଲି ପୋଷ୍ଟରରେ ଲେଖାହୋଇଥିଲା। ଏହି ସମୟରେ ପ୍ରୋଗ୍ରାମ୍ ଡାଇରେକ୍ଟର କାର୍ଯ୍ୟକ୍ରମକୁ ଅଟକାଇ ଅନ୍ୟ ରେକର୍ଡିଂ ଚଲାଇଥିଲେ। ଲାଇଭ୍ ପ୍ରୋଗ୍ରାମରେ ବିରୋଧ ପ୍ରଦର୍ଶନ ପୂର୍ବରୁ ମାରିନା ଆଉ ଏକ ଭିଡିଓ ରେକର୍ଡ କରିଥିଲେ। ଏଥିରେ ସେ ୟୁକ୍ରେନ୍ ଆକ୍ରମଣକୁ ଅପରାଧ ବୋଲି କହିଥିଲେ। କ୍ରେମ୍‌ଲିନ୍‌ର ପ୍ରଚାର ପାଇଁ କାର୍ଯ୍ୟ କରୁଥିବାରୁ, ଟେଲିଭିଜନ ସ୍କ୍ରିନ୍‌ରେ ମିଛ କହୁଥିବାରୁ ଏବଂ ରୁଷୀୟ ଲୋକଙ୍କୁ ଜିଅନ୍ତା ଶବ କରିଥିବାରୁ ସେ ଲଜ୍ଜିତ ବୋଲି ଏହି ଭିଡିଓରେ କହିଥିଲେ।

## ଭୁଲ୍ କରିଛନ୍ତି ପାଶ୍ଚାତ୍ୟ ଦେଶ

**ରୁଷିଆ ଉପରେ ନିର୍ଭରଶୀଳତାକୁ ଦାୟୀ କଲେ ବୋରିସ୍**



ଲଣ୍ଡନ, ୧୫।୩

କ୍ରିମିଆ ଉପଦ୍ୱୀପ ଦଖଲ ପରେ ପାଶ୍ଚାତ୍ୟ ରୁଷିଆ ଉପରୁ ନିର୍ଭରଶୀଳତା କମାଇବା ଜରୁରୀ ଥିଲା। କିନ୍ତୁ ତୈଳ ଓ ଗ୍ୟାସ୍ ପାଇଁ ମସ୍କୋ ଉପରେ ୟୁରୋପୀୟ ଦେଶଗୁଡ଼ିକ ନିର୍ଭର କରି ବଡ଼ ଭୁଲ୍ କରିଛନ୍ତି ବୋଲି ବ୍ରିଟେନ୍ ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନ୍ କହିଛନ୍ତି। ଏହି ଭୁଲ୍ ରୁଷିଆ ଆକ୍ରମଣ ପାଇଁ ରାସ୍ତା ଫିଟାଇଥିବା ବୋରିସ୍ ଏକ ଆର୍ଟିକଲରେ ଲେଖିଛନ୍ତି। ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଜାଣିଥିଲେ ଯେ, ବିଶ୍ୱ ତାଙ୍କୁ ଦଣ୍ଡିତ କରିବା କଷ୍ଟକର ହେବ। କାରଣ ନିଜ ଉପରେ ଅନ୍ୟ ଦେଶଗୁଡ଼ିକୁ ବହୁ ମାତ୍ରାରେ ନିର୍ଭରଶୀଳ କରାଇଥିବାରୁ ପୁଟିନ୍ ଆଜି ହସ୍ପିଟାଲ ଉପରେ ମଧ ଆକ୍ରମଣ କରିବାକୁ ସାହସ କରୁଛନ୍ତି। ରୁଷିଆର ଶକ୍ତି ଉତ୍ସ ଉପରେ ବିଶ୍ୱର ନିର୍ଭରଶୀଳତା କମିଲେ ପୁଟିନ୍‌ଙ୍କ ପାଇଁ ଘୋର ଆର୍ଥିକ ସଙ୍କଟ ସୃଷ୍ଟି ହେବ। ଏ ବର୍ଷ ଶେଷ ସୁଦ୍ଧା ବ୍ରିଟେନ ରୁଷିଆରୁ ତୈଳ ଓ ଗ୍ୟାସ୍ ଆମଦାନୀ ବନ୍ଦ କରିପାରେ ବୋଲି ବୋରିସ୍ କହିଛନ୍ତି।

## 'କଶ୍ମୀର ଫାଇଲ୍ସ'କୁ ମୋଦିଙ୍କ ପ୍ରଶଂସା

**ଚପାଯାଇଥିବା ସତ ପଦାକୁ ଆସୁଛି**

ନୂଆଦିଲ୍ଲୀ, ୧୫।୩

କଶ୍ମୀର ପଣ୍ଡିତଙ୍କ ଗଣହତ୍ୟା ଉପରେ ନିର୍ମିତ ଫିଲ୍ମ 'କଶ୍ମୀର ଫାଇଲ୍ସ' କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ଲୋକଙ୍କୁ ସତ ଜଣାଇବା ପାଇଁ ଏପରି ଅଧିକ ଫିଲ୍ମ ଆସିବା ଉଚିତ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଭାଜପା ସଂସଦୀୟ ଦଳ ବୈଠକରେ ମୋଦି କହିଛନ୍ତି, 'କଶ୍ମୀର ଫାଇଲ୍ସରେ ଯାହା ଦେଖାଯାଇଛି ସେହି ସତକୁ ଲୁଚାଇ ରଖିବାକୁ ଉଦ୍ୟମ କରାଯାଇଥିଲା। ଏଥିପାଇଁ ଏକ ଇକୋସିଷ୍ଟମ କାମ କରୁଥିଲା। ଦୀର୍ଘଦିନରୁ ଚପାଇ ରଖାଯାଇଥିବା ସେହି ସତ୍ୟ ଏବେ ଫିଲ୍ମ ମାଧ୍ୟମରେ ପଦାକୁ ଆସିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏହା ପୂର୍ବରୁ ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟର ଥିଏଟରରେ କଶ୍ମୀର ଫାଇଲ୍ସକୁ ଦେଖିବା ସହ ଅଭିନେତା ଅନୁପମ ଖେର୍‌ଙ୍କ ଅଭିନୟକୁ ପ୍ରଶଂସା କରିଥିଲେ। କଶ୍ମୀର ଫାଇଲ୍ସକୁ ନେଇ ଭାଜପା ଓ କଂଗ୍ରେସ ମଧ୍ୟରେ ରାଜନୀତି ତେଜିଛି। ଲୋକ ସଭାରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ଫିଲ୍ମ କଥା ଉଠାଇ କଂଗ୍ରେସକୁ ଟାର୍ଗେଟ କରିଥିଲେ। ସଂଖ୍ୟାଲଘୁଙ୍କ ତୁଷ୍ଟୀକରଣ ଓ ଗୋଟିଏ ସମ୍ପ୍ରଦାୟର ସମସ୍ୟା ବୁଝିବା କଂଗ୍ରେସର ଏକ ଏଜେଣ୍ଡା ବୋଲି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂ କହିଥିଲେ।

**ଭୁଲ୍‌ରେ ପଳାଇଥିଲା ମିଶାଇଲ**

## ଭାରତର ସଫେଇ ଯଥେଷ୍ଟ ନୁହେଁ: ପାକ୍

ନୂଆଦିଲ୍ଲୀ/ଇସ୍‌ଲାମାବାଦ, ୧୫।୩

ଭାରତର ଏକ କ୍ଷେପଣାସ୍ତ୍ର ପାକିସ୍ତାନରେ ପଡ଼ିବା ଘଟଣାକୁ କେନ୍ଦ୍ର ସରକାର ଦୁର୍ଘଟଣା ବୋଲି କହିଥିବାବେଳେ ଏହାକୁ ଇସ୍‌ଲାମାବାଦ ପକ୍ଷରୁ ଖାରଜ କରାଯାଇଛି। ଭାରତର ପ୍ରତିକ୍ରିୟା ଅସମ୍ପୂର୍ଣ୍ଣ ଏବଂ ଯଥେଷ୍ଟ ନୁହେଁ ବୋଲି ପାକିସ୍ତାନ ବହିର୍ବ୍ୟାପାର ମନ୍ତ୍ରୀ ଶାହା ମହମ୍ମଦ କ୍ୟୁରେଶୀ କହିଛନ୍ତି। ଗତ ୯ ତାରିଖରେ ଭାରତରୁ ଏକ ମିଶାଇଲ ରୁଟିନ୍ ମେଣ୍ଟେନାନ୍ସବେଳେ ଦୁର୍ଘଟଣାବଶତଃ ଲଞ୍ଚ୍ ହୋଇ ପାକିସ୍ତାନର ମିଆଁ ଚାନୁରେ ପଡ଼ିଥିଲା। ତେବେ ଏଥିରେ କେହି ମୃତାହତ ହୋଇନାହାନ୍ତି। ଭବିଷ୍ୟତରେ ଏଭଳି ଘଟଣା ଏଡ଼ାଇବା ପାଇଁ ୱେପନ୍ ସିଷ୍ଟମରେ ମାନକ ପରିଚାଳନା ପ୍ରକ୍ରିୟା (ଏସ୍‌ଓପି)ର ସମୀକ୍ଷା କରାଯିବ ବୋଲି ମଙ୍ଗଳବାର ଭାରତର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି। ସରକାର ଏହାକୁ ଗୁରୁତ୍ୱର ସହ ନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ପରେ ଯେଉଁ ତ୍ରୁଟି ସାମ୍‌ନାକୁ ଆସିବ ସେଥିରେ ସୁଧାର କରାଯିବ ବୋଲି ସିଂ କହିଛନ୍ତି।

କ୍ୟୁରେଶୀ ଏହାକୁ ଏକପାଖିଆ ତଦନ୍ତ ବୋଲି କହିବା ଅନ୍ତର୍ଜାତୀୟ ସମୁଦାୟଙ୍କ ତତ୍ତ୍ୱାବଧାନରେ ଯାଞ୍ଚ ହେବା ଆବଶ୍ୟକ ବୋଲି ଦାବି କରିଛନ୍ତି। ଏହି ମିଶାଇଲ ଯୋଗୁ ଦୁଇ ନ୍ୟୁକ୍ଲିୟର ଶକ୍ତି ସମ୍ପନ୍ନ ଦେଶ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଥାନ୍ତା ବୋଲି ସେ କହିଛନ୍ତି। ଭାରତ ଓ ପାକିସ୍ତାନ ଉଭୟ ଏହି ଘଟଣା ବାବଦରେ ପରସ୍ପର ସହ ଆଲୋଚନା କରନ୍ତୁ ବୋଲି ଚାଇନା ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଝାଓ ଲିଜିଆନ୍ କହିଛନ୍ତି। ତେବେ ଭାରତରୁ ଭୁଲ୍‌ବଶତଃ କ୍ଷେପଣାସ୍ତ୍ର ନିକ୍ଷେପ ଏକ ଦୁର୍ଘଟଣା ଥିଲା ବୋଲି ଆମେରିକା ପରରାଷ୍ଟ୍ର ସଚିବ ନେଡ୍ ପ୍ରାଇସ୍ କହିଛନ୍ତି।

# ହିଂସା ଭିଆଇବାକୁ ଆଇଏସ୍‌ର ଧମକ

**ମୁସଲମାନ ଯୁବତୀଙ୍କୁ ଅପମାନିତ କରିବାକୁ ଭାଜପାର ଉଦ୍ୟମ**

ନୂଆଦିଲ୍ଲୀ, ୧୫।୩

କର୍ଣାଟକ ହାଇକୋର୍ଟ ମଙ୍ଗଳବାର ରାଜ୍ୟ ସରକାରଙ୍କ ହିଜାବ କଟକଣାକୁ ବଳବତ୍ତର ରଖିବା ପରେ ଆତଙ୍କବାଦୀ ସଙ୍ଗଠନ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ଧମକ ଦେଇଛି। ନିଜ ପ୍ରୋପାଗଣ୍ଡା ମାଗାଜିନ୍ 'ଭଏସ୍ ଅଫ୍ ହିନ୍ଦ୍'ର ମାର୍ଚ୍ଚ ସଂସ୍କରଣରେ ଆଇଏସ୍ ଲେଖିଛି, ମୁସଲମାନ ଯୁବତୀମାନଙ୍କୁ ଦୁର୍ବଳ କରିବା ଓ ଛାତ୍ରୀମାନଙ୍କୁ ଧର୍ମ ଆଧାରରେ ବାଣ୍ଟିବା ପାଇଁ ଭାଜପା ହିଜାବ ପ୍ରସଙ୍ଗକୁ ବ୍ୟବହାର କରିଛି। ଆମ ଭଉଣୀମାନଙ୍କ ସମ୍ମାନ ଉପରେ ନଜର ପକାଉଥିବା ପ୍ରତ୍ୟେକ ଭୀରୁ ହିନ୍ଦୁଙ୍କୁ ନିର୍ଦ୍ଦୟ ଭାବେ ଖଣ୍ଡ ଖଣ୍ଡ କରିଦିଆଯିବ ବୋଲି ଆଇଏସ୍ ଉଲ୍ଲେଖ କରିଛି।

### ଶିକ୍ଷା ଭଳି ହିଜାବ ବି ଗୁରୁତ୍ୱପୂର୍ଣ୍ଣ: ଆବେଦନକାରୀ

କର୍ଣାଟକ ହାଇକୋର୍ଟର ସ୍ୱତନ୍ତ୍ର ଖଣ୍ଡପୀଠ ମଙ୍ଗଳବାର ହିଜାବ ପରିଧାନକୁ ଅନୁମତି ନ ଦେବା ପରେ ଏହି ବିବାଦର ମୂଳ


ହିଜାବ ବିବାଦର ପୋଷ୍ଟର ଗର୍ଲ ତଥା ମାଣ୍ଡ୍ୟ ପ୍ରି-ୟୁନିଭର୍ସିଟି କଲେଜ ଛାତ୍ରୀ ମୁସ୍କାନ ଖାନ୍।

କୁହାଯାଉଥିବା ୬ ଛାତ୍ରୀ କହିଛନ୍ତି, ସେମାନଙ୍କ ପାଇଁ ଶିକ୍ଷା ଯେତିକି ଗୁରୁତ୍ୱପୂର୍ଣ୍ଣ ହିଜାବ ମଧ ସେତିକି ଜରୁରୀ। ସେମାନେ ହିଜାବ ପରିଧାନ ଛାଡ଼ିବେ ନାହିଁ ଏବଂ ଆଇନଗତ ଲଢ଼େଇ ଜାରି ରଖିବେ। ଛାତ୍ରୀମାନେ ନିଜ ଦେଶରେ ବିଶ୍ୱାସଘାତର ଶିକାର ହୋଇଥିବା ଅନୁଭବ କରୁଛନ୍ତି ବୋଲି କହିଛନ୍ତି। କୋରାନରେ ହିଜାବକୁ ବାଧ୍ୟତାମୂଳକ କରାଯାଇଛି। ଆମକୁ ପରୀକ୍ଷା ଦେବାକୁ ଅନୁମତି ଦିଆଗଲେ ହିଜାବ ପିନ୍ଧିବାକୁ ମଧ ଅନୁମତି ଦିଆଯାଉ। ନଚେତ ସେମାନେ ପାଠପଢ଼ି କିମ୍ବା ପରୀକ୍ଷା ଦେଇଯିବେ ନାହିଁ ବୋଲି କହିଛନ୍ତି। ଏହି ଛାତ୍ରୀମାନଙ୍କ ମତରେ ଆମ ସମ୍ବିଧାନ ଭଲ। କିନ୍ତୁ ତାକୁ ଚଳାଉଥିବା ଲୋକେ ଖରାପ। ହିଜାବ ଯଦି ଅନିବାର୍ଯ୍ୟ ନୁହେଁ ତେବେ ସେମାନେ ପୁଣି ବିକ୍ଷୋଭ କରିବେ ବୋଲି ଚେତାବନୀ ଦେଇଛନ୍ତି।

### ପରୀକ୍ଷା ବର୍ଜନ କଲେ ଛାତ୍ରୀ

ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ କର୍ଣାଟକ ହାଇକୋର୍ଟ ମଙ୍ଗଳବାର ପୂର୍ବାହ୍ନରେ ହିଜାବ କଟକଣାକୁ ବଳବତ୍ତର ରଖି ଏହି ପରିଧାନକୁ ଇସ୍‌ଲାମ ପାଇଁ ଅନିବାର୍ଯ୍ୟ ପ୍ରଥା ନୁହେଁ ବୋଲି ରାୟ ଦେଇଛନ୍ତି। ଇତିମଧ୍ୟରେ କୋର୍ଟଙ୍କ ରାୟ ସାରା ରାଜ୍ୟର ମୁସଲମାନ ଛାତ୍ରୀମାନଙ୍କ ମଧ୍ୟରେ ଉତ୍ତେଜନାମୂଳକ ସ୍ଥିତି ସୃଷ୍ଟି କରିଛି। ସୁରୁପୁରା ତାଲୁକ କେମ୍ଭାଭି ସରକାରୀ ପିୟୁ କଲେଜ ଛାତ୍ରୀମାନେ ଉକ୍ତ ରାୟ ପ୍ରତିବାଦରେ ପରୀକ୍ଷା ବର୍ଜନ କରି ଶ୍ରେଣୀଗୃହରୁ ଉଠିଯାଇଛନ୍ତି।

## ହିଜାବ ବିବାଦ କ'ଣ

୨୦୨୨ ଜାନୁୟାରୀ ଆରମ୍ଭରେ କର୍ଣାଟକର ଶିକ୍ଷାନୁଷ୍ଠାନଗୁଡ଼ିକରେ ୟୁନିଫର୍ମ ପରିଧାନକୁ ନେଇ ବିବାଦ ମୁଣ୍ଡ ଟେକିଥିଲା, ଯେତେବେଳେ ଏକ ଜୁନିୟର କଲେଜର କେତେଜଣ ମୁସଲମାନ ଛାତ୍ରୀ ହଜାବ ପିନ୍ଧି କ୍ଲାସ୍‌କୁ ଯାଇଥିଲେ। ଏହା କଲେଜର ସମାନତା ନୀତିର ବିରୁଦ୍ଧାଚରଣ ବୋଲି ଦର୍ଶାଇ ଶ୍ରେଣୀଗୃହରେ ସେମାନଙ୍କୁ ପ୍ରବେଶ ଅନୁମତି ମିଳି ନ ଥିଲା। ହିଜାବ ପିନ୍ଧିବା ପ୍ରତିବାଦରେ ହିନ୍ଦୁ ଛାତ୍ରମାନେ ଗୈରିକ ସ୍କାର୍ଫ ଧାରଣ କରି କଲେଜକୁ ଯିବାରୁ କିଛି ସପ୍ତାହ ମଧ୍ୟରେ ଏହି ବିବାଦ ରାଜ୍ୟର ଅନ୍ୟ ସ୍କୁଲ, କଲେଜଗୁଡ଼ିକୁ ବ୍ୟାପିଥିଲା। ଫେବୃୟାରୀ ୫ରେ କର୍ଣାଟକ ସରକାର ଏକ ନିର୍ଦ୍ଦେଶନାମା ଜାରି କରିଥିଲେ। ଶିକ୍ଷାନୁଷ୍ଠାନକୁ ଯିବା ପାଇଁ ହେଲେ ୟୁନିଫର୍ମ ପିନ୍ଧିବା ବାଧ୍ୟତାମୂଳକ ବୋଲି ସରକାର ଏଥିରେ ଦର୍ଶାଇଥିଲେ। ଏହି ନିର୍ଦ୍ଦେଶନାମା ବଳରେ ଅନେକ ଶିକ୍ଷାନୁଷ୍ଠାନ ହିଜାବ ପରିହିତା ଛାତ୍ରୀମାନଙ୍କୁ ପ୍ରବେଶ ଅନୁମତି ଦେଇ ନ ଥିଲେ। ଏହାକୁ ବିରୋଧକରି କେତେଜଣ ଛାତ୍ରୀ କର୍ଣାଟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହିଜାବ ବିବାଦ ଘନେଇବାରେ ଲାଗିଥିବାବେଳେ ବିକ୍ଷୋଭ ମଧ ଜୋର୍ ଧରିଥିଲା। ଫଳରେ ଫେବୃୟାରୀ ୮ରେ ରାଜ୍ୟ ସରକାର ହାଇସ୍କୁଲ ଓ କଲେଜଗୁଡ଼ିକୁ ୩ ଦିନ ପାଇଁ ବନ୍ଦ କରିଥିଲେ। ଫେବୃୟାରୀ ୧୦ରେ ହାଇକୋର୍ଟ ଏକ ଅନ୍ତରୀଣ ରାୟ ପ୍ରକାଶ କରି ଛାତ୍ରୀଛାତ୍ରଙ୍କ ଧର୍ମୀୟ ପୋଷାକ ପରିଧାନ ଉପରେ କଟକଣା ଜାରି କରିଥିଲେ। ୧୪ ତାରିଖରେ କର୍ଣାଟକର ସ୍କୁଲ, କଲେଜଗୁଡ଼ିକ ପୁଣି ଖୋଲିଥିଲା। ସାରା ରାଜ୍ୟର ଶିକ୍ଷାନୁଷ୍ଠାନ ପରିସର ବାହାରେ ଛାତ୍ରୀ ଏବଂ କେତେକ ସ୍ଥଳେ ଶିକ୍ଷୟିତ୍ରୀମାନଙ୍କୁ ହିଜାବ ଓ ବୁର୍ଖାଗୁଡ଼ିକୁ ଖୋଲି ଆସିବାକୁ କୁହାଯାଇଥିଲା। ଆବେଦନକାରୀ, ରାଜ୍ୟ ସରକାର ଓ କଲେଜ କର୍ତ୍ତୃପକ୍ଷଙ୍କ ପକ୍ଷ ୧୧ ଦିନ ଧରି ଶୁଣିବା ପରେ ଫେବୃୟାରୀ ୨୫ରେ ହାଇକୋର୍ଟ ରାୟ ସଂରକ୍ଷିତ ରଖିଥିଲେ। ହିଜାବ ଇସ୍‌ଲାମର ଏକ ଜରୁରୀ ଧର୍ମୀୟ ପ୍ରଥା ନୁହେଁ କହି ସରକାରଙ୍କ ପକ୍ଷରୁ ଜାରି କଟକଣାକୁ ମାର୍ଚ୍ଚ ୧୫ରେ ହାଇକୋର୍ଟ ବଳବତ୍ତର ରଖିଛନ୍ତି।

## ହିଜାବ ରାୟ: ମତମନ୍ତବ୍ୟ


" ମହିଳାଙ୍କୁ ସମ୍ମାନ ନ ଦେଲେ ସମାଜ କିମ୍ବା ଦେଶର ବିକାଶ ହୋଇପାରିବ ନାହିଁ। ସେମାନଙ୍କ ପ୍ରତି ଭାରତର ଆଭିମୁଖ୍ୟ ପାରମ୍ପରିକ ଓ ପ୍ରଗତିଶୀଳ। ହିଜାବ ପ୍ରସଙ୍ଗରେ ହାଇକୋର୍ଟ ରାୟକୁ ସମସ୍ତେ ସ୍ୱାଗତ କରିବା ଉଚିତ।

**-ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**


" ହିଜାବ ପିନ୍ଧିବା ଇସ୍‌ଲାମିକ୍ ଆସ୍ଥାରେ ଅତ୍ୟାବଶ୍ୟକ ନୁହେଁ। ମୁସଲମାନ ଯୁବତୀମାନଙ୍କୁ ଘରର ଚାରିକାନ୍ଥ ଭିତରେ ଆବଦ୍ଧ କରି ରଖିବା ଉଦ୍ୟମ ଶେଷ ହେବା ଉଚିତ। ଏହା ଏକ ସ୍ୱାଗତଯୋଗ୍ୟ ରାୟ।

**-ଆରିଫ ମହମ୍ମଦ ଖାନ୍, କେରଳ ରାଜ୍ୟପାଳ**


" କର୍ଣାଟକ ହାଇକୋର୍ଟଙ୍କ ରାୟ ସ୍ୱାଗତଯୋଗ୍ୟ। ଶିକ୍ଷାନୁଷ୍ଠାନ ଭିତରେଛାତ୍ରୀଛାତ୍ରମାନେଡ୍ରେସ୍‌କୋଡ୍‌ମାନିଚଳିବା ଜରୁରୀ।

**-ରେଖା ଶର୍ମା, ଜାତୀୟ ମହିଳା କମିଶନ ଅଧକ୍ଷା**


" କର୍ଣାଟକ ହାଇକୋର୍ଟଙ୍କ ରାୟ ନିରାଶ କରିଛି। ହିଜାବ କେବଳ ଏକ ପରିଧାନ ସାମଗ୍ରୀ ନୁହେଁ। ପିନ୍ଧିବାକୁ ନେଇ ଏହା ମହିଳାମାନଙ୍କ ଚୟନ ଅଧିକାର। ହାଇକୋର୍ଟ ମୌଳିକ ବିଷୟ ପ୍ରତି ଧାନ ଦେଇନାହାନ୍ତି।

**-ଓମାର ଅବ୍‌ଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଉପାଧ୍ୟକ୍ଷ**


" ଗୋଟିଏ ପଟେ ଆମେ ମହିଳା ସଶକ୍ତୀକରଣ କଥା କହୁଛୁ, ଅନ୍ୟପକ୍ଷେ ସେମାନଙ୍କୁ ନିଜ ପସନ୍ଦ ଅଧିକାରରୁ ବଞ୍ଚିତ କରୁଛୁ। ହିଜାବ କେବଳ ଧର୍ମୀୟ ପ୍ରସଙ୍ଗ ନୁହେଁ, ମୁସଲମାନ ମହିଳାଙ୍କ ସ୍ୱାଧୀନତାର ବିଷୟ ମଧ।

**-ମେହବୁବା ମୁଫ୍‌ତି, ଜମ୍ମୁ-କଶ୍ମୀରର ପୂର୍ବତନ ମୁଖ୍ୟମନ୍ତ୍ରୀ**

## କୃଷି କାର୍ଯ୍ୟାଳୟରୁ ଚୋରି

ସୋହେଲା,(ଡି.ଏନ.ଏ): ବରଗଡ଼ ଜିଲା ସୋହେଲା ସହକାରୀ କୃଷି କାର୍ଯ୍ୟାଳୟରେ ସୋମବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ସ୍ଥାନୀୟ ପୁରୁଣା ଚେକ୍‌ଗେଟ୍‌ରେ ଜାତୀୟ ରାଜପଥକୁ ଲାଗି ରହିଥିବା ଏହି କାର୍ଯ୍ୟାଳୟର ଲୁହା ଗ୍ରୀଲ ଭାଙ୍ଗି ଚୋରମାନେ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଚୋରି ସାମଗ୍ରୀ ମଧ୍ୟରେ ଇନଭର୍ଟର, ବ୍ୟାଟେରୀ, ଜିପିଏସ କ୍ୟାମେରା, ତଙ୍ଗଲ ଆଦି ରହିଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୪୭ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି । ଏତଲା ପାଇବା ପରେ ସୋହେଲା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି ।

## ସଂକ୍ଷେପରେ

### ଟ୍ରକ୍ ଧକ୍କାରେ ବାଇକ୍ ଚାଳକ ମୃତ

**ଝାରସୁଗୁଡ଼ା ଅଫିସ, ୧୫।୩:** ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ୪୯ନଂ ଜାତୀୟ ରାଜପଥ ବୁଡ଼ିପଦର ନିକଟରେ ମଙ୍ଗଳବାର ରାତିରେ ଏକ ଟ୍ରକ୍ ଧକ୍କାରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସୁନ୍ଦରଗଡ ଜିଲା ହିମଗିର ଥାନା ଖୁଣ୍ଟିଝରିଆ ଗ୍ରାମର ନାରଦ ଭୋଇ(୬୫)। ଦୁର୍ଘଟଣା ପରେ ଗୁରୁତର ନାରଦଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସଦର ଥାନା ପୋଲିସ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

### ତହସିଲ ଅଫିସ ସମ୍ମୁଖରେ ଧାରଣା

**ହୀରାକୁଦ ବିସ୍ଥାପିତଙ୍କୁ ଘରଡିହ ଦାବି**

**ସମ୍ବଲପୁର,୧୫।୩(ବ୍ୟୁରୋ):** ହୀରାକୁଦ ବିସ୍ଥାପିତ କଲ୍ୟାଣ ସମିତି ପକ୍ଷରୁ ମଙ୍ଗଳବାର ସମ୍ବଲପୁର ସଦର ତହସିଲ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ହୀରାକୁଦ ବିସ୍ଥାପିତଙ୍କୁ ୧୦ ଡେସିମିଲ ଘରଡିହ ପ୍ରଦାନ ଦାବିରେ ସେମାନେ ଏଭଳି ପ୍ରତିବାଦ କରିଥିଲେ। ଏଥିରେ ସମ୍ବଲପୁର, ବରଗଡ଼, ବଲାଙ୍ଗୀର, ଝାରସୁଗୁଡ଼ା ଜିଲାର ପ୍ରତିନିଧିମାନେ ସାମିଲ ଥିଲେ। ସମ୍ବଲପୁର ସଦର ତହସିଲ ଅଫିସ କର୍ମଚାରୀଙ୍କ ବେପରୁଆ ମନୋଭାବ ଯୋଗୁ ବିସ୍ଥାପିତମାନେ ହଇରାଣ ହେଉଥିବା ସେମାନେ ଅଭିଯୋଗ କରିଛନ୍ତି। ଆସନ୍ତା ୨୨ ତାରିଖ ସୁଦ୍ଧା ସମସ୍ତ ଯୋଗ୍ୟ ପରିବାରଙ୍କ କାଗଜ କରାଯାଇ ସମିତିକୁ ସୂଚିତ କରାଯିବ ବୋଲି ତହସିଲ ଅଫିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନକାରୀ ଧାରଣା ପ୍ରତ୍ୟାହାର କରିଥିଲେ । ସମିତି ସଭାପତି ଶୈଳବାଳା ପଧାନ, ଉପସଭାପତି ଅନ୍ତର୍ଯାମୀ ପାଢ଼ୀ, ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ବକ୍ସି, କୋଷାଧ୍ୟକ୍ଷ ଦୟାଲ ପଣ୍ଡା, ଉପଦେଷ୍ଟା ଦୁର୍ଗାପ୍ରସାଦ ସାହୁ, ଲକ୍ଷଣ ପ୍ରଧାନ, ଲୋକନାଥ ସାହୁଙ୍କ ନେତୃତ୍ୱରେ ଆନ୍ଦୋଳନ ହୋଇଥିଲା ।

### ଶ୍ରୀରାମ ବାଟିକାରେ ଚବିଶ ପ୍ରହର ନାମଯଜ୍ଞ



**ପଡ଼ିଆବାହାଲ,୧୫।୩(ଡି.ଏନ.ଏ.):** ଯୁଯମୁରା ବ୍ଲକ ଜୟନ୍ତପୁର ପଞ୍ଚାୟତର କେନଘାଟି ଶୀରାମ ବାଟିକାଠାରେ ଚାଲିଥିବା ଚବିଶ ପ୍ରହର ନାମଯଜ୍ଞ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ୫ଦିନ ଧରି ଚାଲିଥିବା ନାମଯଜ୍ଞରେ ଜିଲା ଓ ଜିଲା ବାହାରର ବହୁ ସଂକୀର୍ତ୍ତନ ଦଳ ଯୋଗଦେଇଥିଲେ। ଏଥିରେ ଦିନବନ୍ଧୁ ଦାଶ ମହାରାଜ ମହାମନେଶ୍ୱର ଦିଲ୍ଲୀ, ଶ୍ୟାମ ଦାଶଜୀ ମହାରାଜ ଉଦ୍ୟେନ, ନାଗବାବା ଘନଶ୍ୟାମ ପୁରୀ, ମହନ୍ତ ଶ୍ୟାମ ପୁରୀ ମହାରାଜ କାଶି ପ୍ରମୁଖ ସାଧୁସନ୍ଥ ଓ ମହନ୍ତ ଯୋଗଦେଇ ସମାଜ ସଂସ୍କାର ଉପରେ ଦିବ୍ୟଜ୍ଞାନ ପ୍ରଦାନ କରିଥିଲେ। ଏହାକୁ ମହନ୍ତଙ୍କ ଦାସାନୁଦାସ ଶତ୍ରୁଘ୍ନ ଲାଲ ସାହା ଆୟୋଜନ କରିଥିବା ବେଳେ ସ୍ଥାନୀୟ ଭକ୍ତ ସହଯୋଗ କରିଥିଲେ। ରାତିରେ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଛି।

# ମେ’ରେ ହେବ କେନାଲ ନବୀକରଣ

- ଦୁର୍ନୀତିମୁକ୍ତ ହେଲେ ଲକ୍ଷ୍ୟ ପୂରଣ ହେବ: ଚାଷୀ
- କାମରେ ସାଲିସ କରାଯିବ ନାହିଁ: ନିର୍ବାହୀ ଯନ୍ତ୍ରୀ
- ହାଇଦ୍ରାବାଦ କମ୍ପାନୀ ପାଇଛି ୫୫ କୋଟିର ଟେଣ୍ଡର

**ସମ୍ବଲପୁର,୧୫।୩(ବ୍ୟୁରୋ)**

ସମ୍ବଲପୁର ଜିଲା ଶାସନ କେନାଲ ଓ ଏହାର ଶାଖା ହୁମା ଟେଲ ଡିଷ୍ଟ୍ରିବ୍ୟୁଟାରୀ, ପରମାଣପୁର ଡିଷ୍ଟ୍ରିବ୍ୟୁଟାରୀ ନବୀକରଣ କାମ ଆସନ୍ତା ମେ’ ମାସରୁ ଆରମ୍ଭ ହେବ। ଓସିସି ପକ୍ଷରୁ ଗୋଟିଏ ପ୍ୟାକେଜରେ ସାଢେ ୬୪ କୋଟି ଓ ଜଳସମ୍ପଦ ବିଭାଗ (ହୀରାକୁଦ ଡ୍ୟାମ୍ ଅପର ବେସିନ) ମୁଖ୍ୟଯନ୍ତ୍ରୀ ପକ୍ଷରୁ ୨ ପ୍ୟାକେଜରେ ୫୫ କୋଟି ଟଙ୍କାର ଟେଣ୍ଡର କରାଯାଇଛି। ହୁମା ଓ ପରମାଣପୁର ଡିଷ୍ଟ୍ରିବ୍ୟୁଟାରୀ କାମ ପାଇଁ ହାଇଦ୍ରାବାଦର ତ୍ରିବେଣି ଇଞ୍ଜିନିୟରିଂ ନାମକ କମ୍ପାନୀ ଟେଣ୍ଡର ପାଇଛି। କାମ ଆରମ୍ଭ ପାଇଁ ବିଭାଗ ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ହେଲେ କାମକୁ ନେଇ ଚାଷୀମାନଙ୍କ ମନରେ ପୁଣି ପ୍ରଶ୍ନ ଉଠିଛି।

ପଶ୍ଚିମ ଓଡ଼ିଶା କୃଷକ ସଙ୍ଗଠନ ଆବାହକ ଅଶୋକ ପ୍ରଧାନ କହିଛନ୍ତି, ସରକାର ଚାଷୀଙ୍କ ଜମିକୁ ଜଳସେଚନ ପାଇଁ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରକଳ୍ପ ହାତକୁ ନେଉଛନ୍ତି। ହେଲେ ବାସ୍ତବରେ ଠିକାଦାର ଓ ବିଭାଗର ଅବହେଳା ଯୋଗୁ ଦୁର୍ନୀତି ହେଉଛି। ଫଳରେ ଚାଷୀ ଓ ସରକାରଙ୍କ ଲକ୍ଷ୍ୟ ପୂରଣ ହୋଇ ପାରୁନାହିଁ। ୨୦୦୩ରେ ଶାସନ କେନାଲ ନବୀକରଣ କରାଯାଇଥିଲା। ଏଥିରେ ୪୨ କୋଟି ଟଙ୍କା ବ୍ୟୟ ଅଟକଳ ରହିଥିଲା। ସେ ସମୟରେ ବ୍ୟାପକ ଦୁର୍ନୀତି ଯୋଗୁ ନିର୍ମାଣାଧୀନ ପୋଲ ଓ ୱାଲ ଭାଙ୍ଗିଯାଇଥିଲା। ଚାଷୀ ସଙ୍ଗଠନ ମାସ ମାସ ଧରି ଆନ୍ଦୋଳନ କରିଥିଲେ। ଶେଷରେ ରାଜ୍ୟ ସରକାର ଏହାର ତଦନ୍ତ ପାଇଁ ଏକ କମିଶନ ଗଠନ କରିଥିଲେ। ଘଟଣାସ୍ଥଳକୁ ଆସି କମିଶନ କାମର ମାନ ଉପରେ ପ୍ରଶ୍ନ ଉଠାଇଥିଲେ। ଦୁର୍ନୀତି ହୋଇଥିବା ନେଇ ଗଣମାଧ୍ୟମ ଓ ଚାଷୀ ସଙ୍ଗଠନକୁ କହିଥିଲେ। ଏହି ଦିନଠାରୁ ଚାଷୀ ସଙ୍ଗଠନ ପକ୍ଷରୁ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ଏପରି କି ୨୦୧୭ ନଭେମ୍ବରରେ ଚାଷୀ ଓ ପ୍ରଶାସନ ମୁହାଁମୁହିଁ ହୋଇଥିଲେ। ନବୀକରଣ କାମକୁ ଚାଷୀମାନେ ସ୍ୱାଗତ କରୁଛନ୍ତି। ହେଲେ ମାନକୁ ଆଖିଆଗରେ ରଖି କାମ କରାଯାଉ। ଦୁର୍ନୀତିମୁକ୍ତ କାମ ହେବ ବୋଲି ବିଭାଗ ଚାଷୀମାନଙ୍କୁ ନିଶ୍ଚିନ୍ତ କରନ୍ତୁ। ଫଳରେ ଚାଷୀମାନେ ସହଯୋଗ କରିବେ। ଆବଶ୍ୟକ ପଡିଲେ ୬ ମାସ ପାଇଁ ଚାଷକାର୍ଯ୍ୟ ବନ୍ଦ କରିବେ ବୋଲି କହିଥିଲେ। ଅନ୍ୟପଟେ ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ପଣ୍ଡା କହିଛନ୍ତି, କାମର ମାନ ଉପରେ ସାଲିସ କରାଯିବ ନାହିଁ। ଚାଷୀମାନଙ୍କ ସହ ଆଲୋଚନା କରି ଗୋଟିଏ ସିଜନ ପାଇଁ ଚାଷ ବନ୍ଦ କରିବାକୁ ଅନୁରୋଧ କରାଯିବ। ହୁମା ଓ ପରମାଣପୁର କେନାଲ କାମ ପାଇଁ ୫୨ କୋଟି ଅନୁଦାନ ମଞ୍ଜୁର ହୋଇଛି। ହୁମା କେନାଲରେ ପ୍ରାୟ ୧୫ କି.ମି. ଓ ପରାମାଣପୁର କେନାଲରେ ୧୦ କି.ମି. ନବୀକରଣ ହେବ। କଂକ୍ରିଟ ଓ ଉଭୟ ପାର୍ଶ୍ୱରେ ୱାଲ ନିର୍ମାଣ କରାଯିବ। ତଳି ଅଞ୍ଚଳକୁ ଜଳସେଚନ ସୁବିଧା ହୋଇଯିବ। ପ୍ରଥମ ପର୍ଯ୍ୟାୟରେ ଉଭୟ କେନାଲର ୨୫ କି.ମି. କଂକ୍ରିଟକରଣ ହେଉଛି। ସୂଚନାଯୋଗ୍ୟ ହୁମା ଓ ପରମାଣପୁର କେନାଲ ଦ୍ୱାରା ୨୫ହଜାର ହେକ୍ଟର ଜମି ଜଳସେଚିତ ହେଉଛି। ୪୦ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏହା ଉପରେ ନିର୍ଭର କରି ଖରିଫ ଓ ରବି ଫସଲ ସାଙ୍ଗକୁ ଅଣଧାନ ଚାଷ କରିଥାନ୍ତି। ଅନେକ ସମୟରେ ଧାନ ଚାଷରେ ତଳି ଅଞ୍ଚଳରେ ପାଣି ସମସ୍ୟା ହୋଇଥାଏ। ଏହାକୁ ନେଇ ଚାଷୀମାନେ ଅଭିଯୋଗ କରି ପାଣି ଦେବା ପାଇଁ ଦାବି କରନ୍ତି। ଏପରି କି ପାଣି ମଡାଇବା ପାଇଁ ଗଣ୍ଡଗୋଳ ପରିସ୍ଥିତି ସୃଷ୍ଟି ହୋଇଥାଏ। କେନାଲ ହୋଇଗଲେ ଏହି ସମସ୍ୟା ଦୂର ହୋଇଯିବ ବୋଲି ଚାଷୀମାନେ ମଧ୍ୟ ଆଶା ରଖିଛନ୍ତି।



ନବୀକରଣ ହେବାକୁ ଥିବା ଶାସନ କେନାଲ।

## ବେଲପାହାଡ଼ ପୌରାଞ୍ଚଳ: ଆଚରଣବିଧି ଉଲ୍ଲଂଘନ



ନଳକୂପ ମରାମତି କରାଯାଉଛି।

**ଝାରସୁଗୁଡ଼ା ଅଫିସ,୧୫।୩**

ନିର୍ବାଚନ ଆଚରଣବିଧି ଲାଗୁ ହୋଇଥିବାବେଳେ ଏହାକୁ ଉଲ୍ଲଂଘନ କରି ବେଲପାହାଡ଼ ପୌର ପରିଷଦ ତରଫରୁ ସହରରେ ଥିବା ଅଚଳ ଗଭୀର ନଳକୂପ ମରାମତି ଚାଲିଥିବା ଦେଖିବାକୁ ମିଳୁଛି। ଗ୍ରୀଷ୍ମ ପ୍ରବାହ ପୂର୍ବରୁ ଏହିସବୁ କାମ କରାଯାଇପାରିଥାନ୍ତା। ହେଲେ ନିର୍ବାଚନ ସମୟରେ ଏଭଳି କାର୍ଯ୍ୟ ଭୋଟରଙ୍କୁ ପ୍ରଭାବିତ କରିବବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଏନେଇ ପୌର ପରିଷଦ ନିର୍ବାହୀ ଯନ୍ତ୍ରୀ ଅକ୍ଷୟ ବଡୁ କହିଛନ୍ତି, ପାନୀୟଜଳ ଯୋଗାଣକୁ ନେଇ ମହିଳାମାନେ ଅଭିଯୋଗ କରିଥିଲେ। ପିଡି ଡିଆର୍‌ଡିଏଙ୍କ ନିର୍ଦ୍ଦେଶକ୍ରମେ ପିଏଚ୍‌ଡି ଓ ପୌର କର୍ତ୍ତୃପକ୍ଷଙ୍କ ମିଳିତ ଉଦ୍ୟମରେ ଅଚଳ ଗଭୀର ନଳକୂପ ମରାମତି ଚାଲିଛି।

# ବିଡିଓଙ୍କ ଅଫିସ ଆଗରେ ଧାରଣା

**ସ୍କୁଲ ପୁନଃ କାର୍ଯ୍ୟକ୍ଷମ ଦାବି**

**ନାକଟିଦେଉଳ,୧୫।୩(ଡ଼ି.ଏନ.ଏ.)**

ନାକଟିଦେଉଳ ବ୍ଲକର ଏକ ସ୍କୁଲ ପୁନଃ କାର୍ଯ୍ୟକ୍ଷମ ଦାବିରେ ଛାତ୍ରୀଛାତ୍ର ଓ ଅଭିଭାବକ ମଙ୍ଗଳବାର ବିଡ଼ିଓଙ୍କ ଅଫିସ ଆଗରେ ଧାରଣା ଦେଇଥିଲେ।

ପ୍ରାପ୍ତ ସୂଚନା ଅନୁସାରେ ଶିମିଳିପାଳ ପଞ୍ଚାୟତ ଚରଡ଼ପଶି ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ୨ବର୍ଷ ହେଲା ବନ୍ଦ କରିଦେଇଛନ୍ତି। ଏହାସହ ଏହି ସ୍କୁଲକୁ ନିକଟସ୍ଥ କାଉଁଶୀପାଳ ସ୍କୁଲ ସହିତ ମିଶ୍ରଣ କରିଛନ୍ତି। ବର୍ତ୍ତମାନ ଏହି ସ୍କୁଲରେ ୨୭ଜଣ ଛାତ୍ରୀଛାତ୍ର ରହିଛନ୍ତି। ହେଲେ ଗାଁ ସ୍କୁଲ ଛାଡ଼ି କାଉଁଶୀପାଳ ସ୍କୁଲକୁ ନିଜ ପିଲାମାନଙ୍କୁ ଛାଡ଼ିବାକୁ ଗ୍ରାମବାସୀ ଅରାଜି ହେଉଛନ୍ତି। ଗ୍ରାମଠାରୁ ଏହା ୨କି.ମି. ଦୂର ହୋଇଥିବା ବେଳେ ରାସ୍ତାରେ ଏକ ଝୁଲା ପୋଲ ରହିଛି। ପୋଲ ତଳେ ୩୦ଫୁଟର ଖାଲ ରହିଛି। ସ୍କୁଲ ଖୋଲିଥିଲେ ମଧ୍ୟ ବିପଦପୂର୍ଣ୍ଣ ରାସ୍ତାରେ ପିଲାମାନଙ୍କୁ ଛାଡୁ ନାହାନ୍ତି ଅଭିଭାବକ। ଏ ସମ୍ପର୍କରେ ପ୍ରଶାସନକୁ ବାରମ୍ବାର ଜଣାଇ ବିଫଳ ହେବା ପରେ ମଙ୍ଗଳବାର ଅଭିଭାବକମାନେ ଛାତ୍ରୀଛାତ୍ରଙ୍କୁ ଧରି ବିଡ଼ିଓ ଅଫିସରେ ପହଞ୍ଚିଥିଲେ। ପୂର୍ବାହ୍ନ ୧୧ଟାରୁ ସେମାନେ ଧାରଣାରେ ବସି ପ୍ଲାକାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇଥିଲେ। ବିଡ଼ିଓ ବିବେକାନନ୍ଦ ସାହୁ ଆଲୋଚନା କରିଥିଲେ ମଧ୍ୟ ଗ୍ରାମବାସୀ କିଛି ଶୁଣି ନ ଥିଲେ। ପରେ ନାକଟିଦେଉଳ ବିଇଓ ବିଜୟ କୁମାର ପାତ୍ର, ଏବିଇଓ ଚନ୍ଦ୍ରମଣି ବେହେରା ପ୍ରମୁଖ ପହଞ୍ଚି ଧାରଣାକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୨୫ତାରିଖରେ ବିଇଓ, ଏବିଇଓ ଓ ସିଆର୍‌ସିସି ଗ୍ରାମକୁ ଯାଇ ଲୋକଙ୍କ ଅଭିଯୋଗ ଆଧାରରେ ତଦନ୍ତ କରି ଉଚ୍ଚ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିବେ। ଯଦି ଆବଶ୍ୟକ ସଂଖ୍ୟକ ଛାତ୍ରୀଛାତ୍ର ଥିବେ ତେବେ ପୁନର୍ବାର ବିଦ୍ୟାଳୟ କାର୍ଯ୍ୟକ୍ଷମ ଦିଗରେ ପଦକ୍ଷେପ ନିଆଯିବ ବୋଲି ବିଇଓ ପାତ୍ର ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ସାଢେ ୧ଟାରେ ସେମାନେ ଧାରଣାରୁ ଉଠିଥିଲେ। ଗ୍ରାମର ମିନତୀ ପ୍ରଧାନ, ଲିପିକା ପ୍ରଧାନ, ପାର୍ବତୀ ପ୍ରଧାନ, ଚାଇନ ପୋଢ, ପ୍ରମିଳା କୁଲୁ, ରଞ୍ଜିତ ପୋଢ, ଅନୀଲ କୁଲୁ ପ୍ରମୁଖଙ୍କ ନେତୃତ୍ୱରେ ଧାରଣା ଦିଆଯାଇଥିବା ବେଳେ ଗ୍ରାମର ମା’ ଲକ୍ଷ୍ମୀନାରାୟଣୀ, ମା’ ପାର୍ବତୀ, ମା’ ଶିବଶକ୍ତି ଓ ମା’ ମାରିଆନ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଉପସ୍ଥିତ ଥିଲେ।



ଧାରଣାରେ ସାମିଲ ହୋଇଥିବା ଅଭିଭାବକ ଓ ଛାତ୍ରୀଛାତ୍ର।

## ରେଳବାଇ ଆନ୍ତଃ ବିଭାଗୀୟ କ୍ରିକେଟ୍: ସିଆଣ୍ଡଡବ୍ଲ୍ୟୁ ଚାମ୍ପିୟନ

**ଝାରସୁଗୁଡ଼ା ଅଫିସ,୧୫।୩**

ସ୍ଥାନୀୟ ରେଳବାଇ କଲୋନୀସ୍ଥିତ ଓ୍ୱାରଲେଶ୍ ପଡିଆରେ ଦକ୍ଷିଣପୂର୍ବ ରେଳବାଇ କ୍ରୀଡ଼ା ପରିଷଦ ତରଫରୁ ଗତ ୨୭ତାରିଖରୁ ଆରମ୍ଭ ହୋଇଥିବା ରେଳବାଇ ଆନ୍ତଃ ବିଭାଗୀୟ କ୍ରିକେଟ୍ ଟୁର୍ନାମେଣ୍ଟ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ସମୁଦାୟ ୧୦ଦଳ ଅଂଶଗ୍ରହଣ କରିଥିଲେ। ଲୋକୋ ଓ ସିଆଣ୍ଡଡବ୍ଲ୍ୟୁ ଟିମ୍ ମଧ୍ୟ ଫାଇନାଲ୍ ମ୍ୟାଚ୍ ଖେଳାଯାଇଥିଲା। ଲୋକୋ ଟିମ୍ ପ୍ରଥମେ ବ୍ୟାଟିଂକରି ୧୪ଓଭରରେ ୯ ଉଇକେଟ୍ ହରାଇ ୧୨୫ରନ ସଂଗ୍ରହ କରିଥିଲା। ଜବାବରେ ସିଆଣ୍ଡଡବ୍ଲ୍ୟୁ ଟିମ୍ ୧୨.୫ ଓଭରରେ ଏକ ଉଇକେଟ୍ ବିନିମୟରେ ଆବଶ୍ୟକ ରନ୍‌କରି ଚାମ୍ପିୟନ ହୋଇଥିଲା। ଏମ୍ ଭି ଭି ପ୍ରକାଶ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। କନ୍‌ଷ୍ଟ୍ରକ୍ସନ୍ ବିଭାଗ ଡେପୁଟି ଇଞ୍ଜିନିୟର ଶିବ ପ୍ରସାଦ ତ୍ରିପାଠୀ ମୁଖ୍ୟଅତିଥି ଓ ଦକ୍ଷିଣ ପୂର୍ବତଟ ରେଳବାଇ କ୍ରୀଡା ପରିଷଦ ସାଧାରଣ ସମ୍ପାଦକ କେ ଜଗନ୍ନାଥ ରାଓ, କ୍ରିକେଟ୍ କ୍ଲବ୍ ସମ୍ପାଦକ ବିଜୟ କୁମାର, ଅନିତ ବିଶ୍ୱାସ, କେ ବେଣୁଗୋପାଳ ରାଓ, ରବିକୁମାର, ଆର୍‌ଏସ୍ ମାଝି ଅତିଥି ଭାବେ ଯୋଗଦେଇ ବିଜେତା ଦଳକୁ ଚାମ୍ପିୟନ ଟ୍ରଫି ଓ ଉପବିଜେତା ଦଳକୁ ରନର୍ସ ଟ୍ରଫି ପ୍ରଦାନ କରିଥିଲେ। ଆୟୋଜକ କମିଟି ଉପଦେଷ୍ଟା କୁମାର ରାଜୀବ ରଞ୍ଜନ ଧନ୍ୟବାଦ ଦେଇଥିଲେ ।



ଅତିଥିମାନଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ ।

## କଣ୍ଟାବାଞ୍ଜି ଏନ୍‌ଏସିରେ ଜୋର ଧରିଲା ପ୍ରଚାର

**କଣ୍ଟାବାଞ୍ଜି,୧୫।୩(ଡି.ଏନ.ଏ.)**

୧୬ୱାର୍ଡବିଶିଷ୍ଟ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିର ଅଧ୍ୟକ୍ଷ ଓ କାଉନସିଲର ପଦ ପାଇଁ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଛି। ମଙ୍ଗଳବାର ଭାଜପା ପ୍ରାର୍ଥୀମାନଙ୍କ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ସଭାପତି ଶିବାଜୀ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଲକ୍ଷ୍ମଣ ବାଗ, ପୂର୍ବତନ କାଉନସିଲର ସତ୍ୟେନ୍ଦ୍ର ସୁନା, ଦଳର ଅଧ୍ୟକ୍ଷ ପ୍ରାର୍ଥୀ ବେଦବ୍ୟାସ ନାଗ, ୱାର୍ଡ ନଂ. ୧୪ ପ୍ରାର୍ଥୀ କେଳାସ ସୁନା ଓ ୱାର୍ଡ ନଂ.୧୫ ପ୍ରାର୍ଥିନୀ ସତା ରାଉତଙ୍କ ସହ ଆଶ୍ରମପଡାରେ ଏକ ସଭା ମାଧ୍ୟମରେ ଭୋଟ ଭିକ୍ଷା କରିଥିଲେ । ସେହିପରି କଂଗ୍ରେସ ତରଫରୁ ବିଧାୟକ ସନ୍ତୋଷ ସିଂ ସାଲୁଜା ଅଧ୍ୟକ୍ଷ ପ୍ରାର୍ଥୀ ବରିୟାମ ସିଂ ସାଲୁଜା ଏବଂ କାଉନସିଲର ପ୍ରାର୍ଥିନୀ ପ୍ରାର୍ଥିଙ୍କ ପାଇଁ ୱାର୍ଡ ବୁଲି ଭୋଟ ଭିକ୍ଷା କଣିଥିଲେ। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଅୟୁବ ଖାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ଜିଲା ଉପସଭାପତି ବିଜୟ କୁମାର ବଂଶଲ, ବିଜେଡି ଅଧ୍ୟକ୍ଷ ପ୍ରାର୍ଥୀ ବିନୟ କୁମାର ବିଭାର ଏବଂ ସମସ୍ତ ୧୬ୱାର୍ଡର କାଉନସିଲର ପ୍ରାର୍ଥିନୀ ପ୍ରାର୍ଥୀ ସଭାସମିତି ମାଧ୍ୟମରେ ଭୋଟ ଭିକ୍ଷା କରିଛନ୍ତି।

# ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

**ସମ୍ବଲପୁର,୧୫।୩(ବ୍ୟୁରୋ)**

ସମ୍ବଲପୁର ଅଇଁଠାପାଲି ପିଏଚ୍‌ଡି ପଡିଆଠାରେ ହସ୍ତଶିଳ୍ପ ପ୍ରଦର୍ଶନୀ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଅତିରିକ୍ତ ଜିଲାପାଳ ଅଜାମ୍ବର ମହାନ୍ତି ଓ ହସ୍ତଶିଳ୍ପ ନିର୍ଦ୍ଦେଶିକା କୁମାରୀ ଶୈଳଜା ସମ୍ମାନିତ ଅତିଥିଭାବେ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଆୟୋଜକ ସ୍ୱପ୍ନା ଅନୁଷ୍ଠାନର ନିର୍ଦ୍ଦେଶିକା ରଶ୍ମିତା ଦଳେଇ ସୂଚନା ଦେଇଥିବା ବେଳେ ଅବ୍ୟକ୍ତ ହୋତା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ୧୫ ରାଜ୍ୟର ମନୋନୀତ ହସ୍ତଶିଳ୍ପ କାରିଗରଙ୍କ ସାମଗ୍ରୀ ପ୍ରଦର୍ଶନ ହେବା ସହ ବିକ୍ରି କରାଯିବ। ଏଥିପାଇଁ ୧ ଶହରୁ ଅଧିକ ଷ୍ଟଲ ତିଆରି କରାଯାଇଛି। ରାଜସ୍ଥାନ, ଲକ୍ଷ୍ନୋ, ମିର୍ଜାପୁର, ମଧ୍ୟପ୍ରଦେଶ, ନାଗାଲାଣ୍ଡ, ଆସାମ, ପଶ୍ଚିମବଙ୍ଗ ସମେତ ଓଡ଼ିଶାର ହସ୍ତଶିଳ୍ପ ସାମଗ୍ରୀ ବିକ୍ରି କରାଯିବ।



ଅତିଥିମାନେ ପ୍ରଦର୍ଶନୀ ବୁଲି ଦେଖୁଛନ୍ତି ।

## ବେଲପାହାଡ଼ ପୌର ନିର୍ବାଚନ: ମଇଦାନରେ ୫ ଅଧ୍ୟକ୍ଷ ପ୍ରାର୍ଥୀ

**ଝାରସୁଗୁଡ଼ା ଅଫିସ,୧୫।୩**

ଝାରସୁଗୁଡ଼ା ଜିଲା ବେଲପାହାଡ଼ ପୌର ପରିଷଦ ସମୁଦାୟ ୧୯ ୱାର୍ଡକୁ ନେଇ ଗଠିତ। ଏଠାରେ ମୋଟ ୨୭,୦୮୭ ଭୋଟରଙ୍କ ମଧ୍ୟରୁ ପୁରୁଷ ୧୩,୭୫୬ ଓ ମହିଳା ୧୩,୩୩୧ ରହିଛନ୍ତି। ମତଦାନ ପାଇଁ ସମୁଦାୟ ୩୫ ବୁଥ୍ ରହିଛି। ନିର୍ବାଚନରେ ବିଭିନ୍ନ ଦଳରୁ ୫ ଅଧ୍ୟକ୍ଷ ପ୍ରାର୍ଥୀ ଓ ୫୯ କାଉନ୍‌ସିଲର ପ୍ରାର୍ଥୀ ମଇଦାନକୁ ଓହ୍ଲାଇଛନ୍ତି। ଅଧ୍ୟକ୍ଷ ପ୍ରାର୍ଥୀ ଭାବେ ବିଜେଡିରୁ ହିତେଶ ଠକ୍କର, କଂଗ୍ରେସରୁ ନିମାଇଁ ଚରଣ ପଣ୍ଡା, ଭାଜପାରୁ ତପନକାନ୍ତ ଜେନା, ସିପିଆଇରୁ ଦେବାନନ୍ଦ ଭୋଇ ଓ ସ୍ୱାଧୀନ (ଭାଜପା ଅସନ୍ତୁଷ୍ଟ) ପ୍ରାର୍ଥୀ ମନୋଜ ଅଗ୍ରୱାଲ ରହିଛନ୍ତି। ଅଧ୍ୟକ୍ଷ ଓ କାଉନ୍‌ସିଲର ପ୍ରାର୍ଥୀମାନେ ଦଳୀୟ ନେତୃବୃନ୍ଦ ଓ ସମର୍ଥକଙ୍କୁ ନେଇ ଘରକୁ ଘର ବୁଲି ପ୍ରଚାର ଆରମ୍ଭ କରିଦେଇଛନ୍ତି। ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱଚ୍ଛ ରାଜନୀତି ସାଙ୍ଗକୁ ଜନହିତକର ଯୋଜନାକୁ ନେଇ ପ୍ରଚାର ଚଳାଇଛନ୍ତି। ବିରୋଧୀ ଦଳ ଏହାକୁ ସମାଲୋଚନା କରି ଭୋଟରଙ୍କ ନିକଟତର ହେବା ପାଇଁ ପ୍ରୟାସ କରୁଛନ୍ତି।

## ଜଗନ୍ନାଥଙ୍କ ସ୍ୱରୂପ ଥିବା କୀଟ ଦେଖିବାକୁ ଭିଡ଼

**ବିନିକା,୧୫।୩(ଡି.ଏନ୍.ଏ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଗଡଗଡବାହାଲ ଗ୍ରାମର ଗୋବିନ୍ଦ ବାବା ନାମକ ଜନୈକ ବ୍ୟକ୍ତିଙ୍କର ଘରୁ ପ୍ରଭୁ ଜଗନ୍ନାଥଙ୍କ ଚିହ୍ନ ଧାରଣ କରିଥିବା ଏକ କୀଟ ମଙ୍ଗଳବାର ଦେଖିବାକୁ ମିଳିଛି । ଖବର ପ୍ରଚାରିତ ହେବା ପରେ ଗୋବିନ୍ଦଙ୍କ ଘରେ ଲୋକଙ୍କର ଭିଡ ଜମିଥିଲା। ଲୋକେ ହରିବୋଲ ହଳହୁଳି ପକାଇଥିଲେ।

# ଅଘରିଆ ସମାଜ ମହିଳା ସମ୍ମିଳନୀ ପାଇଁ ପ୍ରସ୍ତୁତି

**କୁଚିଣ୍ଡା, ୧୫।୩(ଡି.ଏନ.ଏ.)**

ଅଖିଳ ଭାରତୀୟ ଅଘରିଆ ସମାଜର ମହିଳା ଶାଖା ବାମଣ୍ଡା ଆଞ୍ଚଳିକ କମିଟିର ବାର୍ଷିକ ସମ୍ମିଳନୀ ପାଇଁ କୁଚିଣ୍ଡା ଭବାନି ଭବନଠାରେ ମଙ୍ଗଳବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରଜନୀ ପଟେଲଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଆସନ୍ତା ୩୧ ତାରିଖରେ କୁନ୍ତରାସ୍ଥିତ ସରସ୍ୱତୀ ବିଦ୍ୟା ମନ୍ଦିରଠାରେ ସମ୍ମିଳନୀ କରାଯିବାକୁ ସ୍ଥିର ହୋଇଛି। ଏଥିରେ ସାଙ୍ଗଠନିକ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ମହିଳା ସଶକ୍ତୀକରଣ ଉପରେ ଆଲୋଚନା କରିବାକୁ ସଫଳ କରିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପସଭାପତି ନରେଶ ପଟେଲ, ସହ ସମ୍ପାଦକ ସୁବୋଧ ପଟେଲ, ବାମଣ୍ଡା ସଭାପତି ବନମାଳି ନାୟକ, ସମ୍ପାଦକ ସୁଦୀପ୍ତ ପଟେଲ, କୁଚିଣ୍ଡା ସମ୍ପାଦକ ବସନ୍ତ ଚୌଧୁରୀ, କୁସୁମୀ ସମ୍ପାଦକ ଭବାନୀ ପଟେଲ, ନନ୍ଦିନୀ ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଠକରେ ଯୋଗଦେଇଥିବା କମିଟି କର୍ମକର୍ତ୍ତା।

# ବିଭିନ୍ନ ସମସ୍ୟା ନେଇ ପଡ଼ାବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**ସମ୍ବଲପୁର,୧୫।୩(ବ୍ୟୁରୋ)**

ସମ୍ବଲପୁର ମହାନଗର ନିଗମ ହୀରାକୁଦର ୧୧ନଂ. ୱାର୍ଡ ଅନ୍ତର୍ଗତ ଭଙ୍ଗୋମୁଣ୍ଡା ଓ ଟିକ୍ରାପଡ଼ାରେ ଥିବା ସମସ୍ୟା ନେଇ ପଡ଼ାବାସୀ ମଙ୍ଗଳବାର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗ କ୍ରମେ ସେମାନେ ପ୍ରାୟ ୭୦ ବର୍ଷ ହେବ ପଡ଼ାରେ ବସବାସ କରିଆସୁଛନ୍ତି। ପୂର୍ବରୁ ରାସ୍ତା କଡରେ ଷ୍ଟ୍ରିଟ୍ ଲାଇଟ ଲଗାଯାଇଥିଲା। ହେଲେ ଏବେ ତାହା ଜଳୁନାହିଁ। ଏସ୍‌ଏମ୍‌ସି ପକ୍ଷରୁ ଡ୍ରେନ ନିର୍ମାଣ ସମୟରେ ରାସ୍ତାରେ ଥିବା ପୋଲକୁ ଭାଙ୍ଗି ଦିଆଯାଇଛି। ଏପରି କି ଡ୍ରେନକୁ ଅଙ୍କା ବଙ୍କା କରି ନିର୍ମାଣ କରାଯାଇଛି। ଫଳରେ ବର୍ଷାଦିନରେ ପାଣି ଘର ଭିତରକୁ ପ୍ରବେଶ କରୁଛି। ଗୋଚର ଜମି ଉପରେ ପାଉଁଶ ପକାଇ ପୋତି ଦିଆଯାଉଛି। ଫଳରେ ଜଳ ନିଷ୍କାସନ ହୋଇପାରୁ ନାହିଁ। ଭଙ୍ଗାମୁଣ୍ଡି ମନ୍ଦିରକୁ ମଧ୍ୟ ପାଉଁଶରେ ପୋତି ଦିଆଯାଇଛି। ଏହାର ତଦନ୍ତ କରି ଉଚିତ ପଦକ୍ଷେପ ନିଆଯାଉ ବୋଲି ଦାବି କରିଛନ୍ତି। ଦାବିପତ୍ରରେ ଧୀରେନ୍ଦ୍ର କୁମାର ଦାସ, ଲାଲବାକୁ ସହେରୀ, ମନୋରଞ୍ଜନ ହୋତା ପ୍ରମୁଖଙ୍କ ସ୍ୱାକ୍ଷର ରହିଛି।



ଜିଲାପାଳଙ୍କ ଅଫିସ ସମ୍ମୁଖରେ ଗ୍ରାମବାସୀ ।

## କେନ୍ଦ୍ର ଲାଗି ଲୋକପାଳ ...

ନନ୍-ଜୁଡିସିଆଲ ମେମ୍ବର(ସର୍ବଭାରତୀୟ ସେବା/କେନ୍ଦ୍ରୀୟ ସେବା ଅଧିକାରୀ)ଙ୍କୁ ନିଯୁକ୍ତ କରିବା ଲାଗି ବ୍ୟବସ୍ଥା ରହିଛି। କିନ୍ତୁ ଦୀର୍ଘ ୫ ବର୍ଷ ଧରି ଲୋକପାଳ ନିଯୁକ୍ତ କରାଗଲା ନାହିଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏଡିଏ) ସରକାର ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ତଥା ଆନ୍ଧ୍ର ପ୍ରଦେଶ ହାଇକୋର୍ଟର ପୂର୍ବତନ ଚିଫ୍ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷଙ୍କୁ ପ୍ରଥମ ଲୋକପାଳ ନିଯୁକ୍ତ କଲେ। ୨୦୧୯ ମାର୍ଚ୍ଚ ୨୩ରେ ଜଷ୍ଟିସ୍ ଘୋଷ ଏବଂ ୨୭ ତାରିଖରେ ୮ ସଦସ୍ୟ ଶପଥ ନେଇଥିଲେ। ସେମାନଙ୍କ ମଧ୍ୟରୁ ବର୍ତ୍ତମାନ ଜଷ୍ଟିସ୍ ପ୍ରଦୀପ କୁମାର ମହାନ୍ତି ଓ ଜଷ୍ଟିସ୍ ଅଭିଲାଷା କୁମାରୀ ଜୁଡିସିଆଲ ମେମ୍ବର ଅଛନ୍ତି। ୪ ନନ୍-ଜୁଡିସିଆଲ ମେମ୍ବର ହେଲେ ଦୀନେଶ କୁମାର ଜୈନ, ଅର୍ଚ୍ଚନା ରାମସୁନ୍ଦରମ୍, ମହେନ୍ଦ୍ର ସିଂ ଏବଂ ଇନ୍ଦ୍ରଜିତ୍ ପ୍ରସାଦ ଗୌତମ। ଅନ୍ୟତମ ଜୁଡିସିଆଲ ମେମ୍ବର ଜଷ୍ଟିସ୍ ଦିଲୀପ ବି. ଭୋସଲେ ନିଯୁକ୍ତିର ୮ ମାସ ପରେ ବ୍ୟକ୍ତିଗତ କାରଣ ଦର୍ଶାଇ ଇସ୍ତଫା ଦେଇଥିବାବେଳେ ଜଷ୍ଟିସ୍ ଏ.କେ. ତ୍ରିପାଠୀ ୨୦୨୦ ମେ' ୨ରେ କୋଭିଡ୍-୧୯ରେ ସଂକ୍ରମିତ ହୋଇ ପ୍ରାଣ ହରାଇଥିଲେ। ଏହି ଦୁଇ ଜୁଡିସିଆଲ ମେମ୍ବରଙ୍କ ଖାଲି ପଦବୀ ତୁରନ୍ତ ପୂରଣ କରିବା ପାଇଁ ୨୦୨୧ ଜୁନ୍‌ରେ ଲୋକପାଳ ଜଷ୍ଟିସ୍ ପିନାକୀ ଚନ୍ଦ୍ର ଘୋଷ କେନ୍ଦ୍ରକୁ ଚିଠି ଲେଖିଥିଲେ ହେଁ ଏ ଦିଗରେ ସରକାରଙ୍କ ତତ୍ପରତା ଦେଖିବାକୁ ମିଳିନାହିଁ। ଏହି ସାମ୍ବିଧାନିକ ସଂସ୍ଥା ଗଠନର ୩ ବର୍ଷ ପରେ ମଧ୍ୟ ଲୋକପାଳ ଅଧ୍ୟକ୍ଷ କୌଣସି ବଡ଼ ଧରଣର ଦୁର୍ନୀତି ମାମଲା ହାତକୁ ନେଇଥିବା ଦେଖାଯାଇ ନାହିଁ। ଜଷ୍ଟିସ୍ ଭୋସଲେ ଇସ୍ତଫା ଦେବା ପରେ ଏକ ସାକ୍ଷାତ୍‌କାରରେ କହିଥିଲେ, ଆଲ୍ଲାହାବାଦ ହାଇକୋର୍ଟରେ ମୁଖ୍ୟ ବିଚାରପତି ଥିବାବେଳେ ସେ ଦିନକୁ ୧୪-୧୫ ଘଣ୍ଟା କାମ କରି ମାସକୁ ୫୦ରୁ ୧୦୦ ମାମଲାର ଶୁଣାଣି କରୁଥିଲେ। କିନ୍ତୁ ଲୋକପାଳ ସଦସ୍ୟ ହେବା ପରେ ସେ ଅଳସୁଆ ହୋଇଯାଇଥିଲେ। ଫଳରେ ଏହି ପଦବୀରେ ରହିବାର ଅର୍ଥ ସମୟ ନଷ୍ଟ ବୋଲି ସେ ଅନୁଭବ କରିଥିବା କହିଥିଲେ। ଜଷ୍ଟିସ୍ ଭୋସ୍‌ଲେଙ୍କ ମତରେ ଏଭଳି ଭାବେ ଲୋକପାଳ ଚାଲିଲେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ କେବେହେଲେ ପୂରଣ ହେବନାହିଁ। ଏସବୁ ଦୃଷ୍ଟିରୁ ବିଚାର କଲେ ଲୋକପାଳ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ନୁହନ୍ତି ବୋଲି ସ୍ପଷ୍ଟ ହେଉଛି। ୨୦୧୯-୨୦ରେ ଲୋକପାଳଙ୍କୁ ୧୦୧.୨୯ କୋଟି ଟଙ୍କା ଦେବା ପାଇଁ ବଜେଟରେ ବ୍ୟବସ୍ଥା କରାଯାଇଥିଲା। ପରେ ସମୀକ୍ଷା କରି ଏହାକୁ ୧୮.୦୧ କୋଟି ଟଙ୍କାକୁ ହ୍ରାସ କରାଯାଇଥିଲା। ୨୦୨୦-୨୧ରେ ଲୋକପାଳଙ୍କ ପାଇଁ ଆବଣ୍ଟିତ ୭୪.୭ କୋଟି ଟଙ୍କାକୁ ପରବର୍ତ୍ତୀ ସମୟରେ ୨୯.୬୭ କୋଟି ଟଙ୍କାରେ ସୀମିତ ରଖାଯାଇଥିଲା। ୨୦୨୧-୨୨ ଆର୍ଥିକ ବର୍ଷରେ ଲୋକପାଳଙ୍କୁ ୩୯.୬୭ କୋଟି ଟଙ୍କା ଦିଆଯାଇଥିଲା। ପରେ ତାହା ୨୬ କୋଟି ଟଙ୍କା ପର୍ଯ୍ୟନ୍ତ ହ୍ରାସ କରାଯାଇଥିଲା। ଏଥିରୁ ଅନୁଦାନରେ କେନ୍ଦ୍ରର କୁଣ୍ଠା ଓ ପାଣ୍ଠି ଖର୍ଚ୍ଚ କରିବାରେ ଲୋକପାଳଙ୍କ ଅକ୍ଷମତା ପରିଲକ୍ଷିତ ହୋଇଛି। ଲୋକପାଳ ଗଠନର ବର୍ଷେ ପରେ ଅର୍ଥାତ୍ ୨୦୨୦ ମେ' ୩ରେ କେନ୍ଦ୍ର ସରକାର ଲୋକପାଳରେ ଅଭିଯୋଗ ଦାଖଲ ନିମନ୍ତେ ନିୟମ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଉକ୍ତ ଆଇନ ଅନୁସାରେ ଲୋକପାଳ ଦୁର୍ନୀତି ନିବାରଣ ଆଇନ, ୧୯୮୮ ଅଧୀନରେ ଆସୁଥିବା ମାମଲାଗୁଡ଼ିକ ହାତକୁ ନେଇପାରିବେ। ଅଭିଯୋଗ ଦାଖଲର ୭ ବର୍ଷ ପୂର୍ବେ ହୋଇଥିବା ଦୁର୍ନୀତି ପାଇଁ ଶୁଣାଣି ବ୍ୟବସ୍ଥା ରହିଛି। କିନ୍ତୁ ଲୋକ ସଭା କିମ୍ବା ରାଜ୍ୟ ସଭାର କମିଟି ଅଥବା ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ବିଚାରାଧୀନ କୌଣସି ମାମଲାର ଶୁଣାଣି ପାଇଁ ଲୋକପାଳ ଆଇନ ଏହି ଦୁର୍ନୀତି ନିରୋଧୀ ସଂସ୍ଥାକୁ କ୍ଷମତା ଦେଇନାହିଁ। ଲୋକପାଳଙ୍କ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ତଥ୍ୟାନୁସାରେ ୨୦୧୯-୨୦ରେ ୧,୪୨୭ ଅଭିଯୋଗ ଦାଖଲ ହୋଇଥିଲା। ସେଥିରୁ ୪ ଅଭିଯୋଗ କେନ୍ଦ୍ରମନ୍ତ୍ରୀ ଓ ଏମ୍‌ପିମାନଙ୍କ ବିରୋଧରେ ରହିଥିଲା। ସେହିପରି କେନ୍ଦ୍ର ସରକାରଙ୍କ ଅଧୀନ ଅଧିକାରୀମାନଙ୍କ ବିରୋଧରେ ୨୪୫ ଅଭିଯୋଗ ରହିଥିଲା। ତେବେ ଅଭିଯୋଗର ସିଂହଭାଗ ଅର୍ଥାତ୍ ୧,୨୧୯ ମାମଲାକୁ ଲୋକପାଳ ନିଜ ପରିସର ବହିର୍ଭୂତ ଦର୍ଶାଇ ଖାରଜ କରିଦେଇଥିଲେ। ୮୯ ମାମଲାରେ ଅଭିଯୋଗକାରୀଙ୍କୁ ନିର୍ଦ୍ଦିଷ୍ଟ ଫର୍ମରେ ଫାଇଲ କରିବାକୁ କୁହାଯାଇଥିଲା। ୧୧୧ ମାମଲାରେ ଅଭିଯୋଗୁଡ଼ିକୁ ପ୍ରାଥମିକ ତଦନ୍ତ ପରେ ବନ୍ଦ କରି ଦିଆଯାଇଥିଲା ଅଥବା ସେଗୁଡ଼ିକ ଅନ୍ୟ କର୍ତ୍ତୃପକ୍ଷଙ୍କ ନିକଟରେ ବିଚାରାଧୀନ ଥିବା ଦର୍ଶାଇ ଖାରଜ କରାଯାଇଥିଲା।

ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ତଥା ସିଜେଆଇ, ଲୋକ ସଭା ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କୁ ନେଇ ଗଠିତ ଚୟନ କମିଟି ଲୋକପାଳ ଓ ସଦସ୍ୟମାନଙ୍କୁ ନିଯୁକ୍ତି ଦେବା ଲାଗି ରାଷ୍ଟ୍ରପତିଙ୍କୁ ନାମ ସୁପାରିସ କରିଥାଏ। ଅନୁରୂପ ଭାବେ ରାଜ୍ୟରେ ମୁଖ୍ୟମନ୍ତ୍ରୀ, ହାଇକୋର୍ଟ ମୁଖ୍ୟ ବିଚାରପତି, ବିଧାନସଭା ବାଚସ୍ପତି ଓ ବିରୋଧୀ ଦଳ ନେତାଙ୍କ ସୁପାରିସ କ୍ରମେ ରାଜ୍ୟପାଳ ଲୋକାୟୁକ୍ତ ଓ ଅନ୍ୟ ସଦସ୍ୟଙ୍କୁ ନିଯୁକ୍ତି ଦେଇଥାଆନ୍ତି। ତେବେ କେନ୍ଦ୍ରରେ ଲୋକପାଳ ଭଳି ରାଜ୍ୟ ସ୍ତରରେ ମଧ୍ୟ ଲୋକାୟୁକ୍ତ ବ୍ୟବସ୍ଥାର ପରିଚାଳନା ପାଇଁ ସରକାରଙ୍କ ଅନାଗ୍ରହ ଯୋଗୁ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ଖାଲିପଡ଼ିଛି। ଗତ ଡିସେମ୍ବରରେ କେରଳର ସିପିଆଇଏମ୍ ନେତୃତ୍ୱାଧୀନ ବାମ ଗଣତାନ୍ତ୍ରିକ ସାମ୍ମୁଖ୍ୟ ସରକାର ଲୋକାୟୁକ୍ତଙ୍କ କ୍ଷମତା ସୀମିତ କରିବା ପାଇଁ ଅଧ୍ୟାଦେଶ ଆଣିଥିଲେ। ୨୦୧୩ରେ ଲୋକପାଳ ଓ ଲୋକାୟୁକ୍ତ ଆଇନ ଆସିବାର ବହୁ ପୂର୍ବରୁ ୧୯୮୬ରେ କର୍ଣ୍ଣାଟକରେ ଏହି ବ୍ୟବସ୍ଥା ଥିଲା। କିନ୍ତୁ ଗତ ଜାନୁୟାରୀରେ ଜଷ୍ଟିସ୍ ପି. ବିଶ୍ୱନାଥ ସେଟ୍ଟି ଅବସର ନେବା ପରେ ନୂଆ ଲୋକାୟୁକ୍ତ ନିଯୁକ୍ତି ପାଇଁ ବାସବରାଜ ବୋମାଇଙ୍କ ନେତୃତ୍ୱାଧୀନ ଭାଜପା ସରକାର ପ୍ରକ୍ରିୟା ଆରମ୍ଭ କରିନାହାନ୍ତି। ୨୦୧୧ରେ ଆନ୍ନା ହାଜାରେଙ୍କ ଜନ ଲୋକପାଳ ଆନ୍ଦୋଳନରେ ମୁଖ୍ୟ ଭୂମିକା ନେଇ ପରବର୍ତ୍ତୀ ସମୟରେ ମୁଖ୍ୟମନ୍ତ୍ରୀ ହୋଇଥିବା ଅରବିନ୍ଦ କେଜ୍‌ରିୱାଲଙ୍କ ଦିଲ୍ଲୀରେ ୨୦୨୦ ଡିସେମ୍ବରରୁ ଲୋକାୟୁକ୍ତ ପଦବୀ ଖାଲିପଡ଼ିଛି। ୨୦୧୩ରୁ ଉତ୍ତରାଖଣ୍ଡରେ କେହି ଲୋକାୟୁକ୍ତ ନାହାନ୍ତି। ହିମାଚଳ ପ୍ରଦେଶ, ନାଗାଲାଣ୍ଡ ଓ ଝାଡ଼ଖଣ୍ଡରେ ମଧ୍ୟ ଲୋକାୟୁକ୍ତ ନାହାନ୍ତି। ଝାଡ଼ଖଣ୍ଡ ଲୋକାୟୁକ୍ତ ଜଷ୍ଟିସ୍ ଧ୍ରୁବ ନାରାୟଣ ୨୦୨୧ ଜୁନ୍‌ରେ କୋଭିଡ୍ ସଂକ୍ରମିତ ହୋଇ ପ୍ରାଣ ହରାଇଥିଲେ। ଓଡ଼ିଶା ଏବଂ ତାମିଲନାଡୁ ୨୦୧୯ରେ ଲୋକାୟୁକ୍ତ ନିଯୁକ୍ତ କରିଥିଲେ। ୨୦୧୪ରେ ଆନ୍ଧ୍ର ପ୍ରଦେଶରୁ ତେଲଙ୍ଗାନା ଅଲଗା ହୋଇଥିବାବେଳେ ୨୦୧୯ରେ ଦୁଇ ରାଜ୍ୟ ପାଇଁ ଭିନ୍ନ ଲୋକାୟୁକ୍ତ ପଦବୀ ସୃଷ୍ଟି କରାଗଲା। ହେଲେ ଆନ୍ଧ୍ର ସରକାର କୁର୍ନୁଲରେ ୨୦୨୧ରେ ଲୋକାୟୁକ୍ତଙ୍କ ଅଫିସ ଖୋଲିଥିଲେ। ଭାଜପା ଶାସିତ ଗୋଆ ହେଉ କି ପଶ୍ଚିମବଙ୍ଗର ତୃଣମୂଳ କଂଗ୍ରେସ ସରକାର ସବୁଠି ଲୋକାୟୁକ୍ତମାନେ ଯେପରି ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଗ୍ରହଣ କରିପାରିବେ ନାହିଁ ସେଭଳି ପକ୍ଷଚ୍ଛେଦନ କରାଯାଇଛି ବିଧାନସଭାରେ ଆଇନ ଆଣି ଅଥବା ଅଧ୍ୟାଦେଶ ସାହାରାରେ।

## ରାମ୍‌କୋ ସିମେଣ୍ଟ ...

ଉନ୍ନତୀକରଣ ସକାଶେ ୩୨ କୋଟି ଟଙ୍କା ରହିଥିଲା। କିନ୍ତୁ ଜନଶୁଣାଣି ନ କରି କନସେଣ୍ଟ ଟୁ ଏଷ୍ଟାବ୍ଲିଶ୍, ପରିବେଶଗତ ଅନୁମତି, ଭୂତଳ ଜଳ ବ୍ୟବହାର ଅନୁମତି, ନେସ୍କୋରୁ ବିଦ୍ୟୁତ୍ ସଂଯୋଗ, ଶ୍ରମିକ ପଞ୍ଜୀକରଣ ଆଦି ଚଞ୍ଚକତା କରି କମ୍ପାନୀ ହାତେଇ ନେଇଥିବା ଅଭିଯୋଗ ହୋଇଆସୁଛି। ଉଲ୍ଲେଖଯୋଗ୍ୟ, ଜନଶୁଣାଣିରେ ଲୋକଙ୍କ ସମର୍ଥନ ପରେ ପରିବେଶଗତ ଅନୁମତି ମିଳିବା କଥା। କିନ୍ତୁ କେଉଁ ଆଧାରରେ ପରିବେଶଗତ ଅନୁମତି ମିଳିଛି ତାହାର ତଦନ୍ତ କରାଯାଉ ବୋଲି ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ଦାବି କରିଛନ୍ତି। ଏପରି କି କମ୍ପାନୀ ସାମଗ୍ରୀ ପରିବହନ କରୁଥିବା ଗାଡ଼ିଗୁଡ଼ିକ ମଧ୍ୟ ଅଧିକାଂଶ ବିନା ଇନ୍ସୁରାନ୍ସରେ ଚାଲିଛି ବୋଲି ବେହୁରା ଅଭିଯୋଗ କରିଛନ୍ତି।

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳରେ ଇମାମି, ଜେଏସ୍‌ଡବ୍ଲ୍ୟୁ ଓ ସାଗର ସିମେଣ୍ଟ କାରଖାନା ପ୍ରତିଷ୍ଠା ପୂର୍ବରୁ ସେହି କମ୍ପାନୀଗୁଡ଼ିକ ଜନଶୁଣାଣିରେ ଲୋକଙ୍କ ସମର୍ଥନ ହାସଲ କରିଥିଲା। ହେଲେ ଅଣଓଡ଼ିଆ ସଂସ୍ଥା ରାମ୍‌କୋ ପାଇଁ ଜନଶୁଣାଣି ଛାଡ଼ ହେବା ପଛରେ କମ୍ପାନୀ, ପ୍ରଶାସନ ଓ ପ୍ରଭାବଶାଳୀ ନେତାଙ୍କ ମେଣ୍ଟ ରହିଥିବା ସ୍ଥାନୀୟ ଲୋକେ ବୁଝିପାରୁଛନ୍ତି। କିନ୍ତୁ ଏହାର କୁପରିଣାମ ଏବେ ସ୍ଥାନୀୟ ବାଟିଜଙ୍ଗା, ଟେଲର, ଥାନୁଆଳ, ଜୋଗଡ଼ା, ମୁରାରୀପୁର, ନାନପୁର, ହରିଦାସପୁର, ଉଡଙ୍ଗା, ବାଜବାଟି, ଭାତୁରୁପୋଷି, ନେଉଳପୁର ଓ ରଥିଆ ଗ୍ରାମବାସୀ ଭୋଗୁଛନ୍ତି। ରାମ୍‌କୋ କାରଖାନାରୁ ଦୈନିକ ପ୍ରାୟ ୧୫ରୁ ୨୦ ଗାଡ଼ିରେ ବିଷାକ୍ତ କଞ୍ଚାମାଲ ପରିବହନ ହେଉଥିବାରୁ ଲୋକେ ପ୍ରଦୂଷଣ ଯାତନାରେ ଅତିଷ୍ଠ ହୋଇ ପଡ଼ିଛନ୍ତି। ଏପରିକି ଆଖପାଖରେ ଥିବା ଚାଷଜମିର ଉର୍ବରତା ମଧ୍ୟ ନଷ୍ଟ ହେଉଥିବା କେତେଜଣ ଚାଷୀ ଅଭିଯୋଗ ଆଣିଛନ୍ତି। ଏହିସବୁ ଦୃଷ୍ଟିରୁ ଜନଶୁଣାଣିର ଆବଶ୍ୟକତା ନିହାତି ରହିଥିଲା ବୋଲି ପ୍ରଭାବିତ ଲୋକେ ମତପ୍ରକାଶ କରିଛନ୍ତି।

ଜମି ଜାଲିଆତି ନେଇ ଅଭିଯୋଗ ଅନୁଯାୟୀ, ରାମ୍‌କୋ ଅଧୀନରେ ଥିବା ଧର୍ମଶାଳା ତହସିଲ ଅନ୍ତର୍ଗତ ବାଟିଜଙ୍ଗା, ନାନପୁରର ଓ ଜୋଗରଡ଼ା ମୌଜାର ପ୍ରାୟ ୨ ଏକର ଗୋଚର ଜମିକୁ ୨୦୧୯ ଫେବୃୟାରୀରେ ଅଣଗୋଚର ଜମି

## ପ୍ରଥମ ପୃଷ୍ଠାରୁ...

ଭାବେ ପରିବର୍ତ୍ତନ ହୋଇଥିଲା। ଏଥିପାଇଁ ଜାରି ହୋଇଥିବା ସର୍ବସାଧାରଣ ନୋଟିସରେ ୨୦ଜଣ ସ୍ଥାନୀୟ ଲୋକ ଏବଂ ଉପର ଲିଖିତ ୨ ଜଣ ସରପଞ୍ଚଙ୍କ ଦସ୍ତଖତକୁ ତହସିଲ କର୍ମଚାରୀ ଜାଲିଆତି କରିଥିଲେ। ପରେ ତହସିଲ ପ୍ରଶାସନ ପକ୍ଷରୁ ଉକ୍ତ ଜମି ଇଡ୍‌କୋକୁ ହସ୍ତାନ୍ତର କରିବାକୁ ପ୍ରସ୍ତାବ ହୋଇଥିଲା। ଏନେଇ ଥାନାରେ ଅଭିଯୋଗ ହେବା ପରେ ତତ୍କାଳୀନ ଧର୍ମଶାଳା ତହସିଲଦାର ସରୋଜ କୁମାର ପଣ୍ଡା ତହସିଲ ଅଫିସର ପ୍ରୋସେସର୍ଭର ହେମନ୍ତ କୁମାର ନନ୍ଦଙ୍କ ସମେତ ଥାନୁଆଳ ସରପଞ୍ଚ ଜେନା ଓ ଆରୁହା ସରପଞ୍ଚ ରାଉତଙ୍କୁ ନେଇ ତଦନ୍ତ କରିଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ଏହି ଜାଲିଆତିକୁ ଚପାଇ ଦିଆଯାଇଛି। ଏ ସଂକ୍ରାନ୍ତରେ ରାମ୍‌କୋ ସିମେଣ୍ଟ କାରଖାନାର ଜେନେରାଲ ମ୍ୟାନେଜର ଅଜିତ ପଲଙ୍କ ମତାମତ ନେବାକୁ ତାଙ୍କ ମୋବାଇଲ ନମ୍ବର ୭୮୯୩୬୫୧୯୧୯ରେ ମଙ୍ଗଳବାର ସନ୍ଧ୍ୟା ୬ଟା ୩୯ରେ ଯୋଗାଯୋଗ କରିଥିଲେ ହେଁ ସେ ଫୋନ କଲ୍ ଗ୍ରହଣ କରି ନ ଥିଲେ।

## ଓଡ଼ିଶା ଲୋକାୟୁକ୍ତଙ୍କୁ ...

କରିବା ବିଳମ୍ବ ହେଉଛି। ୨୦୨୦ ଜାନୁୟାରୀ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ୩୦ ଜିଲାରୁ ୨୦୨୨ ଅଭିଯୋଗ ଲୋକାୟୁକ୍ତରେ ପଞ୍ଜୀକୃତ ହୋଇଛି। ସେଥିରୁ ୧୫୩୭ ମାମଲା ଫଇସଲା ହୋଇଥିବା ବେଳେ ୪୮୫ଟି ପଡ଼ିରହିଛି। ୨୦୨୧ ଜାନୁୟାରୀ ପହିଲାରୁ ଡିସେମ୍ବର ୩୧ ମଧ୍ୟରେ ୧୨୭୫ ମାମଲା ପଞ୍ଜୀକୃତ ହୋଇଥିବା ବେଳେ ସେଥିରୁ ୯୧୫ ଫଇସଲା କରାଯାଇଛି। ୩୬୦ ମାମଲା ବିଚାର ଅପେକ୍ଷାରେ ରହିଛି। ୬୩ ଜଣଙ୍କ ବିରୋଧରେ ଆସିଥିବା ଅଭିଯୋଗର ପ୍ରାଥମିକ ତଦନ୍ତ ରିପୋର୍ଟ ଲୋକାୟୁକ୍ତ ନିକଟରେ ଦାଖଲ କରାଯାଇଥିବା ବେଳେ କେତେ ଜଣଙ୍କ ବିରୋଧରେ ତଦନ୍ତ ଚାଲୁ ରହିଛି। ୫ ଜଣଙ୍କ ବିରୋଧରେ ଭିଜିଲାନ୍ସ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି।

ଫନୀ ବାତ୍ୟାକୁ ନେଇ ଜନଅସନ୍ତୋଷ ଦେଖା ଦେଇଥିଲା। ଏନେଇ ଲୋକାୟୁକ୍ତଙ୍କ ନିକଟରେ ୫୨୨ ମାମଲା ଆସିଥିବା ବେଳେ ସେଥିରୁ ୩୪୩ ମାମଲାକୁ ଲୋକାୟୁକ୍ତ ବିଚାର ପରିସରଭୁକ୍ତ କରିଥିଲେ। ସେଥିରୁ ୩୧୭ ଫଇସଲା କରାଯାଇଛି। ୨୬ଟି ମାମଲାରେ ଲୋକାୟୁକ୍ତ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ବିଶେଷକରି ଅଧିକାଂଶ ମାମଲା ସରକାରୀ କର୍ମଚାରୀମାନଙ୍କ ବିରୋଧରେ ଆସୁଛି। ସେଗୁଡିକୁ ତଦନ୍ତ କରି ଫଇସଲା କରିବା ପାଇଁ ଅନେକ ସମୟ ଲାଗୁଛି। କର୍ମଚାରୀ ଅଭାବ ଯୋଗୁ ତଦନ୍ତ କାର୍ଯ୍ୟ ଧିମେଇ ଯାଇଛି। ଫଳରେ ଅଭିଯୋଗକାରୀଙ୍କୁ ନ୍ୟାୟ ମିଳିବାରେ ବିଳମ୍ବ ହେଉଛି। ବରିଷ୍ଠ ଆଇନଜୀବୀ ତଥା ବିଧାନସଭାରେ କଂଗ୍ରେସ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ ଲୋକାୟୁକ୍ତ ଅଧୀନକୁ ଭିଜିଲାନ୍ସକୁ ଆଣିବା ସକାଶେ ଲୋକାୟୁକ୍ତ ତାଙ୍କ ବାର୍ଷିକ ରିପୋର୍ଟରେ ବିଧାନସଭାକୁ ପ୍ରସ୍ତାବ ଦେଇଥିଲେ। ସରକାର ଏ ନେଇ କିଛି କଲେ ନାହିଁ। ଯଦି ଲୋକାୟୁକ୍ତଙ୍କ ହାତରେ ସ୍ୱାଧୀନ ତଦନ୍ତକାରୀ ସଂସ୍ଥା ନ ରହିବ ତେବେ ଏହା ଅର୍ଥଶୂନ୍ୟ ହୋଇଯିବ। ରାଜ୍ୟ ସରକାର ଯେପରି ସ୍ପେଶାଲ କୋର୍ଟ ଆକ୍ଟକୁ ପଙ୍ଗୁ କରି ଦେଇଥିଲେ, ସେହିପରି ଲୋକାୟୁକ୍ତଙ୍କୁ ମଧ୍ୟ ପଙ୍ଗୁ କରି ଦିଆଯାଇଛି। ଲୋକାୟୁକ୍ତ ଯେତିକି ଚଳଚଞ୍ଚଳ ହେବା କଥା ତାହା ଦେଖାଯାଉନାହିଁ। ଦୁର୍ନୀତିକୁ ମୂଳୋତ୍ପାଟନ କରିବାକୁ ଲୋକାୟୁକ୍ତ ସେଭଳି କଠୋର ପଦକ୍ଷେପ ନେଲା ଭଳି ଦେଖାଯାଉନାହିଁ। ଫଳରେ ଲୋକମାନଙ୍କର ଏହି ସଂସ୍ଥା ଉପରେ ଭରସା ଓ ବିଶ୍ୱାସ ପାଉନାହିଁ ବୋଲି ନରସିଂହ କହିଛନ୍ତି।

## ଆଇଏଫ୍‌ଏସ୍, ଓଏଏସ୍ ...

ସେମାନଙ୍କର ସମସ୍ତ ବେଆଇନ ପୁଞ୍ଜି ନଳିନୀ ପୃଷ୍ଟିଙ୍କ ମା' ଦେବକୀ ପୃଷ୍ଟିଙ୍କ ନାମରେ ଜମା କରାଯାଇଛି। ସମସ୍ତ ଯାଞ୍ଚ ପରେ ମାମଲା ରୁଜୁ କରାଯାଇ ବେଆଇନ ସମ୍ପତ୍ତି ଜବତ କରାଯାଇଛି। ଏ ନେଇ ଅଧିକ ତଦନ୍ତ ଜାରି ରହିଛି ବୋଲି ଇଡିର ଜଣେ ଅଧିକାରୀ କହିଛନ୍ତି।

## ଅନଲାଇନ ଗେମ୍ ...

ଫେରୁଥିବା ବେଳେ କେତେକ ବ୍ୟକ୍ତି ଅଟକାଇ ସେମାନଙ୍କ ଟଙ୍କା ଦାବି କରିଥିଲେ। ଖବର ଲେଖା ହେବା ପର୍ଯ୍ୟନ୍ତ ତାଙ୍କର ମୃତଦେହ ଗାଁରେ ପହଞ୍ଚି ନ ଥିଲା। ଉକ୍ତ ସୁଇସାଇଡାଲ ନୋଟ୍‌ରେ ସେ ମା'ବାପାଙ୍କ ପାଖରେ କ୍ଷମା ମାଗିବା ସହ ପରିସ୍ଥିତି ସମ୍ପର୍କରେ ଉଲ୍ଲେଖ କରିଛନ୍ତି।

# ଇ-ଶ୍ରମ ପୋର୍ଟାଲରେ ମାଲ ଗୋଦାମ ଶ୍ରମିକ ସାମିଲ




ନୂଆଦିଲ୍ଲୀ,୧୫।୩

ସାରା ଦେଶର ଶ୍ରମିକଙ୍କୁ ଚିହ୍ନଟକରି ଆବଶ୍ୟକ ସରକାରୀ ସହାୟତା ଯୋଗାଇଦେବା ଲକ୍ଷ୍ୟରେ କେନ୍ଦ୍ର ସରକାର ଇ-ଶ୍ରମ ପୋର୍ଟାଲର ଉନ୍ମୋଚନ କରିଥିଲେ। କମ୍ ଦିନ ମଧ୍ୟରେ ଏହା ଆଶାତୀତ ଭାବେ ମଧ୍ୟ ସଫଳତା ପାଇଥିଲା। ହେଲେ କୌଣସି କାରଣରୁ ରେଳପଥ ମାଲ ଗୋଦାମ ଶ୍ରମିକଙ୍କ ପାଇଁ ଉକ୍ତ ପୋର୍ଟାଲରେ ପଞ୍ଜୀକରଣ ପାଇଁ କୌଣସି ସୁବିଧା ନ ଥିଲା। ଫଳରେ ଏହାର ସମାଧାନ ପାଇଁ ସବୁସ୍ତରରେ ପ୍ରୟାସ କରାଯାଇ ଶେଷରେ ତା'ର ସମାଧାନ ସାଙ୍ଗକୁ ରେଳପଥ ମାଲ ଗୋଦାମ କର୍ମଚାରୀଙ୍କୁ ଉକ୍ତ ପୋର୍ଟାଲରେ ସାମିଲ କରାଯିବାର ବ୍ୟବସ୍ଥା କରାଯାଇଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ରେଳପଥର ମାଲ ଗୋଦାମ ଶ୍ରମିକ ୟୁନିୟନ (ବିଆର୍‌ଏମ୍‌ଜିଏସ୍‌ୟୁ) ପକ୍ଷରୁ ସୋମବାର ସ୍ଥାନୀୟ ସମ୍ବିଧାନ କ୍ଲବ ପରିସରରେ କେନ୍ଦ୍ର ଶ୍ରମ ମନ୍ତ୍ରଣାଳୟକୁ ସାଧୁବାଦ ଓ ସମ୍ମାନ ପ୍ରଦାନ ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଶ୍ରମ ମନ୍ତ୍ରୀ ଭୂପେନ୍ଦ ଯାଦବ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲା ବେଳେ ମୁଖ୍ୟ ଶ୍ରମ କମିଶନର (କେନ୍ଦ୍ର) ଅଜୟ କୁମାର ସାମନ୍ତରାୟଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବିଆର୍‌ଏମ୍‌ଜିଏସ୍‌ୟୁର ସଭାପତି ପ୍ୟାରୀମଲ

### ଶ୍ରମ ମନ୍ତ୍ରଣାଳୟକୁ ସାଧୁବାଦ ଜଣାଇଲା ସଂଘ

କାନ୍ତି ମଣ୍ଡଳ ମୁଖ୍ୟ ଶ୍ରମ କମିଶନରଙ୍କୁ ଏକ ଉତ୍ତରୀୟ ଏବଂ ବିଆର୍‌ଏମ୍‌ଜିଏସ୍‌ୟୁର ସ୍ମାରକ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଭାରତୀୟ ରେଳପଥର ମାଲ ଗୋଦାମ ଶ୍ରମିକ ସଂଘ ଏବଂ ଏହାର ସଭାପତି ପ୍ୟାରୀମଲ କାନ୍ତି ମଣ୍ଡଳଙ୍କ କାର୍ଯ୍ୟଧାରା ତଥା ଉଦ୍ୟମକୁ କମିଶନର ପ୍ରଶଂସା କରିବା ସହ ସଂଘର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ପରିଶେଷରେ ମଞ୍ଚରେ ଉପସ୍ଥିତ ସମସ୍ତ ଅତିଥିଙ୍କ ଦ୍ୱାରା ରେଳପଥ ମାଲ ଗୋଦାମ ୱାର୍କର୍ସ ସର୍ଭେ ଫର୍ମକୁ ଶ୍ରମ ମନ୍ତ୍ରଣାଳୟର ଅନୁରୋଧକ୍ରମେ ଉନ୍ମୋଚନ କରାଯାଇଥିଲା। ଭାରତ ସରକାରଙ୍କ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ରେଳପଥ ମାଲ ଗୋଦାମ ସଦସ୍ୟଙ୍କୁ ସମ୍ମାନ ପ୍ରଦାନ ଦିଗରେ ଏକ ବଡ ପଦକ୍ଷେପ ଗ୍ରହଣ କରାଯାଇଛି। ଶ୍ରମ ମନ୍ତ୍ରଣାଳୟ ଅଧୀନରେ ଥିବା ଇ-ଶ୍ରମ ପୋର୍ଟାଲରେ ରେଳପଥ ମାଲ ଗୋଦାମ କର୍ମଚାରୀଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିବାରୁ ରେଳପଥ ମାଲ ଗୋଦାମ ଶ୍ରମିକଙ୍କ ଉନ୍ନତିରେ ଏକ ମାଇଲଖୁଣ୍ଟ ହେବ ବୋଲି ସଂଘ ବିବେଚନା କରିଛି। ଅପରପକ୍ଷରେ ଶ୍ରମ ରାଷ୍ଟ୍ରମନ୍ତ୍ରୀ ରାମେଶ୍ୱରୀ ତେଲି ଏବଂ ରେଳ ରାଷ୍ଟ୍ରମନ୍ତ୍ରୀ ତଥା ବୟନଶିଳ୍ପ ରାଷ୍ଟ୍ରମନ୍ତ୍ରୀ ପ୍ରମୁଖ ସଂଘକୁ ଶୁଭେଚ୍ଛା ଜଣାଇଛନ୍ତି।

# ବିଓଏମ୍‌ର 'ବ୍ୟାଙ୍କସଖୀ' ପ୍ରକଳ୍ପକୁ ସଶକ୍ତ କରିବ ମହାଗ୍ରାମ

ଭୁବନେଶ୍ୱର,୧୫।୩ : ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର (ବିଓଏମ୍) ପକ୍ଷରୁ ଓଡ଼ିଶାରେ 'ବ୍ୟାଙ୍କ ସଖୀ' ପ୍ରକଳ୍ପ ଆରମ୍ଭ କରିବା ପାଇଁ ଏବଂ ଏହି ପ୍ରକଳ୍ପକୁ ଆର୍ଥିକ ପ୍ରଯୁକ୍ତିବିଦ୍ୟା ଓ ଭିତ୍ତିଭୂମି ସହାୟତା ପ୍ରଦାନ କରିବା ଲାଗି ଏକ ଅଗ୍ରଣୀ ଫିନ୍‌ଟେକ୍ କମ୍ପାନୀ ମହାଗ୍ରାମ ସହିତ ସହଭାଗିତା କରିଛି। ଏହି ସହଭାଗିତାର ଅଂଶ ଭାବେ କମ୍ପାନୀ ଗ୍ରାମାଞ୍ଚଳର ଲୋକମାନଙ୍କୁ ନିଜ ଘରେ କିମ୍ବା ଘର ପାଖର କିରାନା ଷ୍ଟୋର୍‌ରେ ମୌଳିକ ବ୍ୟାଙ୍କିଙ୍ଗ୍ ସୁବିଧା ପାଇବାରେ ସାହାଯ୍ୟ କରିବା ପାଇଁ ୧୧,୦୦୦ରୁ ଅଧିକ ବ୍ୟାଙ୍କ ସଖୀ (ମହିଳା) ଙ୍କୁ ନିଯୁକ୍ତ କରିଛି। ଫଳରେ ଗ୍ରାମାଞ୍ଚଳର ଆର୍ଥିକ ସମାବେଶକୁ ପରିଚାଳନା କରାଯାଇପାରିବ। ଏହା କୌଣସି ବ୍ୟାଙ୍କ ନ ଥିବା ସ୍ଥାନଗୁଡିକରେ ଆକାଉଣ୍ଟ ବା ଖାତା ଖୋଲିବା, ଆଧାର ସକ୍ଷମ ପେମେଣ୍ଟ ସେବା ଓ ବିଭିନ୍ନ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରୁଛି। ଏ ସମ୍ପର୍କରେ ମହାଗ୍ରାମ, ବିଜ୍‌ନେସ୍ ଡାଇରେକ୍ଟର ବାସୁଦେବ ଫଡ୍‌ନିସ କହିଛନ୍ତି, ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ସହିତ ଏହି ସହଭାଗିତା ଓଡ଼ିଶାର ଲୋକମାନଙ୍କୁ ଡୋର୍‌ଷ୍ଟେପ୍ ଓ ବାଧାମୁକ୍ତ ବ୍ୟାଙ୍କିଙ୍ଗ୍ ସେବା ପ୍ରଦାନ କରିବ। ଆମେ ଏକ ଫିନ୍‌ଟେକ୍ କମ୍ପାନୀ ଭାବେ ବ୍ୟାଙ୍କିଙ୍ଗ୍ ସେବାଗୁଡିକ ସହିତ ସମସ୍ତ ଅନ୍‌ବ୍ୟାଙ୍କ ବା ବ୍ୟାଙ୍କ ନ ଥିବା ଅଞ୍ଚଳଗୁଡିକୁ ଅନ୍ତର୍ଭୁକ୍ତ କରିବା ନେଇ ସରକାରଙ୍କ ଲକ୍ଷ୍ୟ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ ରହିଛୁ। ଆମେ ଡିଜିଟାଲ ଓ ଫିଜିକାଲ ଟଚ୍‌ପଏଣ୍ଟଗୁଡିକରେ ଆମର ଅଭିନବ ଗ୍ରାହକ-ଅନୁକୂଳ ଆର୍ଥିକ ସେବା ଓ ସର୍ବୋତ୍ତମ ଶ୍ରେଣୀର ଗ୍ରାହକ ଅନୁଭୂତିର ବ୍ୟବହାର କରି ଓଡ଼ିଶାର ଲୋକମାନଙ୍କୁ ସେବା ପ୍ରଦାନ କରିବାକୁ ଅପେକ୍ଷା କରିଛୁ।' ମହାଗ୍ରାମ ବର୍ତ୍ତମାନ ଦେଶର ପ୍ରାୟ ୧୫୦୦୦ ପିନ୍‌କୋଡ୍‌ରେ ସେବା ପ୍ରଦାନ କରୁଛି ଏବଂ ଏହା ନିଜର ୭ ଲକ୍ଷରୁ ଅଧିକ ରିଟେଲ୍ ପାର୍ଟନର୍‌ଗୁଡିକ (ଏମ୍‌ଓଏମ୍ ଓ ପିଓପି ଷ୍ଟୋର୍)ର ଡିଷ୍ଟ୍ରିବ୍ୟୁଶନ ନେଟ୍‌ୱର୍କ ମାଧ୍ୟମରେ ମୌଳିକ ବ୍ୟାଙ୍କିଙ୍ଗ, ଇ-ଗଭର୍ନାନ୍ସ ଓ ଅନ୍ୟାନ୍ୟ ବିଏଫ୍‌ଏସ୍‌ଆଇ ସେବା ପ୍ରଦାନ କରୁଛି।


**OFFICE OF THE MUNICIPAL COUNCIL**
**BRAJRAJNAGAR, Dist-Jharsuguda (Odisha)**
e-mail-eobrjnmpl@gmail.com
Phone No-06645-242075

**PUBLIC NOTICE**

Notice-1144, Dt.01.03.2022

No.C-1971: This is information of all concerned that (ODF++) declaration under Swachha Bharat Mission (Urban) Odisha, the Brajrajnagar Municipality has declared the area under the jurisdiction of Administrator, open defecating and urinating there is a fine mechanism and he/she will be fined with an amount of Rs.50/- without any argument.

Yours faithfully
Sd./- Executive Officer, Brajrajnagar Municipality
OIPR-13099/11/0016/2122

**OFFICE OF THE EXECUTIVE ENGINEER**
**CUTTACK (R&B) DIVISION NO.II: CUTTACK**
E-Mail I.D.-eepwdcuttack2@gmail.com,Tel./ Fax No.(0671)-2973399
GOVERNMENT OF ODISHA "e" procurement Notice
No.B-1050:
**e-procurement Notice for Building work**
Bid Identification No. E.E. CTC(R&B)-II-35 of 2021-22

1. Name of the work : 01 No. of Building Work
2. Estimated Cost : Rs. 89,40,300/-
3. Period of completion : 4 (Four) calendar Months
4. Date & time of sale & receipt of bid document : From 16.03.2022 to 5 P.M. of 30.03.2022
5. Last date / time of receipt of bids : 5 P.M. of 30.03.2022
6. Date & time of Opening of Bids : 11 A.M. of 31.03.2022
7. Name and address of the Officer Inviting Bid : Executive Engineer, Cuttack (R&B) Division-II, Cuttack

Further details can be seen from the e-procurement portal http://www.tendersorissa.gov.in.
Any addendum/ corrigendum/ cancellation of tender can also be seen in the said website.

A.K Behera
Executive Engineer, Cuttack (R&B) Division No.II
OIPR-34091/11/0035/2122

**OFFICE OF THE DIVISIONAL FOREST OFFICER**
No.MM-394: ATHMALLIK DIVISION, AT- ATHMALLIK, ANGUL-759125

| Sl. No. | PARTICULARS | DATE & TIME / DETAILS | LOCATION / DETAILS |
|---|---|---|---|
| 1 | RFP No. & Date | Tender Notice No.01/1F-1792/2022,Dated 14.03.2022 | |
| 2 | Commencement of Download of RFP Document | 14.03.2022, 11.00 A.M. ONWARDS | www.odishaforest.in |
| 3 | Last date of Bid Submission (By messenger / Courier / Post) | 27.03.2022 (Upto 01:00 P.M.) | Office of the Divisional Forest Officer, Athmallik Division, At-Athmallik, Angul-759125 |
| 4 | Date of General and Technical and Financial Bid Opening | 29.03.2022 (11:00 AM) | Office of the Divisional Forest Officer, Athmallik Division, At-Athmallik, Angul-759125 |
| 5 | Contact Address for Queries | Office of the Divisional Forest Officer, Athmallik Division, At-Athmallik, Angul-759125, Email: dfoathmallikt@gmail.com | |
| 6 | Address of Bid Submission | Office of the Divisional Forest Officer, Athmallik Division, At-Athmallik, Angul-759125 | |
| 7 | RPF Document Cost (Non-refundable) | Rs.1,000/- (Rupees One Thousand only) | By Demand Draft issued by a Nationalized or Scheduled bank in favour of "The Divisional Forest Officer, Athmallik Division, "Payable at Athmallik |
| 8 | EMD (Refundable, but non-interest bearing) | Rs.5,000/- (Rupees Five Thousand only) | By Demand Draft issued by a Nationalized or Scheduled bank in favour of "The Divisional Forest Officer, Athmallik Division, "Payable at Athmallik |
| 9 | Bid validity period | 1 Year (Financial Year-2022-23) | |
| 10 | Last Tender document and addendum/ corrigendum, if any, will be published at the website www.odishaforest.in | | |
| 11 | Disclaimer: Notwithstanding anything else contained to the contrary in this tender document, DFO Athmallik reserves the right to cancel / withdraw / modify fully or partially the "Invitation of Bids" or to reject one or more of the bids without assigning any reason and shall bear no liability whatsoever consequent upon such a decision | | |
| 12 | In case of any unscheduled holiday or on days of Bandh or natural calamity on the aforesaid dates, the next working day will be treated as scheduled / prescribed date for the same purpose. | | |
| 13 | The Tender Inviting Authority may change the venue of opening the Technical or Financial Bids in case of exigent circumstances like breakdown of communication link or conditions of force majeure. | | |
| 14 | The Tender Inviting Authority reserves the right to defer the date of opening of either Technical or Financial Proposal or both, if required. | | |

Sd./- Divisional Forest Officer, Athmallik Division
OIPR-08125/11/0019/2122

**ODISHA LIFT IRRIGATION CORPORATION LTD.**
**OFFICE OF THE EXECUTIVE ENGINEER, LIFT IRRIGATION DIVISION, SUBARNAPUR**
e-mail id- eeolicsnp@gmail.com
**'e' Procurement Notice**
Bid identification No. OLIC-SNP-05/2021-22, dt 09.03.2022

No.CAD-3169: The Executive Engineer, Lift Irrigation Division, Subarnapur on behalf of OLIC invites Percentage Rate bids in double cover system to be received in Online Mode only for the work Installation and Energisation of New LIPs under different block in Subarnapur District as detailed in the table below. The Bid should be submitted by the eligible class of contractors as mentioned below registered with the State Government and contractors of equivalent grade / class registered with Central Government / M.E.S. / Railways /C.P.W.D. for execution of Civil Works with valid Electrical (H.T) License issued by ELBO Odisha through On-Line in the Govt. website www.tendersodisha.gov.in. The bidders should have necessary portal enrolment (with own digital signature certificate). The registered bidders from outside Odisha can also participate in this on-line tender process after necessary portal enrollment but shall have to subsequently undergo registration with appropriate authority of the State. **1.Name of the Works:- Installation & Energisation of River Lift Irrigation Projects with supply of all materials on Turnkey basis. 2.Total Nos of Package:- 04, 3.Approximate Estimated Cost:-Rs. 50.12 Lakhs to Rs. 55.61 Lakhs, 4. Class of Contractor:- As mentioned against each package, 5. Period of Completion:- 90 Days for all projects from the date of issue of work order. 6. Other details as follows-**

| Procurement Officer | Bid Identification No. | Availability of Tender On-line for Bidding | | Last date & time of seeking tender clarification | Date & Time of Opening of tender in the office of the Executive Engineer, L.I.Division, Subarnapur |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, L.I.Division, Subarnapur | OLIC-SNP-03/2021-22 | 16.03.2022 at 11.00 Hrs. | 24.03.2022 at 17.00 Hrs. | 23.03.2022 at 17.00 Hrs. | 25.03.2022 at 11.00 Hrs. |

- Details can be seen from the Website www.tenderodisha.gov.in
- Any corrigendum/Addendum will be displayed in the above website only

Executive Engineer, L.I.Division, Subarnapur
OIPR-32316/11/0008/2122

**ଉଦ୍ୟାନ ବିଭାଗ ଢେଙ୍କାନାଳ ଫଳ ବଗିଚା ନିଲାମ ଇସ୍ତାହାର**

No.L-139: ଚଳିତ ବର୍ଷ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଢେଙ୍କାନାଳଙ୍କ ଅଧୀନରେ ଢେଙ୍କାନାଳରେ ଥିବା ସପ୍ତଶଯ୍ୟା ଫାର୍ମ ଓ ନୀଳକଣ୍ଠପୁର (ଭୁବନ)ରେ ଥିବା ନୀଳକଣ୍ଠପୁର ଫାର୍ମରେ ଥିବା ଆମ୍ବ, ନଡିଆ, ବେଲ ଆଦି ଫଳର ନିଲାମ ସୂତ୍ରରେ ବିକ୍ରୟ ନିମନ୍ତେ ଜଉମୁଦଦିଆ ଶର୍ତ୍ତ ଟେଣ୍ଡର ଆହ୍ୱାନ କରାଯାଉଅଛି । ନିଲାମ ସଂକ୍ରାନ୍ତୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ ଢେଙ୍କାନାଳ ଓ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ, କାମାକ୍ଷାନଗରଙ୍କ କାର୍ଯ୍ୟାଳୟରୁ ଟ.୫୦/-ଙ୍କା (ପଚାଶ ଟଙ୍କା) ମାତ୍ର ବିନିମୟରେ ସରକାରୀ କାର୍ଯ୍ୟ ଦିବସରେ ମିଳିପାରିବ । ଆଗ୍ରହୀ ପ୍ରାର୍ଥୀ ସାଦା କାଗଜରେ ଟେଣ୍ଡର ମୂଲ୍ୟ ସହ ନିଜର ସମ୍ପୂର୍ଣ୍ଣ ଠିକଣା ଦେଇ ଆବେଦନ କରିପାରିବେ । ଏଥିସହିତ ଅମାନତ ଜମା ବାବଦକୁ ଟଙ୍କା ନିମ୍ନ ପ୍ରଦତ୍ତ ସାରଣୀ ଅନୁସାରେ ବ୍ୟାଙ୍କ ଡ୍ରାଫ୍ଟ (ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଢେଙ୍କାନାଳ)ରେ ଉପ ଉଦ୍ୟାନକୃଷି ଢେଙ୍କାନାଳଙ୍କ ନାମରେ ଦାଖଲ କରିବେ । ଏହି ଜଉମୁଦଦିଆ ଟେଣ୍ଡର ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟକୁ ଆସନ୍ତା ତା.୨୧.୦୩.୨୦୨୨ ରିଖ ଅପରାହ୍ନ ୫.୦୦ ଘଟିକା ସୁଦ୍ଧା ଡାକ ମାଧ୍ୟମରେ ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପୀଡ ପୋଷ୍ଟ ଦ୍ୱାରା ପଠେଇବେ । ପ୍ରକାଶଥାଉକି, ରେଜେଷ୍ଟ୍ରି ପୋଷ୍ଟ କିମ୍ବା ସ୍ପୀଡ ପୋଷ୍ଟ ବ୍ୟତୀତ ଏହି କାର୍ଯ୍ୟାଳୟରେ କୌଣସି ଆବେଦକଙ୍କଠାରୁ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ନିମ୍ନରେ ଦିଆ ଯାଇଥିବା ଦିନ ଓ ସମୟରେ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଟେଣ୍ଡର ଖୋଲାଯିବ ।
ସୂଚନାଯୋଗ୍ୟ ଯେ, କୌଣସି କାରଣ ନ ଦର୍ଶାଇ ଗୋଟିଏ କିମ୍ବା ସମସ୍ତ ଟେଣ୍ଡର ଆବେଦନ କର୍ତ୍ତୃପକ୍ଷ ନାକଚ କରିପାରିବେ ।

| କ୍ର.ନଂ. | ଫାର୍ମର ନାମ ଓ ଠିକଣା | ଫଳର ନାମ | ଆବେଦନ ଦରଖାସ୍ତ ସହିତ ଅମାନତ ରାଶି (ଟଙ୍କା) | ଟେଣ୍ଡର ଖୋଲିବା ତାରିଖ ଓ ସ୍ଥାନ |
|---|---|---|---|---|
| ୧ | ସପ୍ତଶଯ୍ୟା ଫାର୍ମ, ସପ୍ତଶଯ୍ୟା | ଆମ୍ବ, ନଡିଆ, ବେଲ | ନିଲାମ ରାଶିର ଶତକଡା ୧୦% | ୨୨.୦୩.୨୦୨୨ ଅପରାହ୍ନ ୩.୦୦ ଘଟିକା ଉଦ୍ୟାନ ଉପ ନିର୍ଦ୍ଦେଶକ, ଢେଙ୍କାନାଳଙ୍କ କାର୍ଯ୍ୟାଳୟ |
| ୨ | ନୀଳକଣ୍ଠପୁର ଫାର୍ମ | ଆମ୍ବ | | |

ବି.ଦ୍ର.- ଏତଦ୍ୱାରା ସମସ୍ତ ନିଲାମଧାରୀମାନଙ୍କୁ ଜଣାଇ ଦିଆଯାଉଛି ସେମାନେ ସମ୍ପୃକ୍ତ ଫାର୍ମ ପରିଚାଳକଙ୍କ ଅନୁମତି ନେଇ ସକାଳ ଘ.୧୦.୦୦ ରୁ ଅପରାହ୍ନ ଘ.୪.୦୦ ସୁଦ୍ଧା ୨୧.୦୩.୨୦୨୨ ପର୍ଯ୍ୟନ୍ତ ଫଳ ବଗିଚା ପରିଦର୍ଶନ କରିପାରିବେ ।

ଟେଣ୍ଡର ଖୋଲାହେବା ଦିନ ଓ ସମୟ
ତା.୨୨.୦୩.୨୦୨୨ ରିଖ ଅପରାହ୍ନ ୩.୦୦ ଘଟିକା
ସ୍ଥାନ-ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଢେଙ୍କାନାଳ

ସ୍ୱା./-ଗୀତାଶ୍ରୀ ପାଢୀ
ଉପ ଉଦ୍ୟାନ କୃଷି ନିର୍ଦ୍ଦେଶକ, ଢେଙ୍କାନାଳ
OIPR-01067/11/0001/2122

**NATIONAL HYDROLOGY PROJECT**
**STATE PROJECT MANAGEMENT UNIT (SPMU), ODISHA**
HP Administrative Building, Unit-VIII, Delta Square,
Bhubaneswar-751012, email: odishagwhp3@gmail.com
**NATIONAL COMPETITIVE BIDDING**
**INVITATION FOR BIDS (IFB)**
PP No. - NHP-2021-2022-OD-274465 PIP Code-4.3.2.01
BID Reference No.: ODISHA/NHP/SHDC/IFB-12/ 2021-22 Dated.14th Mar 2022

No.A-884: The Chief Engineer & Director, Ground Water Development and Nodal Officer, NHP-Odisha invites tenders through e-Procurement platform online from eligible bidders for the work: - "**Renovation and furnishing of State Hydrological Data Centre (SHDC), Odisha**" (Under NCB). Bidding documents are available online on **www.tendersodisha.gov.in** which is free of cost. Bidders are advised to participate in the bidding process as per instructions given in bidding document.

| | | |
|---|---|---|
| 1 | Start date of availability of Bid document (for downloading from e-Procurement portal) | 16/03/2022 11:00 Hrs. |
| 2 | Last Date of availability of Did document (for downloading from e-Procurement portal) | 18/04/2022 14:00 Hrs. |
| 3 | Date for Pre-bid Meeting | 31/03/2022 11:30 Hrs. |
| 4 | Start Date of online Bid submission | 08/04/2022 11:00 Hrs. |
| | Last date of online Bid submission | 18/04/2022 14:00 Hrs. |
| | Time & Date of opening of bids in the portal (technical part) | 18/04/2022 15:00 Hrs. |

Further Details can be seen from e-Procurement portal https://tendersodisha.gov.in
Sd./- CED,GWD & Nodal Officer, NHP, Odisha
OIPR-32407/11/0015/2122

### ଶିତଳେଇ ମନ୍ଦିରରେ ସ୍ୱତନ୍ତ୍ର ପୂଜା

ସୋନପୁର (ନି. ପ୍ର): ସୁବର୍ଣ୍ଣପୁର ସହର କୁଷ୍ଟାପଡା ଶିତଳେଇ ମନ୍ଦିରରେ ଶିତଳା ପୂଜା ଅନୁଷ୍ଠିତ ହୋଇଯାଇଛି। କୁଷ୍ଟା ସମାଜର ଶ୍ରଦ୍ଧାଳୁମାନେ ସୋମବାର ମହାନଦୀରୁ ଜଳ ସଂଗ୍ରହ କରି ଇଷ୍ଟଦେବୀ ଶିତଳା ମାଙ୍କଠାରେ ଅର୍ପଣ କରିଥିଲେ। ପୂଜାରେ କୁଷ୍ଟା ସମାଜର ମେହେରମାନେ ବୃକ୍ଷ ଓ ଜଳ ଆରାଧନା କରିଥିଲେ। ପ୍ରଚଣ୍ଡ ରୌଦ୍ରତାପରୁ ଜୀବଜଗତକୁ ଉଦ୍ଧାର କରିବା ସହିତ ସୁରକ୍ଷା ଦେବା ପାଇଁ ମାଙ୍କ ନିକଟରେ ଶ୍ରଦ୍ଧାଳୁମାନେ ଆରାଧନା କରିଥିଲେ। ଏହି କାର୍ଯ୍ୟକ୍ରମରେ କୁଷ୍ଟାପଡ଼ାର ଯୁଧିଷ୍ଠିର ମେହେର, ଶେଷଦେବ ମେହେର, ଗୋପାଳ ମେହେର, ଭୁବନ ମେହେ ସାମିଲ ହୋଇଥିଲେ।

# ୨ ବର୍ଷ ହେଲା ବନ୍ଦ ପାସେଞ୍ଜର ଟ୍ରେନ୍

## ଯାତ୍ରୀଙ୍କଠାରୁ ଆଦାୟ କରାଯାଉଛି ୩ ଗୁଣା ଭଡ଼ା



ଯାଜପୁର ଅଫିସ,୧୫।୩

ରାଜ୍ୟରେ ପାସେଞ୍ଜର ଟ୍ରେନ ଚଳାଚଳ ଗତ ୨ ବର୍ଷ ପରେ ବି ସ୍ୱାଭାବିକ ହୋଇପାରିନାହିଁ। ଫଳରେ ଯାତ୍ରୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ଏହି ପରିପ୍ରେକ୍ଷୀରେ ସମସ୍ତ ପାସେଞ୍ଜର ଟ୍ରେନ ଚଳାଚଳ କରିବାକୁ ଦାବି ହୋଇଛି। ଇତିମଧ୍ୟରେ କରୋନା ସଂକ୍ରମଣ କମିଛି, କଟକଣା ମଧ୍ୟ ଏକ ପ୍ରକାର କୋହଳ ହୋଇଛି। ସ୍କୁଲ, କଲେଜ, ସରକାରୀ ଓ ଘରୋଇ କାର୍ଯ୍ୟାଳୟ, ଧର୍ମାନୁଷ୍ଠାନ ଖୋଲିବା ସହିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଶେଷ ହୋଇଛି। ପୌର ପରିଷଦ ନିର୍ବାଚନ ପାଇଁ ପ୍ରଚାର ଜୋରସୋର ଚାଲିଛି। କିନ୍ତୁ ଲୋକମାନଙ୍କ ଜୀବନରେଖା କୁହାଯାଉଥିବା ଟ୍ରେନ ଚଳାଚଳ ଏ ପର୍ଯ୍ୟନ୍ତ ସ୍ୱାଭାବିକ ହୋଇପାରିନାହିଁ। କଟକ ଷ୍ଟେଶନ ଦେଇ ଯାତାୟାତ କରୁଥିବା ଅଧିକାଂଶ ଏକ୍ସପ୍ରେସ ଟ୍ରେନ୍‌କୁ ସ୍ପେଶାଲ ଟ୍ରେନ ଭାବେ ଚଳାଯାଉଥିବାବେଳେ ପାସେଞ୍ଜର ଟ୍ରେନକୁ ବାଦ ଦିଆଯାଇଛି। ତାଳଚେର-ପୁରୀ ମେମୁ(ପାସେଞ୍ଜର ଟ୍ରେନ୍) ଚଳାଚଳ ୨୦୨୦ ମାର୍ଚ୍ଚରୁ ବନ୍ଦ ରହିଛି। ଏହି ପାସେଞ୍ଜର ଟ୍ରେନରେ ମାତ୍ର ୧୦ ଟଙ୍କା ଦେଇ ଜଣେ କଟକରୁ ଭୁବନେଶ୍ୱର ଯାଇ ପାରୁଥିଲେ। ପୁରୀ ଯିବା ପାଇଁ ମଧ୍ୟ ୨୦ ଟଙ୍କା ଦେବାକୁ ପଡୁଥିଲା। ପ୍ରତିଦିନ ତାଳଚେର, ଢେଙ୍କାନାଳ ଅଞ୍ଚଳର ଲୋକେ କଟକ ଆସି ନିଜ କାମ ସାରି ଫେରିପାରୁଥିଲେ। ସେହିପରି କଟକର ଲୋକମାନେ ଭୁବନେଶ୍ୱର, ଖୋର୍ଦ୍ଧା ରୋଡ ଓ ପୁରୀ ଯାଇ ଫେରୁଥିଲେ। ସନ୍ଧ୍ୟାରେ ଆସି ପୁରୀରୁ କଟକରେ ପହଞ୍ଚି ହେଉଥିଲା। କିନ୍ତୁ ଅନ୍ୟଠି ପାସେଞ୍ଜର ଟ୍ରେନ ଚାଲିବା ଆରମ୍ଭ ପରେ ମଧ୍ୟ ଏହି ଗୁରୁତ୍ୱପୂର୍ଣ୍ଣ ଟ୍ରେନ ଏ ପର୍ଯ୍ୟନ୍ତ ପୂର୍ବ ଭଳି ଚାଲୁ ନାହିଁ। କଟକ-ଭୁବନେଶ୍ୱର ସହର ଦେଇ ଯା' ଆସ କରୁଥିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଟ୍ରେନ ହେଉଛି ଭଦ୍ରକ-ଭୁବନେଶ୍ୱର ମେମୁ ଓ ଭଦ୍ରକ- କଟକ ମେମୁ (୦୮୪୩୭/୩୮) ବା ପାସେଞ୍ଜର। ଏହି ଟ୍ରେନ ୨୦୨୦ ମାର୍ଚ୍ଚ ମାସରୁ ବାତିଲ କରାଯାଇଛି। ପାରାଦୀପ-କଟକ ମେମୁ ଚଳାଚଳ ମଧ୍ୟ ସ୍ୱାଭାବିକ ହୋଇନାହିଁ। ପାରାଦୀପ-କଟକ ମଧ୍ୟରେ ପ୍ରତିଦିନ ଚାରି ଯୋଡା ପାସେଞ୍ଜର ଟ୍ରେନ କରୋନା ସଂକ୍ରମଣ ପୂର୍ବରୁ ଚାଲୁଥିବା ବେଳେ ଏବେ ମାତ୍ର ଗୋଟିଏ ମେମୁ ଯାତାୟାତ କରୁଛି। କଟକ-ଇଚ୍ଛାପୁରମ୍ ମେମୁ, ଖୋର୍ଦ୍ଧାରୋଡ୍-ଖଡଗପୁର ଫାଷ୍ଟ ପାସେଞ୍ଜର, ସାନ୍ତ୍ରାଗାଛି-ପୁରୀ ପାସେଞ୍ଜର, ପୁରୀ-ବଡ଼ବିଲ ଏକ୍ସପ୍ରେସ, ଭୁବନେଶ୍ୱର-ବ୍ରହ୍ମପୁର ମେମୁ ଭଳି ଅନେକ ଟ୍ରେନ ୨ ବର୍ଷ ହେବ ବନ୍ଦ ରହିଛି'। ନିକଟରେ ଯାତ୍ରୀମାନଙ୍କ ଆନ୍ଦୋଳନ ପରେ ଚାଲୁଥିବା ପାସେଞ୍ଜର ବା ମେମୁଗୁଡ଼ିକରେ ଅଧିକ ଭଡା ନିଆଯାଉଛି ବୋଲି ଅଭିଯୋଗ ହୋଇଛି। ଏବେ ପାସେଞ୍ଜରଗୁଡିକୁ ସ୍ପେଶାଲ ଟ୍ରେନ ବୋଲି କହି ରେଳ ବିଭାଗ ଏକ୍ସପ୍ରେସ ଭଡା ଯାତ୍ରୀଙ୍କ ନିକଟରୁ ନେଉଛି। ଫଳରେ ଯାତ୍ରୀମାନଙ୍କୁ ପ୍ରାୟ ୩ ଗୁଣ ଅଧିକ ଭଡା ଦେବାକୁ ପଡୁଛି। କଟକରୁ ଭୁବନେଶ୍ୱର ଯିବାକୁ ମେମୁରେ ପୂର୍ବରୁ ୧୦ ଟଙ୍କା ପଡୁଥିବା ବେଳେ ଏବେ ଏକ୍ସପ୍ରେସ ଭଡା ବାବଦରେ ୩୦ ଟଙ୍କା ଆଦାୟ କରାଯାଉଛି। କଟକରେ ହାଇକୋର୍ଟ, ପୋଲିସ ଡିଜି କାର୍ଯ୍ୟାଳୟ, କଟକ ବଡ଼ ଡାକ୍ତରଖାନା, ରେଭେନ୍ସା, ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ଭଳି ଶିକ୍ଷାନୁଷ୍ଠାନ ରହିଥିବାବେଳେ କଟକ ଷ୍ଟେସନକୁ ରେଳ ଚଳାଚଳ ସ୍ୱାଭାବିକ କରାଯାଉ ନ ଥିବାରୁ ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସାରା ଭାରତର ମୋଟ ୧୭ଟି ରେଳ ଜୋନ୍ ମଧ୍ୟରୁ ଅଧିକାଂଶ ଜୋନ୍‌ରେ ପାସେଞ୍ଜର ଓ ଏକ୍ସପ୍ରେସ ଟ୍ରେନ ଚଳାଚଳ ସ୍ୱାଭାବିକ ହେଲାଣି। ପୂର୍ବତଟ ରେଳବାଇ ହେଉଛି ଏମିତି ଏକ ଜୋନ୍ ଯେଉଁଠି ମାଲ ପରିବହନରେ ରେକର୍ଡ ସୃଷ୍ଟି ହୋଇଛି। କିନ୍ତୁ ପାସେଞ୍ଜର ଟ୍ରେନ ବନ୍ଦ କରି ଯାତ୍ରୀ ପରିବହନକୁ ଅଣଦେଖା କରାଯାଉଛି। ତେଣୁ ପୂର୍ବଭଳି ସମସ୍ତ ଲୋକାଲ ଟ୍ରେନ ଚଳାଚଳ ଏବଂ ଲୋକାଲ ଟ୍ରେନ ପାଇଁ ଏକ୍ସପ୍ରେସ ଭଡ଼ା ପରିବର୍ତ୍ତେ ସାଧାରଣ ଟିକେଟ ପାଇଁ ଅନୁମତି ମିଳୁ ବୋଲି ନିୟମିତ ରେଳ ଯାତ୍ରୀ ସଂଘର ପୂର୍ଣ୍ଣଚନ୍ଦ୍ର ଦାଶ, ଯାଜପୁର କେନ୍ଦୁଝର ରୋଡ୍‌ର ଆଶୁତୋଷ କର, ହରିଦାସପୁର ରାମଚନ୍ଦ୍ର ପ୍ରତାପ, ନିର୍ମଳ ସାହୁ, ବିଜୟ ଖଣ୍ଡାୟୀ ପ୍ରମୁଖ ଦାବି କରିଛନ୍ତି।

## ୫ ପିସିସି ସଭାପତି ବରଖାସ୍ତ

ନୂଆଦିଲ୍ଲୀ,୧୫।୩

୫ ରାଜ୍ୟ ବିଧାନସଭା ନିର୍ବାଚନରେ କଂଗ୍ରେସର ନୈରାଶ୍ୟଜନକ ପ୍ରଦର୍ଶନକୁ ନେଇ ଦଳର ଅଧକ୍ଷା ସୋନିଆ ଗାନ୍ଧୀ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ମଣିପୁର ଓ ଗୋଆ ପିସିସି ସଭାପତିଙ୍କୁ ବରଖାସ୍ତ କରିଛନ୍ତି। ୮ ମାସ ତଳେ ପଞ୍ଜାବ କଂଗ୍ରେସର ମୁଖ୍ୟ ହୋଇଥିବା ନବଜୋତ୍ ସିଂ ସିଦ୍ଧୁଙ୍କୁ ଇସ୍ତଫା ଦେବାକୁ କୁହାଯାଇଛି। ପୂର୍ବରୁ ପଞ୍ଜାବ କଂଗ୍ରେସ ଶାସନାଧୀନ ଥିବାବେଳେ ଏହି ନିର୍ବାଚନରେ ଭୋଟରଙ୍କ ଆସ୍ଥା ହରାଇଛି। ଫଳରେ ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଦଖଲକୁ ପଞ୍ଜାବ ଚାଲିଯାଇଛି। ସେହିପରି ଗଣେଷ ଗୋଡ଼ିୟାଲ (ଉତ୍ତରାଖଣ୍ଡ), ନାମେଇରାକେପମ୍ ଲୋକେନ୍ ସିଂ (ମଣିପୁର), ଅଜୟ କୁମାର ଲଲ୍ଲୁ (ୟୁପି) ଓ ଗିରୀଶ ଚୋଦନକର (ଗୋଆ)ଙ୍କୁ ମଧ୍ୟ ପିସିସି ସଭାପତି ପଦ ଛାଡ଼ିବାକୁ କୁହାଯାଇଛି। ସମ୍ପୃକ୍ତ ରାଜ୍ୟଗୁଡ଼ିକରେ ଦଳର ପୁନର୍ଗଠନ ନିମନ୍ତେ ଏପରି ନିଷ୍ପତ୍ତି ନିଆଯାଇଥିବା ଏଆଇସିସି ମୁଖପାତ୍ର ରଣଦୀପ ସୂର୍ଯ୍ୟେୱାଲା ଟୁଇଟ୍ କରିଛନ୍ତି।

## ନିର୍ବାଚନ ମଇଦାନରେ ୨୦୯ ପ୍ରାର୍ଥୀ

ଭବାନୀପାଟଣା,୧୫।୩(ସ୍ୱ.ପ୍ର.)

ପୌର ନିର୍ବାଚନ ପାଇଁ ସୋମବାର ନାମାଙ୍କନ ପ୍ରତ୍ୟାହାରର ଶେଷ ତାରିଖ ଥିଲା। ଏହିକ୍ରମରେ କଳାହାଣ୍ଡି ଜିଲା ଭବାନୀପାଟଣା ପୌରାଞ୍ଚଳ ସମେତ ଜୁନାଗଡ, ଧର୍ମଗଡ, କେସିଙ୍ଗା ଏନ୍ଏସିରେ ମୋଟ ୯ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କନ ପତ୍ର ପ୍ରତ୍ୟାହାର କରି ନେଇଥିବା ଜଣାପଡିଛି। ଏଥିରେ ଭବାନୀପାଟଣା ପୌରାଞ୍ଚଳରେ ଜଣେ ସ୍ୱାଧୀନ କାଉନସିଲର ପ୍ରାର୍ଥୀ ରହିଥିବାବେଳେ ଜୁନାଗଡରେ ବି ଜଣେ ସ୍ୱାଧୀନ କାଉନସିଲର, କେସିଙ୍ଗାରେ ୨ଜଣ ସ୍ୱାଧୀନ କାଉନସିଲର ଓ ଧର୍ମଗଡ ଏନ୍ଏସିରେ ୪ ଜଣ କାଉନସିଲର ପ୍ରାର୍ଥୀ ନିଜ ନାମାଙ୍କ ପତ୍ର ପ୍ରତ୍ୟାହାର କରିଛନ୍ତି। ଏହି ୪ଜଣ କାଉନସିଲର ମଧ୍ୟରୁ ଜଣେ ଭାଜପାର କାଉନସିଲର ମଧ୍ୟ ରହିଥିବା ଜଣାପଡିଛି। ସେହିପରି ଧର୍ମଗଡରେ ଜଣେ ସ୍ୱାଧୀନ ଏନ୍ଏସି ଅଧକ୍ଷ ପ୍ରାର୍ଥୀ ମଧ୍ୟ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଥିବା ସୂଚନା ମିଳିଛି। ସନ୍ଧ୍ୟାରେ ଜିଲାରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଛି। ଏଥିରେ ଭବାନୀପାଟଣା ପୌରାଞ୍ଚଳରେ କାଉନସିଲର ୮୦, ଅଧକ୍ଷା ପ୍ରାର୍ଥିନୀ ୭ ରହିଛନ୍ତି। ଜୁନାଗଡରେ କାଉନସିଲର ୩୫, ଅଧକ୍ଷ ପ୍ରାର୍ଥୀ ୪, କେସିଙ୍ଗାରେ କାଉନସିଲର ୩୭, ଅଧକ୍ଷ ପ୍ରାର୍ଥୀ ୫ ଓ ଧର୍ମଗଡ ଏନ୍ଏସିରେ କାଉନସିଲର ୩୮, ଅଧକ୍ଷ ପ୍ରାର୍ଥୀ ୩ଜଣ ରହିଥିବା ଜଣାପଡିଛି। ମୋଟ ଜିଲାରେ ୨୦୯ ଜଣଙ୍କ ପାର୍ଥିପତ୍ର କାଏମ ରହିଛି।

## ଭି-ମାର୍ଟର ସିଏସ୍ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର,୧୫।୩ : ରାଜ୍ୟ ପ୍ରମୁଖ ଫ୍ୟାଶନ ରିଟେଲର ସଂସ୍ଥା 'ଭି-ମାର୍ଟ' ପକ୍ଷରୁ ଏକ ମେଧାବୀ ବୃତ୍ତି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଛି। କମ୍ପାନୀର ତା'ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର୍) କାର୍ଯ୍ୟକ୍ରମ ଜରିଆରେ ଉକ୍ତ ଯୋଜନାର ରୂପରେଖ ପ୍ରସ୍ତୁତ କରିଛି। ବିଶେଷକରି ଆର୍ଥିକ ଦୁର୍ବଳ ବର୍ଗର ମେଧାବୀ ଛାତ୍ରୀଛାତ୍ରମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ କମ୍ପାନୀ ଏହି ବୃତ୍ତି ପ୍ରଦାନ କରୁଛି। ଫଳରେ ମେଧାବୀମାନେ ନିଜର ଶିକ୍ଷା ଜାରି ରଖିପାରିବେ। ରାଜ୍ୟର ସମସ୍ତ ୧୦ମ ଓ ଦ୍ୱାଦଶ ଶ୍ରେଣୀର ମେଧାବୀ ଛାତ୍ରୀଛାତ୍ରଙ୍କୁ ଉକ୍ତ ଯୋଜନା ଜରିଆରେ ୧୦,୦୦୦ ଟଙ୍କାର ଏକ ବୃତ୍ତି ପ୍ରଦାନ କରାଯିବ। ସେହିଭଳି ୧୦ମ ଓ ଦ୍ୱାଦଶ ଶ୍ରେଣୀରେ ସର୍ବନିମ୍ନ ୭୫% ମାର୍କ ରଖିଥିବା ଛାତ୍ରୀଛାତ୍ରମାନେ ଏହି ବୃତ୍ତି ପାଇଁ ଆବେଦନ କରିପାରିବେ। ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ ୫୦୦ ଛାତ୍ରୀଛାତ୍ରଙ୍କୁ ଏହି ବୃତ୍ତି ପାଇଁ ଚୟନ କରାଯିବ। ଏ ସମ୍ପର୍କରେ ଭି-ମାର୍ଟ ରିଟେଲ ଲିମିଟେଡ୍‌ର ସିଇଓ ଭିନିତ୍ ଜୈନ୍ କହିଛନ୍ତି, ଏହି ବୃତ୍ତି ମାଧ୍ୟମରେ ଆମେ ରାଜ୍ୟର ଯୋଗ୍ୟ ଛାତ୍ରୀଛାତ୍ରମାନଙ୍କୁ ଆଗାମୀ ଶିକ୍ଷାର ଆବଶ୍ୟକ ସାହାଯ୍ୟ କରିବାକୁ ପ୍ରୟାସ କରିଛୁ। ଏହି ବୃତ୍ତି ପାଇବା ପାଇଁ ଛାତ୍ରୀଛାତ୍ରଙ୍କ ପରିବାରର ବାର୍ଷିକ ଆୟ ୨ଲକ୍ଷ ଟଙ୍କାରୁ କମ୍ ହୋଇଥିବା ଆବଶ୍ୟକ। ଛାତ୍ରୀଛାତ୍ରମାନେ ନିଜର ଦଶମ ଶ୍ରେଣୀର ମାର୍କଶିଟ୍ ଓ ପରିବାରର ଇନ୍‌କମ୍ ସାର୍ଟିଫିକେଟ୍ ସହିତ ନିଜର ବ୍ୟକ୍ତିଗତ ବିବରଣୀ ଦେଇ ଅନ୍‌ଲାଇନ ଫର୍ମ ପୂରଣ କରି ଭି-ମାର୍ଟ ଉଜ୍ଜ୍ୱଳ ଭବିଷ୍ୟ ସ୍କୋଲାରଶିପ୍ ପାଇଁ ଆବେଦନ କରିପାରିବେ।

# ଅନ୍ତର୍ନିହିତ ପ୍ରତିଭା, ଦକ୍ଷତା ବିକାଶ ଜରୁରୀ

## ରାଜ୍ୟସ୍ତରୀୟ ଆନ୍ତଃବିଶ୍ୱବିଦ୍ୟାଳୟ ସହ-ଶୈକ୍ଷିକ ପ୍ରତିଭା ପ୍ରତିଯୋଗିତା

ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ଶିକ୍ଷା ଦ୍ୱାରା ରାଜ୍ୟର ସାମଗ୍ରିକ ବିକାଶ ସମ୍ଭବ। ଏହା ଓଡ଼ିଶାକୁ ପ୍ରଗତିର ଶୀର୍ଷରେ ପହଞ୍ଚାଇ ପାରିବ। ଶିକ୍ଷା ଗ୍ରହଣ ସହିତ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଦକ୍ଷତା ବିକାଶର ଆବଶ୍ୟକତା ରହିଛି। ତେବେ ଦକ୍ଷତା ବିକାଶ ପାଇଁ ପ୍ରତିଯୋଗୀ ମନୋଭାବ ନେଇ ଛାତ୍ରୀଛାତ୍ରମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା ଉଚିତ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଛନ୍ତି। ମଙ୍ଗଳବାର ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆନ୍ତଃବିଶ୍ୱବିଦ୍ୟାଳୟ ସହ-ଶୈକ୍ଷିକ ପ୍ରତିଭା ପ୍ରତିଯୋଗିତା ତଥା ସାହିତ୍ୟ ଓ ସାଂସ୍କୃତିକ ଉତ୍ସବକୁ ଉଦ୍‌ଘାଟନ କରି କୁଳପତି କହିଛନ୍ତି, ଶିକ୍ଷା ଗ୍ରହଣ ସହିତ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ଓ ଦକ୍ଷତାର ବିକାଶ ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ରଥମ ଥର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟରେ ଏହି ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ନିକଟରେ ପ୍ରତିଭା ରହିଛି। ସେମାନଙ୍କ ନିକଟରେ ଥିବା ଲୁକ୍କାୟିତ ପ୍ରତିଭା ଉନ୍ମୋଚନ ହେବା ଦରକାର। ପ୍ରତିଯୋଗୀ ମନୋଭାବ ନେଇ ପ୍ରତିଭା ପ୍ରଦର୍ଶନ କଲେ ତାହା ଛାତ୍ରୀଛାତ୍ରଙ୍କ ଦକ୍ଷତା ବିକାଶରେ ସହାୟକ ହୋଇପାରିବ ବୋଲି କୁଳପତି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଡ. ଅଭୟ କୁମାର ନାୟକ, ପିଜି କାଉନସିଲ ଅଧକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ, ବିତ୍ତ ନିୟନ୍ତ୍ରକ ସୁରେନ୍ଦ୍ର କୁମାର ସାହୁ, ଓଡ଼ିଆ ବିଭାଗ ସହକାରୀ ପ୍ରଫେସର ରୁଦ୍ରନାରାୟଣ ମହାପାତ୍ର ବକ୍ତବ୍ୟ ରଖିଥିଲେ। ଛାତ୍ର ମଙ୍ଗଳ ନିର୍ଦ୍ଦେଶକ ପ୍ରଫେସର ମିତାଲି ଚିନ୍ନାରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟ ସରକାରଙ୍କ ଅଧୀନସ୍ଥ ୧୬ଟି ସରକାରୀ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇଛନ୍ତି। ସେମାନଙ୍କ ମଧ୍ୟରେ ୧୪ଟି ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ ହୋଇଥିବାବେଳେ ୨ଟି କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ରହିଛନ୍ତି। ସହ-ଶୈକ୍ଷିକ ପ୍ରତିଭା ପ୍ରତିଯୋଗିତାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀଙ୍କୁ ଯଥାକ୍ରମେ ୩୦ହଜାର, ୨୫ହଜାର ଓ ୨୦ହଜାର ପୁରସ୍କାର ରାଶି ପ୍ରଦାନ କରାଯିବ। ୧୭ରେ ହେବାକୁ ଥିବା ଉଦ୍‌ଯାପନ ଉତ୍ସବ ଓ ପୁରସ୍କାର ବିତରଣ ସମାରୋହରେ ରାଜ୍ୟପାଳ ତଥା କୁଳାଧିପତି ପ୍ରଫେସର ଗଣେଶୀ ଲାଲ ଏବଂ ଉଚ୍ଚଶିକ୍ଷା ବିଭାଗ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି।




କାର୍ଯ୍ୟକ୍ରମରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଓ ଅନ୍ୟ ଅତିଥି।

# ଜିଲା ସାଧନ ଗୋଷ୍ଠୀଙ୍କୁ ଦକ୍ଷତା ବିକାଶ ତାଲିମ



ଭୁବନେଶ୍ୱର, ୧୫।୩(ବ୍ୟୁରୋ)

ରାଜ୍ୟର ସମସ୍ତ ଜିଲାରେ ଉଚ୍ଚ ବିଦ୍ୟାଳୟଗୁଡ଼ିକର ରୂପାନ୍ତରଣ କାର୍ଯ୍ୟର ଅଗ୍ରଗତି ନିମନ୍ତେ ଟାସ୍କ ଫୋର୍ସଗୁଡ଼ିକ କ୍ରମାଗତ ଭାବରେ କାର୍ଯ୍ୟ କରୁଛନ୍ତି। ସମସ୍ତ ଜିଲାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଏବଂ ବ୍ଲକ ଶିକ୍ଷାଧିକାରୀଙ୍କୁ ଠିକ୍ ଫଳାଫଳ ହାସଲ କରିବାରେ ସମର୍ଥ କରିବା ପାଇଁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ (ଓସେପା) ତରଫରୁ ଏକ ତିନିଦିନିଆ ଆବାସିକ ଜିଲା ସାଧନ ଗୋଷ୍ଠୀ ତାଲିମ କାର୍ଯ୍ୟକ୍ରମ ଗୋପବନ୍ଧୁ ଏକାଡେମୀ ଅଫ୍ ଆଡମିନିଷ୍ଟ୍ରେଶନଠାରେ ଆରମ୍ଭ ହୋଇଛି। ଓସେପା ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା ଏବଂ ରାଜ୍ୟ ଶିକ୍ଷକ ଶିକ୍ଷା ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ନିର୍ଦ୍ଦେଶକ ସନତ କୁମାର ମହାନ୍ତି ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗର ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଥିଲେ। ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ରାଜ୍ୟ ଶିକ୍ଷା ଗବେଷଣା ଏବଂ ପ୍ରଶିକ୍ଷଣ ପରିଷଦ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ପିରାମଲ ଫାଉଣ୍ଡେଶନର ମିଳିତ ସହଯୋଗରେ ନେତୃତ୍ୱ ଦକ୍ଷତା, ଏକବିଂଶ ଶତାବ୍ଦୀର ଦକ୍ଷତା, ପାଠ୍ୟକ୍ରମ++ ଓ ଏକ୍ସପୋଜର୍ ପରିଦର୍ଶନ ସମ୍ବନ୍ଧୀୟ ତାଲିମ କାର୍ଯ୍ୟକ୍ରମକୁ ସୁଗମ କରିବା ନିମନ୍ତେ ତାଲିମ ସାମଗ୍ରୀ ପ୍ରସ୍ତୁତ କରାଯାଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ୫-'ଟି' ଅନ୍ତର୍ଗତ ରୂପାନ୍ତରିତ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଏବଂ ପ୍ରଧାନଶିକ୍ଷକମାନଙ୍କ ମଧ୍ୟରେ ନେତୃତ୍ୱର ବିକାଶ କରିବା। କର୍ମଶାଳାରେ ସ୍ମାର୍ଟ ବୋର୍ଡ, ପ୍ରୋଜେକ୍ଟର, ମାଇକ୍ରୋସଫ୍ଟ ଅଫିସ୍ ଇତ୍ୟାଦି ବ୍ୟବହାର ପରି ଡିଜିଟାଲ୍ ଦକ୍ଷତା ବିକାଶ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ତିନି ଦିନର କାର୍ଯ୍ୟସୂଚୀ ହେଉଛି, ଆତ୍ମସଚେତନତା, ପ୍ରଶିକ୍ଷଣ ଏବଂ ପରାମର୍ଶ, ଦଳ ନିର୍ମାଣ, ଛାତ୍ରଙ୍କ ପାଇଁ ଏକବିଂଶ ଶତାବ୍ଦୀର ଦକ୍ଷତା, ଜାତୀୟ ଶିକ୍ଷା ନୀତି-୨୦୨୦, ଇ-ବିଷୟବସ୍ତୁ ବିକାଶ ଏବଂ ଏକ୍ସପୋଜର୍ ପରିଦର୍ଶନର ଗୁରୁତ୍ୱ ଉପରେ ତାଲିମକୁ ସୁଗମ କରିବା। ଏତଦ୍‌ବ୍ୟତୀତ ଆଗାମୀ ସପ୍ତାହରେ ସମଗ୍ର ଶିକ୍ଷା ଯୋଜନାରେ କାର୍ଯ୍ୟ କରୁଥିବା ସମସ୍ତ ଜିଲାର ପ୍ରୋଗ୍ରାମର୍ ଏବଂ ତଥ୍ୟ ପରିଚାଳନା- ତଥା-ଯୋଜନା ସଂଯୋଜକମାନଙ୍କ ପାଇଁ ଡିଜିଟାଲ ଦକ୍ଷତା ଉପରେ ଏକ ୩ ଦିନିଆ ତାଲିମ କାର୍ଯ୍ୟକ୍ରମ କରାଯିବ।


**TPWODL**

**TP WESTERN ODISHA DISTRIBUTION LIMITED**
(A Tata Power & Odisha Govt. Joint venture)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

Tender Notice No. TPWODL/MK/O/SER/104 Date: 15-03-2022

TP Western Odisha Distribution Limited, invites tender quotations (in 2part bidding) from eligible vendors/suppliers for the following package :

**Purchase Order for on-field Meter Testing Jobs in TPWODL Area.**

Interested bidders to submit Tender Participation Fee and Authorization Letter by e-mail on or before **25th March 2022, 15:00Hrs,** in order to become eligible to participate in the bidding process.

All correspondence regarding the tender details bid submission, date extension etc. shall only take place with the eligible bidders through E-tender system.

For detailed tender documents you may visit Tender section of our website: **www.tpwesternodisha.com.**

Sd /- **Chief-Contracts and Stores**

**OFFICE OF THE EXECUTIVE ENGINEER**
**MINOR IRRIGATION DIVISION, DHENKANAL**
No.444/Dt.11.03.2022
e- Procurement Notice
Bid Identification No.- DMID 07/2021-22
e-mail ID : eemidkl@yahoo.co.in

**No.A-888:**The Executive Engineer, Minor Irrigation Division, Dhenkanal on behalf of the Governor of Odisha invites online percentage rate tender through "e" procurement for the works as detailed in the Annexure to this bid notice.

| | |
|---|---|
| **Name of the Work:** | Civil works in different Block of Dhenkanal District for the year 2022-23 under Critical grant and Completion of Incomplete project |
| **No. of Works:** | 11 (Eleven) Only |
| **Estimated Cost:** | Varies from 17.72 lakh to 50.00 lakh (Approximately) |
| **Cost of Tender Paper:** | 6000/- (Non-Refundable) |
| **Period of Completion:** | 06 ( Six ) Calendar months |
| **Availability of bid documents for sale and receipt through on-line** | From dt.21.03.2022, 10.00 A.M, to dt.04.04.2022, up to 5.00 P.M. |
| **Last date / time of receipt of bids in the portal** | 04.04.2022 (5.00 P.M.) |
| **Date of opening of bid through online** | On dt. 05.04.2022 at 11 .00 A.M in the Office of the E.E, M.I. Division, Dhenkanal. |
| **Mode of payment of Bid Cost** | Online |
| **Digital Signature Certificate of Bidder:** | The Bidder must possess compatible Digital Signature Certificate (DSC). |
| **The detail tender call notice can also be seen in the DOWR website http:/ dowrorissa.gov.in** | |
| Name & Address of the OIT: | Executive Engineer, Minor Irrigation Division, Dhenkanal. At/ P.O / District - Dhenkanal. Ph.No / Fax NO.-06762-224461 , Email ID:eemidkl@yahoo.co.in |
| Further details can be seen from the e-Procurement market place, **http://tendersorissa.gov.in** | |

**Sd./-Executive Engineer, M.I.Division, Dhenkanal**
OIPR-32027/11/0005/2122

idco Your power to grow ISO 9001 & 14001 Corporation | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL), IDCO, IDCO TOWER, BHUBANESWAR**

Tender Call Notice No. File No. BBSR/ELECT/E-4203/21-22/570 Dated: 11.03.2022

No. CAD-3181 **NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

Name of the Work : Supply, Installation, Testing & Commissioning of Village Electrification works with service connection to BPL house hold under BGJY (20-21) in 3 villages in Chandrapur Block in Rayagada District.

| Procurement Officer | Bid Identification No. | Availability of Tender Online for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect.), IDCO, IDCO Tower, Janpath, Bhubaneswar | Bid Id No. BBSR/ ELECT/e-31/21-22 | 17.00 hours of 22.03.2022 | 17.00 hours of 28.03.2022 |

Further details can be seen from the e-Procurement Portal: **www.tendersorissa.gov.in.** Corrigendum or addendum if any will not be published in Newspapers and can be seen in e-Procurement portal as well as in IDCO website.

**OIPR-14003/11/0193/2122** **Sd./- Divisional Head (Elect.), IDCO, Bhubaneswar**

**ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃ.**
କାଜୁ ଭବନ, ଘାଟିକିଆ, ଭୁବନେଶ୍ୱର - ୭୫୧୦୨୯
ଫୋନ୍ ନଂ.: 0674-2387193, Website: www.oscdc.nic.in

**ଇ-ନିଲାମ ଇସ୍ତାହାର କ୍ର.ନଂ. ୬ଷ୍ଠ/ନିଲାମ/୨୧-୨୨**

No. CAD-3173: ଏତଦ୍ୱାରା ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଲିଃର ଖୋର୍ଦ୍ଧା, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, କୋରାପୁଟ ଓ ସୁନ୍ଦରଗଡ଼ ମଣ୍ଡଳ ଅଧୀନରେ ଥିବା ବଳକା କାଜୁ ଉଦ୍ୟାନଗୁଡ଼ିକର ବାର୍ଷିକ ଇ-ନିଲାମ ସୂତ୍ରେ ୨୦୨୧-୨୨ (୨୦୨୨) ଫସଲ ବର୍ଷ କାଜୁ ମଞ୍ଜି ସଂଗ୍ରହ ନିମନ୍ତେ ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ/କାଜୁ ପ୍ରକ୍ରିୟାକରଣ ସଂସ୍ଥାମାନଙ୍କଠାରୁ ନିମ୍ନଲିଖିତ ସମୟ ସାରଣୀ ମଧ୍ୟରେ ଇ-ଟେଣ୍ଡର ଆହ୍ୱାନ କରାଯାଉଅଛି। ଇ-ନିଲାମ ପାଇଁ ଆବେଦନ କେବଳ **www.neml.in** ମାଧ୍ୟମରେ କରିବା ବାଞ୍ଛନୀୟ।

**ଇ-ନିଲାମର ସମୟ ସାରଣୀ**

| Sl. No. | Publication | DD/MM/YYYY | Hrs./Mins. |
|---|---|---|---|
| 1 | Publication Date | 18/03/2022 | 10.00 A.M. |
| 2 | Document Submission/Payment Start Date | 18/03/2022 | 10.00 A.M. |
| 3 | Document Submission/Payment End Date | 23/03/2022 | 06.00 P.M. |
| 4 | Document Submission (Hard Copy) Last Date | 24/03/2022 | 02.00 P.M. |
| 5 | Document/Payment Approval Start Date | 24/03/2022 | 10.00 A.M. |
| 6 | Document/Payment Approval End Date | 24/03/2022 | 06.00 P.M. |
| 7 | Auction Start Date | 25/03/2022 | 10.00 A.M. |
| 8 | Auction End Date | 25/03/2022 | 05.00 P.M. |

ଏଥିନିମନ୍ତେ ସବିଶେଷ ବିବରଣୀ ୱେବସାଇଟ୍ **(www.neml.in)**ରେ ଉପଲବ୍ଧ। ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ଚଳିତ ବର୍ଷ ଅତି ସତର୍କତାର ସହିତ ଉପରୋକ୍ତ ୱେବ୍‌ସାଇଟ୍‌ରେ ଉପଲବ୍ଧ ତଥ୍ୟ ଆଧାରରେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଇ-ନିଲାମ ପ୍ରକ୍ରିୟାରେ ଭାଗ ନେବା ପାଇଁ ଅନୁରୋଧ।

ଅଧିକ ବିବରଣୀ ନିମନ୍ତେ ନିଗମର ଟେଲିଫୋନ ନଂ. ୦୬୭୪-୨୩୮୭୧୯୪ ମାଧ୍ୟମରେ ଯୋଗାଯୋଗ କରିବା ପାଇଁ ଅନୁରୋଧ।

**OIPR-01049/11/0017/2122** ସ୍ୱା./- ପରିଚାଳନା ନିର୍ଦ୍ଦେଶକ

GOVERNMENT OF ODISHA
**OFFICE OF EXECUTIVE ENGINEER**
**KALAHANDI MINOR IRRIGATION DIVISION, BHAWANIPATNA**
Ph :- 06670-230755 ,e-mail - eemikld@rediffmail.com
No. / 478 / MIKLD / Dt.11.03.2022

**e-Procurement Notice**
Bid Identification No. on line kldmi- 13/2021-22

**No.A-889:**Bid documents consisting of Work, Estimated cost, Cost of tender paper, EMD, Time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.

1. Name of the Work :- Civil construction / Renovation & Improvement works
2. No. of Works :- 3 (Three) Nos.
3. Estimated cost :- Varies from Rs. 87.00 lakhs to Rs.88.00 lakhs (Approximately)
4. Period of completion :- 4 (Four) calendar months.
5. Date and Time of availability bid documents in the portal :- From 22 03 2022 (10.00 AM) to 05.04.2022 (5.00 PM)
6. Last date/ time of receipt of bids in the portal :- 05.04.2022 (5.00 PM)
7 Date of opening of Bid :- 06.04.2022 at 11.00 AM onwards
8 Name and address of the OIT :- Executive Engineer, Kalahandi Minor Irrigation Division, Bhawanipatna
9. Mode of payment of Bid cost & Bid security :- Online
10. Date of transparent lottery if cases arise :- 19.04.2022 at 11.00 AM or onwards
11. NB:-**Bidders are requested to mention their valid email I.D & Telephone / Mobile Contact No. for communication ( must be a valid ID & Mobile Number). This office has not been responsible for invalid email & Mobile no. of the bidders.**

** **Further details can be seen from the e-Procurement market place http://tendersodisha.gov.in.**

**Sd./- A.K.Sukla**
**Executive Engineer,**
**Kalahandi M.I. Division, Bhawanipatna**
**OIPR-32035/11/0005/2122**

## ସଂକ୍ଷେପରେ

### ରାଜଗାଙ୍ଗପୁର ପୌର ରାଜନୀତିରେ ନୂଆ ମୋଡ଼

**ରାଜଗାଙ୍ଗପୁର,୧୫।୩(ଡି.ଏନ.ଏ):** ରାଜଗାଙ୍ଗପୁର ପୌର ରାଜନୀତି ନୂଆ ମୋଡ଼ ନେଇଛି। କଂଗ୍ରେସ ଅଧକ୍ଷ ପ୍ରାର୍ଥୀ ଇଫତେକାର ଅହମ୍ମଦ ପାକା ବାବୁଙ୍କ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଦଳ ହତାଶ ହୋଇପଡିଥିଲା। ଅଧକ୍ଷ ପଦବୀ ହାତେଇବା ଲାଗି ଅନ୍ୟ ଦଳର ଆଶା ବଢିଥିଲା। କିନ୍ତୁ ଅଧକ୍ଷ ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ସ୍ୱାଧୀନ ପ୍ରାର୍ଥୀ ଡାକ୍ତର ଜୟଦେବ ଦାସଙ୍କୁ ମଙ୍ଗଳବାର କଂଗ୍ରେସ ଦଳ ନିଜର ସମର୍ଥନ ଘୋଷଣା କରିଛି। ଏହାପରେ ରାଜଗାଙ୍ଗପୁର ପୌର ରାଜନୀତି ଏକ ନୂଆ ମୋଡ଼ ନେଇଛି। ଏଠାରେ ବର୍ତ୍ତମାନ ତ୍ରିକୋଣୀୟ ପ୍ରତିଦ୍ୱନ୍ଦ୍ୱିତା ହେବ ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି ।

### ହେଲ୍‌ଥ, ୱେଲନେସ ତାଲିମ ଶିବିର

**କୁତ୍ରା,୧୫।୩(ଡି.ଏନ.ଏ):** ସୁନ୍ଦରଗଡ ଜିଲା କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବ୍ଲକ ଅଧୀନ ସମସ୍ତ ଉଚ୍ଚ ବିଦ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକଙ୍କୁ ନେଇ ସ୍କୁଲ ହେଲ୍‌ଥ ଓ ୱେଲନେସ ପଞ୍ଚଦିନାତ୍ମକ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ ଭାରତ ଯୋଜନା ଅଧୀନରେ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ଦକ୍ଷତା ବିକାଶ କରିବା ପାଇଁ ଏହି ତାଲିମ ଉଦ୍ଦିଷ୍ଟ। ବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରମାନଙ୍କ ଶୈକ୍ଷିକ ଦକ୍ଷତା ବୃଦ୍ଧି ସହ ଶାରୀରିକ, ମାନସିକ, ସ୍ୱାସ୍ଥ୍ୟ ସମସ୍ୟା, ସାମାଜିକ ସମସ୍ୟା, ନିଶା ସେବନ ଓ ଅନ୍ୟାନ୍ୟ କୁସଂସ୍କାରର ସମାଧାନ କରି ଏକ ସୁସ୍ଥ ଶୈକ୍ଷିକ ପରିବେଶ ଗଠନ କରିବାରେ ତାଲିମପ୍ରାପ୍ତ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ସକ୍ଷମ ହେବେ। କାର୍ଯ୍ୟକ୍ରମରେ କୁତ୍ରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ବିଭୂତି ଭୂଷଣ ପଟ୍ଟନାୟକ, ଡାକ୍ତର ଜୟପାଲ ମୁର୍ମୁ, ପ୍ରମୋଦ କୁମାର ସ୍ୱାଇଁ, ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମିଶ୍ର, ପ୍ରଧାନ ଶିକ୍ଷକ ନିତ୍ୟାନନ୍ଦ ବେହେରା, ସିଆରସିସି ରାଜେଶ କୁମାର ବେହେରା ପ୍ରମୁଖ ତାଲିମ ପ୍ରଦାନ କରିଛନ୍ତି ।

### ପ୍ରାଣୀଧନ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

**ଲେଫ୍ରିପଡ଼ା,୧୫।୩(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡା ବ୍ଲକ ଅନ୍ତର୍ଗତ ଦର୍ଲିପାଲିଠାରେ ପ୍ରାଣୀଧନ ଦକ୍ଷତା ବୃଦ୍ଧି ପ୍ରଶିକ୍ଷଣ ଶିବିର ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ହରିହର ଧୁରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୁତ୍ରା ବ୍ଲକ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଦୀପକ ରଞ୍ଜନ ପରିଡ଼ା ମୁଖ୍ୟ ଅତିଥି, କିଞ୍ଜିର୍କେଲ ଅତିରିକ୍ତ ପ୍ରାଣୀଧନ ଚିକିତ୍ସାଧିକାରୀ ଡା. ଉତ୍ତମ କୁମାର ବେହେରା, ଲେଫ୍ରିପଡାର ଡା. ଆଦିତ୍ୟ ପ୍ରକାଶ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ଅନୁଲବହାଲ, ଝୁରୀମାଲ, ରାଇଦିହି, ଦର୍ଲିପାଲି, ବଞ୍ଜାରିବର୍, ଦିଆମୁଣ୍ଡା ଆଦି ଗ୍ରାମର ୩୦ ଜଣ ଛେଳି ଚାଷୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ପ୍ରାଣୀ ଚିକିତ୍ସକ ପାଣ୍ଡବ ସୁନ୍ଦର ପଟେଲ, ସନ୍ୟାସୀ ରଣାଙ୍କ ସମେତ ବିଭାଗୀୟ କର୍ମଚାରୀ ସାହଯୋଗ କରିଥଲେ ।

### ରାଜଭାଷା କାର୍ଯ୍ୟାନ୍ୱୟନ କମିଟି ତ୍ରୈମାସିକ ବୈଠକ

**ରାଉରକେଲା ଅଫିସ,୧୫।୩**
ରାଉରକେଲା ଇସ୍ପାତ କାରଖାନା ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ତ୍ରୈମାସିକ ବୈଠକ ଭାରପ୍ରାପ୍ତ ନିର୍ଦ୍ଦେଶକ ସମ୍ମିଳନୀ କକ୍ଷ ମନ୍ଥନଠାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଓଲିକର ଅତନୁ ଭୌମିକ ଅଧ୍ୟକ୍ଷତା କରିଥିଲେ। ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ କୁଣ୍ଡୁ, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏସ୍. ଆର ସୂର୍ଯ୍ୟବଂଶୀ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଏ. କେ ପ୍ରଧାନ, କାର୍ମିକ ଓ ପ୍ରଶାସନ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ପି.କେ ଶତପଥୀ, ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ବି. କେ ହୋତା ଓ ବହୁ ବରିଷ୍ଠ କର୍ମଚାରୀ ଉପସ୍ଥିତ ଥିଲେ। ବୈଠକ ପ୍ରାରମ୍ଭରେ ଲୋକସମ୍ପର୍କ ବିଭାଗର ଡିଜିଏମ୍ ଅର୍ଚ୍ଚନା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଭୌମିକ ରାଜଭାଷା ନିର୍ଦ୍ଦେଶାଳୟର ସମସ୍ତ ଗାଇଡ୍ ଲାଇନ ଓ ଏହାର ଅନୁପାଳନରେ ଆରଏସ୍‌ପି ସାମୂଦାୟିକଙ୍କ ଦାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଭାଜଭାଷା ବିଭାଗର ଅଧିକାରୀ ଲୋଲାଟି ଟୋପୋ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ, ଦକ୍ଷତା ହେବ ବିଜୟର ମାପକାଠି

## ସୁନ୍ଦରଗଡ଼ ପୌର ନିର୍ବାଚନ ପାଇଁ ଜମିଲାଣି ପ୍ରଚାର

**ସୁନ୍ଦରଗଡ,୧୫।୩ (ଡି.ଏନ୍.ଏ.)**


ଭାଜପା ପୌରାଧ୍ୟକ୍ଷା ପ୍ରାର୍ଥିନୀ ତନୟା ମିଶ୍ର, ବିଧାୟିକା କୁସୁମ ଟେଟେ ସମର୍ଥକଙ୍କ ଗହଣରେ ପ୍ରଚାର ଚଳାଇଛନ୍ତି।

ଆସନ୍ତା ୨୪ ତାରିଖରେ ହେବାକୁ ଥିବା ପୌର ନିର୍ବାଚନ ପାଇଁ ସୁନ୍ଦରଗଡରେ ଧୀରେ ଧୀରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବାରେ ଲାଗିଛି । ସୁନ୍ଦରଗଡ ପୌରାଧ୍ୟକ୍ଷା ପଦବୀ ସମେତ ୧୯ଟି ୱାର୍ଡ କାଉନସିଲର ପଦବୀ ହାତେଇବା ପାଇଁ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ପ୍ରଚାରକୁ ଜୋରଦାର କରିଛନ୍ତି। ସହରର ବିଭିନ୍ନ ୱାର୍ଡ, ରାସ୍ତାଘାଟ, ଛକ ସ୍ଥାନଗୁଡିକ ପ୍ରାର୍ଥୀ ତଥା ଦଳର ମାଳ ମାଳ ପୋଷ୍ଟର, ବ୍ୟାନର ଓ ତୋରଣ ଲାଗିଲାଣି। ପ୍ରାର୍ଥୀମାନେ ଘରକୁ ଘର ବୁଲି ପ୍ରଚାର କରିବା ସହ ସୋସିଆଲ ମିଡିଆରେ ମଧ୍ୟ ପ୍ରଚାର କରୁଛନ୍ତି। ସହରର ବିକାଶକୁ ପ୍ରାଥମିକତା ଦେଇ କାର୍ଯ୍ୟ କରିବାର ପ୍ରତିଶ୍ରୁତି ଦେଇ ସେମାନେ ଭୋଟରଙ୍କ ନିକଟତର ହେବାକୁ ପ୍ରୟାସ ଚଳାଇଛନ୍ତି।

ପୌରାଧ୍ୟକ୍ଷା ପଦବୀ ପାଇଁ ବିଜେଡି, ଭାଜପା, କଂଗ୍ରେସ ସମେତ ୨ଜଣ ସ୍ୱାଧୀନ ପ୍ରାର୍ଥିନୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେହିପରି ୧୯ଟି ୱାର୍ଡରେ ମୋଟ ୭୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ପୌରାଧ୍ୟକ୍ଷା ପ୍ରାର୍ଥିନୀଙ୍କ ମଧ୍ୟରେ ପୂର୍ବତନ ଉପନଗରପାଳ ରଞ୍ଜନା ପଣ୍ଡାଙ୍କୁ ବିଜେଡି ନିର୍ବାଚନ ମଇଦାନକୁ ଛାଡିଛି। ରଞ୍ଜନା ନବୀନ ପଟ୍ଟନାୟକଙ୍କ ବିକାଶମୂଳକ କାର୍ଯ୍ୟକୁ ନେଇ ବିଜୟୀ ହେବାର ଆଶା ବାନ୍ଧିଛନ୍ତି। ପୌରାଧକ୍ଷା ପଦବୀ ସମେତ ଅନ୍ୟ କେତେକ ୱାର୍ଡରେ ମଧ୍ୟ କାଉନସିଲର ପଦବୀ ପାଇଁ ବିଜେଡିର ଟିକେଟ ଆଶାୟୀଙ୍କୁ ନିରାଶ ହେବାକୁ ପଡିଛି । ଏଥିସହ ବିଗତ ଦିନରେ ସୁନ୍ଦରଗଡ ପୌରପାଳିକାର କାର୍ଯ୍ୟଧାରା ବିଜେଡି ପ୍ରାର୍ଥୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ରଞ୍ଜନା ନିଜର ରାଜନୈତିକ ଅଭିଜ୍ଞତା, ଲୋକସମ୍ପର୍କ ଓ ରାଜ୍ୟ ସରକାରଙ୍କ ବିକାଶମୂଳକ କାର୍ଯ୍ୟ ଆଧାରରେ ବିଜୟୀ ହେବା ନେଇ ଆଶାବାଦୀ ଅଛନ୍ତି।

ଭାଜପାର ପୌରାଧ୍ୟକ୍ଷା ପ୍ରାର୍ଥିନୀ ତନୟା ମିଶ୍ର ରାଜନୀତିରେ ନୂଆ ମୁହଁ ଭାବେ ପାଦ ଥାପିଛନ୍ତି। ସେ ଜିଲା ଭାଜପାର ଚାଣକ୍ୟ ତଥା କିଙ୍ଗ୍ ମେକର କୁହାଯାଉଥିବା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବଟକିଶୋର ମିଶ୍ରଙ୍କ ଧର୍ମପତ୍ନୀ। ସୁନ୍ଦରଗଡର ସ୍ୱାଧୀନତା ସଂଗ୍ରାମୀ ଓ ଖ୍ୟାତିସମ୍ପନ୍ନ ଡାକ୍ତର ପରିବାରର ବୋହୂ ଭାବେ ତନୟା ମିଶ୍ର ଚଳିତ ନିର୍ବାଚନରେ ସମ୍ପର୍କ, ଆତ୍ମବିଶ୍ୱାସ ଓ ସଚ୍ଚୋଟତା ସହ ସୁନ୍ଦରଗଡର ଉନ୍ନତିକୁ ପ୍ରାଥମିକତା ଦେଇ ପ୍ରଚାରକୁ ଜୋରଦାର କରିଛନ୍ତି। ସେ ଅଳ୍ପ ସମୟ ମଧ୍ୟରେ ସହରର ବିଭିନ୍ନ ୱାର୍ଡରେ ଘରକୁ ଘର ବୁଲି ମାରାଥନ ପ୍ରଚାର କରି ଭୋଟରଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଜଣେ ଗୃହିଣୀରୁ ପ୍ରମୁଖ ଭାଜପାର ପୌରାଧ୍ୟକ୍ଷା ପ୍ରାର୍ଥିନୀ ହୋଇଥିବା ତନୟା ନିଶ୍ଚିତ ଭାବେ ବିଜୟୀ ହେବା ନେଇ ଆଶାବାଦୀ ରହିଛନ୍ତି। ଶ୍ୱଶୁର ଡାଃ ପଦାରବିନ୍ଦ ମିଶ୍ର ଓ ଡାଃ ଶରତ ଚନ୍ଦ୍ର ମିଶ୍ରଙ୍କ ଡାକ୍ତରୀ ସେବା, ସହରରେ ପାରିବାରିକ ସମ୍ପର୍କ ଓ ଜଣେ ମିଷ୍ଟଭାଷୀ ମହିଳା ଭାବେ ନିଜର ପରିଚୟ ତାଙ୍କ ବିଜୟର ମାପକାଠି ହେବ ବୋଲି କୁହାଯାଉଛି । ଏପରିକି ତନୟା ଭାଜପା ସମେତ ବିଜେଡି ଓ କଂଗ୍ରେସ ଭୋଟ ମଧ୍ୟ ହାତେଇବା ସମ୍ଭାବନା ରହିଛି।

ସେହିପରି କଂଗ୍ରେସ ତରଫରୁ ପୂର୍ବତନ କାଉନସିଲର ସସ୍ମିତା ଯୋଶୀ ପୌରାଧ୍ୟକ୍ଷା ପ୍ରାର୍ଥିନୀ ଭାବେ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି। ସୁନ୍ଦରଗଡ ସହରର ବିକାଶ ଓ ମୌଳିକ ସମସ୍ୟାର ସମାଧାନ ଦିଗରେ ଉଭୟ ଶାସକ ବିଜେଡି ଓ ଭାଜପାର ବିଫଳତା, ଦରଦାମ ବୃଦ୍ଧିକୁ ପ୍ରସଙ୍ଗ କରି ସେ ପ୍ରଚାର ଚଳାଇଛନ୍ତି। ଅପରପକ୍ଷେ ଭାଜପାରୁ ଟିକେଟ ଆଶାୟୀ ପୂର୍ବତନ କାଉନସିଲର ଡାଃ ହିମାଂଶୁ ଷଡଙ୍ଗୀଙ୍କ ସ୍ତ୍ରୀ ନିନିମା ପଟେଲ ଟିକେଟ ନ ପାଇ ସ୍ୱାଧୀନ ଭାବେ ପୌରାଧ୍ୟକ୍ଷା ପ୍ରାର୍ଥିନୀ ଭାବେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେ ବିଭିନ୍ନ ୱାର୍ଡର ମୌଳିକ ସମସ୍ୟା, ବିଗତ ଦିନରେ କରିଥିବା ଆନ୍ଦୋଳନ ଓ ଲଢେଇକୁ ପୁଞ୍ଜି କରି ଭୋଟ ପାଇ ବିଜୟୀ ହେବାର ଆଶା ରଖିଛନ୍ତି। ସେହିପରି ପଦ୍ମା ଦେବୀ ମଧ୍ୟ ଅନ୍ୟତମ ସ୍ୱାଧୀନ ପ୍ରାର୍ଥିନୀ ଭାବେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଭଳିସ୍ଥିତିରେ ସମସ୍ତ ୱାର୍ଡର ଡ୍ରେନେଜ ସମସ୍ୟା ଓ ମୌଳିକ ସେବାକୁ ନେଇ ଭୋଟର ମାନଙ୍କ ପ୍ରଶ୍ନରେ ପ୍ରାର୍ଥୀମାନେ କେତେକ ସ୍ଥାନରେ ଅଡୁଆରେ ପରିସ୍ଥିତିର ସମ୍ମୁଖୀନ ହେଉଥିବା ଦେଖାଯାଉଛି। ଭୋଟରମାନେ ଦଳ ଅପେକ୍ଷା ପ୍ରାର୍ଥୀଙ୍କ ଦକ୍ଷତା ଓ ଭାବମୂର୍ତ୍ତିକୁ ଆକଳନ କରି ପ୍ରାର୍ଥୀ ଚୟନ କରିବେ ବୋଲି ମତ ଦେଇଛନ୍ତି। ଫଳରେ ପଞ୍ଚାୟତ ନିର୍ବାଚନ ଭଳି ଶାସକ ବିଜେଡି ପୌର ନିର୍ବାଚନରେ ବାଜିମାତ କରିବାର ଆଶା କଠିନ ହୋଇପାରେ ବୋଲି ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ଆଲୋଚନା ହେଉଛି । ଏଣୁ ଶାସକ ବିଜେଡି ଓ ଭାଜପା ପକ୍ଷରୁ ତୁହାକୁ ତୁହା ବୈଠକ କରି ଦଳର ଛାମୁଆ ମଙ୍ଗୁଆଳମାନେ ନିର୍ବାଚନୀ ବୈତରଣୀ ପାର ହେବା ପାଇଁ ବିଭିନ୍ନ ରଣକୌଶଳ ଓ ପ୍ରାର୍ଥୀଙ୍କୁ ଗୁରୁମନ୍ତ୍ର ଦେଉଛନ୍ତି।

ସୁନ୍ଦରଗଡ ପୌର ପାଳିକାରେ ମୋଟ ୩୮ହଜାର ୧୦୪ ଜଣ ଭୋଟର ରହିଛନ୍ତି। ସେମାନଙ୍କ ମଧ୍ୟରେ ମହିଳା ଭୋଟର ସଂଖ୍ୟା ୧୯ହଜାର ୨୨୯ ଓ ପୁରୁଷ ଭୋଟର ସଂଖ୍ୟା ୧୮ହଜାର ୮୭୪ ଓ ଅନ୍ୟାନ୍ୟ ଭୋଟର ଜଣେ ରହିଛନ୍ତି। ଚଳିତ ନିର୍ବାଚନରେ ପୌରାଧ୍ୟକ୍ଷା ପଦବୀ ପାଇଁ ପ୍ରତ୍ୟକ୍ଷ ନିର୍ବାଚନ ହେଉଥିବାରୁ ଏହି ପଦବୀ ପାଇଁ କେଉଁ ପ୍ରାର୍ଥୀ ବାଜିମାତ କରିବେ ସେ ନେଇ ବର୍ତ୍ତମାନଠାରୁ ସବୁ ମହଲରେ ଉତ୍ସୁକତା ଦେଖାଦେଇଛି।

### ବିହାରରୁ ଧରାପଡିଲେ ଫେରାର ଶିକ୍ଷକ

**କୁତ୍ରା, ୧୫।୩(ଡି.ଏନ.ଏ)**

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ଅନ୍ତର୍ଗତ ବୁଢ଼ାକଟା ଗ୍ରାମର ଜଣେ ନାବାଳିକାଙ୍କୁ ନେଇ ଫେରାର ଥିବା ରସିକିଆ ଗଣିତ ଶିକ୍ଷକଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ରାଜଗାଙ୍ଗପୁର ଗୋପୀନାଥ ଗଳିର ଯୋଗେଶ ଶର୍ମା(୩୩)। ତାଙ୍କୁ କୋର୍ଟଚାଲାଣ କରାଯାଇଛି। ତାଙ୍କ ପାଖରୁ ଶଙ୍ଖା, ସିନ୍ଦୁର, ଲାପ୍‌ଟପ, ପ୍ରିଣ୍ଟର, ନକଲି ଆଧାର କାର୍ଡ ଜବତ କରାଯାଇଛି। ନାବାଳିକା ଛାତ୍ରୀଙ୍କୁ ତାଙ୍କ ପରିବାର ବର୍ଗଙ୍କୁ ହସ୍ତାନ୍ତର କରଯାଇଛି।

ସୂଚନା ଅନୁସାରେ, ଯୋଗେଶ ଶର୍ମା ରଞ୍ଜିରୋଡ଼ ସ୍ଥିତ ଏକ ସ୍କୁଲରେ ଶିକ୍ଷକତା କରିବା ସହ ବୁଢ଼ାକଟା ଗ୍ରାମରେ ୮ଜଣ ଛାତ୍ରୀଛାତ୍ରଙ୍କୁ ଟ୍ୟୁସନ କରୁଥିଲେ। ତାଙ୍କ ହାବଭାବ ଉପରେ ସନ୍ଦେହ ହେବାରୁ ଅଭିଭାବକମାନେ ଟ୍ୟୁସନ ବନ୍ଦ କରିଥିଲେ। ପରେ ସେ ବିରିଙ୍ଗାଟୋଲି ଗ୍ରାମରେ ଛାତ୍ରୀଛାତ୍ରଙ୍କୁ ପଢାଉଥିଲେ। ତେବେ ଗତ ୫ ତାରିଖରେ ସେ ବୁଢ଼ାକଟା ଗ୍ରାମର ଜଣେ ଛାତ୍ରୀଙ୍କୁ ନେଇ ଫେରାର ହୋଇଯାଇଥିଲେ। ଘର ଲୋକେ ଖୋଜାଖୋଜି କରିବା ପରେ କୌଣସି ଖବର ନ ମିଳିବାରୁ ୬ ତାରିଖରେ କୁତ୍ରା ଥାନରେ ଲିଖିତ ଅଭିଯୋଗ କରିଥିଲେ। କୁତ୍ରା ପୋଲିସ ତଦନ୍ତ କରି ଟ୍ୟୁସନ ଶିକ୍ଷକଙ୍କୁ ବିହାରର ସିବାନ ଜିଲାର କରୁଆ ଅଞ୍ଚଳରୁ ଧରିବାରେ ସଫଳ ହୋଇଛି। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାଜଗାଙ୍ଗପୁର ଏସ୍‌ଡିପିଓ ଶଶାଙ୍କ ବେଉରା, କୁତ୍ରା ଓ ରାଜଗାଙ୍ଗପୁର ଥାନାଧିକାରୀ ସୂଚନା ଦେଇଛନ୍ତି।

### ମୁମୂର୍ଷୁ ଯୁବକଙ୍କୁ ଚିକିତ୍ସା କରାଇଲେ ଏସ୍‌ଡିପିଓ

**ଦେବଗଡ଼,୧୫।୩(ଡି.ଏନ.ଏ)**
ଦେବଗଡ଼ ଥାନା ଅନ୍ତର୍ଗତ କୈଳାସ ଗ୍ରାମ ଛକ ନିକଟ ୪୯ ନଂ. ଜାତୀୟ ରାଜପଥରେ ଏକ ଦୁର୍ଘଟଣାରେ ଗୁରୁତର ହୋଇ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଜଣେ ଅପରିଚିତ ଯୁବକଙ୍କୁ ଦେବଗଡ଼ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ର ଉଦ୍ଧାର କରି ଚିକିତ୍ସା କରାଇଛନ୍ତି। ମଙ୍ଗଳବାର ମଧ୍ୟାହ୍ନରେ କଂସର ଫାଣ୍ଡି ହେଟଖମାର ଗ୍ରାମରୁ ଏକ ହତ୍ୟାକାଣ୍ଡ ଘଟଣାର ତଦନ୍ତ ସାରି ଫେରୁଥିବା ବେଳେ ତିଲେଇବଣି ଫାଣ୍ଡି କୈଳାସ ଗ୍ରାମ ଛକ ନିକଟସ୍ଥ ୪୯ ନଂ. ଜାତୀୟ ରାଜପଥ କଡ଼ରେ ଦୁର୍ଘଟଣାଗ୍ରସ୍ତ ଜଣେ ଯୁବକ ମୁମୂର୍ଷ ଅବସ୍ଥାରେ ରାସ୍ତା କଡ଼ରେ ପଡ଼ିଥିବା ଦେଖି ଏସ୍‌ଡିପିଓ ମହାପାତ୍ର ନିଜ ଗାଡି ଅଟକାଇଥିଲେ। ପରେ ସେ ରକ୍ତାକ୍ତ ଯୁବକଙ୍କୁ ଉଦ୍ଧାର କରି ନିଜ ଗାଡ଼ିରେ ନେଇ ଦେବଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ବର୍ତ୍ତମାନ ଉକ୍ତ ଯୁବକ ସେଠାରେ ଚିକିତ୍ସାଧୀନ ଥିବା ଜଣାପଡିଛି।

### ରାଜଗାଙ୍ଗପୁର: ନିର୍ବାଚନ ରଣାଙ୍ଗନରେ ୨ ଯାଆ

**ରାଜଗାଙ୍ଗପୁର,୧୫।୩(ଡି.ଏନ.ଏ)**

ସୁନ୍ଦରଗଡ଼ ଜିଲା ରାଜଗାଙ୍ଗପୁର ପୌର ନିର୍ବାଚନରେ ଏକ ରୋଚକ ତଥ୍ୟ ସାମ୍ନାକୁ ଆସିଛି। ରାଜଗାଙ୍ଗପୁରର ୱାର୍ଡ ନଂ. ୧୦ କୁମାରକେଲା ମୌଜାରେ କାଉନସିଲର ପଦବୀ ପାଇଁ ଦୁଇ ଜାଆ ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇଛନ୍ତି। ଏହି ୱାର୍ଡରେ କାଉନସିଲର ପଦବୀ ପାଇଁ ଚାର ମିଞ୍ଜଙ୍କ ବଡ ବୋହୂ ସୁଷମା ମିଞ୍ଜ ଭାଜପା ଏବଂ ସାନ ବୋହୂ ଆସ୍ରିତା ମିଞ୍ଜ ବିଜେଡି ଟିକେଟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏହା ସହରରେ ଚର୍ଚ୍ଚାର ବିଷୟ ହୋଇଛି।

## ସାମ୍ବାଦିକଙ୍କୁ ଗୃହ ପ୍ରବେଶ ଅନୁମତି ଦିଆଯାଉ

### ବିଧାନସଭା ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ

■ଭର୍ଚୁଆଲ ମୋଡ୍‌ରେ ଯୋଗଦେଲେ ନରସିଂହ

**ବଲାଙ୍ଗୀର ଅଫିସ, ୧୫।୩**

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରୁ ବଲାଙ୍ଗୀର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଧାନସଭା ପୂର୍ବ ସର୍ବଦଳୀୟ ବୈଠକରେ ଭର୍ଚୁଆଲ ମୋଡରେ ଯୋଗ ଦେଇଥିଲେ। ବୈଠକରେ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଷୋଡଶ ବିଧାନସଭାର ନବମ ଅଧିବେଶନ ପାଇଁ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ବିଧାୟକ ମିଶ୍ର କହିଥିଲେ ଯେ, ଯେହେତୁ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଓ ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ଦେହାନ୍ତ ହୋଇଛି ତେଣୁ ସେମାନଙ୍କ ଉଦ୍ଦେଶ୍ୟରେ ବିଧାନସଭାରେ ଗୃହ ମୁଲତବୀ କରିବା ପରିବର୍ତ୍ତେ ସମୟ ଅଭାବ ଦୃଷ୍ଟିରୁ କିଛି ସମୟ ଗୃହ ମୁଲତବୀ କରାଯିବା ନିଷ୍ପତ୍ତି ହୋଇଛି । ଏହାକୁ ପରମ୍ପରା ଭାବେ ଗ୍ରହଣ ନ କରିବାକୁ ବିଧାୟକ ମିଶ୍ର ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିଥିଲେ । କୋଭିଡ କଟକଣା ଲାଗିବା ଦିନଠୁ ବିଧାନସଭା ଭିତରକୁ ସାମ୍ବାଦିକ ମାନଙ୍କୁ ଛଡା ଯାଉନାହିଁ । ରାଜ୍ୟବାସୀଙ୍କ ସ୍ୱାର୍ଥଦୃଷ୍ଟିରୁ ବିଧାନସଭା ଭିତରକୁ ସାମ୍ବାଦିକମାନଙ୍କୁ ପ୍ରବେଶ କରିବା ପାଇଁ ବିଧାୟକ ମିଶ୍ର ଅନୁରୋଧ କରିଥିଲେ । କିନ୍ତୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ମୁତାବକ ଏବେ ସାମ୍ବାଦିକଙ୍କୁ ପ୍ରବେଶ ନଦେଇ ଆଗାମୀ ଦିନରେ ଏହ ଉପରେ ବିଚାର କରାଯିବ ବୋଲି ବାଚସ୍ପତି କହିଥିବା ଜଣାପଡିଛି। ଆସନ୍ତା ୨୪ ତାରିଖରେ ରାଜ୍ୟ ସାରା ନିର୍ବାଚନ ଚାଲିଥିବା ବେଳେ ସମସ୍ତ ବିଧାୟକ ତଥା ଅଧିକାରୀଙ୍କ ଆରଟିପିସିଆର ପରୀକ୍ଷା ଜିଲାସ୍ତରରେ କରିବାକୁ ବିଧାୟକ ମିଶ୍ର ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି ବିଧାୟକ ମିଶ୍ରଙ୍କ ଏହି ଅନୁରୋଧକୁ ଗ୍ରହଣ କରିବା ସହିତ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିବା ସହ ଆଣ୍ଟିବଡି ପରୀକ୍ଷା ପରବର୍ତ୍ତୀ ସମୟରେ ଭୁବେନଶ୍ୱରେ କରାଯିବ ବୋଲି କହିଥିଲେ।

## ସୁନ୍ଦରଗଡ଼ ପୌରାଞ୍ଚଳ କଂଗ୍ରେସ କର୍ମୀ ସମ୍ମିଳନୀ


କର୍ମୀ ସମ୍ମିଳନୀରେ ଉପସ୍ଥିତ କଂଗ୍ରେସ କର୍ମୀବୃନ୍ଦ।

**ସୁନ୍ଦରଗଡ,୧୫।୩(ଡି.ଏନ୍.ଏ)**

ପୌର ନିର୍ବାଚନ ପରିପ୍ରେକ୍ଷୀରେ ସୁନ୍ଦରଗଡ ନଗର କଂଗ୍ରେସ କମିଟି ପକ୍ଷରୁ ଏକ କର୍ମୀ ସମ୍ମିଳନୀ ସୋମବାର ସ୍ଥାନୀୟ ନାରୀ କଲ୍ୟାଣ କେନ୍ଦ୍ରରେ ଅନୁଷ୍ଠିତ ହୋଇଛି। ଟାଉନ୍ ସଭାପତି ନେପାଳ ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ଜିଲା ସଭାପତି ବେଣୁମାଧବ ତ୍ରିପାଠୀ, ପୂର୍ବତନ ବାଚସ୍ପତି କିଶୋର ଚନ୍ଦ୍ର ପଟେଲ, ପିସିସି ସାଧାରଣ ସମ୍ପାଦକ ରାଜକିଶୋର ଷଡଙ୍ଗୀ, ପୂର୍ବତନ ପିସିସି ସମ୍ପାଦକ ପ୍ରଫୁଲ୍ଲ ସୁନ୍ୟାନୀ, ବରିଷ୍ଠ କଂଗ୍ରେସ ନେତା ନିମାଇଁ ଚରଣ ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଦୋମୁହାଁ ନୀତି ଯୋଗୁ ରାଜ୍ୟର ଜନସାଧାରଣ କିଭଳି ଶୋଷଣର ଶିକାର ହେଉଛନ୍ତି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାସହ ଅହେତୁକ ଦରଦାମ ବୃଦ୍ଧି ସାଧାରଣ ଜନତାଙ୍କ ଉପରେ ବୋଝ ହୋଇଛି ବୋଲି ସେମାନେ ପ୍ରକାଶ କରିଥିଲେ। ଏହାସହ ଚଳିତ ପୌର ନିର୍ବାଚନରେ କଂଗ୍ରେସର ଶିକ୍ଷିତ ପ୍ରାର୍ଥୀମାନଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ଦଳୀୟ ନେତୃବୃନ୍ଦ ପରାମର୍ଶ ଦେଇଥିଲେ। ଏହି ସମ୍ମିଳନୀରେ ପୌରାଧ୍ୟକ୍ଷା ପ୍ରାର୍ଥିନୀ ସସ୍ମିତା ଯୋଷୀ, ସମସ୍ତ କାଉନସିଲର ପ୍ରାର୍ଥୀଙ୍କ ସମେତ ଜିଲା ଉପସଭାପତି ଅଜିତ ପ୍ରସାଦ, କାଳୀପଦ ସାମଲ, କମଳ ସେନ୍, ପ୍ରଦୀପ ସିଂ, ଜଶୀମ ଅହମ୍ମଦ, ଶୁଭାଶୀଷ ବାନାର୍ଜୀ ପ୍ରମୁଖ ନେତା ଓ କର୍ମୀମାନେ ଯୋଗ ଦେଇଥିଲେ।

### ମୋବାଇଲ ଲୁଟ୍ ଅଭିଯୋଗରେ ଯୁବକ ଗିରଫ

**ରାଉରକେଲା ଅଫିସ,୧୫।୩:** ରାଉରକେଲା ସେକ୍ଟର-୩ ଥାନା ଅନ୍ତର୍ଗତ ଡିସୌଜା ସ୍କୁଲ ନିକଟରେ ଜଣେ ମହିଳାଙ୍କ ଠାରୁ ମୋବାଇଲ ଲୁଟ୍ ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ମିଥୁନ ପଟ୍ଟନାୟକ(୨୪)। ଟିମ୍ବର କଲୋନୀ ବସ୍ତିର ମିଥୁନ ଗତ ୩ ତାରିଖରେ ଡିସୌଜା ସ୍କୁଲ ନିକଟରେ ଶାନ୍ତି ଦେବୀ ନାମକ ଜଣେ ମହିଳାଙ୍କର ମୋବାଇଲ ମୋବାଇଲ ଛଡାଇ ନେଇ ଫେରାର ହୋଇ ଯାଇଥିଲେ। ଏ ନେଇ ମହିଳା ଜଣଙ୍କ ଥାନା ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା (ନଂ.୩୨।୨୧) ରୁଜୁ କରି ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରିଛି।

## ରାଉରକେଲାରେ ବସନ୍ତ ସମାରୋହ ଉଦ୍‌ଘାଟିତ


ମ୍ୟୁଜିକ୍ ସର୍କଲରେ ସଙ୍ଗୀତ ପରିବେଷଣ କରାଯାଉଛି।

**ରାଉରକେଲା ଅଫିସ,୧୫।୩**

ରାଉରକେଲା ଛେଣ୍ଡ ସ୍ଥିତ ମ୍ୟୁଜିକ ସର୍କଲ ପରିସରରେ ମଙ୍ଗଳବାର ୪୫ତମ ବସନ୍ତ ସମାରୋହ ଉଦ୍‌ଘାଟିତ ହୋଇଛି। ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ମହେନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଶ୍ରୀ ଅରବିନ୍ଦ ରାଉରକେଲା ସ୍କୁଲର ଅଧ୍ୟକ୍ଷ ଶିକ୍ଷାବିତ୍ ଗୋଦାବରୀଶ ପଢ଼ିଆରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସାଧାରଣ ସମ୍ପାଦିକା ଅଳକା ଚାନ୍ଦ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ। ଉତ୍ସବର ଦ୍ୱିତୀୟ ଭାଗରେ ସ୍ପିଙ୍ଗ ଭେଲି ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମିତାଲି ସିହ୍ନା ଓ ଅନ୍ୟ ଶିକ୍ଷୟିତ୍ରୀମାନଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅଭୟ କୁମାର ଦାସ, ଉମାକାନ୍ତ ପଣ୍ଡା, ଟି. ଚନ୍ଦ୍ରଶେଖର, ଅଜୟ କୁମାର ପଟ୍ଟନାୟକ, ବିବେକାନନ୍ଦ ପଣ୍ଡା, ହରିହର ଶତପଥୀ, ଶୁଶାନ୍ତ କୁମାର ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ସୋଲାର ପମ୍ପ ଅଚଳ, ପାଣି ପାଇଁ ହୀନସ୍ତା

**କୁଆଁରମୁଣ୍ଡା,୧୫।୩(ଡି.ଏନ.ଏ.)**


ସରବେର୍ଣ୍ଣୀ ବସ୍ତିରେ ଅଚଳ ସୋଲାର ପ୍ରକଳ୍ପ।

ଚଳିତ ବର୍ଷ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରୁ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି । ଏହି ସମୟରେ ବିଭିନ୍ନ ପ୍ରାକୃତିକ ଜଳ ଉତ୍ସ ଯଥା ନଦୀ, ପୋଖରୀ, ଝରଣାର ଜଳ ଶୁଖିବାକୁ ବସିଲାଣି । ଖରା ତାତି ଯେତେ ବଢୁଛି ବନ୍ୟପ୍ରାଣୀଙ୍କ ଠାରୁ ଆରମ୍ଭ କରି ମନୁଷ୍ୟ ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ପାନୀୟ ଜଳର ଆବଶ୍ୟକତା ଅନୁରୂପ ଭାବେ ବୃଦ୍ଧି ପାଇବାକୁ ଲାଗିଛି । ମାତ୍ର ଏବେଠାରୁ ପାନୀୟ ଜଳର ଅଭାବ ଯୋଗୁ ଗ୍ରାମାଞ୍ଚଳ ଲୋକେ ଡହଳବିକଳ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି। ଏଭଳି ଏକ ସମସ୍ୟା ଦେଖିବାକୁ ମିଳିଛି କୁଆଁରମୁଣ୍ଡା ବ୍ଲକ ସନ୍ନିକଟ ସରବେର୍ଣ୍ଣୀ ତଳମୁଣ୍ଡ ବସ୍ତିରେ।

ଏହି ବସ୍ତିରେ ଥିବା ଏକ ସୋଲାର ପମ୍ପ ଗତ ୫ ଦିନ ହେଲା ଅଚଳ ହୋଇପଡିଛି। ଅଦ୍ୟାବଧି ଏହାକୁ ମରାମତି କରାଯାଇପାରିନାହିଁ। ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ଏ ସମ୍ପର୍କରେ ଅବଗତ ଥିଲେ ମଧ୍ୟ ଏଯାବତ୍ କୌଣସି ପଦକ୍ଷେପ ନେଇ ନ ଥିବାରୁ ଲୋକେ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅସହ୍ୟ ଗ୍ରୀଷ୍ମରେ ଗରିବ ବସ୍ତିବାସୀ ପାନୀୟ ଜଳ ନିମନ୍ତେ ନାହିଁ ନ ଥିବା ହୀନସ୍ତା ହେଉଛନ୍ତି। ବ୍ଲକ ନିକଟରେ ଥିବା ସରବେର୍ଣ୍ଣୀ ବସ୍ତିରେ ଅଚଳ ସୋଲାର ପ୍ରକଳ୍ପ ମରାମତି ପାଇଁ ଯଦି ଏତେ ବିଳମ୍ବ ହେଉଛି, ତେବେ ବ୍ଲକଠାରୁ ବହୁ ଦୂରରେ ଥିବା ପଞ୍ଚାୟତଗୁଡିକର ପାନୀୟ ଜଳ ସମସ୍ୟାର ସମାଧାନ କିଭଳି ହେଉଥିବ ତାହା ସ୍ପଷ୍ଟ ଅନୁମେୟ। ଏ ନେଇ ବ୍ଲକ ଆରଡବ୍ଲ୍ୟୁଏସ୍‌ଏସ୍ କନିଷ୍ଠ ଯନ୍ତ୍ରୀ ବନ୍ଦିତା ପ୍ରିୟଦର୍ଶିନୀ ସାମଲଙ୍କୁ ପଚାରିବାରୁ ସେ କହିଲେ, ଘଟଣା ସମ୍ପର୍କରେ ମୁଁ ଏବେ ଜାଣିଲି । ତେଣୁ ଖୁବ୍‌ଶୀଘ୍ର ଏହାର ମରାମତି ବ୍ୟବସ୍ଥା କରାଇବି।

## ଫୁଲଚାଷରେ ସାର ପ୍ରୟୋଗ



ସେରାକଲ କିସମର ଗେଣ୍ଡୁ ଫୁଲ ଚାଷ କରୁଥିଲେ ହେକ୍ଟର ପ୍ରତି ୨୦ ଗାଡ଼ି ଭଲ ଶଢ଼ା ଗୋବରଖତ ସହିତ ୧୫୦ କି.ଗ୍ରା. ଯବକ୍ଷାରଜାନ, ୧୫୦ କି.ଗ୍ରା. ଫସ୍‌ଫରସ୍ ଏବଂ ୧୫୦ କି.ଗ୍ରା. ପଟାସ୍ ଆବଶ୍ୟକ। ଲଗାଇବା ସମୟରେ ମୂଳସାର ହିସାବରେ ଅର୍ଦ୍ଧେକ ଯବକ୍ଷାରଜାନ ଏବଂ ସମସ୍ତ ପଟାସ୍ ଓ ଫସ୍‌ଫରସ୍ ଖତ ସହିତ ମାଟିରେ ପ୍ରୟୋଗ କରନ୍ତୁ । ମଲ୍ଲୀଫୁଲ ଚାଷ କରୁଥିଲେ ଗଛ ପ୍ରତି ୭୫ ଗ୍ରାମ୍ ଯବକ୍ଷାରଜାନ, ୭୫ ଗ୍ରାମ୍ ଫସ୍‌ଫରସ୍ ଏବଂ ୫୦ ଗ୍ରାମ୍ ପଟାସ୍ ସାର ପ୍ରୟୋଗ କରନ୍ତୁ । ଗୋଡ଼ିଫୁଲ, ସୂର୍ଯ୍ୟମୁଖୀ ଏବଂ ଜିନିଆ ଚାଷ କରିପାରିବେ । ଗୋଲାପ ଗଛରେ ଶୋଷକ ପୋକ ନିୟନ୍ତ୍ରଣ ପାଇଁ ୧ ଲିଟର ପାଣିରେ ୦.୩ ମି.ଲି. ହିସାବରେ ଇମିଡାକ୍ଲୋପ୍ରିଡ୍ କୀଟନାଶକ ମିଶାଇ ଗଛରେ ଭଲ ଭାବରେ ସିଞ୍ଚନ କରନ୍ତୁ। ପାଉଁଶିଆ ରୋଗ (ପାଉଡରି ମିଲ୍‌ଡିଉ) ଦେଖାଦେଲେ ୧ ଲିଟର ପାଣିରେ ୩ ଗ୍ରାମ୍ ହିସାବରେ ସଲ୍‌ଫର୍ ସେଚିତ ଗୁଣ୍ଡ ପ୍ରୟୋଗ କରନ୍ତୁ ।

## ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଦମନ

ଡାଲୁଅ ଧାନରେ ମାଟିଆଗୁଣ୍ଡି ପୋକ ଆକ୍ରମଣ ଆରମ୍ଭ ହେବାର ଆଶଙ୍କା ଅଛି। ଏହି ପୋକ ଲାଗିଲେ, ଜଳସେଚନର ସୁବିଧା ଥିଲେ ପ୍ରଥମେ ଜମିରୁ ପାଣି ନିଷ୍କାସନ କରନ୍ତୁ। ଦିନେ ଦୁଇ ଦିନ ଶୁଖିଲା ରଖି ପୁଣି ବିଲରେ ପାଣି ମଡ଼ାନ୍ତୁ। ବୁଦା ପ୍ରତି ୮-୧୦ଟି ପୋକ ଲାଗିଲେ ଫେନୋବୁକାର୍ବ ୧ ଲିଟର ପାଣିରେ ୧ ମି.ଲି. ବା ଇଥୋଫେନପ୍ରକ୍ସ ୧ ଲିଟର ପାଣିରେ ୧ ମି.ଲି. ହିସାବରେ ଗୋଳାଇ ଗଛ ମୂଳକୁ ସିଞ୍ଚନ କରନ୍ତୁ। ପ୍ରତି ବୁଦାରେ ୨/୩ଟି ବୁଢ଼ିଆଣୀ ଥିଲେ ପୋକସଂଖ୍ୟା ବଢ଼ିବ ନାହିଁ। ଡାଲୁଅ ଧାନରେ କାଣ୍ଡବିନ୍ଧା ପୋକ ଆକ୍ରମଣ କରିଥିଲେ ହେକ୍ଟର ପ୍ରତି ୧୨.୫ କି.ଗ୍ରା. ଫିପ୍ରୋନିଲ୍ ୦.୩ ଦାନାଦାର ବିଷ ଅଳ୍ପ ପାଣି ରଖି ପ୍ରୟୋଗ କରନ୍ତୁ ଅଥବା ୧ ଲି. କ୍ଲୋରପାଇରିଫସ୍ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । ପତ୍ରପୋଡ଼ା ରୋଗ ଦମନ ପାଇଁ ହେକ୍ଟର ପ୍ରତି ୫୦ ଗ୍ରାମ୍ ଷ୍ଟ୍ରେପ୍ଟୋସାଇକ୍ଲିନ୍ ଓ ୧୨୫୦ ଗ୍ରାମ୍ ବ୍ଲାଇଟକ୍ସ-୫୦ ସେଚିତ ଗୁଣ୍ଡକୁ ୫୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ଓ ମହିଷା ରୋଗ ଦମନ ଲାଗି ହେକ୍ଟର ପ୍ରତି ୩୦୦ ଗ୍ରାମ୍ ବା ୦.୬ ଗ୍ରାମ୍ ଟ୍ରାଇସାଇକ୍ଲାଜୋଲ୍‌କୁ ପ୍ରତି ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।



## ଆଳୁ ଅମଳ ପରେ...



ବର୍ତ୍ତମାନ ଆଳୁ ଅମଳ ସମୟ। ଏ ସମୟରେ ଚାଷୀଭାଇ କେତୋଟି ଦିଗ ପ୍ରତି ଯତ୍ନଶୀଳ ହେଲେ ଉତ୍କୃଷ୍ଟମାନର ଆଳୁ ଅମଳ କରିବା ସହ ପରବର୍ତ୍ତୀ ସମୟରେ ଆଳୁ ପଚିଯିବା ସମସ୍ୟାକୁ ରୋକାଯାଇପାରିବ। ଆଳୁ ଅମଳ କରିବାର ୧୦-୧୫ ଦିନ ପୂର୍ବରୁ ଜମିରେ ଜଳସେଚନ ବନ୍ଦ କରିଦେବା ଆବଶ୍ୟକ। ଏହାଦ୍ୱାରା ଆଳୁର ଉପର ଚୋପା ଟାଣ ହୁଏ ଏବଂ ଅମଳ ସମୟରେ ଓ ଅମଳ ପରେ ଶଢ଼ିବାର ଆଶଙ୍କା କମ୍ ରହେ। ଆଳୁ ଅମଳ ସମୟରେ ଚାଷୀଭାଇ ଯତ୍ନର ସହ ହୁଡ଼ା ଭାଙ୍ଗି ଆଳୁ ଖୋଳିବା ଆବଶ୍ୟକ, ଯେପରିକି ଆଳୁ କଟି ନଯାଏ। ଯଦି କାଁ ଭାଁ କିଛି ଆଳୁ କଟିଯାଏ କିମ୍ବା ଆଘାତ ପାଏ, ସେଗୁଡ଼ିକୁ ଅଲଗା କରି ଶୀଘ୍ର ଖାଇବା ପାଇଁ ବ୍ୟବହାର କରିଦେବା ଭଲ। ଆଳୁ ଖୋଳିବା ପରେ ତାହାକୁ ପବନ ଚଳାଚଳ କରୁଥିବା ଛାଇ ଜାଗାରେ (ଖୋଲା ଘର, ଛାତ ଥିବା ଖଳା ପ୍ରଭୃତି) ପତଳା ସ୍ତରରେ ୬-୮ ଦିନ ରଖି ୩-୪ ଦିନ ଅନ୍ତରରେ ପୋଚା ଆଳୁକୁ ଅଲଗା କରିବା ଆବଶ୍ୟକ ।

## ନଳିତାରେ ଘାସବଛା

ନଳିତା ଚାଷରେ ଯବକ୍ଷାରଜାନ ସାରର ଅର୍ଦ୍ଧେକ ବୁଣିବାର ୨୦-୨୫ ଦିନ ପରେ ଘାସ ବଛା ଓ କୋଡ଼ାଖୋସା ସମୟରେ ପ୍ରୟୋଗ କରନ୍ତୁ। ଅବଶିଷ୍ଟ ଅର୍ଦ୍ଧେକ ଏହାର ୧୫ ଦିନ ପରେ ପ୍ରୟୋଗ କରନ୍ତୁ। ଧାଡ଼ିବୁଣା ପାଇଁ ହେକ୍ଟର ପ୍ରତି ୫ କିଲୋଗ୍ରାମ୍ ଓ ଛଟାବୁଣା ଲାଗି ୭.୫ କିଲୋଗ୍ରାମ୍ ବିହନ ଆବଶ୍ୟକ। ୧ କି.ଗ୍ରା. ବିହନ ବିଶୋଧନ ପାଇଁ ଏକ ଗ୍ରାମ୍ କାର୍ବେଣ୍ଡାଜିମ୍ କିମ୍ବା ୩ ଗ୍ରାମ୍ ଥିରାମ୍ ଆବଶ୍ୟକ। ଯେଉଁ ଅଞ୍ଚଳରେ କେନାଲ କିମ୍ବା ଉଠା ଜଳସେଚନର ସୁବିଧା ଅଛି, ସେଠାରେ ଆସନ୍ତା ଏବେଠାରୁ ପିତା ନଳିତା ବୁଣାବୁଣି କାର୍ଯ୍ୟ ଆରମ୍ଭ କରାଯାଇ ପାରିବ। ନଳିତା ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ। ମାଟିକୁ ଭଲଭାବରେ ଗୁଣ୍ଡ କରି ହେକ୍ଟର ପ୍ରତି ୧୨ ଶଗଡ଼ ଶଢ଼ା ଗୋବରଖତ ବା କମ୍ପୋଷ୍ଟ ପ୍ରୟୋଗ କରନ୍ତୁ। ହେକ୍ଟର ପ୍ରତି ପିତା ନଳିତା ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ, ୪୦ କି.ଗ୍ରା. ଫସ୍‌ଫରସ୍ ଓ ୪୦ କି.ଗ୍ରା. ପଟାସ୍ ସାର, ମଧୁର ନଳିତାରେ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସ୍‌ଫରସ୍ ଓ ୨୦ କି.ଗ୍ରା. ପଟାସ୍ ସାର ପ୍ରୟୋଗ କରନ୍ତୁ। ଶେଷଓଡ଼ ଚାଷ ସମୟରେ ସମୁଦାୟ ଫସ୍‌ଫରସ୍ ଓ ପଟାସ୍ ସାରକୁ ମାଟିରେ ମିଶାଇ ଦିଅନ୍ତୁ ।



## ଚାଷୀଙ୍କ ପାଇଁ...

- ଖରା ଦିନିଆ ଭେଣ୍ଡି, ଜହ୍ନି, କଖାରୁ, ପୋଟଳ, କାଙ୍କଡ଼, କଲରା, କାକୁଡ଼ି, ଲାଉ, ବାଇଗଣ ଲଗାନ୍ତୁ । ଖଡ଼ା, ଲେଉଟିଆ, ପୋଇ ଆଦି ଶାଗ ଚାଷ କରିବା ପାଇଁ ଏହା ପ୍ରକୃଷ୍ଟ ସମୟ । ଯେଉଁଠି ଗ୍ରୀଷ୍ମଋତୁରେ ଅଧିକ ଗରମ ଅନୁଭୂତ ହୁଏ ନାହିଁ, ସେଇଠି ଅଦିନିଆ ପନିପରିବା ଯଥା:- ବିଲାତି ବାଇଗଣ, ବିନ୍, ମୂଳା ଜଳବାୟୁ ଅନୁସାରେ ଚାଷ କରନ୍ତୁ। ଏକ ମାସର ବାଇଗଣ ତଳି ମୁଖ୍ୟ ଜମିରେ ଲଗାନ୍ତୁ।
- ସମସ୍ତ ପ୍ରକାରର କଖାରୁ ଜାତୀୟ ପନିପରିବା ଯଥା କଖାରୁ, କାକୁଡ଼ି, ଜହ୍ନି, ଲାଉ, କଲରା, ତରଭୁଜ ଇତ୍ୟାଦିକୁ ଜମିରେ ଲଗାନ୍ତୁ। ପ୍ରତ୍ୟେକ ମନ୍ଦାରେ ୨-୩ଟି ସୁସ୍ଥ ସବଳର ଗଛ ରଖି ଅନ୍ୟାନ୍ୟ ଚାରାଗୁଡ଼ିକୁ ଓପାଡ଼ି ଦିଅନ୍ତୁ।
- ଉନ୍ନତ କିସମ ବା ସଙ୍କର ଜାତୀୟ ଭେଣ୍ଡି ମଞ୍ଜି ଲଗାନ୍ତୁ।
- ଜମିକୁ ଭଲଭାବରେ ଚାଷ କରି ଶାଗଜାତୀୟ ଫସଲ ଲଗାନ୍ତୁ। ସବୁ ସମୟରେ ଶାଗଜାତୀୟ ଫସଲରେ ଅଧିକ ମାତ୍ରାରେ ଶୁଖିଲା ଶଢ଼ା ଗୋବର ଖତ ବା ଜିଆଖତ ବ୍ୟବହାର କରନ୍ତୁ।
- ପ୍ରତ୍ୟେକ ୩ ବର୍ଷ ଅନ୍ତରରେ ଜମିର ମାଟି ପରୀକ୍ଷା କରି ଅନୁମୋଦିତ ହିସାବରେ ସାର ପ୍ରୟୋଗ କରନ୍ତୁ।



# ଡାଲିଜାତୀୟ ଫସଲ ଅମଳ ପରବର୍ତ୍ତୀ ଯତ୍ନ



ଡ. ପରେଶ କୁମାର ପଣ୍ଡା



ପ୍ରତି ଫସଲ କିସମରେ ବିହନ ବୁଣାଠାରୁ ଅମଳଯାଏ ନିର୍ଦ୍ଦିଷ୍ଟ ଅବଧି ରହିଛି। କୃଷକମାନେ ଏହି ସମୟ ଓ ଫସଲର ଅବସ୍ଥା ଦେଖି ଯଥାସମୟରେ ଅମଳ କରିବା ଦରକାର। ପାକଳ ପୂର୍ବରୁ ଅମଳ କଲେ ଦାନା ପୁଷ୍ଟ ହୋଇ ନ ଥାଏ ଓ ତାହାର ଗଜାଶକ୍ତି ଦୀର୍ଘସ୍ଥାୟୀ ହୋଇ ନ ଥାଏ। ସେହିପରି ଦାନା ପାକଳ ହେବାର ବହୁତ ଦିନ ପରେ ଅମଳ କଲେ ମଞ୍ଜିର ତେଜ ଖରାପ ହୋଇ ଗଜା ଶକ୍ତି ପ୍ରଭାବିତ ହେବା ସହ ଦାନା ଛୁଇଁରୁ ଝଡ଼ିପଡେ। ପୋକ ଆକ୍ରମଣ ବଢ଼ିଯାଏ। ଚଢ଼େଇମାନେ ଖାଇଯାଆନ୍ତି। ଆବଶ୍ୟକତାଠାରୁ ଅଧିକ ଜଳୀୟାଂଶ ଥିବା ଫସଲ ଅମଳ କରିବା ଅନୁଚିତ। ତଦ୍ୱାରା ପୋକ ସଂକ୍ରମଣ ହୋଇ ଗଜାଶକ୍ତି ହ୍ରାସ ପାଇଥାଏ। ଅଧିକନ୍ତୁ, ବିହନର ଶ୍ୱାସକ୍ରିୟାରେ ବୃଦ୍ଧି ଘଟି ତାହାର ଗୁଣବତ୍ତା ହ୍ରାସ ପରିଲକ୍ଷିତ ହୋଇଥାଏ।

ଡାଲି ଫସଲ ଅମଳ ପରେ ଡାଲି ଓ ବିହନକୁ ଉପଯୁକ୍ତ ଭାବେ ସଫା କରି ଭଲ ଭାବରେ ଉଡ଼ାଇ, ଶୁଖାଇ ଓ ନିରୋଳା କରି ସାଇତି ରଖାଯାଏ। ଡାଲିଜାତୀୟ ଫସଲର ମଞ୍ଜିରେ ପୁଷ୍ଟିସାର ଅଧିକ ଥିବାରୁ ସାଧାରଣତଃ ସାଇତା କାଳ କମ୍ ହୋଇଥାଏ। କମ୍ ଆପେକ୍ଷିକ ଆର୍ଦ୍ରତା, ଶୁଷ୍କ ତଥା ଶୀତଳ ସାଇତା ବ୍ୟବସ୍ଥା କରିବା ଭଲ। ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ଏକ ପ୍ରତିଶତ ଜଳୀୟ ଅଂଶ କମ୍ କରାଇପାରିଲେ ବିହନର ସାଇତା କାଳ ପ୍ରାୟ ଦୁଇ ଗୁଣ ହୋଇଯାଏ। ନିରାପଦ ସାଇତା ନିମନ୍ତେ ଜଳୀୟ ଅଂଶ ୯ ପ୍ରତିଶତ ରହିବା ଆବଶ୍ୟକ।

କେତେକ ଦେଶୀୟ ପ୍ରଣାଳୀ ଅବଲମ୍ବନ କରି ଡାଲି ମଞ୍ଜି ବା ବିହନକୁ ସାଇତି ରଖାଯାଏ। ସେଥିପାଇଁ ନିମ୍ନଲିଖିତ ପ୍ରଣାଳୀ ଆପଣେଇ ପାରିବେ...

> "ଡାଲି ଫସଲ ଅମଳ ପରେ ଡାଲି ଓ ବିହନକୁ ଉପଯୁକ୍ତ ଭାବେ ସଫା କରି ଭଲ ଭାବରେ ଉଡ଼ାଇ ଶୁଖାଇ ଓ ନିରୋଳା କରି ସାଇତି ରଖାଯାଏ। ଡାଲିଜାତୀୟ ଫସଲର ମଞ୍ଜିରେ ପୁଷ୍ଟିସାର ଅଧିକ ଥିବାରୁ ସାଧାରଣତଃ ସାଇତା କାଳ କମ୍ ହୋଇଥାଏ। କମ୍ ଆପେକ୍ଷିକ ଆର୍ଦ୍ରତା, ଶୁଷ୍କ ତଥା ଶୀତଳ ସାଇତା ବ୍ୟବସ୍ଥା କରିବା ଭଲ। ନିର୍ଦ୍ଦିଷ୍ଟ ବ୍ୟବସ୍ଥାର ଏକ ପ୍ରତିଶତ ଜଳୀୟ ଅଂଶ କମ୍ କରାଇପାରିଲେ, ବିହନର ସାଇତା କାଳ ପ୍ରାୟ ଦୁଇ ଗୁଣ ହୋଇଯାଏ। ନିରାପଦ ସାଇତା ନିମନ୍ତେ ଜଳୀୟ ଅଂଶ ୯ ପ୍ରତିଶତ ରହିବା ଆବଶ୍ୟକ।"

- ଶୁଖିଥିବା ମଞ୍ଜିରେ କୁଇଣ୍ଟାଲ ପ୍ରତି ୧୫୦-୨୦୦ ଗ୍ରାମ ସୋରିଷ କିମ୍ବା ରାଶି ତେଲ ଗୋଳାଇ ୩-୪ ମାସ ସାଇତି ରଖାଯାଏ।
- ସାଇତା ଡ୍ରମରେ କୁଇଣ୍ଟାଲ ଡାଲି ପ୍ରତି ୪-୫ଟି ଦିଆସିଲି କାଠିପୁଡା ଓ ଖୋଳ ରଖନ୍ତୁ। ଏହାଦ୍ୱାରା ସେଥିରେ ପୋକ ସହଜରେ ଲାଗି ନ ଥା'ନ୍ତି।
- ଶୁଖିଲା କଦଳୀ ପଟୁଆ ଓ ପତ୍ରକୁ ପୋଡ଼ି ତାହାର ପାଉଁଶକୁ ଡାଲିରେ ମିଶାନ୍ତୁ। ଏପରି କରିବା ଦ୍ୱାରା ଡାଲିକୁ ପୋକ ଖାଇ ନ ଥା'ନ୍ତି।
- ଭଲ ଭାବରେ ଶୁଖିଥିବା ଡାଲି ମଞ୍ଜି ସହ ବେଗୁନିଆ, ନିମ୍ବ, କରଞ୍ଜ, କୋଚିଲା, ହଳଦୀ, ଅମରୀ ପତ୍ରକୁ ଶୁଖାଇ ତହିଁରେ ଏକ ଭାଗ ମିଶାଇ ରଖିଲେ ମଞ୍ଜିରେ ପୋକ ଲାଗନ୍ତି ନାହିଁ।
- କାଜୁ ଫଳର ଚୋପାକୁ ଡାଲି ଶସ୍ୟରେ ମିଶାଇ ରଖାଯାଏ।
- ଡାଲି ମଞ୍ଜି ସହ ରଙ୍ଗମାଟି ବା ଲଙ୍କାଗୁଣ୍ଡ ଗୋଳାଇ ରଖିଲେ ପୋକ ଲାଗି ନ ଥା'ନ୍ତି।

**ହରଡ଼ -**

ହରଡ଼ ଫସଲ କରିଥିଲେ ଏହାର ଛୁଇଁ ତିନି ଚତୁର୍ଥାଂଶ ଶୁଖି ଆସିଲେ ଅମଳ କରନ୍ତୁ। ଏହି ଫସଲରେ ଏକ ସମୟରେ କଢ଼ ଓ ଫୁଲ, କଞ୍ଚା ପାକଳ ଛୁଇଁ ଦେଖିବାକୁ ମିଳିଥାଏ। ଅଧିକ ଖରାରେ ଛୁଇଁ ପାଚି ରହିଲେ ଛୁଇଁରୁ ମଞ୍ଜି ଫାଟି ଗଳି ପଡ଼ିଥାଏ। ତେଣୁ ଏକ ଥାଳ ଛୁଇଁ ପାଚିଗଲା ପରେ ଡାଳ କାଟି ଅମଳ କରାଯାଏ। ତାହାର ଦେଢ଼ ମାସ ପରେ ଦ୍ୱିତୀୟ ଦଫା ଓ ଶେଷରେ ଅର୍ଥାତ ଦ୍ୱିତୀୟ ଦଫାର ୪୦-୪୫ ଦିନ ବେଳକୁ ଡାଳ କାଟି ଅମଳ କରାଗଲେ ୫୦ ପ୍ରତିଶତରୁ ଅଧିକ ଅମଳ ମିଳିଥାଏ। ଏକର ପ୍ରତି ଫସଲରୁ ୬-୧୦ କୁଇଣ୍ଟାଲ ମଞ୍ଜି ଅମଳ ହୋଇଥାଏ।

**ମୁଗ ଓ ବିରି -**

ମୁଗ ଓ ବିରି ଫସଲରୁ ଛୁଇଁ ତୋଳାଗଲେ ଓ ମଝିରେ ମଝିରେ ବର୍ଷା ବା ହାଲୁକା ଜଳ ସିଞ୍ଚନ କଲେ ଜଳୀୟାଂଶ ୯ ପ୍ରତିଶତ ରହି ସାଇତା ଉପଯୋଗୀ ହୋଇପାରିବ। ଏହି ଫସଲରୁ ଏକର ପ୍ରତି ୪-୮ କୁଇଣ୍ଟାଲ ଅମଳ ମିଳିଥାଏ।

**ବୁଟ -**

ବୁଟ ଫସଲର ପତ୍ର ଝଡ଼ି ଆସିଲେ ଓ ଗଛର କାଣ୍ଡ ତଥା ବାଦାମୀ ରଙ୍ଗର ଦେଖାଯାଇ ଛୁଇଁ ପାକଳ ହୋଇ ଆସିଲେ ଗଛକୁ କାଟି ଆଣି ଖରାରେ ଶୁଖାଇ ଦିଆଯାଏ। ଭଲ ରୂପେ ଉଡ଼ାଉଡ଼ି କରି ଆର୍ଦ୍ରତା ୮% ମଧ୍ୟରେ ଆସିଗଲେ, ତାହାକୁ ସାଇତି ରଖାଯାଏ। ୧ ଏକର ବୁଟ ଫସଲରୁ ୬-୮ କୁଇଣ୍ଟାଲ ବୁଟ ମଞ୍ଜି ମିଳିଥାଏ। କିନ୍ତୁ କାବୁଲି ବୁଟର ଅମଳ କ୍ଷମତା ଅଧିକ।

**ମଟର -**

ମଟର ଛୁଇଁ ପାକଳ ହୋଇଗଲେ କଞ୍ଚା ଛୁଇଁ ଅମଳ କରି ପରିବା ଭାବରେ ବଜାରରେ ବିକ୍ରି କରାଯାଏ। ଶୁଖିଲା ମଟର ଛୁଇଁ ଶୁଖିଗଲେ ଅମଳ କରିବା ଆବଶ୍ୟକ। ୧ ଏକର ଜମିରୁ ହାରାହାରି ୩୦ କୁଇଣ୍ଟାଲ କଞ୍ଚା ଛୁଇଁ କିମ୍ବା ୮-୧୦ କୁଇଣ୍ଟାଲ ମଟର ମଞ୍ଜି ଅମଳ ମିଳିଥାଏ।

**ଝୁଡ଼ଙ୍ଗ (ବରଗୁଡ଼ି) -**

ଝୁଡ଼ଙ୍ଗ ମଞ୍ଜି ବୁଣିବାର ୪୦-୫୦ଦିନ ବେଳକୁ ଛୁଇଁତୋଳା ଆରମ୍ଭ ହୋଇଥାଏ। ବର୍ଷାଦିନିଆ ଫସଲରୁ ଦିନେ ଦୁଇଦିନ ଅନ୍ତରରେ ତୋଳାଯାଏ। ନରମ ଛୁଇଁର ବଜାର ଚାହିଦା ଅଧିକ। ଏକର ପ୍ରତି ୨୦-୨୫ କୁଇଣ୍ଟାଲ କିମ୍ବା ୬-୮ କୁଇଣ୍ଟାଲ ଶୁଖିଲା ମଞ୍ଜି ଅମଳ ହୋଇଥାଏ।

**ମସୁର -**

ମସୁର ଛୁଇଁଗୁଡ଼ିକ ପାକଳ ହୋଇ ପତ୍ର ଝଡ଼ିଆସିଲେ ମସୁର ଅମଳ କରାଯାଏ। ସକାଳବେଳା ଫସଲକୁ କାଟି ସଫା କରାଯାଏ। ଏକର ପ୍ରତି ୬-୮ କୁଇଣ୍ଟାଲ ମସୁର ଦାନା ଅମଳ ହୋଇଥାଏ।

**କୋଳଥ -**

କୋଳଥ ଛୁଇଁ ପାକଳ ହୋଇ ଆସିଲେ କୋଳଥ ଅମଳ କରାଯାଏ। ଉପୁଡ଼ା ଗଛକୁ ଗୋଖାଦ୍ୟ ରୂପେ ବ୍ୟବହାର କରାଯାଏ। ଏକର ପ୍ରତି ୫-୬ କୁଇଣ୍ଟାଲ ମଞ୍ଜି ଅମଳ ମିଳିଥାଏ।

**ରାଜ୍‌ମା -**

ରାଜ୍‌ମା ଫସଲରୁ ସପ୍ତାହେ ଅନ୍ତରରେ ଦୁଇ ଥରରେ ପାକଳ ଛୁଇଁ ଅମଳ କରାଯାଏ। ଛୁଇଁକୁ ଖରାରେ ଭଲ ଭାବରେ ଶୁଖାଇ ବାହିରେ ପିଟି ଅମଳ କରାଯାଏ। ଏକର ପ୍ରତି ୮-୧୦ କୁଇଣ୍ଟାଲ ଅମଳ ମିଳିଥାଏ।

- ବ୍ଲକ୍ କୃଷି ଅଧିକାରୀ, ଯାଜପୁର
ମୋ : ୭୨୦୫୦୯୬୦୮୦

# ଅଧିକ ଉତ୍ପାଦନକ୍ଷମ ପ୍ରାଣୀପାଳନ



କୃଷି ସହିତ ପ୍ରାଣୀପାଳନ ଅଙ୍ଗାଙ୍ଗୀଭାବେ ଜଡ଼ିତ । ତେଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ସେହି ସୀମିତ ଜମି ମଧ୍ୟରେ ଉନ୍ନତ ଧରଣର ଅଧିକ ଉତ୍ପାଦନଭିତ୍ତିକ ଚାଷ ସହିତ ଅଧିକ ଉତ୍ପାଦନକ୍ଷମ ପ୍ରାଣୀପାଳନ ଆବଶ୍ୟକତା ରହିଛି । ବର୍ତ୍ତମାନ ଉତ୍ତାପ ଦିନକୁ ଦିନ ବଢ଼ି ଚାଲିଛି। ଏହାର ପ୍ରଭାବ ପ୍ରାଣୀଙ୍କର ପ୍ରଜନନ ଶକ୍ତି ଉପରେ ପଡ଼ିଥାଏ। ତେଣୁ ଏହି ସମୟରେ କେତେକ ଦିଗ ପ୍ରତି ଦୃଷ୍ଟି ଦେବା ଜରୁରୀ।

- ଉତ୍ତାପ ଥାଇରଏଡ୍ ହରମୋନ୍ ଉପରେ ସିଧା ପ୍ରଭାବ ପକାଇଥାଏ । ଫଳରେ ଥାଇରଏଡ୍ ନିର୍ଗତ ହରମୋନ୍ ମସ୍ତିଷ୍କରେ ଥିବା ଆଣ୍ଟେରିଅର ପିଟ୍ୟୁଟାରୀ ଉପରେ ପ୍ରଭାବ ପଡ଼େ ଏବଂ ଏହା ଲିଙ୍ଗର କାର୍ଯ୍ୟଦକ୍ଷତା ନିୟନ୍ତ୍ରଣ କରିଥାଏ ।
- ଗ୍ରୀଷ୍ମଋତୁରେ ଏଫ୍.ଏସ୍.ଏଚ୍. ଓ ଏଲ୍.ଏଚ୍. ହରମୋନର ଅଭାବ ଦେଖାଦେଇଥାଏ। ଏଥିପାଇଁ ଡିମ୍ବାଣୁ ଡିମ୍ବକୋଷରୁ ଖସେ ନାହିଁ।
- ଗରମଦିନରେ ରକ୍ତରେ ପ୍ରୋଲାକ୍ଟିନ୍ ହରମୋନ୍ ଅଧିକ ଥାଏ, ଯାହାକି ହାଇପୋଥାଲାମସରୁ ବାହାରୁଥିବା ଗୋନାଡୋଟ୍ରଫିନ୍ ହରମୋନ୍ ଝରଣରେ ବାଧା ସୃଷ୍ଟି କରେ । ଫଳରେ ଗାଈ ପ୍ରଜନନ ଶକ୍ତି ଅସ୍ଥାୟୀ ଭାବେ ହରାଇ ବସନ୍ତି ।



**ରୌଦ୍ରତାପରୁ ପ୍ରାଣୀଙ୍କୁ ସୁରକ୍ଷା ଦେବା ପାଇଁ ନିମ୍ନଲିଖିତ ବିଷୟ ପ୍ରତି ଧ୍ୟାନ ଦିଅନ୍ତୁ।**

- ଖରାଦିନେ ପ୍ରଚଣ୍ଡ ଖରା ବା ଗରମରୁ ରକ୍ଷାପାଇବା ପାଇଁ ଗୋରୁଙ୍କ ଗୁହାଳ ବା ଫାର୍ମ ନିକଟରେ ବିଭିନ୍ନ କିସମର ଗଛ ଯଥା- ସୁବାବୁଲ୍, ନିମ୍ବ, କୃଷ୍ଣଚୂଡ଼ା, ଅଗସ୍ତି ପ୍ରଭୃତି ଗଛ ଲଗାଇ ଛାଇ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେବା ଉଚିତ ।

***ଉପଯୁକ୍ତ ବାସସ୍ଥାନ ଏବଂ ରଖିବା ପ୍ରଣାଳୀ:*** ଗୁହାଳେ ମୁକ୍ତବାୟୁ ଚଳାଚଳ ପାଇଁ ପ୍ରଶସ୍ତ ଝରକା ବିପରୀତମୁଖୀ ଦିଗରେ ହେବା ଆବାୟକ । ଗୁହାଳେ ଉତ୍ତାପ ଓ ଆର୍ଦ୍ରତା କମାଇବା ପାଇଁ ପଦକ୍ଷେପ ନେବା ଉଚିତ । ଖରାଦିନେ ଦେଶୀ ଗୋରୁଙ୍କୁ ନ ବାନ୍ଧି ଖୋଲା ହିସାବରେ ଗୁହାଳେ ଛାଡ଼ି ଦିଆଯାଇଥାଏ ।

- ଶଙ୍କରଜାତୀୟ ଗୋରୁ ଜଳବାୟୁର ଉତ୍ତାପ ବୃଦ୍ଧି ଯୋଗୁ ଧଇଁସଇଁ ହୋଇଥାନ୍ତି। ଦେହରୁ ଜଳୀୟଅଂଶ କମିଯାଏ । ଗାଈଙ୍କ କ୍ଷୀର ଉତ୍ପାଦନରେ ବାଧା ସୃଷ୍ଟି ହୁଏ । ତେଣୁ ଦୈନିକ ଗାଧୋଇ ଦେବା ପ୍ରୟୋଜନ। ଆବଶ୍ୟକସ୍ଥଳେ ଦିନକୁ ଦୁଇଥର ମଧ୍ୟ ଗାଧୋଇ ଦିଆଯାଏ ।
- ପରିଷ୍କାର ଥଣ୍ଡା ପିଇବା ପାଣି ଯଥେଷ୍ଟ ପରିମାଣରେ ବ୍ୟବସ୍ଥା କରିବା ଦରକାର । ଗୋଟିଏ ଗୋରୁ ପାଇଁ ଦିନକୁ ୩୫ ଲିଟର ପାଣି ଭରଣପୋଷଣ ଏବଂ ୨ ଲିଟର ପାଣି ପ୍ରତି ୧ ଲିଟର କ୍ଷୀର ଉତ୍ପାଦନ ହିସାବରେ ଆବଶ୍ୟକ କରିଥା'ନ୍ତି। ମୋଟ ଉପରେ ଦିନକୁ ୧୦୦ ଲିଟର ପାଣି ଗୋଟିଏ ଗୋରୁ ପିଛା ପିଇବା ଏବଂ ଅନ୍ୟାନ୍ୟ ବାବଦରେ ଖର୍ଚ୍ଚ ହୋଇଥାଏ। ବାହାରେ ମଇଳା, ନାଳ, ନର୍ଦ୍ଦମା ପାଣି ପିଇଲେ ନାଳରକ୍ତ ଝାଡ଼ା ସମ୍ଭାବନା ଥାଏ ।

**ଗୁହାଳକୁ ଥଣ୍ଡା ବା ଉତ୍ତାପ ହ୍ରାସ କରିବାର ଅନ୍ୟାନ୍ୟ କୌଶଳ:** ବେଣାମୁଠା ଚେରର ପରଦା, ଛଣର ପରଦା, ବାଉଁଶ ପାଦ ପରଦା କିମ୍ବା ଅଖା ଓଦାକରି ସମସ୍ତ ଝରକା ବା ଦ୍ୱାରମାନଙ୍କରେ ଟାଙ୍ଗିବା ଆବଶ୍ୟକ । ଆଜିକାଲିଏୟାରକୁଲର, ପଙ୍ଖାର ବ୍ୟବହାର ବି ହେଲାଣି। ଗୁହାଳର ଛପର ଉପରେ ଛଣ, ଜାମୁଡାଳ ଇତ୍ୟାଦି ପକାଇବାର ବ୍ୟବସ୍ଥା କଲେ ସୁଫଳ ମିଳେ।



- ପଶୁପକ୍ଷୀ ରହୁଥିବା ଘରର ଛାତ ଉପରେ ସ୍ପ୍ରିଙ୍କଲର ବ୍ୟବହାର କରିବା ସହିତ ଘର ଭିତରେ ଫଗର ମେଶିନ ଦ୍ୱାରା ଘର ଭିତରକୁ ଥଣ୍ଡା ରଖିବା ପାଇଁ ପରିବେଶ ସୃଷ୍ଟି କରନ୍ତୁ ।
- ଖରାଦିନେ ପ୍ରାଣୀଙ୍କୁ ସୁରକ୍ଷା ଦେବା ନିମନ୍ତେ ଶୀତତାପ ନିୟନ୍ତ୍ରିତ ବା କୁକୁଡ଼ା ଘର ଗୁହାଳର ଥଣ୍ଡା ପରିବେଶ ନିୟନ୍ତ୍ରଣ ବ୍ୟବସ୍ଥା (ପରିବେଶ ନିୟନ୍ତ୍ରଣ) ନିମନ୍ତେ ପଦକ୍ଷେପ ଗ୍ରହଣ କରନ୍ତୁ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୮ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ବୁଧବାର, ୧୬ ମାର୍ଚ୍ଚ, ୨୦୨୨ Sambalpur, Wednesday, March 16/2022

# ହିଜାବ କଟକଣା ପରମ୍ପରା ବିରୋଧୀ



ଇସ୍‌ଲାମରେ ହିଜାବ ପିନ୍ଧିବା ଅନିବାର୍ଯ୍ୟ ନୁହେଁ। ସ୍କୁଲ, କଲେଜ ପାଇଁ ନିର୍ଦ୍ଧାରିତ ୟୁନିଫର୍ମ ହେଉଛି ସାମ୍ବିଧାନିକ ରୂପେ ଅନୁମତିଯୋଗ୍ୟ ଏକ ଯଥାର୍ଥ କଟକଣା, ଯାହାକୁ ପିନ୍ଧିବା ଉପରେ ଛାତ୍ରୀମାନେ ଆପତ୍ତି ଉଠାଇପାରିବେ ନାହିଁ ବୋଲି ମଙ୍ଗଳବାର କର୍ନାଟକ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିସହ ଫେବୃୟାରୀ ୫ରେ ରାଜ୍ୟ ସରକାର ଶିକ୍ଷାନୁଷ୍ଠାନଗୁଡ଼ିକ ପାଇଁ ଜାରି କରିଥିବା ହିଜାବ କଟକଣାକୁ ହାଇକୋର୍ଟ ବଳବତ୍ତର ରଖିଛନ୍ତି। ହିଜାବ ପିନ୍ଧି ଶ୍ରେଣୀଗୃହରେ ପାଠ ପଢ଼ିବା ପାଇଁ ଅନୁମତି ଲୋଡ଼ି ସରକାରୀ ଉପୁଡ଼ି ପ୍ରି-ୟୁନିଭର୍ସିଟି ଛାତ୍ରୀମାନେ ହାଇକୋର୍ଟରେ ପିଟିଶନ ଦାଏର କରିଥିଲେ। କର୍ନାଟକ ହାଇକୋର୍ଟ ସେମାନଙ୍କ ଆବେଦନଗୁଡ଼ିକୁ ଖାରଜ କରିଦେଇଛନ୍ତି। ଅନ୍ୟପକ୍ଷେ ହାଇକୋର୍ଟଙ୍କ ଏହି ରାୟ ସେମାନଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ କରିଥିବା ଦର୍ଶାଇ ଏହାକୁ ଆବେଦନକାରୀ ଛାତ୍ରୀମାନେ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ଏଥିସହ ହିଜାବ ପରିଧାନ ପାଇଁ ଅନୁମତି ନ ମିଳିବା ଯାଏ କଲେଜ ଯିବେ ନାହିଁ ବୋଲି କହିଛନ୍ତି। କର୍ନାଟକ ହାଇକୋର୍ଟଙ୍କ ଏଭଳି ରାୟକୁ ସହଜରେ ଗ୍ରହଣ କରିପାରି ନାହାନ୍ତି ଅନେକେ। ଏହି କଟକଣା ମୁସ୍‌ଲିମ୍ ପରମ୍ପରା ବିରୋଧୀ ବୋଲି ମତ ପ୍ରକାଶ କରିଛନ୍ତି।

## ହିଜାବ ପିନ୍ଧିବା ଏକ ପରମ୍ପରା



" ଭାରତ ହେଉଛି ଧର୍ମନିରପେକ୍ଷ ରାଷ୍ଟ୍ର। କାଲି ଯଦି କିଏ କହିବେ ସର୍ଦ୍ଦାରମାନେ ପଗଡ଼ି ବାନ୍ଧିବେନି, ତାହା ଗ୍ରହଣୀୟ ହେବନାହିଁ। ହିଜାବରେ ଯେମିତି ମୁହଁରେ କପଡ଼ା ବନ୍ଧା ହେଉଛି ଆମ ଓଡ଼ିଆ ଝିଅମାନେ ମଧ ପୂରା ମୁଣ୍ଡରେ କପଡ଼ା ବାନ୍ଧି ମୁହଁ ଘୋଡ଼ାଇ ବାହାରୁଛନ୍ତି। ରାଜସ୍ଥାନରେ ମହିଳାମାନେ ମୁହଁରେ ପୂରା ଓଢ଼ଣି ପକାଉଛନ୍ତି। ଏହା କୌଣସି ଅପରାଧ ନୁହେଁ। ଆମେ ସମସ୍ତେ ଭାରତୀୟ, ମାତ୍ର ଏହା ହେଉଛି ଆମର ପରମ୍ପରା। ଯେତେ ପାଶ୍ଚାତ୍ୟ ସଂସ୍କୃତିକୁ ଅନୁକରଣ କଲେ ବି ଭାରତୀୟ ସଂସ୍କୃତି ମହାନ୍ ଭାବେ ରହିଛି। ଏବେ ଏହାକୁ ବିଭିନ୍ନ ଧର୍ମର ରଙ୍ଗ ଦିଆଯାଉଛି। ମୁସ୍‌ଲିମ୍ ସମ୍ପ୍ରଦାୟରେ କିଛି ଲୋକ ହିଜାବ ପିନ୍ଧୁଛନ୍ତି, କିଛି ପିନ୍ଧୁନାହାନ୍ତି। ହିଜାବ ପିନ୍ଧିବା ଏକ ସଂସ୍କୃତି। ତେଣୁ କର୍ନାଟକ ହାଇକୋର୍ଟଙ୍କ ଏହି ରାୟ ଯୁକ୍ତିଯୁକ୍ତ ନୁହେଁ।

**-ହାଜି ମହମ୍ମଦ ଶାହ ନୱାଜ୍, ସଭାପତି, ଜାମା ମସ୍‌ଜିଦ**

## ବିଶୃଙ୍ଖଳା ହେଲେ ଆମକୁ ପରିବର୍ତ୍ତନ ଆବଶ୍ୟକ



" ସମସ୍ତ ଧର୍ମରେ ସ୍ୱତନ୍ତ୍ର ଡ୍ରେସ୍‌କୋଡ ରହିଛି। ହିଜାବ୍ ମଧ ସେପରି ମୁସ୍‌ଲିମ୍ ସମ୍ପ୍ରଦାୟର ଏକ ପୋଷାକ। ଯଦି ଆମେ ଏକ ଧର୍ମକୁ ସମ୍ମାନ ଦେଉଛୁ, ତେବେ ତାହାର ଡ୍ରେସକୋଡ୍‌କୁ ମଧ ସମ୍ମାନ ଦେବା ଆବଶ୍ୟକ। ହିନ୍ଦୁ ଧର୍ମରେ କେହି କେହି ପଗଡ଼ି ପିନ୍ଧୁଛନ୍ତି। ତାକୁ ଯଦି କିଏ ବାରଣ କରେ ତାହା ଗ୍ରହଣୀୟ ନୁହେଁ। ସେହିପରି ହିଜାବ୍‌କୁ ବାରଣ କରିବା ଉଚିତ୍ ନୁହେଁ। ମାତ୍ର ଯଦି କିଛି ପୋଷାକ ବା ଜିନିଷକୁ ନେଇ ଆଇନ୍‌ରେ ବାରଣ କରାଯାଇଛି ବା ଏହାଦ୍ୱାରା ସମାଜରେ ବିଶୃଙ୍ଖଳା ସୃଷ୍ଟି ହେଉଛି ତେବେ ଆମକୁ ପରିବର୍ତ୍ତନ ହେବା ଆବଶ୍ୟକ। ଆମେ ମାନବିକତାକୁ ସମ୍ମାନ ଦେବା ଦରକାର। ନିଜ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଅନ୍ୟ କାହାର ଅଧିକାରକୁ କ୍ଷୁଣ୍ଣ କରିବା ଉଚିତ୍ ନୁହେଁ।

**– ଫରାତ୍ ଅମିନ୍, ସାମାଜିକ କର୍ମୀ**

## ଶିକ୍ଷାନୁଷ୍ଠାନର ଗାଇଡ୍‌ଲାଇନ୍‌କୁ ମାନିବା ଉଚିତ୍



" ବର୍ତ୍ତମାନ ଦେଶର ପରିସ୍ଥିତିକୁ ଦେଖିଲେ ସମସ୍ତ ଝିଅ ପରଦାରେ ରହିବା ଉଚିତ୍। ତେବେ ଶିକ୍ଷାନୁଷ୍ଠାନଗୁଡ଼ିକର ନିଜସ୍ୱ ଗାଇଡ୍‌ଲାଇନ୍ ରହିଛି, ଯାହାକୁ ସମସ୍ତେ ମାନିବା ଉଚିତ୍। ତେଣୁ ଏହାକୁ ସମ୍ମାନ ଜଣାଇ ସ୍କୁଲ ଓ କଲେଜକୁ ବିଦ୍ୟାର୍ଥୀମାନେ ୟୁନିଫର୍ମ ପିନ୍ଧିକି ଯିବା ଉଚିତ୍। କର୍ନାଟକ ହାଇକୋର୍ଟ ଯେଉଁ ରାୟ ଦେଇଛନ୍ତି ତାହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ଶିକ୍ଷାନୁଷ୍ଠାନରେ ଶାନ୍ତିଶୃଙ୍ଖଳା ବଜାୟ ରହିବ। ଛାତ୍ରୀମାନେ ଚାହିଁଲେ ଶିକ୍ଷାନୁଷ୍ଠାନର ଗେଟ୍ ପର୍ଯ୍ୟନ୍ତ ହିଜାବ ପିନ୍ଧିକି ଯାଇପାରିବେ।

**– ଜଲିଲ୍ ଖାଁ, ଶିକ୍ଷାବିତ୍**

## ଆଇନର ମର୍ଯ୍ୟାଦା ରଖିବା ସମସ୍ତଙ୍କ କର୍ତ୍ତବ୍ୟ



" ଭାରତ ଏକ ସାର୍ବଭୌମ ଦେଶ। ଏଠାରେ ସବୁ ଧର୍ମକୁ ସମାନ ସମ୍ମାନ ମିଳେ। ତେଣୁ ଆଇନର ମର୍ଯ୍ୟାଦା ରଖିବା ସମସ୍ତଙ୍କର ଦାୟିତ୍ୱ। ଶିକ୍ଷାନୁଷ୍ଠାନରେ ପ୍ରତ୍ୟେକ ଛାତ୍ରୀଛାତ୍ର ସମାନ। ସେଥିପାଇଁ ସେଠାରେ ଗୋଟିଏ ପ୍ରକାର ଡ୍ରେସ୍‌କୋଡ ବା ୟୁନିଫର୍ମ ଲାଗୁ ହୋଇଥାଏ। ଯାହାଦ୍ୱାରା କାହା ମନରେ ବି ଧନୀ, ଗରିବ, ହିନ୍ଦୁ ମୁସ୍‌ଲିମ କିମ୍ବା ଅନ୍ୟ କୌଣସି ଧର୍ମକୁ ନେଇ କୌଣସି ଭାବନା ସୃଷ୍ଟି ହେବନାହିଁ। ତେଣୁ ହିଜାବ୍‌କୁ ନେଇ ଅଯଥାରେ ଦେଶର ଶାନ୍ତିଶୃଙ୍ଖଳା ବିଗାଡ଼ିବା ଉଚିତ୍ ନୁହେଁ।

**– ରଶ୍ମିତା ନାୟକ, ଛାତ୍ରୀ**

## ହିଜାବ୍ ନିଷିଦ୍ଧ ଉଚିତ ନୁହେଁ



" ଇସ୍‌ଲାମ ଧର୍ମରେ ହିଜାବ ପିନ୍ଧିବା ବାଧ୍ୟତାମୂଳକ ରହିଛି। ଅନେକେ ଏହାକୁ ପାଳନ କରନ୍ତି। ତେଣୁ ମୋ ମତରେ ଏହାକୁ ନିଷିଦ୍ଧ କରିବା ଉଚିତ ନୁହେଁ। ଯେଉଁମାନେ ପିନ୍ଧୁଛନ୍ତି ସେମାନଙ୍କୁ ସମ୍ମାନ ଦେବା ଉଚିତ। ତେବେ ଶିକ୍ଷାନୁଷ୍ଠାନ କଥା ଯଦି କହିବା, ମୁଁ ମୁସଲମାନ ହୋଇ ମଧ ଖ୍ରୀଷ୍ଟିଆନ ସ୍କୁଲରେ ପାଠ ପଢ଼ିଥିଲି। ସେଠାରେ ତାଙ୍କର ପ୍ରାର୍ଥନା କରୁଥିଲି। ହିନ୍ଦୁ ଧର୍ମରେ ସବୁ ଉତ୍ସବକୁ ମଧ ପାଳନ କରେ। ମୋତେ କେବେ ଭେଦଭାବ ଦେଖାଯାଇନି। କାରଣ ଆମକୁ ଏକତାର କଥା ଶିଖାଯାଇଛି। ତେଣୁ ଭାରତରେ ଆମେ ଏକତାର କଥା ଯେତେବେଳେ କହୁଛେ ସେତେବେଳେ କର୍ନାଟକ ହାଇକୋର୍ଟଙ୍କ ରାୟ ଗ୍ରହଣୀୟ ନୁହେଁ ବୋଲି ମୁଁ ଭାବୁଛି।

**– ସାହିନ ଆଫ୍ରୋଜ**

## ଧାର୍ମିକ ନିୟମକୁ ପରିବର୍ତ୍ତନ କରିବା ଠିକ୍ ନୁହେଁ



" ଆମ ଘରେ କେହି ହିଜାବ ପିନ୍ଧନ୍ତି ନାହିଁ। କିନ୍ତୁ ଏବେ ବି ବହୁତ ପରିବାର ଅଛନ୍ତି, ଯେଉଁମାନେ ହିଜାବ ପିନ୍ଧୁଛନ୍ତି। ଆମେ କାହା ଧର୍ମର ନିୟମକୁ ପରିବର୍ତ୍ତନ କରିବା ଉଚିତ୍ ନୁହେଁ। ଯଦି ପଞ୍ଜାବୀଙ୍କ ପଗଡ଼ି ପିନ୍ଧାକୁ ଆମେ ବନ୍ଦ କରିପାରୁନେ, ତା'ହେଲେ ହିଜାବ କାହିଁକି ବ୍ୟାନ୍ କରାଯିବ। ହିଜାବ ପିନ୍ଧିଲେ ବି ଜଣେ ପିଲା ପାଠ ପଢ଼ିପାରିବ। ତେଣୁ ଆମେ ଯେତେବେଳେ ଏକତାର କଥା କହୁଛେ, ସେଠି ହାଇକୋର୍ଟଙ୍କ ଏଭଳି ରାୟ ଯୁକ୍ତିଯୁକ୍ତ ନୁହଁ। ବଡ଼ ହିଜାବ ନ ପିନ୍ଧି ଛୋଟ ପିନ୍ଧିବାକୁ ଅଦାଲତ ଅନୁମତି ଦେଇପାରିଥାନ୍ତେ। କିନ୍ତୁ ଏପରି ସମ୍ପୂର୍ଣ୍ଣ ନିଷିଦ୍ଧ କରିଦେବା ଗୋଟେ ଧର୍ମ ପ୍ରତି ଅବିଚାର।

**– ଗୁଲନାର ପରୱିନ**

## ହାଇକୋର୍ଟଙ୍କ ରାୟ ଅଗ୍ରହଣୀୟ



" କେବଳ ଇସ୍‌ଲାମ ଧର୍ମ କଥା ନୁହେଁ, ଏକ ନିର୍ଦ୍ଦିଷ୍ଟ ପ୍ରକାର ପୋଷାକ ପରିଧାନ କରି ବାହାରକୁ ବାହାରିବା ପାଇଁ ପ୍ରାୟତଃ ପରିବାରରେ ପ୍ରଥା ରହିଛି। ଅନେକ ସମୟରେ ପରିବାରର ଚାପ ଓ ସାମାଜିକ ଚାପରେ ନିର୍ଦ୍ଦିଷ୍ଟ ପ୍ରକାର ପୋଷାକ ପିନ୍ଧିବାକୁ ପଡ଼ିଥାଏ। ଆମେ ପୋଷାକ ପରିଧାନକୁ ଗୁରୁତ୍ୱ ଦେବା ଉଚିତ ନୁହେଁ। ଶିକ୍ଷା ହେଉଛି ଆମର ଲକ୍ଷ୍ୟ। ଆର୍‌ଟିଇ ନିୟମାନୁସାରେ, ସମସ୍ତେ ପାଠ ପଢ଼ିବା ଉଚିତ। ତେଣୁ ହିଜାବ ପିନ୍ଧି ପାଠ ପଢ଼ିବାକୁ ଆସିବା ପାଇଁ ବ୍ୟାନ୍ କରିବା ଉଚିତ ନୁହେଁ। ଏହାର ଅର୍ଥ ସେମାନଙ୍କ ପାଠପଢ଼ାରେ ଆମେ ଲଗାମ ଲଗାଇଲେ। ମୋ ମତରେ ହାଇକୋର୍ଟଙ୍କ ରାୟ ଗ୍ରହଣୀୟ ନୁହେଁ। ଏହାଦ୍ୱାରା ବହୁ ପିଲା ଏବେ ପାଠପଢ଼ାରୁ ବଞ୍ଚିତ ହୋଇଯିବେ।

**– ଡ. ପ୍ରୀତିଶ ଆଚାର୍ଯ୍ୟ, ଶିକ୍ଷାବିତ୍**

## ଲଣ୍ଠନ ଫାଟି ୩ ଗୁରୁତର

**କେନ୍ଦୁଝର, ୧୫।୩(ସ୍ୱ.ପ୍ର.):** କେନ୍ଦୁଝର ଜିଲା ତେଲକୋଇ ଥାନା ଅଧୀନ ଝାର୍ଁକିପଶି ଗାଁରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଲଣ୍ଠନ ଫାଟି ଗୋଟିଏ ପରିବାରର ୩ଜଣ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ପ୍ରଥମେ ଢେଙ୍କାନାଳ ଜିଲା କାମାକ୍ଷାନଗର ଡାକ୍ତରଖାନା ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଆହତମାନେ ହେଲେ ସୁରେନ୍ଦ୍ର ମହାନ୍ତଙ୍କ ସ୍ତ୍ରୀ ନିରୂପମା, ୧୧ବର୍ଷର ପୁଅ ଶଶିଭୂଷଣ ଓ ୨ବର୍ଷର ଝିଅ ପରୀ।

## ଯାଜପୁର ରୋଡ୍‌କୁ ରେଳ ଡିଭିଜନ କରାଯାଉ: ବିଜେଡି

**ନୂଆଦିଲ୍ଲୀ, ୧୫।୩:** ଯାଜପୁର ରୋଡ୍‌ରେ ନୂଆ ରେଳ ଡିଭିଜନ ପ୍ରତିଷ୍ଠା ପାଇଁ ବିଜେଡି ଲୋକ ସଭାରେ ମଙ୍ଗଳବାର ଦାବି କରିଛି। ଓଡ଼ିଶାରେ ରେଳ ଯୋଗାଯୋଗ କ୍ଷେତ୍ରରେ କେତେକ ପଦକ୍ଷେପ ନେଇଥିବାରୁ ବିଜେଡି ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ପ୍ରଶଂସା କରିଛି। ୨୦୨୨-୨୩ ରେଳ ଅନୁଦାନ ସଂକ୍ରାନ୍ତ ଦାବି ଆଲୋଚନା ବେଳେ ବିଜେଡି ଏମ୍‌ପି ଭର୍ତ୍ତୃହରି ମହତାବ କହିଛନ୍ତି, ତିନୋଟି ଜୋନ୍‌ରେ ଓଡ଼ିଶାର ରେଳପଥ ରହିଛି। ଝାରସୁଗୁଡ଼ା, ରାୟଗଡ଼ାକୁ ରେଳ ଡିଜିଜନ ଘୋଷଣା କରାଯାଉ ବୋଲି ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଚିଠି ଲେଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜଣାଇଛନ୍ତି। ଆମେ ଆଉ ଏକ ଡିଭିଜନ ଯାଜପୁର ରୋଡ୍‌ରେ ଚାହୁଁଛୁ, କାରଣ ବର୍ତ୍ତମାନ ସେହି ଅଞ୍ଚଳର ସାମାଜିକ ଓ ଅର୍ଥନୈତିକ କାର୍ଯ୍ୟକଳାପ ଦ୍ରୁତଗତିରେ ବୃଦ୍ଧି ପାଇଛି। ଓଡ଼ିଶାର ଦାବିକୁ ପ୍ରତ୍ୟାଖ୍ୟାନ କରିବାର ଯେଉଁ ଇତିହାସ ରହିଛି ସେଥିରେ ସୁଧାର ଅଣାଯିବା ଆବଶ୍ୟକ ରହିଛି ବୋଲି ମହତାବ କହିଛନ୍ତି। ସେହିପରି କଟକ-ନୂଆଦିଲ୍ଲୀ ଟ୍ରେନଗୁଡ଼ିକୁ ଅମୃତସର ଯାଏ ଚଳାଇବାକୁ ମହତାବ ମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି।

## ନକଲି ଡାକ୍ତରଙ୍କ ପ୍ରଥମ ସ୍ତ୍ରୀଙ୍କୁ ମାରାଥନ୍ ଜେରା

**ଭୁବନେଶ୍ୱର, ୧୫।୩(ବ୍ୟୁରୋ)**

ବିଭିନ୍ନ ରାଜ୍ୟର ୧୭ରୁ ଅଧିକ ମହିଳାଙ୍କୁ ବିବାହ କରି ପ୍ରତାରଣା ପରେ ଲୁଟିବା ସହ ବିଭିନ୍ନ ଠକେଇ ମାମଲାରେ ଗିରଫ ହୋଇ ଜେଲ ଯାଇଥିବା ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କ ପ୍ରଥମ ସ୍ତ୍ରୀ ଶାନ୍ତିଲତା ସ୍ୱାଇଁଙ୍କୁ ମହିଳା ଥାନା ପୋଲିସ ମଙ୍ଗଳବାର ମାରାଥନ୍ ଜେରା କରିଛି। ମାମଲାରେ ଅଧିକ ତଦନ୍ତ ପାଇଁ ଦିଲ୍ଲୀରେ ଥିବା ଶାନ୍ତିଲତାଙ୍କୁ ପୋଲିସ ସମନ ପଠାଇଥିଲା। ସେ ସକାଳେ ମହିଳା ଥାନାରେ ହାଜର ହୋଇଥିଲେ। ପୋଲିସ ତାଙ୍କୁ ଗୁଡ଼ାଇ ତୁଡ଼ାଇ ବିଭିନ୍ନ ଦିଗକୁ ନେଇ ଏକାଧିକ ପ୍ରଶ୍ନ ପଚାରିଥିଲା। ସେ କିଛି ପ୍ରଶ୍ନର ଉତ୍ତର ଦେଇଥିବାବେଳେ ଅନେକ କିଛି ତଥ୍ୟ ଲୁଚାଇଥିଲେ। ସନ୍ଧ୍ୟାରେ ତାଙ୍କୁ ପୋଲିସ ଛାଡ଼ିଥିଲା। ସେ ଦେଇଥିବା ତଥ୍ୟର ଯାଞ୍ଚ କରାଯିବ ବୋଲି ମହିଳା ଥାନା ଅଧିକାରୀ ସନ୍ତୋଷିନୀ ବେହେରା କହିଛନ୍ତି।

**ଆଜି ହେବ ରମେଶଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ**

ଅପରପକ୍ଷରେ ବୁଧବାର ଅଭିଯୁକ୍ତ ରମେଶଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରାଯିବ। ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନ୍‌ସିକ୍ ଲାବୋରେଟୋରିରେ ତାଙ୍କର ଏହି ଟେଷ୍ଟ ହେବ। ତାଙ୍କୁ ସେଠାରେ ପଚରାଉଚରା କରିବାକୁ ପୋଲିସ ବିଭିନ୍ନ ଦିଗକୁ ନେଇ ପ୍ରଶ୍ନାବଳୀ ପ୍ରସ୍ତୁତ କରିଛି। ରମେଶ ପ୍ରକୃତରେ କେତେଜଣଙ୍କୁ ବିବାହ କରିଛନ୍ତି, ପ୍ରଥମ ସ୍ତ୍ରୀ ଶାନ୍ତିଲତାଙ୍କ ଭୂମିକା କ'ଣ, କେତେଜଣଙ୍କୁ ଚାକିରି ଆଳରେ ଠକେଇ କରିଛନ୍ତି, କାହା ନାଁରେ ସମ୍ପତ୍ତି କରିଛନ୍ତି, କେତୋଟି ରାଜ୍ୟକୁ ଠକେଇର ଚେର ଲମ୍ବିଛି, ଠକେଇ ଟଙ୍କା କେଉଁଠି ରଖିଛନ୍ତି, ଏନେଇ ଭାଇ ଓ ଭିଣୋଇଙ୍କ ଭୂମିକା କ'ଣ, ଏଭଳି ବିଭିନ୍ନ ଦିଗକୁ ନେଇ ପୋଲିସ ତାଙ୍କୁ ଲାଏ ଡିଟେକ୍ସନ୍ ଟେଷ୍ଟରେ ୧୦୦ରୁ ଊର୍ଦ୍ଧ୍ୱ ପ୍ରଶ୍ନ ପଚାରିବାକୁ ଯୋଜନା କରିଛି। ତେବେ ରମେଶ ୩ଟି ପର୍ଯ୍ୟାୟରେ ୧୩ଦିନ ପାଇଁ ରିମାଣ୍ଡରେ ଆସିଥିଲେ ମଧ ପୋଲିସ ରମେଶଙ୍କଠାରୁ ଅନେକ ତଥ୍ୟ ହାସଲ କରିପାରି ନ ଥିଲା। ପଚରାଉଚରା ସମୟରେ ରମେଶ ପୋଲିସକୁ ଭ୍ରମାତ୍ମକ କଥା କହି ଅନେକ ଗୋପନ ତଥ୍ୟ ଲୁଚାଇଥିଲେ। ତେଣୁ ପୋଲିସ ରମେଶଙ୍କ ଲାଏ ଡିଟେକ୍ସନ୍ ଟେଷ୍ଟ କରିବାକୁ କୋର୍ଟଙ୍କଠାରୁ ଅନୁମତି ଲୋଡ଼ିଥିଲା।

ସୂଚନାଯୋଗ୍ୟ, ରମେଶ ନିଜକୁ ଡାକ୍ତର କହି ବିଭିନ୍ନ ମାଟ୍ରିମୋନିଆଲ ଓ ସୋସିଆଲ୍ ସାଇଟ୍‌ରୁ ଉଚ୍ଚଶିକ୍ଷିତା ମହିଳାଙ୍କୁ ଫସାଇ ବିବାହ କରି ପ୍ରତାରଣା ଦେବା ପରେ ସମ୍ପତ୍ତି ଲୁଟୁଥିଲେ। ତେବେ ରମେଶଙ୍କ ଦ୍ୱାରା ପ୍ରତାରଣାର ଶିକାର ହୋଇଥିବା ଦିଲ୍ଲୀର ଜଣେ ମହିଳା ଗତବର୍ଷ ଜୁଲାଇରେ ଭୁବନେଶ୍ୱର ମହିଳା ଥାନାରେ ଅଭିଯୋଗ କରିବା ପରେ ରମେଶଙ୍କ କଳାକାରନାମା ପଦାକୁ ଆସିଥିଲା। ଏହାପରେ ଚାକିରି ଓ ଡାକ୍ତରୀ ପାଠରେ ନାମଲେଖା ପାଇଁ ସେ ବହୁ ଲକ୍ଷ ଟଙ୍କା ଠକେଇ କରିଥିବା ମଧ ଅଭିଯୋଗ ହୋଇଥିଲା।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ

ଧରିତ୍ରୀ
DHARITRI
ସମ୍ବଲପୁର, ବୁଧବାର, ୧୬ ମାର୍ଚ୍ଚ, ୨୦୨୨



**କୃଷି କାର୍ଯ୍ୟାଳୟରୁ ଚୋରି**

**ସୋହେଲା,(ଡି.ଏନ.ଏ):** ବରଗଡ଼ ଜିଲା ସୋହେଲା ସହକାରୀ କୃଷି କାର୍ଯ୍ୟାଳୟରେ ସୋମବାର ବିଳମ୍ବିତ ରାତ୍ରିରେ ଚୋରି ହୋଇଛି। ସ୍ଥାନୀୟ ପୁରୁଣା ଚେକ୍‌ଗେଟ୍‌ରେ ଜାତୀୟ ରାଜପଥକୁ ଲାଗି ରହିଥିବା ଏହି କାର୍ଯ୍ୟାଳୟର ଲୁହା ଗ୍ରୀଲ ଭାଙ୍ଗି ଚୋରମାନେ ବିଭିନ୍ନ ମୂଲ୍ୟବାନ ସାମଗ୍ରୀ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ଚୋରି ସାମଗ୍ରୀ ମଧ୍ୟରେ ଇନଭର୍ଟର, ବ୍ୟାଟେରୀ, ଜିପିଏସ କ୍ୟାମେରା, ଡଙ୍ଗଲ ଆଦି ରହିଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୪୭ହଜାର ଟଙ୍କା ହେବ ବୋଲି ଆକଳନ କରାଯାଇଛି। ଏତଲା ପାଇବା ପରେ ସୋହେଲା ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ସଂକ୍ଷେପରେ

### ବିକାଶରେ ବିଶ୍ୱ ଖାଉଟି ଅଧିକାର ଦିବସ

**ବରଗଡ଼ ଅଫିସ୍,୧୫।୩:** ବରଗଡ଼ର ବିକାଶ ଆଇନ କଲେଜରେ ମଙ୍ଗଳବାର ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଛି। ଅଧ୍ୟକ୍ଷ ପ୍ରଫେସର ଡଃ ବିକ୍ରମ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଡ଼ଭୋକେଟ୍ ଦୟାନିଧି ସାହୁ ମୁଖ୍ୟ ଅତିଥି, ଆଡ଼ଭୋକେଟ୍ ଜିଗୀଶା ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ। ଅଧ୍ୟାପିକା ରୋଜି ମେହେର, ଅଧ୍ୟାପକ ଅଭିନନ୍ଦନ ଖୁଣ୍ଟିଆ ପରିଚୟ ପ୍ରଦାନ କରିଥିଲେ। ଆଡ଼ଭୋକେଟ୍ ଡଃ ରମାକାନ୍ତ ଶତପଥି ଖାଉଟି ଅଧିକାର ଉପରେ ମତ ରଖିଥିଲେ। ବିକାଶ ଆଇନ କଲେଜର ସଂଯୋଜକ ଶିବାନନ୍ଦ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ନୀରଜା ଅଗ୍ରୱାଲ, ଅଧ୍ୟାପକ ଜୈମିନୀ କୁମାର ସାହୁ, ନୟନଜ୍ୟୋତି ଦାସ ସହଯୋଗ କରିଥିଲେ। ଏହି ଅବସରରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାରେ ସାହିଲ ଅଗ୍ରୱାଲ ପ୍ରଥମ, ଉପାସନା ମିଶ୍ର ଓ ତାହିର ବାନୁ ଦ୍ୱିତୀୟ, ଦିବ୍ୟପ୍ରକାଶ ପାଣିଗ୍ରାହୀ ଓ କ୍ଷୀତିଜ ପୋଦାର ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ବିକାଶ ଗ୍ରୁପର ଚେୟାରମ୍ୟାନ ଡି. ମୁରଲି କୃଷ୍ଣା, ଡାଇରେକ୍ଟର ଡଃ ସମରେନ୍ଦ୍ର ନାଥ ପଣ୍ଡା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିବାବେଳେ ଅଧ୍ୟାପିକା ସାଗରିକା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ମହିଳା ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ

**ବୌଦ୍ଧ,୧୫।୩ (ସ୍ୱ.ପ୍ର.):** ବୌଦ୍ଧ (କନିଷ୍ଠ) ମହିଳା ମହାବିଦ୍ୟାଳୟଠାରେ ଅଧ୍ୟକ୍ଷ ରବୀନ୍ଦ୍ରନାଥ ଗୁରୁଙ୍କ ଅଧ୍ୟକ୍ଷତାରେ ସଖୀ- ୱାନ୍‌ଷ୍ଟପ ସେଣ୍ଟର ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୱାନ ଷ୍ଟପ ସେଣ୍ଟରର ଆଇନ ପରାମର୍ଶଦାତା ଅମ୍ରିତ କୁମାର ପ୍ରଧାନ ଯୋଗଦେଇ ମହିଳାମାନଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଆଇନ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। କାଉନ୍‌ସେଲର ଅରୁନ୍ଧତୀ ବେହେରା ଓ ଏଏନ୍‌ଏମ୍ ବର୍ଷାରାଣୀ ନାଏକ ଯୋଗଦେଇ ମହିଳା ତଥା ଶିଶୁମାନଙ୍କ କ୍ଷେତ୍ରରେ ହେଉଥିବା ହିଂସାର ସମାଧାନ ପାଇଁ ସହାୟତା କିପରି ବିନା ମୂଲ୍ୟରେ ମିଳିପାରିବ ସୂଚନା ଦେଇଥିଲେ। ସାମାଜ ବିଜ୍ଞାନ ବିଭାଗର ଅଧ୍ୟାପିକା ତନୁଶ୍ରୀ କର୍ଣ୍ଣ ମହିଳାମାନଙ୍କ ଉପରେ ହେଉଥିବା ହିଂସାତ୍ମକ ଦିଗର କାରଣ ଓ ନିରାକରଣ ଉପରେ ବକ୍ତବ୍ୟ ରଖିବା ସହ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ସମସ୍ତ କର୍ମଚାରୀ ଓ ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ।

### କ୍ଷତିପୂରଣ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଲା

**ପାଇକମାଲ,୧୫।୩ (ଡି.ଏନ.ଏ.):** ବରଗଡ଼ ଜିଲା ପାଇକମାଲ ନିକଟସ୍ଥ କୋକନରା ଗ୍ରାମରେ ସୋମବାର ଏକ ପିକ୍‌ଅପ୍ ଭ୍ୟାନ୍ ଧକ୍କାରେ ୩ ବର୍ଷର ଶିଶୁ ଆଜାଦ ଧରୁଆଙ୍କ ମୃତ୍ୟୁ ହେବା ପରେ ପାଇକମାଲରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀ ସନ୍ଧ୍ୟା ୭ଟାରେ ଆଜାଦଙ୍କ ମୃତଦେହ ରଖି ପାଇକମାଲ ଛକରେ ରାସ୍ତାରୋକୋ କରିଥିଲେ। ପାଇକମାଲ ତହସିଲଦାର ମନୋଜ କୁମାର ମେହେର, ପଦ୍ମପୁର ଏସ୍‌ଡିପିଓ ବିଭୂତି ଭୂଷଣ ଭୋଇ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନ କରିଥିଲେ। ପ୍ରାୟ ରାତି ୧୧ଟା ୪୦ରେ ଗାଡି ମାଲିକ ପଦ୍ମପୁର ଗୌଡମାଲ ଗ୍ରାମର ଟିକେଲାଲ ସାହୁ ୫୦ହଜାର ଟଙ୍କା ସହାୟତା ରାଶି ଦେବାକୁ ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ଉଠିଥିଲା। ଏହାସହ ରେଡକ୍ରସ ପାଣ୍ଠିରୁ ୧୦ ହଜାର ଓ ହରିଶ୍ଚନ୍ଦ୍ର ଯୋଜନାରୁ ୨ ହଜାର ଟଙ୍କା ମୃତ ଆଜାଦଙ୍କ ପିତା ସମାରୁ ଧରୁଆଙ୍କୁ ଦିଆଯାଇଥିଲା।

### ବାଲି ଚୋରାଚାଲାଣ ଉପରେ ଚଢ଼ାଉ

**ଦେଓଗାଁ,୧୫।୩(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ତହସିଲ ଅନ୍ତର୍ଗତ ସୋନଗଡ ନଦୀରୁ ବାଲି ଚୋରାଚାଲାଣ ଉପରେ ମଙ୍ଗଳବାର ସ୍ଥାନୀୟ ତହସିଲ ପକ୍ଷରୁ ଚଢାଉ କରାଯାଇ ରାଜସ୍ୱ ଆଦାୟ କରାଯାଇଛି। ଦେଓଗାଁ ସୋନଗଡ ନଦୀ ବାଲିଘାଟରୁ ଦେଓଗାଁର ୩ଟି ଟ୍ରାକ୍ଟର ବାଲିବୋଝେଇ କରିବା ସମୟରେ ତହସିଲଦାର ଯୁଗଳ କିଶୋର ବିଶ୍ୱାଳ, ଆରଆଇ ଅଧିର କୁମାର ନାଏକ ଚଢାଉ କରିଥିଲେ। ଏଥିମଧ୍ୟରୁ ଟ୍ରାକ୍ଟର ନଂ ଓଡି ୦୩ ୩ଜେ ୫୬୬୦ ଓ ଟ୍ରାକ୍ଟର ନଂ ଓଡି ୦୩ ଜି ୯୩୦୮ରୁ ୨୦ ହଜାର ୨୨୨ଟଙ୍କାର ରାଜସ୍ୱ ଆଦାୟ କରାଯାଇଥିଲା। ଜବତ ଅନ୍ୟ ଟ୍ରାକ୍ଟର ଟଙ୍କା ପଇଠ ନ କରିବାରୁ ଥାନାରେ ଅଟକ ରଖାଯାଇଥିବା ଆରଆଇ ନାଏକ ସୂଚନା ଦେଇଛନ୍ତି।

# ଜୋର୍ ଧରିଲା ପ୍ରଚାର ଅଭିଯାନ

**ବରଗଡ଼ ଅଫିସ/ବରପାଲି,୧୫।୩**



ବରଗଡ଼ରେ ବିଧାୟକ ଦେବେଶ ଆଚାର୍ଯ୍ୟ, ଡା. ସୁସ୍ମିତା ଦାଶ ବିଜେଡ଼ି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଛନ୍ତି।

ପୌର ନିର୍ବାଚନ ପାଇଁ ମତଦାନ ତାରିଖ ଯେତିକି ପାଖେଇ ଆସୁଛି, ଦଳୀୟ ପ୍ରାର୍ଥୀଙ୍କ ପ୍ରଚାର ସେତିକି ଜୋର୍ ଧରୁଛି। ପୌର ପରିଷଦ ଦଖଲ ପାଇଁ ୩ ପ୍ରମୁଖ ଦଳ ବିଜେଡ଼ି, ଭାଜପା, କଂଗ୍ରେସ ନିଜ ନିଜ ରଣନୀତି ପ୍ରୟୋଗ କରିଛନ୍ତି। ସୋମବାର ପ୍ରାର୍ଥିପତ୍ର ପ୍ରତ୍ୟାହାର ଶେଷ ହେବା ପରେ ସବୁଦଳ ପ୍ରଚାର ପାଇଁ ଆଗେଇ ଆସିଛନ୍ତି। ପଞ୍ଚାୟତ ଭୋଟ୍ ଭଳି ପୌରଭୋଟ୍‌ରେ ମଧ୍ୟ ବିଜୟଧାରା ବଜାୟ ରଖିବାକୁ ବିଜେଡ଼ି ନାମାଙ୍କନ ଦାଖଲ ଦିବସରୁ ପ୍ରଚାରକୁ ଜୋର୍‌ଦାର୍ କରିଛି।

ବରଗଡ଼ ପୌର ପରିଷଦ ନିର୍ବାଚନରେ ବିଜେଡି ପକ୍ଷରୁ ସ୍ଥାନୀୟ ବିଧାୟକ ଦେବେଶ ଆଚାର୍ଯ୍ୟ ପ୍ରଚାର ମଙ୍ଗ ଧରିଛନ୍ତି। ମଙ୍ଗଳବାର ବିଧାୟକ ଆଚାର୍ଯ୍ୟ ମାରାଥନ ପ୍ରଚାର କରିଥିଲେ। ସେ ବରଗଡ଼ ପୌର ପରିଷଦ ଅଧୀନ ୱାର୍ଡ଼ ନଂ-୫ର ଘରକୁ ଘର ବୁଲି ପୌରାଧ୍ୟକ୍ଷା ପ୍ରାର୍ଥିନୀ କଳ୍ପନା ମାଝି ଏବଂ ସ୍ଥାନୀୟ କାଉନସିଲର ପ୍ରାର୍ଥୀ ରାଜେଶ ଅଗ୍ରୱାଲଙ୍କ ପାଇଁ ଭୋଟ୍ ନିବେଦନ କରିଥିଲେ। ସେହିପରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ବିଜେଡ଼ି ଭିନ୍ନଢଙ୍ଗରେ ପ୍ରଚାର ମଇଦାନକୁ ଓହ୍ଲାଇଛି। କଲିକତାରୁ ଆସିଥିବା ମ୍ୟୁଜିସିଆନ ମ୍ୟାଜିକ ଶୋ ମାଧ୍ୟମରେ ବିଜେଡ଼ିର ପ୍ରଚାର କରୁଛନ୍ତି। ଏହାସହିତ ୱାର୍ଡ଼ ନଂ-୧, ୩, ୫, ୧୧ ଓ ୧୨ରେ ମଧ୍ୟ ବିଧାୟକ ଆଚାର୍ଯ୍ୟ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। ପ୍ରଚାରରେ ବିଧାୟକ ଆଚାର୍ଯ୍ୟଙ୍କ ସମେତ ଡା. ସୁସ୍ମିତା ଦାଶ, ବିଜେଡ଼ି ନଗର ସଭାପତି କିଶୋର ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ। ବରପାଲି ଏନ୍ଏସିରେ ମଧ୍ୟ ବିଜେଡ଼ିର ପ୍ରଚାର ଜୋର୍ ଧରିଛି। ଦଳର ଏନଏସି ଅଧ୍ୟକ୍ଷ ପ୍ରାର୍ଥୀ ପ୍ରଦ୍ୟୁମ୍ନ ତ୍ରିପାଠୀ ସମର୍ଥକଙ୍କ ଗହଣରେ ଘରକୁ ଘର ବୁଲି ପ୍ରଚାର କରିଛନ୍ତି। ସେହିପରି ଦଳର କାଉନସିଲର ପ୍ରାର୍ଥୀମାନେ ମଧ୍ୟ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଭାଜପା, କଂଗ୍ରେସ ମଧ୍ୟ ନିର୍ବାଚନୀ ପ୍ରଚାରରେ ପଛରେ ପଡ଼ି ନାହାନ୍ତି। ଦଳର ନେତୃବୃନ୍ଦ ସମର୍ଥକଙ୍କୁ ନେଇ ଦଳୀୟ ପ୍ରାର୍ଥୀ ପାଇଁ ଭୋଟ୍ ନିବେଦନ କରୁଥିବା ପରିଲକ୍ଷିତ ହୋଇଛନ୍ତି।

## ସୁବର୍ଣ୍ଣପୁର ସହରରେ ଅର୍ଥମନ୍ତ୍ରୀଙ୍କ ନିର୍ବାଚନୀ ପ୍ରଚାର

**ସୋନପୁର,୧୫।୩(ନି.ପ୍ର.)**

ସୁବର୍ଣ୍ଣପୁର ପୌରପାଳିକା ନିର୍ବାଚନ ପାଇଁ ସୋନପୁର ବିଧାୟକ ତଥା ରାଜ୍ୟ ଅର୍ଥ ଓ ଅବାକାରୀ ବିଭାଗ ମନ୍ତ୍ରୀ ନିରଞ୍ଜନ ପୂଜାରୀ ପ୍ରଚାର କାର୍ଯ୍ୟକୁ ଜୋରଦାର କରିଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ମନ୍ତ୍ରୀ ପୂଜାରୀ ୭ ନମ୍ବର ଓ ୧୧ ନମ୍ବର ୱାର୍ଡରେ ମାରାଥନ ପ୍ରଚାର କରିଛନ୍ତି। ଡେରାପଡାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଦଳର ପୌରାଧକ୍ଷା ପ୍ରାର୍ଥୀନୀ ତାମସୀ ତାମସ୍ମିତା ନାୟକ ଓ ୭ ନମ୍ବର ୱାର୍ଡର ଦଳୀୟ ପ୍ରାର୍ଥୀ ପି.ରାଜକିଶୋର ରାଓଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ। ନବୀନ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା, ଜାଗା ମିଶନରେ ବସ୍ତିବାସିନ୍ଦାଙ୍କ ଉନ୍ନତି ଓ ସହରର ବିକାଶମୂଳକ କାର୍ଯ୍ୟ ସମ୍ପର୍କରେ ମନ୍ତ୍ରୀ ଜନସାଧାରଣଙ୍କୁ ଅବଗତ କରିଥିଲେ। ପରେ ୧୧ ନମ୍ବର ୱାର୍ଡର ଖଦାଳପଡାରେ ପୌରାଧକ୍ଷା ପ୍ରାର୍ଥୀନୀ ନାୟକ ଓ କାଉନସିଲର ପ୍ରାର୍ଥୀ ସୁନୀତା ନାଏକଙ୍କୁ ନେଇ ନିର୍ବାଚନୀ ସଭା କରିଥିଲେ। ସହରକୁ ସରସ ସୁନ୍ଦର କରିବା ସହ ବିକାଶମୂଳକ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଓ ଶ୍ରେଷ୍ଠ ପୌର ପରିଷଦ ଗଠନ ପାଇଁ ଜନସାଧାରଣଙ୍କ ଆଶିର୍ବାଦ ଲୋଡିଥିଲେ। ଏହି ଅବସରରେ ମନ୍ତ୍ରୀ ଘରକୁ ଘର ବୁଲି ଲୋକଙ୍କ ସହିତ କଥା ହେବା ସହ ଭଲ ଲୋକଙ୍କୁ ଭୋଟ ଦେବାକୁ କହିଥିଲେ। ବରିଷ୍ଠ ନେତା ଅଭିମନ୍ୟୁ କୁଶଳ, ପ୍ରାକ୍ତନ ନଗରପାଳ କଇରୁ ସ୍ୱାଇଁ, ପ୍ରକାଶ ସାହୁ, ଟାଉନ ବିଜେଡି ସଭାପତି ଜନ୍ମେଜୟ ପାତ୍ର, ପ୍ରାକ୍ତନ କାଉନସିଲର ମଧୁସୂଦନ ମେହେର, ଆନନ୍ଦ ପାତ୍ର, ଦିଲ୍ଲିପ ପାତ୍ର ଓ ଛାତ୍ର ବିଜେଡିର ଦେବାଶିଷ ପଟ୍ଟନାୟକ ପ୍ରମୁଖ ନିର୍ବାଚନୀ ପ୍ରଚାରରେ ସାମିଲ ଥିଲେ।



ଡେରାପଡାରେ ଅନୁଷ୍ଠିତ ନିର୍ବାଚନୀ ସଭାରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ।

# ନରସିଂହ ଉଠାଇଲେ ପ୍ରଶ୍ନ, ଜବାବ ରଖିଲେ ସୁଶାନ୍ତ

**ବଲାଙ୍ଗୀର ଅଫିସ, ୧୫।୩**

**ଜିଲା ପରିଷଦ ଅଧ୍ୟକ୍ଷା ନିର୍ବାଚନ ବେଳେ ଡିଆରଡିଏ ଅଫିସରେ ମନ୍ତ୍ରୀଙ୍କ ଉପସ୍ଥିତି ଘଟଣା**

ଗତ ୧୩ ତାରିଖରେ ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ନିର୍ବାଚନ ସ୍ଥାନୀୟ ଡିଆରଡିଏ ଅଫିସରେ ଅନୁଷ୍ଠିତ ହୋଇଥିଲା। ଜିଲା ପରିଷଦ ସଭ୍ୟାସଭ୍ୟ ନିର୍ବାଚନ ପାଇଁ ଡିଆରଡିଏ ଅଫିସ ଭିତରେ ପଶିଥିଲେ। ଏହାର କିଛି ସମୟ ପରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ ଏକ ଲଫାପା ଧରି ଡିଆରଡିଏ ଅଫିସ ଭିତରକୁ ଯାଇଥିଲେ। କିଛି ସମୟ ରହିବା ପରେ ସେଠାରୁ ବାହାରି ଗଣମାଧ୍ୟମକୁ ସୂଚନା ଦେଇ ଦେବକୀ ସାହୁ ନିର୍ଦ୍ୱନ୍ଦ୍ୱରେ ବଲାଙ୍ଗୀର ଜିଲା ପରିଷଦ ଅଧ୍ୟକ୍ଷା ମନୋନୀତ ହୋଇଥିବା ସୂଚନା ଦେଇଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ନରସିଂହ ମିଶ୍ର ପ୍ରଶ୍ନ ଉଠାଇଛନ୍ତି। ଜିଲା ପରିଷଦ ଅଧ୍ୟକ୍ଷା ନିର୍ବାଚନ ଚାଲିଥିବାବେଳେ କାହିଁକି ଏବଂ କାହା ଅନୁମତି ନେଇ ମନ୍ତ୍ରୀ ସିଂ ନିର୍ବାଚନ ଚାଲିଥିବା ଡିଆରଡିଏ ଅଫିସ ଭିତରକୁ ପ୍ରବେଶ କରିଥିଲେ ବୋଲି ପ୍ରଶ୍ନ କରିଥିଲେ। ଯଦି ମନ୍ତ୍ରୀ ନିର୍ବାଚନ ଚାଲିଥିବା ସ୍ଥାନକୁ ଗଲେ ତେବେ ବିଧାୟକ ଓ ସାଂସଦଙ୍କୁ କାହିଁକି ଡକାଗଲା ନାହିଁ ବୋଲି ପ୍ରଶ୍ନ କରିଥିଲେ। ଏସଂକ୍ରାନ୍ତରେ ଆଲୋଚନା କରାଯିବ। ମୁଖ୍ୟମନ୍ତ୍ରୀଙ୍କୁ ଏନେଇ ପ୍ରଶ୍ନ କରାଯିବ ବୋଲି ବିଧାୟକ ମିଶ୍ର କହିଥିଲେ। ତେବେ ବିଧାୟକ ମିଶ୍ରଙ୍କ ଏଭଳି ଅଭିଯୋଗକୁ ହାଲୁକା ଭାବେ ନେଇ ମନ୍ତ୍ରୀ ସିଂ ଗଣମାଧ୍ୟମକୁ କହିଛନ୍ତି ଯେ, ଏବେ ନିୟମ ବଦଳିଛି। ମନ୍ତ୍ରୀ ଭାବେ ନୁହେଁ, ବିଜେଡି ଦଳର ପ୍ରତିନିଧି ଭାବେ ମୁଖ୍ୟମନ୍ତ୍ରୀ ତାଙ୍କୁ ପଠାଇଥିଲେ। ଜିଲା ପ୍ରଶାସନ ପାଖରେ ଏ ସଂକ୍ରାନ୍ତୀୟ ଚିଠି ଅଛି ବୋଲି ସେ କହିଥିଲେ। ପୌର ନିର୍ବାଚନ ସମୟରେ କଂଗ୍ରେସ ବିଧାୟକ ମିଶ୍ର ଏବଂ ବିଜେଡି ମନ୍ତ୍ରୀ ସିଂଙ୍କ ପରସ୍ପର ଆରୋପ ପ୍ରତ୍ୟାରୋପ ଆଲୋଚନାର ବିଷୟ ହୋଇଛି। ମନ୍ତ୍ରୀ ସିଂ ବିଜେଡି ଦଳର ବରିଷ୍ଠ ନେତା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ଏମ୍‌ପି କଳିକେଶ ନାରାୟଣ ସିଂଦେଓ, ଯୁବନେତା ଅର୍କେଶ ନାରାୟଣ ସିଂଦେଓଙ୍କ ସହ ବିଜେଡି ପୌରାଧ୍ୟକ୍ଷା ପ୍ରାର୍ଥୀ ଲିକା ସାହୁଙ୍କ ପାଇଁ ନିର୍ବାଚନ ପ୍ରଚାରକୁ ଜୋରଦାର କରିଛନ୍ତି। ଅନ୍ୟପକ୍ଷେ ବିଧାୟକ ମିଶ୍ର କଂଗ୍ରେସ ପୌରାଧ୍ୟକ୍ଷା ପ୍ରାର୍ଥୀ ମିଲନୀ ସାହୁଙ୍କ ପାଇଁ ନିର୍ବାଚନୀ ପ୍ରଚାରକୁ ଜୋରଦାର କରିଛନ୍ତି।

## କଣ୍ଟାବାଞ୍ଜି ଏନଏସିରେ ଜୋର ଧରିଲା ପ୍ରଚାର

**କଣ୍ଟାବାଞ୍ଜି,୧୫।୩(ଡି.ଏନ.ଏ.)**

୧୬ୱାର୍ଡବିଶିଷ୍ଟ ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଏନଏସିର ଅଧକ୍ଷ ଓ କାଉନସିଲର ପଦ ପାଇଁ ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଦଳ ପକ୍ଷରୁ ପ୍ରଚାର ଅଭିଯାନକୁ ଜୋରଦାର କରାଯାଇଛି। ମଙ୍ଗଳବାର ଭାଜପା ପ୍ରାର୍ଥୀମାନଙ୍କ ପାଇଁ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ଜିଲା ସଭାପତି ଶିବାଜୀ ମହାନ୍ତି, ରାଜ୍ୟ କୃଷକ ମୋର୍ଚ୍ଚା ଉପସଭାପତି ଲକ୍ଷ୍ମଣ ବାଗ, ପୂର୍ବତନ କାଉନସିଲର ସତ୍ୟେନ୍ଦ୍ର ସୁନା, ଦଳର ଅଧକ୍ଷ ପ୍ରାର୍ଥୀ ବେଦବ୍ୟାସ ନାଗ, ୱାର୍ଡ ନଂ. ୧୪ ପ୍ରାର୍ଥୀ କୈଳାସ ସୁନା ଓ ୱାର୍ଡ ନଂ.୧୫ ପ୍ରାର୍ଥିନୀ ସତା ରାଉତଙ୍କ ସହ ଆଶ୍ରମପଡାରେ ଏକ ସଭା ମାଧ୍ୟମରେ ଭୋଟ ଭିକ୍ଷା କରିଥିଲେ। ସେହିପରି କଂଗ୍ରେସ ତରଫରୁ ବିଧାୟକ ସନ୍ତୋଷ ସିଂ ସାଲୁଜା ଅଧକ୍ଷ ପ୍ରାର୍ଥୀ ବରିୟାମ ସିଂ ସାଲୁଜା ଏବଂ କାଉନସିଲର ପ୍ରାର୍ଥିନୀ ପ୍ରାର୍ଥିଙ୍କ ପାଇଁ ୱାର୍ଡ ବୁଲି ଭୋଟ ଭିକ୍ଷା କଣିଥିଲେ। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଅୟୁବ ଖାନ, ଜିଲା କୃଷକ ମୋର୍ଚ୍ଚା ସଭାପତି ଅଜୟ ଦାସ, ଜିଲା ଉପସଭାପତି ବିଜୟ କୁମାର ବଂଶଲ, ବିଜେଡି ଅଧକ୍ଷ ପ୍ରାର୍ଥୀ ବିନୟ କୁମାର ବିଭାର ଏବଂ ସମସ୍ତ ୧୬ୱାର୍ଡର କାଉନସିଲର ପ୍ରାର୍ଥିନୀ ପ୍ରାର୍ଥୀ ସଭାସମିତି ମାଧ୍ୟମରେ ଭୋଟ ଭିକ୍ଷା କରିଛନ୍ତି।

## ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ

**ବୌଦ୍ଧ,୧୫।୩ (ସ୍ୱ.ପ୍ର.)**

ବୌଦ୍ଧ ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସ୍ଥାନୀୟ ଇରିଗେଶନ କଲୋନୀଠାରେ ଦୁଇଦିନିଆ ବ୍ୟାଡ୍ ମିଣ୍ଟନ ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଯାଇଛି। ବୌଦ୍ଧ ବିଧାୟକ ପ୍ରଦିପ ଅମାତ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡିଏସ୍‌ପି ଧୀରେନ୍ଦ୍ର ସ୍ୱାଇଁ, ଡିଏସ୍‌ପି ଡିଆଇବି ଦେବାଶିଷ ଧଳ, ଏସ୍‌ଡିପିଓ ଆନନ୍ଦ ବର୍ଦ୍ଧନ ଗୁରୁ, ପଞ୍ଚମ ଆଇଆର୍‌ବି ବାଟାଲିୟନର ଡେପୁଟି କମାଣ୍ଡାଣ୍ଟ ଅନିଲ ପ୍ରଧାନ, ଜିଲା ହାବିଲଦାର ଓ କନଷ୍ଟେବଲ ସଂଘ ସଭାପତି ବୁଲୁ କୁମାର ମିଶ୍ର ଯୋଗଦେଇଥିଲେ। ପ୍ରତିଯୋଗିତାରେ ୨୫ଟି ଦଳ ଅଂଶ ଗ୍ରହଣ କରିଛନ୍ତି। ରେଫରି ଭାବେ ବଦ୍ରିନାରାୟଣ ମିଶ୍ର, ସୁବ୍ରତ ପୁରୋହିତ, ବିବେକ କର୍ଣ୍ଣ ଯୋଗଦେଇ ମ୍ୟାଚ ପରିଚାଳନା କରିଥିଲେ। କୁମରମଣି ନାୟକ, ଅଜିତ ଗାଇଗୌରିଆ, ତୁସାରକାନ୍ତି ବେହେରା, ସଂଘ ସମ୍ପାଦକ ହୃଷୀକେଶ ମେହେର, ସୁଶାନ୍ତ ବରାଳ, ଜିତେନ୍ଦ୍ର ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ।

# ଆରମ୍ଭ ହେଲା ବୀରମହାରାଜପୁର ଦୋଳଯାତ୍ରା



ବାହାରିଥିବା କଳସ ଶୋଭାଯାତ୍ରା।

**ଅମରପାଲି, ୧୫।୩ (ଡି.ଏନ.ଏ.)**

ବୀରମହାରାଜପୁରରେ କରୋନା ମହାମାରୀ ଜନିତ କଟକଣା ଉଠିଲା ପରେ ଚଳିତ ବର୍ଷ ଦୋଳଯାତ୍ରା ଆରମ୍ଭ ହୋଇଯାଇଛି। ମଙ୍ଗଳବାର କଳସ ଯାତରା ସହିତ ଆରମ୍ଭ ହୋଇଛି ପ୍ରସିଦ୍ଧ ଦୋଳଯାତ୍ରା। ଦୋଳଯାତ୍ରା ପାଇଁ ମୀନାବଜାର ସାଙ୍ଗକୁ ବିଭିନ୍ନ ଦୋକାନ ବଜାର ଖୋଲିଛି। ପାଞ୍ଚଦିନ ବ୍ୟାପୀ ହେବାକୁ ଥିବା ପଞ୍ଚଦୋଳ ଯାତ୍ରାରେ ବିଭିନ୍ନ ସ୍ଥାନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ନିକଟସ୍ଥ ରଜାବନ୍ଧରୁ ମହିଳା ଭକ୍ତମାନେ ଜଳପୂର୍ଣ୍ଣ କଳସ ଆଣି ନାମଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ। ବୁଧବାରଠାରୁ ନାମଯଜ୍ଞ ଆରମ୍ଭ ହେବା ସହ ପ୍ରତିଦିନ ଯାତ୍ରା କମିଟି ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ହେବାର ସ୍ଥିରୀକୃତ ହୋଇଛି। ହୋଲି ଦିନ ଭୋରରୁ ହରିହର ଭେଟ ପରେ ରଙ୍ଗଖେଳ ସହ ପଞ୍ଚଦୋଳ ଯାତ୍ରା ପୂର୍ଣ୍ଣାହୂତି ହେବ।

## ଜଗନ୍ନାଥଙ୍କ ସ୍ୱରୂପ ଥିବା କୀଟ ଦେଖିବାକୁ ଭିଡ଼



**ବିନିକା,୧୫।୩(ଡି.ଏନ୍.ଏ)**

ସୁବର୍ଣପୁର ଜିଲା ବିନିକା ବ୍ଲକ ଗଡଗଡବାହାଲ ଗ୍ରାମର ଗୋବିନ୍ଦ ବାବା ନାମକ ଜନୈକ ବ୍ୟକ୍ତଙ୍କର ଘରୁ ପ୍ରଭୁ ଜଗନ୍ନାଥଙ୍କ ଚିହ୍ନ ଧାରଣ କରିଥିବା ଏକ କୀଟ ମଙ୍ଗଳବାର ଦେଖିବାକୁ ମିଳିଛି। ଖବର ପ୍ରଚାରିତ ହେବା ପରେ ଗୋବିନ୍ଦଙ୍କ ଘରେ ଲୋକଙ୍କର ଭିଡ ଜମିଥିଲା। ଲୋକେ ହରିବୋଲ ହଳହୁଳି ପକାଇଥିଲେ।

## ଦେଷଣ୍ଡରେ ସମ୍ବର୍ଦ୍ଧନା ସଭା



ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥିମାନେ।

**ଦେଓଗାଁ,୧୫।୩(ଡି.ଏନ.ଏ.)**

**ଚାନ୍ଦଲି ପାହାଡର ବିକାଶ ପାଇଁ ୧ କୋଟି ଅର୍ଥ ମଞ୍ଜୁର**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଦେଷଣ୍ଡରେ ଥିବା ଚାନ୍ଦଲି ପାହାଡକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ଦାବିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟ ସରକାର ଏହାର ବିକାଶ ପାଇଁ ୧ କୋଟି ଟଙ୍କା ମଞ୍ଜୁର କରିଛନ୍ତି। ଅର୍ଥ ମଞ୍ଜୁର ପରେ ମଙ୍ଗଳବାର ଦେଷଣ୍ଡ ଗାଁରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବିଜୁ ଯୁବ ଜନତା ଦଳ ସଭାପତି ଶୈଳେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂଦେଓ, ପୂର୍ବତନ ପଞ୍ଚାୟତ ସମିତି ଅଧକ୍ଷ ଲକ୍ଷ୍ମଣ କୁମାର ମେହେର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଯଶୋଦା ମେହେର, ବନ୍ଧପଡା ସରପଞ୍ଚ ଗୋପାଳ ଚନ୍ଦ୍ର ମିଶ୍ର, ସିଂହାମୁଣ୍ଡା ସରପଞ୍ଚ ଜାହ୍ନବୀ ମହାଣା, ବ୍ରାହ୍ମଣିଯୋର ସରପଞ୍ଚ ମହେନ୍ଦ୍ର ମଲ୍ଲିକ, ଗାଁ କମିଟି ସଭାପତି ନୀଳମଣି ପାଣିଗ୍ରାହୀ, ବରିଷ୍ଠ ନେତା ପ୍ରମୋଦ କୁମାର ବହିଦାର, ବିଜେଡି ଯୁବ ଜିଲା ସଭାପତି ରାଜେନ୍ଦ୍ର ପ୍ରସାଦ ହୋତା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅନଙ୍ଗ ଉଦୟ ତାଙ୍କ ବକ୍ତବ୍ୟରେ ଚାନ୍ଦଲି ପାହାଡ ପର୍ଯ୍ୟଟନ ମାନ୍ୟତା ଓ ଦେଓଗାଁର ଗଙ୍ଗା କୁହାଯାଉଥିବା ସୋନଗଡ ନଦୀରେ ବ୍ୟାରେଜ ନିର୍ମାଣ ନିଶ୍ଚିତ ବୋଲି କହିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ସ୍ୱୟମ୍ବର ମେହେର, ରଘୁମଣି ରଣା ଦାମୋଦର ରଣା, ବିଦ୍ୟାଧର ନାୟକ, ଗୌରାଙ୍ଗ ମେହେର, ପିଙ୍କୁ ଷଡଙ୍ଗୀ, ସତ୍ୟନାରାୟଣ ଷଡଙ୍ଗୀ, ମକରଧ୍ୱଜ ବରିହା ପ୍ରମୁଖ ସହଯୋଗ କରିଥିଲେ।

# ସୁବଳୟାରେ ବେଆଇନ ଜବରଦଖଲ ଉଚ୍ଛେଦ

**ଅମରପାଲି, ୧୫।୩(ଡି.ଏନ.ଏ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟାଠାରେ ବେଆଇନଭାବେ ରାସ୍ତା ଉପରେ କରାଯାଇଥିବା ଘର, ଦୋକାନକୁ ମଙ୍ଗଳବାର ଉଚ୍ଛେଦ କରାଯାଇଛି। ସୁବଳୟା ଜଗନ୍ନାଥ ରୋଡ ଛକ କଂସାରିପଡାରୁ ସୁବଳୟା ସହର ମଧ୍ୟରେ ଥିବା ଜଗନ୍ନାଥ ମନ୍ଦିର ରାସ୍ତା ଉଭୟ ପଟରେ ଥିବା ଘର, ଦୋକାନ ମାଲିକମାନେ ରାସ୍ତା ଉପରେ ଅବୈଧ ନିର୍ମାଣ କରି ରାସ୍ତା ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଚାରିଚକିଆ ଯାନ ଯିବାଆସିବା ଭାରି ଅସୁବିଧା ହେଉଥିଲା। ସ୍ଥାନୀୟ ଲୋକଙ୍କ ବହୁ ଦିନର ଦାବି ପରେ ମଙ୍ଗଳବାର ରାସ୍ତାକଡରେ ଥିବା ୨୦ରୁ ଅଧିକ ଦୋକାନ ଓ ଘରକୁ ପ୍ରଶାସନ ପୂର୍ବରୁ ନୋଟିସ ଦେଇଥିବା ବେଳେ ମଙ୍ଗଳବାର ଜେସିବି ଲଗାଇ ବେଆଇନ ନିର୍ମାଣକୁ ଭାଙ୍ଗିଛି। ଜବରଦଖଲ ଉଚ୍ଛେଦ ସମୟରେ ତହସିଲଦାର ବିବୁଦ୍ଧ ଗଡନାୟକ, ଏସଡିପିଓ ଡୋଳାମଣି ଭୋଇ, ସ୍ଥାନୀୟ ଥାନା ଅଧିକାରୀ ନମିତା କିଣ୍ଡୋ, ଏସଆଇ ଦିପ୍ତିରଞ୍ଜନ ଦିଗାଲଙ୍କ ସହିତ ପୋଲିସ ଫୋର୍ସ ମୁତୟନ ଥିଲେ।

## ବାହାରିଲା ସାକ୍ଷରତା ମିଶନ ସଚେତନତା ରଥ

**ଭବାନୀପାଟଣା,୧୫।୩(ସ୍ୱ.ପ୍ର.)**

ବିନା ଶିକ୍ଷାରେ ଅନେକ ସମୟରେ ଠକାମିର ଶିକାର ହେବାକୁ ପଡ଼ିଥାଏ। ଏ ଦିଗରେ ପ୍ରତ୍ୟେକ ସାକ୍ଷର ହେବାର ସମୟ ଆସିଛି ବୋଲି ଦୁଆରସୁନି ପଞ୍ଚାୟତ ଅଛାଙ୍ଗଗୁଡା ଗ୍ରାମରେ ବ୍ଲକସ୍ତରୀୟ 'ପଢନା ଲିଖନା ଅଭିଯାନ' ସଚେତନତା କାର୍ଯ୍ୟକ୍ରମରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭବାନୀପାଟଣା ବିଇଓ ଜଗନ୍ନାଥ ପୁରୋହିତଙ୍କ ଆବାହକତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର, ସମ୍ମାନିତ ଅତିଥି ଏଡିଇଓ ଟେମଲାଲ ଦୁବେ ଯୋଗଦେଇ 'ପଢନା ଲିଖନା ସଚେତନତା ରଥ' ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଏବିଇଓ ଜୟକୁମାର ମାଝି, ଅଛାଙ୍ଗଗୁଡା ହାଇସ୍କୁଲ ପ୍ରଧାନଶିକ୍ଷକ ଆଶୁତୋଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଚେତନ ମୂଳକ ପଥପ୍ରାନ୍ତ ନାଟକ 'ଢକିଆ' ପରିବେଷିତ ହୋଇଥିଲା। ନାଟକ ରଚନା ଓ ନିର୍ଦ୍ଦେଶନା ଶିକ୍ଷକ ବିରଞ୍ଚି ମୁଣ୍ଡ ଓ ଡିଲେଶ୍ୱର ରଣା ଦେଇଥିଲେ। ସୂଚନାଯୋଗ୍ୟ ଯେ ଏହି ସଚେତନତା ରଥ ଭବାନୀପାଟଣା ବ୍ଲକର ୩୬ଟି ପଞ୍ଚାୟତ ପରିଭ୍ରମଣ କରିବ। ସେହିପରି ନାଟକ 'ଢକିଆ' ସେହି ଗାଁରେ ପରିବେଷିତ ହୋଇ ଲୋକଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ସଚେତନ କରିବ। ପ୍ରଥମ ଦିନରେ ଏହି ରଥ ଦୁଆରସୁନି, ଶଗଡ଼ା, ଚାଞ୍ଚେର, ତଳବେଲଗାଁ, ଯୁଗସାଏପାଟଣା ପଞ୍ଚାୟତ ବୁଲିବା ସହ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇଥିଲା।

# ଖଣ୍ଡହତା ଅରେଞ୍ଜ, ହ୍ୱାଇଟ ବିଜୟୀ

**ଅମରପାଲି,୧୫।୩(ଡି.ଏନ.ଏ.)**



ଖଣ୍ଡହତା ପ୍ରିମିୟର ଲିଗ କ୍ରିକେଟର ଉଦ୍‌ଘାଟନୀ ଉତ୍ସବରେ ଅତିଥିଙ୍କ ସହିତ ଉଭୟ ଦଳର ଖେଳାଳି।

**ପ୍ରଥମ ଖଣ୍ଡହତା ପ୍ରିମିୟର ଲିଗ କ୍ରିକେଟ**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ଖଣ୍ଡହତାରେ ମଙ୍ଗଳବାର ପ୍ରଥମ ଖଣ୍ଡହତା ପ୍ରିମିୟର ଲିଗ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭ୍ୟା ତନୁଜା ରଣବଂଶିଆ ମୁଖ୍ୟ ଅତିଥି, ପିଏସସିର ସଭାପତି ରାଧେଶ୍ୟାମ ପାଣ୍ଡେ, ସମ୍ପାଦକ ଲିଙ୍ଗରାଜ ପଧାନ ସମ୍ମାନିତ ଅତିଥିଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ଖଣ୍ଡହତା ଅରେଞ୍ଜ ଓ ବ୍ଲାକ ମଧ୍ୟରେ ହୋଇଥିଲା। ବ୍ଲାକ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୭ ଉଇକେଟ ହରାଇ ୧୧୨ରନ କରିଥିଲା। ଦଳର କାହ୍ନା ୫୪ରନ କରିଥିଲେ। ଜବାବରେ ଅରେଞ୍ଜ ଦଳ ୭ ଓଭରରେ ଟୁନାଙ୍କ ୬୪ରନ ସହାୟତାରେ ଗୋଟିଏ ଉଇକେଟ ହରାଇ ଆବଶ୍ୟକ ୧୧୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ଖଣ୍ଡହତା ବ୍ଲୁ ଓ ହ୍ୱାଇଟ ମଧ୍ୟରେ ହୋଇଥିଲା। ହ୍ୱାଇଟ ଦଳ ନିର୍ଦ୍ଧାରିତ ୧୨ ଓଭରରେ ୪ଉଇକେଟ ହରାଇ ୧୮୦ରନ କରିଥିଲା। ଦଳର ଗୋବିନ୍ଦ ପଧାନ ୬୧ରନ କରିଥିଲେ। ଜବାବରେ ବ୍ଲୁ ଦଳ ସୁନୀଲ ପଧାନଙ୍କ ୨୬ରନ ସତ୍ତ୍ୱେ ନିର୍ଦ୍ଧାରିତ ୧୨ ଓଭରରେ ୯ଉଇକେଟ ହରାଇ ୧୩୨ ରନ କରି ପରାସ୍ତ ହୋଇଥିଲା।

## ଘରେ ପଶି ଛୁରିରେ ଆକ୍ରମଣ

ଝାରବନ୍ଧ,(ଡି.ଏନ.ଏ): ବରଗଡ଼ ଜିଲା ଝାରବନ୍ଧରେ କୁମ୍ଭାରପଡ଼ାରେ ମଙ୍ଗଳବାର ସକାଳ ସାଢ଼େ ୬ଟାରେ ସ୍ଥାନୀୟ ଡା. ମୋହନ ପ୍ରସାଦ ନାୟକଙ୍କ ଘରେ ପଶି ତାଙ୍କୁ ଛୁରିରେ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ଡା. ନାୟକ ଏ ନେଇ ଥାନାରେ ଏତଲା ଦେବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ମାତ୍ର ଆକ୍ରମଣର କାରଣ ସ୍ପଷ୍ଟ ହୋଇପାରିନାହିଁ। ସୂଚନା ଅନୁଯାୟୀ, ଡା. ନାୟକଙ୍କ କବାଟକୁ କେହି ବାଡ଼େଇବା ପରେ ସେ କବାଟ ଖୋଲିଥିଲେ। ଏହାପରେ ଜଣେ ଅଜ୍ଞାତ ଯୁବକ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଡା. ନାୟକ ଏହାର ପ୍ରତିରୋଧ କରିବାରୁ ତାଙ୍କ ଡାହାଣ ହାତରେ ଆଘାତ ଲାଗିଥିବାବେଳେ ଦୁର୍ବୃତ୍ତ ଜଣକ ସେଠାରୁ ଫେରାର୍ ହୋଇଯାଇଥିଲେ।

## ସଂକ୍ଷେପରେ

### କୁକୁରା ମାଂସ ଜବତ, ୨ ଅଟକ

ଲାଠୋର,୧୫।୩(ଡ଼ିଏନ.ଏ.): ବଲାଙ୍ଗୀର ଜିଲା ଲାଠୋର ବନ ବିଭାଗ ମଙ୍ଗଳବାର ସକାଳେ ଝଲିଆଲିଟି ଗ୍ରାମର ଭଗବାନ ମେହେରଙ୍କ ଘରୁ କୁକୁରା ମାଂସ ଜବତ କରିଛି। ଭଗବାନ କୁକୁରା ମାଂସ ବିକ୍ରି କରୁଥିବା ଖବର ପାଇ ବନାଞ୍ଚଳ ଅଧିକାରୀ ପ୍ରଭାତୀ ସେଠ ସଦଳବଳ ତାଙ୍କ ଘରେ ଚଢ଼ାଉ କରିଥିଲେ। ଚଢ଼ାଉ ବେଳେ ତାଙ୍କ ଘରେ ଛୋଟ ଛୋଟ ପଲିଥିନ ପ୍ୟାକେଟରେ ୧୦କେଜି କୁକୁରା ମାଂସ ବିକ୍ରି ପାଇଁ ରଖାଯାଇଥିବା ଦେଖାଯାଇଥିଲା। ପରେ ବିଭାଗୀୟ ଅଧିକାରୀ ଭଗବାନ ଓ ଅନ୍ୟ ଜଣେ କାମେଶ ରଣାଙ୍କୁ ବନ କାର୍ଯ୍ୟାଳୟକୁ ଆଣି ପଚରାଉଚରା କରୁଛନ୍ତି। ବିଦ୍ୟୁତ୍ ତାର ବିଛାଇ କୁକୁରା ଶିକାର କରାଯାଇଥିବା ପ୍ରାଥମିକ ତଦନ୍ତରୁ ଅନୁମାନ କରାଯାଉଛି। ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରାଯିବ ବୋଲି ରେଞ୍ଜର କହିଛନ୍ତି।

### ଜଳବାୟୁ ପରିବର୍ତ୍ତନ ସହଣୀ ବିହନ, ଖାଦ୍ୟ ଜୈବ ବିବିଧତା ପ୍ରଦର୍ଶନୀ

କର୍ଲାମୁଣ୍ଡା,୧୫।୩(ଡି.ଏନ.ଏ.): କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡାଠାରେ ଇଣ୍ଡୋ ଗ୍ଲୋବାଲ ସୋସିଆଲ ସର୍ଭିସ ଶୋସାଇଟି ପକ୍ଷରୁ ଚାଲିଥିବା ଜଳବାୟୁ ପରିବର୍ତ୍ତନ ସହଣୀ ବିହନ ଓ ଖାଦ୍ୟ ଜୈବ ବିବିଧତା ପ୍ରଦର୍ଶନୀ ମେଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ କର୍ଲାମୁଣ୍ଡା ଖ' ଜୋନ ଜିଲା ପରିଷଦ ସଭ୍ୟ ସୁରେଶ ଚୌଧୁରୀ, ନାଏବ ସରପଞ୍ଚ ପ୍ରଭାସିନୀ ସାହୁ, ବରିଷ୍ଠ ଚାଷୀ ଲୋକନାଥ ଭୋଇ, ସାମାଜିକ କର୍ମୀ ତାପସ ଚୌଧୁରୀ, ବ୍ଲକସ୍ତରୀୟ ଭିଡିସି ଫେଡରେଶନ ସଭାପତି ଜୀବରଧନ ସାହୁ, କୃଷି ଉତ୍ପାଦକ ଦଳ ଟେର୍ଚାପଲା ସଭ୍ୟା ଦେଶ୍ରୀ ମାଝି, ସିଲେଟପଡା ୱାର୍ଡ ସଭ୍ୟା ରୁକ୍ମଣୀ ନାଗ, ଯୁବ ଚାଷୀ ତିରଞ୍ଜି ମେର୍ଲି, ହେମନ୍ତ ସାହୁ, ଦ୍ରୋଣ ସାହୁ, ବିରେନ୍ଦ୍ର ସାହୁ, ଆଇସିଡିଏସ କର୍ମୀ ସରସ୍ୱତୀ ସୁନା, ପୁଷ୍ପକାନ୍ତି ନାଏକ, ସାଦିନି ସାହୁ, ଆଶା କର୍ମୀ ରଜନୀ ସାହୁ ତଥା ଆୟୋଜକ ସଂସ୍ଥା କର୍ମୀ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପାରମ୍ପରିକ ଖାଦ୍ୟ ଓ ବିହନ ସୁରକ୍ଷା ତଥା ଜଳବାୟୁ ପରିବର୍ତ୍ତନ ସହଣୀ ଚାଷ ବିଷୟରେ ଆଲୋଚନା କରିଥିଲେ। ସଫଳ ଚାଷୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ପାରମ୍ପରିକ ଖାଦ୍ୟ, ବିହନ ପଦର୍ଶନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଚାଷୀ ଶମ୍ଭୁ ସାହୁ, ଭୋଲା ସାହୁ, ହରି ସାହୁ, ଠାକୁର ସାହୁ, ପୂର୍ଣ୍ଣ ପ୍ରଧାନୀ ସହଯୋଗ କରିଥିଲେ।

### ବୟ୍ୟଙ୍କୁ ଝୁରୁଛନ୍ତି ଭକ୍ତ, ଗ୍ରାମବାସୀ



ଲୋଇସିଂହା,୧୫।୩(ଡି.ଏନ.ଏ): ଲୋଇସିଂହା ଥାନା ଯୋଗୀସର୍ଡା ଗାଁର ଭିନ୍ନକ୍ଷମ ଯୁବକ ମଣ୍ଟୁ ସା(୩୦)। ବୟ୍ୟ ନାମରେ ଅଞ୍ଚଳରେ ପରିଚିତ ମଣ୍ଟୁ ଯୋଗେଶ୍ୱର ପୀଠ ଆଖପାଖରେ ବୁଲାବୁଲି କରୁଥିଲେ। ମଜାମଜା କଥା କହି ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କ ଶ୍ରଦ୍ଧାଭାଜନ ହୋଇଥିଲେ। ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଛି। ଯୋଗୀସର୍ଡାର ସପୁର ସା ଓ ରଘୁମଣୀ ସାଙ୍କ ବଡପୁଅ ବୟ୍ୟ ଜନ୍ମରୁ ଭିନ୍ନକ୍ଷମ ଥିଲେ। ତାଙ୍କ ପାଟିରୁ ଲାଳ ଗଡୁଥାଏ। ବଡ ହେଲା ପରେ ପରିବାର ଲୋକେ ତାଙ୍କୁ ବଲାଙ୍ଗୀର ଏକ ଆଶ୍ରମରେ ଛାଡିଥିଲେ। ହେଲେ ସେଠାରୁ ସେ ଗାଁକୁ ଚାଲି ଆସିଲେ। ପ୍ରାୟ ସମୟ ଘର ପାଖ ଯୋଗେଶ୍ୱର ମନ୍ଦିର ଛକରେ ସେ ବୁଲାବୁଲି କରୁଥିଲେ। ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁଙ୍କୁ ତମକୁ ବା ବଲମି, ହେଟା ଘିନିଦିଅ, ହେଟା ଖାମ୍ବ, ତମର ଘରକେ ଜିମି, ବୁ ପଇମି ଏପରି ମଜାଦାର କଥା କହି ହସାଉଥିଲେ। ଯିଏ ଯାହା ଦେଲା ଖାଇ ଦେଉଥିଲେ। ଘଟଣାଚକ୍ରରେ ମନ୍ଦିରରେ କେତେକ ମୂର୍ତ୍ତି ସ୍ଥାପନ ପାଇଁ ଗାଁ ଏମଇ ସ୍କୁଲ ପରିସରରେ ରହୁଥିବା କାରୀଗରଙ୍କ ପାଖକୁ ପ୍ରତ୍ୟେକ ଦିନ ବୟ୍ୟ ଯାଉଥିଲେ। ଦିନେ କାରିଗରଙ୍କ ଅନୁପସ୍ଥିତିରେ ସେଠାରେ ଥିବା ସ୍ପିରିଟକୁ ପାଣି ଭାବି ସେ ପିଇ ଦେବା ପରେ ଅସୁସ୍ଥ ହୋଇ ପଡିଲେ। ଉପଯୁକ୍ତ ଚିକିତ୍ସା ନ ପାଇ ଶେଷରେ ସେ ଆଖିବୁଜି ଦେଇଛନ୍ତି। ମନ୍ଦିର ଛକରେ ବୟ୍ୟଙ୍କ ଅନୁପସ୍ଥିତି ଭକ୍ତ ଓ ଗ୍ରାମବାସୀଙ୍କୁ ବ୍ୟଥିତ କରିଛି।

# ଭାଜପାର ରୋଡ ଶୋ', କଂଗ୍ରେସର ମାରାଥନ ପ୍ରଚାର

ଖଡିଆଳ,୧୫।୩(ଡି.ଏନ.ଏ.)



ଏମ୍‌ପି ବସନ୍ତ ପଣ୍ଡା ଦଳୀୟ ପ୍ରାର୍ଥୀ ବିକାଶ ସିଙ୍ଘଲଙ୍କ ସପକ୍ଷରେ ପଥପ୍ରାନ୍ତ ସଭା ମାଧ୍ୟମରେ ଭୋଟଭିକ୍ଷା କରୁଛନ୍ତି।

ନୂଆପଡ଼ା ଜିଲା ଖଡିଆଳ ଏନ୍‌ଏସି ପୌର ନିର୍ବାଚନ ମାର୍ଚ୍ଚ ୨୪ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଛି। ଏଥିପାଇଁ ୩ ପ୍ରମୁଖ ଦଳ ସମେତ ସ୍ୱାଧୀନ ପ୍ରାର୍ଥୀମାନେ ନିଜ ସପକ୍ଷରେ ପ୍ରଚାର ଜୋରସୋର୍‌ରେ ଚଳାଇଛନ୍ତି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଭାଜପା ପାଇଁ ପ୍ରଚାରର ମଙ୍ଗ ଧରିଛନ୍ତି କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡା। ଏମ୍‌ପି ଖଡିଆଳ ସହର ବିଭିନ୍ନ ୱାର୍ଡକୁ ଯାଇ ଦଳୀୟ ଅଧ୍ୟକ୍ଷ ପ୍ରାର୍ଥୀ ବିକାଶ ସିଂଘଲ ଏବଂ କାଉନସିଲରଙ୍କ ସପକ୍ଷରେ ଭୋଟଭିକ୍ଷା କରିଥିଲେ। ସନ୍ଧ୍ୟାରେ ଖଡିଆଳର ବୋଡେନ ଛକଠାରୁ ଏକ ରୋଡ ଶୋ' କରି ସହରର ଥାନାଛକ, ଆଜାଦ ଚୌକ, ଲକ୍ଷ୍ମୀ ଚୌକ ସମେତ ବିଭିନ୍ନ ୱାର୍ଡରେ ରୋଡ ଶୋ ଯାଇ ପଥପ୍ରାନ୍ତ ସଭା ମାଧ୍ୟମରେ ଭୋଟ ଭିକ୍ଷା କରିଥିଲେ। ୧୯୭୨ ମସିହାରେ ସ୍ଥାପିତ ଖଡିଆଳ ଏନ୍‌ଏସିରେ ଗତ ଦିନରେ କଂଗ୍ରେସ ଏବଂ ବିଜେଡି କ୍ଷମତାରେ ଥିବା ବେଳେ ସହର ପରିମଳଠୁ ଆରମ୍ଭ କରି ଡ୍ରେନେଜ ବ୍ୟବସ୍ଥା, ରାସ୍ତାଘାଟ ବିପର୍ଯ୍ୟସ୍ତ ସାଙ୍ଗକୁ ଏନଏସି ଦୁର୍ନୀତିର ଗ୍ରନ୍ଥାଘର ପାଲଟିଛି, ଏହାର ସୁଧାର ଆଣିବା ପାଇଁ ଭାଜପା ଏକମାତ୍ର ବିକଳ୍ପ। ଏଣୁ ଚଳିତ ପୌର ନିର୍ବାଚନରେ ଭାଜପା ଖଡିଆଳ ନଗରବାସୀଙ୍କ ଆଶିର୍ବାଦ ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ରୋଡ ଶୋ'ରେ ଅଧ୍ୟକ୍ଷ ପ୍ରାର୍ଥୀ, କାଉନସିଲର୍ ପ୍ରାର୍ଥୀମାନେ, ଜିଲା ସଭାପତି ସୁବ୍ରତ ଠାକୁର, ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି, ଖଡିଆଳ ଯୁବରାଜ ତଥା ଯୁବନେତା ଦେବଦେବ ସିଂଦେଓ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶିବପ୍ରସାଦ ମୁଣ୍ଡ, ଜିଲା ସମ୍ପାଦକ ରାତ୍ରାନନ୍ଦ ମନହିରାଙ୍କ ସମେତ ଶତାଧିକ ଦଳୀୟ କର୍ମୀ ସାମିଲ ହୋଇଥିଲେ। ସେହିପରି

## ଖଡିଆଳ ଏନ୍‌ଏସି ପୌର ନିର୍ବାଚନ

କଂଗ୍ରେସର ମଙ୍ଗ ଧରିଛନ୍ତି ଖଡିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ। ଗତ ୨ ଦିନ ହେଲା ଦଳୀୟ ଅଧ୍ୟକ୍ଷ ପ୍ରାର୍ଥୀ ଉଜ୍ଜ୍ୱଳ ଗୁପ୍ତା ଏବଂ ୧୩ଟି ୱାର୍ଡର ସମସ୍ତ କାଉନସିଲର ପ୍ରାର୍ଥୀଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ସହରର ଏକ ନଂ. ୱାର୍ଡଠାରୁ ଆରମ୍ଭ କରି ୧୩ ନଂ. ୱାର୍ଡ ପର୍ଯ୍ୟନ୍ତ ଅଧ୍ୟକ୍ଷ ପ୍ରାର୍ଥୀଙ୍କ ସମେତ କାଉନସିଲର୍ ପ୍ରାର୍ଥୀମାନଙ୍କୁ ଧରି ସହରର ଗଳିକନ୍ଦିରେ ରୋଡ ଶୋ କରିବା ସହ ଘର ଘର ବୁଲି ଭୋଟଭିକ୍ଷା କରୁଥିବା ଦେଖିବାକୁ ମିଳିଛି। ନିର୍ବାଚନ ପ୍ରଚାରରେ କଂଗ୍ରେସ ଆଗରେ ଥିବା କଂଗ୍ରେସ କର୍ମୀଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ଥିବା ଦେଖିବାକୁ ମିଳିଛି।

# ଆଗଲପୁର ଫାଣ୍ଡି ଅଞ୍ଚଳରେ ବଢୁଛି ଚୋରି



ମାହେଶ୍ୱର ସଂଗଠନ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରୁଛନ୍ତି।

ଲୋଇସିଂହା,୧୫।୩(ଡି.ଏନ.ଏ)

## ପୋଲିସ ପାଟ୍ରୋଲିଂ କଡାକଡି ଦାବିକଲା ମାହେଶ୍ୱରୀ ସଂଗଠନ

ବଲାଙ୍ଗୀର ଜିଲା ଆଗଲପୁର ଫାଣ୍ଡି ଅଞ୍ଚଳରେ ଚୋରି ବୃଦ୍ଧି ପାଇଛି। ଚୋରି ରୋକିବାରେ ପୋଲିସ ବିଫଳ ହେଉଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏହିକ୍ରମରେ ରାତିରେ ପୋଲିସ ପାଟ୍ରୋଲିଂ କଡାକଡି କରି ଚୋରି ରୋକିବାକୁ ସ୍ଥାନୀୟ ମାହେଶ୍ୱରୀ ସଂଗଠନ ପକ୍ଷରୁ ମଙ୍ଗଳବାର ଫାଣ୍ଡି ଅଧିକାରୀ ଅନ୍ତର୍ଯ୍ୟାମୀ ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ମତେ, ଲୋଇସିଂହା ଥାନା ଅନ୍ତର୍ଗତ ଆଗଲପୁର ଫାଣ୍ଡି ଅଞ୍ଚଳରେ ଚାରିଚକିଆଯାନଠାରୁ ଆରମ୍ଭ କରି ଘରୋଇ ସାମଗ୍ରୀ ଗତ କିଛିମାସ ହେଲା ଚୋରି ବୃଦ୍ଧି ପାଇଛି। କାଳବିଳମ୍ବ ନ କରି ପୋଲିସ ଏ ଦିଗରେ ଆଶୁ ପଦକ୍ଷେପ ସ୍ୱରୂପ ରାତ୍ରକାଳୀନ ପାଟ୍ରୋଲିଂ କରିବାକୁ ମାହେଶ୍ୱରୀ ସଂଗଠନ ସଭାପତି ପ୍ରମୋଦ ସାହୁ, ସନ୍ନ୍ୟାସୀ ମେହେର, ଜଗଦୀଶ ସାହୁ, ରାଜା ଦଳାଇ, ଶୁଭ୍ରଜିତ ମେହେର ପ୍ରମୁଖ ଦାବି କରିଛନ୍ତି।

# ସାମ୍ବାଦିକଙ୍କୁ ଗୃହ ପ୍ରବେଶ ଅନୁମତି ଦିଆଯାଉ

ବଲାଙ୍ଗୀର ଅଫିସ, ୧୫।୩

## ବିଧାନସଭା ଅଧିବେଶନ ପୂର୍ବରୁ ସର୍ବଦଳୀୟ ବୈଠକ

■ଭର୍ଚୁଆଲ ମୋଡ୍‌ରେ ଯୋଗଦେଲେ ନରସିଂହ

ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟସ୍ଥିତ ଓସ୍ୱାନ ସମ୍ମିଳନୀ କକ୍ଷରୁ ବଲାଙ୍ଗୀର ବିଧାୟକ ତଥା କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଧାନସଭା ପୂର୍ବ ସର୍ବଦଳୀୟ ବୈଠକରେ ଭର୍ଚୁଆଲ ମୋଡରେ ଯୋଗ ଦେଇଥିଲେ। ବୈଠକରେ ଆସନ୍ତା ୨୫ ତାରିଖରୁ ଆରମ୍ଭ ହେବାକୁ ଥିବା ଷୋଡଶ ବିଧାନସଭାର ନବମ ଅଧିବେଶନ ପାଇଁ ବିଭିନ୍ନ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ସରକାରୀ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବିଧାୟକ ଦେବୀ ପ୍ରସାଦ ମିଶ୍ର, ବିଷ୍ଣୁଚରଣ ସେଠୀ, ଲକ୍ଷ୍ମଣ ମୁଣ୍ଡାଙ୍କ ସମେତ ଅଧିକାରୀମାନେ ଯୋଗ ଦେଇଥିଲେ। ବିଧାନସଭା ଅଧିବେଶନ ସମୟରେ ଆଗାମୀ ବର୍ଷ ପାଇଁ ଏକ କାମଚଳା ବଜେଟ ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଆଲୋଚନାରେ ଅଂଶଗ୍ରହଣ କରି ବିଧାୟକ ମିଶ୍ର କହିଥିଲେ ଯେ, ଯେହେତୁ ଜଣେ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳ ଓ ପୂର୍ବତନ ବାଚସ୍ପତି କିଶୋର ମହାନ୍ତିଙ୍କ ଦେହାନ୍ତ ହୋଇଛି ତେଣୁ ସେମାନଙ୍କ ଉଦ୍ଦେଶ୍ୟରେ ବିଧାନସଭାରେ ଗୃହ ମୁଲତବୀ କରିବା ପରିବର୍ତ୍ତେ ସମୟ ଅଭାବ ଦୃଷ୍ଟିରୁ କିଛି ସମୟ ଗୃହ ମୁଲତବୀ କରାଯିବା ନିଷ୍ପତ୍ତି ହୋଇଛି। ତେବେ ଏହାକୁ ପରମ୍ପରା ଭାବେ ଗ୍ରହଣ ନ କରିବାକୁ ବିଧାୟକ ମିଶ୍ର ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ଏହି ପ୍ରସ୍ତାବକୁ ବାଚସ୍ପତି ଗ୍ରହଣ କରିଥିଲେ। କୋଭିଡ କଟକଣା ଲାଗିବା ଦିନଠୁ ବିଧାନସଭା ଭିତରକୁ ସାମ୍ବାଦିକ ମାନଙ୍କୁ ଛଡା ଯାଉନାହିଁ। ରାଜ୍ୟବାସୀଙ୍କ ସ୍ୱାର୍ଥଦୃଷ୍ଟିରୁ ବିଧାନସଭା ଭିତରକୁ ସାମ୍ବାଦିକମାନଙ୍କୁ ପ୍ରବେଶ କରିବା ପାଇଁ ବିଧାୟକ ମିଶ୍ର ଅନୁରୋଧ କରିଥିଲେ। କିନ୍ତୁ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶ ମୁତାବକ ଏବେ ସାମ୍ବାଦିକଙ୍କୁ ପ୍ରବେଶ ନଦେଇ ଆଗାମୀ ଦିନରେ ଏହ ଉପରେ ବିଚାର କରାଯିବ ବୋଲି ବାଚସ୍ପତି କହିଥିବା ଜଣାପଡିଛି। ଆସନ୍ତା ୨୪ ତାରିଖରେ ରାଜ୍ଯ ସାରା ନିର୍ବାଚନ ଚାଲିଥିବା ବେଳେ ସମସ୍ତ ବିଧାୟକ ତଥା ଅଧିକାରୀଙ୍କ ଆରଟିପିସିଆର ପରୀକ୍ଷା ଜିଲାସ୍ତରରେ କରିବାକୁ ବିଧାୟକ ମିଶ୍ର ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି ବିଧାୟକ ମିଶ୍ରଙ୍କ ଏହି ଅନୁରୋଧକୁ ଗ୍ରହଣ କରିବା ସହିତ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯିବ ବୋଲି କହିବା ସହ ଏଣ୍ଟିବଡି ପରୀକ୍ଷା ପରବର୍ତ୍ତୀ ସମୟରେ ଭୁବନେଶ୍ୱରରେ କରାଯିବ ବୋଲି କହିଥିଲେ।

# ବର୍ଷା ପୂର୍ବରୁ ସମ୍ପୂର୍ଣ୍ଣ ବ୍ରିଜ ନିର୍ମାଣ ଦାବି

## କାଣ୍ଡେଲ-ସିରୋଲ ବ୍ରିଜ୍ ଦବିବା ଘଟଣା

କେସିଙ୍ଗା,୧୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ଅନ୍ତର୍ଗତ କାଣ୍ଡେଲ-ସିରୋଲକୁ ସଂଯୋଗ ଏକମାତ୍ର ବ୍ରିଜ୍ ଗତ ବୁଧବାର ଏକ ବାଲି ବୋଝେଇ ହାଇୱା ଯାଉଥିବା ବେଳେ ହଠାତ୍ ଦବି ଯାଇଥିଲା। ଘଟଣାର ପ୍ରାୟ ୬ ଦିନ ପରେ ସୋମବାର ଶିରୋଲ ସରପଞ୍ଚ ଝରଣା ବାଗ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। କାଣ୍ଡେଲରେ ଆଗକୁ ଛାତ୍ରୀଛାତ୍ରଙ୍କ ମାଟ୍ରିକ ପରୀକ୍ଷା କେନ୍ଦ୍ର ହେବ। ଏଣୁ ତୁରନ୍ତ ମରାମତି କରିବାକୁ ସରପଞ୍ଚ ଆରଡି ବିଭାଗ ଏକଜ୍ୟୁକେଟିଭ ଇଞ୍ଜିନିୟରଙ୍କ ନିକଟରେ ଦାବି କରିଛନ୍ତି। ବର୍ଷା ପୂର୍ବରୁ ବ୍ରିଜ ନିର୍ମାଣ ପାଇଁ ଜିଲାପାଳଙ୍କ ନିକଟରେ ଦାବି କରିବେ ବୋଲି ସରପଞ୍ଚ କହିଛନ୍ତି। ଗମନାଗମନ କ୍ଷେତ୍ରରେ ବହୁତ ଅସୁବିଧା ହେଉଛି। ବିଭାଗ ପକ୍ଷରୁ ଯିବାଆସିବା କରିବା ପାଇଁ କେବଳ ମାଟି ପକା ଯାଇଛି। ରାସ୍ତାର ଉଭୟ ପାର୍ଶ୍ୱରେ ସତର୍କତା ବୋର୍ଡ ଲଗାଇ ଛାଡ଼ି ଦେଇଛନ୍ତି। କିନ୍ତୁ ଏସବୁକୁ ଭ୍ରୁକ୍ଷେପ ନ କରି ରାସ୍ତା ଉପରେ ବିପଦସଙ୍କୁଳ ଅବସ୍ଥାରେ ସାଧାରଣ ଲୋକେ ଯାତାୟାତ କରୁଥିବା ଦେଖାଦେଇଛି। ଏ ସମ୍ପର୍କରେ ସିରୋଲ ସରପଞ୍ଚ ଝରଣା ବାଗଙ୍କୁ ପଚାରିବାରୁ ସେତୁର ଉପରେ ଓ ତଳେ ସମ୍ପୂର୍ଣ୍ଣ ପମ୍ପା ରହିଛି, କେତେ ବେଳେ ମଧ ବଡ଼ ଧରଣର ଅଘଟଣ ଘଟିପାରେ କିମ୍ବା ଜୀବନହାନୀ ଘଟିବାର ସମ୍ଭାବନା ରହିଛି। ଏଥିପାଇଁ ଆରଡି ବିଭାଗଠାରେ ତୁରନ୍ତ ମରାମତି କରିବା ପାଇଁ ଏକଜ୍ୟୁକେଟିଭ ଇଞ୍ଜିନିୟରଙ୍କଠାରେ ଦାବି କରିଛି, ଯଦିଓ କୌଣସି ଅକସ୍ମାତ ଦୁର୍ଘଟଣା ଘଟିଲେ ସମ୍ପୂର୍ଣ୍ଣ ଆରଡି ବିଭାଗ ଦାୟୀ ରହିବେ ବୋଲି କହିଛନ୍ତି। ଏ ସଂକ୍ରାନ୍ତରେ କେସିଙ୍ଗା ଆରଡି ଡିଭିଜନ ଏକଜ୍ୟୁକେଟିଭ ଇଞ୍ଜିନିୟର ଇ. ଅଜିତ କୁମାର ସିଂଙ୍କୁ ପଚାରିବାରୁ ମୁଁ ଜେଇଙ୍କୁ ପଠେଇଥିଲି, ସମ୍ପୂର୍ଣ୍ଣ ରିପୋର୍ଟ ଦେବା ପରେ କାର୍ଯ୍ୟକାରୀ କରାଯିବ ବୋଲି ପ୍ରକାଶ କରିଥିଲେ।

# ରାଜେଶ ଟ୍ରେଡର୍ସରେ ଜିଏସ୍‌ଟି ଚଢ଼ାଉ

ପାଇକମାଳ,୧୫।୩ (ଡି.ଏନ.ଏ.)

ବରଗଡ଼ ଜିଲା ପାଇକମାଳ-ନୂଆପଡା ରାସ୍ତାର ଅମରପାଲିଠାରେ ଥିବା ରାଜେଶ ଟ୍ରେଡର୍ସର ଗୋଦାମ ସହ ଘରେ ଜିଏସ୍‌ଟି ବିଭାଗ ପକ୍ଷରୁ ମଙ୍ଗଳବାର ଚଢ଼ାଉ କରାଯାଇଛି। ରାଜେଶ ଟ୍ରେଡର୍ସର ମାଲିକ ରାଜେଶ ଅଗ୍ରୱାଲ ଦୀର୍ଘଦିନ ହେଲା ଲୁହା ଛଡ, ସିମେଣ୍ଟ ଆଦି ବ୍ୟବସାୟ କରିଆସୁଛନ୍ତି। ସେ ଜିଏସ୍‌ଟି ଫାଙ୍କୁଥିବା ନେଇ ଜଣାପଡିବା ପରେ ମଙ୍ଗଳବାର ସକାଳ ୧୦ଟାରେ ଜିଏସ୍‌ଟି ସମ୍ବଲପୁର ବିଭାଗର ଡେପୁଟି କମିଶନର ରଜନୀକାନ୍ତ ସେଠଙ୍କ ନେତୃତ୍ୱରେ ଏକ ଟିମ୍ ରାଜେଶ ଅଗ୍ରୱାଲଙ୍କ ଘର, ଦୋକାନ ଓ ଗୋଦାମରେ ଚଢାଉ କରି ଜିଏସ୍‌ଟି ସମ୍ବନ୍ଧୀୟ ନଥିପତ୍ର ଜବତ କରିଥିବା ଜଣାପଡିଛି। ଏହି ଟିମ୍‌ରେ ବରଗଡ ଜିଏସ୍‌ଟିର ସିଟିଓ ଦିନେଶ ବାଗ, ଏସିଟିଓ କରନ ସୁରେନ, ଶିବ ଶଙ୍କର ବାରିକ, ଜୟନ୍ତୀ ନାୟକ, ବିଜୟ ଶଙ୍କର ମହାଲି ପ୍ରମୁଖ ସାମିଲ ହୋଇଥିଲେ। ଏ ନେଇ ସିଟିଓ ବାଗଙ୍କୁ ପଚାରିବାରୁ ୭ ଦିନ ଭିତରେ ସମସ୍ତ ଜବତ କାଗଜପତ୍ର ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

# ରାଜ୍ୟ ଭାରତ ସ୍କାଉଟ, ଗାଇଡ ଜିଲା କ୍ୟାମ୍ପୋରୀ ଉଦ୍‌ଯାପିତ




କୃତୀ ସ୍କାଉଟ ଓ ଗାଇଡମାନଙ୍କ ସହ ଜିଲା ଶିକ୍ଷା ଅଧିକାରୀ ଏବଂ ଅନ୍ୟ ଅତିଥିବୃନ୍ଦ।

ନୂଆପଡ଼ା ଅଫିସ,୧୫।୩

ନୂଆପଡା ଜିଲା କୋମନା ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ୩ ଦିନ ଧରି ଚାଲିଥିବା ନବମ ରାଜ୍ୟ ଭାରତ ସ୍କାଉଟ ଓ ଗାଇଡ ଜିଲା କ୍ୟାମ୍ପୋରୀ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଜିଲା ଶିକ୍ଷା ଅଧିକାରୀ ତଥା ଜିଲା ମୁଖ୍ୟ କମିଶନର ସ୍କାଉଟ ଓ ଗାଇଡ ଫୁଲମଣି ମୁର୍ମୁଙ୍କ ନିର୍ଦ୍ଦେଶରେ ଓ ଜିଲା ସମ୍ପାଦକ ମହେଶ କୁମାର ଦଣ୍ଡସେନାଙ୍କ ତତ୍ତ୍ୱାବଧାନରେ ସମାରୋହରେ ପାଳିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ପ୍ରାରମ୍ଭରେ ଅଗ୍ନିଶମ ବିଭାଗ ଦ୍ୱାରା ଜିଲା ସ୍କାଉଟ ଓ ଗାଇଡମାନଙ୍କୁ ବିପଦ ସଙ୍କୁଳ ପରିସ୍ଥିତିରେ ଅନ୍ୟକୁ ରକ୍ଷା କରିବା ଉପାୟ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ଜିଲା ଶିକ୍ଷା ଅଧିକାରୀ ମୁର୍ମୁ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ହିମାଂଶୁ ଶେଖର ମିଶ୍ର, କୋମନା ଓ ନୂଆପଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦ, ଜିତାମିତ୍ର ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କପିଳେଶ୍ୱର ପାତ୍ର, କୁରେଶ୍ୱର ପଞ୍ଚାୟତ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ଠାକୁର, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିବେକାନନ୍ଦ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ତାଲିମ କମିଶନର ଅଶୋକ କୁମାର ବେହେରା ମଞ୍ଚ ପରିଚାଳନା କରିଥିଲେ। ମଞ୍ଚାସୀନ ଅତିଥିମାନେ ସମସ୍ତ ସ୍କାଉଟ ଓ ଗାଇଡମାନଙ୍କୁ ସେବା ମନବୃତି ନେଇ ସମାଜରେ କାମ କରିବା ସହ ଶିକ୍ଷାକ୍ଷେତ୍ରରେ ଆଗେଇ ଯିବା ପାଇଁ ଉପଦେଶ ଦେଇଥିଲେ। କୃତୀ ସ୍କାଉଟ ଓ ଗାଇଡମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ନିକଟରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତୀକ୍ଷା ଶିବିରରେ ଉତ୍କୃଷ୍ଟ ପ୍ରଦର୍ଶନ କରିବା ପାଇଁ ଉତ୍ସାହିତ କରାଯାଇଥିଲା। ଦିଲୀପ ନାଏକ, ପ୍ରଶାନ୍ତ ପ୍ରଧାନୀ, ନିରୁପମା ପାଣିଗ୍ରାହୀ, ରୋସନ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

# ମୋ ପଞ୍ଚାୟତ କାର୍ଯ୍ୟକ୍ରମ ଶୁଭାରମ୍ଭ, ଅଭିଯୋଗ ଶୁଣାଣି ଶିବିର



କାର୍ଯ୍ୟକ୍ରମରେ ନବନିର୍ବାଚିତ ସରପଞ୍ଚ, ସମିତିସଭ୍ୟାସଭ୍ୟ ଏବଂ ବ୍ଲକ ପ୍ରଶାସନିକ ଅଧିକାରୀବୃନ୍ଦ।

ଲାଞ୍ଜିଗଡ,୧୫।୩(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ 'ମୋ ପଞ୍ଚାୟତ' କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରତେକ ପଞ୍ଚାୟତରେ ଥିବା ଗାଁର ବିକାଶ ଓ ଉନ୍ନୟନମୂଳକ କାର୍ଯ୍ୟ କରିବ। ଏଥିପାଇଁ ବ୍ଲକ ପ୍ରଶାସନର ଏକ ଟିମ ରହିବ। ଏହି ଟିମ ପ୍ରତେକ ପଞ୍ଚାୟତ ଯାଇ ବିଭିନ୍ନ ଅସୁବିଧା ଅବଲୋକନ କରିବ। ଏଥିପାଇଁ ବ୍ଲକ ମୁଖ୍ୟାଳୟ ବିଶ୍ୱନାଥପୁରସ୍ଥିତ ସମ୍ମିଳନୀ କକ୍ଷରେ ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଏକ ନିରାଡମ୍ବର ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବିରଞ୍ଚି ନାରାୟଣ ଦରୱାନ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଅମ୍ବୁଡସମେନ ପରଂବ୍ରହ୍ମ ଜୋଷୀ, ଜିଲା ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ସଂଯୋଜକପାର୍ବତୀ ପଟ୍ଟନାୟକ, ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଜିଲା ସାମାଜିକ ସମୀକ୍ଷକ ଶଶାଙ୍କ ଶେଖର ଭୋଇ, ସହକାରୀ ଯନ୍ତ୍ରୀ ରେଣୁକା ଠାକୁର, ଅତିରିକ୍ତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟକ୍ରମ ଅଧିକାରୀ ସଞ୍ଜୀବ କୁମାର ପରି ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ନବନିର୍ବାଚିତ ସରପଞ୍ଚ, ସମିତିସଭ୍ୟା ଓ ସଭ୍ୟମାନଙ୍କୁ ସ୍ୱାଗତ କରାଯାଇଥିଲା। ୨ ବର୍ଷ ହେଲା କୋରନା ଯୋଗୁ ଅଭିଯୋଗ ଶୁଣାଣି ବନ୍ଦ ରହିଥିଲା। ବର୍ତ୍ତମାନ ଏହାକୁ ପୁଣି ଥରେ ଆରମ୍ଭ କରାଯାଇଛି। ଏଥର ବ୍ଲକ ଓ ପ୍ରତେକ ପଞ୍ଚାୟତରେ ଅଭିଯୋଗ ଶୁଣାଣି ଓ ତାର ସମାଧାନ ଶିବିର ଅନୁଷ୍ଠିତ ହେବ ବୋଲି ସରପଞ୍ଚ ଓ ସମିତି ସଦସ୍ୟମାନଙ୍କୁ ସୂଚନା ଦିଆଯାଇଛି।

# ଜଙ୍ଗଲ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ

ନୂଆପଡ଼ା ଅଫିସ,୧୫।୩

ନୂଆପଡା ଜିଲା କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ମଦର ଟେରେସା ସେବା ସଙ୍ଗଠନ ଗୃହଠାରେ ମଙ୍ଗଳବାର ବନ ବିଭାଗ ପକ୍ଷରୁ ଜଙ୍ଗଲ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସଙ୍ଗଠନ ସମ୍ପାଦକ ଶେଷଦେବ ପ୍ରଧାନୀ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ କୋମନା ବନ ବିଭାଗ ରେଞ୍ଜର ଦେବଦତ ସୁତାର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ମନୋଜ କୁମାର ଡାଗା, ଫରେଷ୍ଟର ଘନଶ୍ୟାମ ଶବର, ଫରେଷ୍ଟ ଗାର୍ଡ ପଦ୍ମତୋଲା ଜଗତ, ଆମ ଜଙ୍ଗଲ ଯୋଜନା ଦଳର ମୁଖ୍ୟ ଉଦିତ ମିଶ୍ର, ଶକ୍ତି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ଜଙ୍ଗଲରେ ନିଆଁ ଲାଗିଥିଲେ ଲିଭାଇବା, ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମ ସଙ୍ଗଠନ କର୍ମକର୍ତ୍ତା ଥବିର ଶବର, ଫକୀର ରାଉତ, କିଶୋର ରାଉତ, ଟିକେଶ ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବୋଡେନ ବ୍ଲକ ଭଇଁଷାଦାନୀ ପଞ୍ଚାୟତ ଗର୍ଜନପାଣି ଗାଁଠାରେ ମଙ୍ଗଳବାର ୟାର ଅନୁଷ୍ଠାନ ଖଡିଆଳ ପକ୍ଷରୁ ଜଙ୍ଗଲ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ସଙ୍ଗଠନ ଜିଲା ସଂଯୋଜକ ଅରୁଣ ବିଶ୍ୱାଳ ପରିଚାଳନା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଆଇନଜୀବୀ ହିରାଲାଲ ମାଝି ଯୋଗଦେଇ ଜଙ୍ଗଲରେ ନିଆଁ ନ ଲଗାଇବା, ନିଆଁ ଦାଉରୁ ଜଙ୍ଗଲକୁ ରକ୍ଷା କରିବା, ନିଆଁ ଲାଗିଥିଲେ ଲିଭାଇବା, ଜଙ୍ଗଲରେ ନିଆଁ ଲାଗିବା ଦ୍ୱାରା ଜଙ୍ଗଲଜାତ ଦ୍ରବ୍ୟ ଉତ୍ପାଦନ ହେଉଥିବା ଗଛ ସବୁ ନଷ୍ଟ ହେଉଛି। ଏସବୁକୁ ଦୃଷ୍ଟିରେ ରଖି ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଲୋକଙ୍କୁ ସଚେତନ କରାଯାଇଛି।

# ଭିତ୍ତିଭୂମି ପରଖିଲେ କାୟାକଳ୍ପ ଟିମ୍

କୋକସରା,୧୫।୩(ଡି.ଏନ.ଏ.)



କାୟାକଳ୍ପ ମେଡିକାଲ ଟିମ୍‌ର ସଦସ୍ୟଙ୍କ ସହିତ ଅନ୍ୟମାନେ।

## କୋକସରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର

କଳାହାଣ୍ଡି ଜିଲା କୋକସରା ବ୍ଲକ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ଭିତ୍ତିଭୂମି ସହ ବିଭିନ୍ନ କାର୍ଯ୍ୟ ସମୀକ୍ଷା କରିଛନ୍ତି କାୟାକଳ୍ପ ଟିମ ସଦସ୍ୟ। ମଙ୍ଗଳବାର ମଧ୍ୟାହ୍ନରେ ପହଞ୍ଚିବା ପରେ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ତତ୍ତ୍ୱଦର୍ଶୀ ଦାସଙ୍କ ସମେତ ହସ୍ପିଟାଲ କର୍ମଚାରୀ ସ୍ୱାଗତ କରିଥିଲେ। ପରେ ଟିମ ସଦସ୍ୟ ହସ୍ପିଟାଲର ଇନଡୋର, ଆଉଟଡୋର, କୋଭିଡ୍ ଟିକାକରଣ କେନ୍ଦ୍ର, ଫ୍ଲୁ ସେଣ୍ଟର, ଔଷଧ ଭଣ୍ଡାର, ରୋଗୀ ୱାର୍ଡ, ପ୍ରସୂତି ୱାର୍ଡ, ଅଂଶୁଘାତ କକ୍ଷ ବୁଲି ଦେଖିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନୟନ କାର୍ଯ୍ୟ ପାଇଁ ଆସୁଥିବା ବିଭିନ୍ନ ଅନୁଦାନ ପାଣ୍ଠିର ଖର୍ଚ୍ଚ ବିବରଣୀ ଯାଞ୍ଚ କରିଥିଲେ। ଭୁବନେଶ୍ୱରରୁ ଆସିଥିବା କାୟାକଳ୍ପ ମେଡିକାଲ ଟିମରେ ଡାକ୍ତର ପ୍ରଦୀପ କୁମାର ପାଢୀ, ଡାକ୍ତର ବିକାଶ ପଟ୍ଟନାୟକ, ହୀରାଲାଲ ନାଏକ ଡି.ଏଚ.ଏଚ କଳାହାଣ୍ଡି ଡାକ୍ତର ଶ୍ରୀରାମ ମହାନ୍ତିଙ୍କ ସମେତ ଜିଲା ମୁଖ୍ୟସ୍ୱାସ୍ଥ୍ୟ କେନ୍ଦ୍ରରୁ ଗାଁ କଲ୍ୟାଣ ସମିତି ରିତା ନାଏକ ପ୍ରମୁଖ ଉପସ୍ଥିତ ରହିଥିଲେ। ଟିମ ପରିଦର୍ଶନ ସମୟରେ ହସ୍ପିଟାଲର ଡାକ୍ତର ବିଜୟଲକ୍ଷ୍ମୀ ପଣ୍ଡା, ଡାକ୍ତର ଅଭିଷେକ ବେହେରା, ଡାକ୍ତର ଅନିଲ ମେହେର, କର୍ମଚାରୀ ବି.ପି.ଏମ ମାନସ ନୟନ ସ୍ୱାଇଁ, ପି.ଏଚ.ଇ.ଓ ଚିଦାନନ୍ଦ ପଣ୍ଡା, ଫାର୍ମାସିଷ୍ଟ ସୁଧୀର ଧଙ୍ଗଡା ମାଝି, ସେବିକା ଲକ୍ଷ୍ମୀପ୍ରିୟା ବଲ, ଗୀତାଳି ବାଗ, ଆରତି ନାଏକ ଓ ଅନ୍ୟ କର୍ମଚାରୀ ପ୍ରମୁଖ ସହଯୋଗ କରିଥିଲେ।